ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, June 17/2025 | Page 16 | ₹ 7.00

୫୧ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 202 | ମୂଲ୍ୟ ₹୭/-



ALLEN's result validated by
Official result validator
EY Shape the future with confidence

## No Matter the Level of Exam
# ALLEN is the Clear Leader

**660** ALLENites out of 2207 in AIIMS-MBBS (2024)

**13** AIR-1 in last 16 years in pre-medical entrance

**37** Years of Legacy & Trust of more than 35 Lac Students

## Result: NEET UG 2025

AIR 4 — Mrinal Kishore Jha — Classroom Course
AIR 7 — Keshav Mittal — Classroom Course
AIR 8 — Jha Bhavya Chirag — Classroom Course
AIR 10 — Aarav Agrawal — Distance Learning
AIR 12 — Aashi Singh — Classroom Course
AIR 13 — Tanay — Classroom Course
AIR 15 — Manvendra Singh Rajpurohit — Classroom Course
AIR 16 — Rachit Sinha Chaudhuri — Online Test Series
AIR 21 — Umaid Ahmed Khan — Classroom Course
AIR 22 — Ruchir Gupta — Classroom Course

**10** Students in Top 25 AIR
**39** Students in Top 100 AIR

## ALLEN Odisha Result

ODISHA STATE TOPPER
AIR 60 — Snehasis Das — Classroom Course

AIR 270 — Ayush Nanda — Classroom Course
AIR 306 — Rudhi N. Khatua — Classroom Course
AIR 481 — Ayush Mishra — Classroom Course
AIR 827 — Smarak Das — Classroom Course
AIR 956 — Swayam Kar — Classroom Course
AIR 1078 — Suvam S. Roul — Classroom Course
AIR 1176 — Pratyasha Satapathy — Classroom Course
AIR 1251 — Anandita Bhuyan — Classroom Course
AIR 1398 — Suvam Pradhan — Classroom Course
AIR 1476 — Anubhav Dash — Classroom Course
AIR 1703 — Nrusingh C. Samal — Classroom Course
AIR 1818 — Sujal Saronit — Classroom Course
AIR 2211 — Satyabrata Senapati — Classroom Course
AIR 2603 — Aditya K. Sahoo — Classroom Course
AIR 2605 — Chiranjib Gochhayat — Classroom Course
AIR 3316 — Ananya Mohapatra — Classroom Course
AIR 4187 — Shreyans Dani — Classroom Course
AIR 4277 — Spandita Mishra — Classroom Course
AIR 4302 — Bhabani S. Behera — Classroom Course
AIR 4471 — Gourab Bhuyan — Classroom Course
AIR 4800 — Amlaandeep Sahoo — Classroom Course
AIR 5378 — Thanisa Rout — Classroom Course
AIR 5402 — Srujaant Panda — Classroom Course
AIR 5426 — Divya S. Sahoo — Classroom Course
AIR 6575 — Saiprasad Sahoo — Classroom Course
AIR 6771 — Anwesha Pradhan — Classroom Course
AIR 7227 — Kashinath Sahu — Classroom Course
AIR 7436 — Samarth Pradhan — Classroom Course
AIR 8650 — Sushree S. Nayak — Classroom Course
AIR 8831 — Subhranshu Garanayak — Classroom Course
AIR 9626 — Roshan Kumar — Classroom Course
AIR 9930 — Samapika Raut — Classroom Course

**06** Students in Top 1000 AIR
**39** Students in Top 10000 AIR

As per result compiled till 15 June 2025 (05:00 PM)

## No Tamasha. No Dramebaazi. Bas Results

**ADMISSIONS OPEN**
NEET | JEE | Class 6th to 12th & 12th Pass
NEW BATCHES FROM 19 JUNE ONWARDS
For course start dates & direct admission visit website or nearest center.
Scan to register

**TALLENTEX 2026**
For Class 5th to 10th Students
Register now & avail early bird benefit, visit tallentex.com
Subject to rules relating to rewards and cash prizes and T&Cs
Scholarships worth* ₹250 Crore
Cash Prizes* ₹2.5 Crore
Scan to register

**Attention!**
Get up to 90%* Scholarship based on NEET 2025 rank
*T&C Apply.

**ALLEN Odisha**
95137 31588
allen.ac.in/bhubaneswar

**ALLEN KOTA**
0744-3556677
allen.ac.in

**ALLEN ONLINE**
95137 36499
allen.in

Disclaimer: We provide an academic ecosystem and environment to prepare students for their target examinations. Studying at a coaching institute does not guarantee selection in the examination. Selection depends on preparation, available admission seats in the competitive exam, and the number of applicants appearing. All classroom and online students are part of full-time courses. All students mentioned are enrolled in paid programs.

# ୪ର୍ଥ ଦିନରେ ଜୋରଦାର ମିଶାଇଲ ଆକ୍ରମଣ

### ଖାମେନେଇଙ୍କ ହତ୍ୟାରେ ଶେଷହେବ ଯୁଦ୍ଧ: ନେତାନ୍ୟାହୁ

### ତେହରାନର ମଧ୍ୟଭାଗ ଖାଲି କରିବାକୁ ସତର୍କ କରାଇଲା ଇସ୍ରାଏଲ୍

### ପରମାଣୁ ସନ୍ଧିରୁ ଓହରିବାକୁ ତେହରାନର ଯୋଜନା

**ତେଲ୍ ଆଭିଭ୍/ ୱାଶିଂଟନ/ଦୁବାଇ,୧୬।୬**

ଇସ୍ରାଏଲ-ଇରାନ ଯୁଦ୍ଧର ୪ର୍ଥ ଦିନରେ ସୋମବାର ଉଭୟ ଦେଶ ପରସ୍ପର ଉପରେ ଜୋରଦାର ମିଶାଇଲ ଆକ୍ରମଣ କରିଛନ୍ତି। ଇସ୍ରାଏଲର ତେଲ୍ ଆଭିଭ୍ ଓ ହାଇଫା ସହରରେ ବହୁ ବିଲ୍ଡିଂ ମାଟିରେ ମିଶିବା ସହ ଅନ୍ୟୁନ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଇସ୍ରାଏଲ୍ ପୁନର୍ବାର ମିଶାଇଲ୍ ଆକ୍ରମଣ ଜୋର୍‌ଦାର କରିଥିବାବେଳେ ଏହା ପୂର୍ବରୁ ତେହରାନ୍‌ର ମଧ୍ୟଭାଗରୁ ଅନେକ ହଜାର ଲୋକଙ୍କୁ ପଳାଇଯିବା ପାଇଁ ସତର୍କ କରାଇଥିଲା। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବ୍ୟାପକ ଆଞ୍ଚଳିକ ସଂଘର୍ଷରେ ପରିଣତ ହେବା ନେଇ ବିଶ୍ୱ ନେତାମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଶୁକ୍ରବାରଠାରୁ ଇରାନର ଆକ୍ରମଣରେ ଇସ୍ରାଏଲରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ୍ ଆକ୍ରମଣରେ ଇରାନର ୨୩୦ ଜଣ ପ୍ରାଣ ହରାଇଲେଣି ଓ ଶତାଧିକ ଆହତ ହୋଇଛନ୍ତି।

ଅନ୍ୟପକ୍ଷେ ଇରାନ ସୁପ୍ରିମ ଲିଡର ଆୟାତୁଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା କଲେ ଯୁଦ୍ଧର ତୁରନ୍ତ ଅବସାନ ଘଟିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ସାକ୍ଷାତ୍କାରରେ କହିଛନ୍ତି। ଖାମେନେଇଙ୍କୁ ହତ୍ୟା ନେଇ ଇସ୍ରାଏଲର ଯୋଜନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଫଳ ହେବାକୁ ଦେଇ ନ ଥିବା ରିପୋର୍ଟ ସମ୍ପର୍କରେ ପଚରାଯିବା ପରେ ନେତାନ୍ୟାହୁ ଏପରି କହିଛନ୍ତି। ଇସ୍ରାଏଲ ଏହି ଯୁଦ୍ଧକୁ ବଢ଼ାଇବା ପରିବର୍ତ୍ତେ ଶେଷ କରିବାକୁ ଚାହୁଁଥିବା ସେ କହିଛନ୍ତି।

କାନାଡାରେ ଅନୁଷ୍ଠିତ ଜି୭ ସମିଟ୍‌ରେ ଟ୍ରମ୍ପ ଇସ୍ରାଏଲ୍‌କୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଇସ୍ରାଏଲ୍ ସହ ଉତ୍ତେଜନା ବଢ଼ୁଥିବାବେଳେ ଇରାନ ଯୁଦ୍ଧ ଜିତିବ ନାହିଁ। ବହୁ ବିଳମ୍ବ ହେବା ପୂର୍ବରୁ ସେମାନେ ବୁଝାମଣାକୁ ଆସିବା ଉଚିତ ବୋଲି ଟ୍ରମ୍ପ କହିଛନ୍ତି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ତୀବ୍ର ହୋଇଥିବାବେଳେ ପରମାଣୁ ଅପ୍ରସାର ସନ୍ଧି (ଏନ୍‌ପିଟି)ରୁ ତେହରାନ ଓହରିଯିବା ଲାଗି ଯୋଜନା କରୁଛି। ଏହି ଚୁକ୍ତି ଯୋଗୁ ତେହରାନର ଅଣୁଅସ୍ତ୍ର ବିକାଶକୁ ବିରୋଧ କରାଯାଉଛି। ଏନ୍‌ପିଟିରୁ ଓହରିଯିବା ଲାଗି ଇରାନ ପାର୍ଲାମେଣ୍ଟ ଏକ ବିଲ୍ ପ୍ରସ୍ତୁତ କରୁଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଛି। ଇସ୍ରାଏଲ୍ ଯଦି ଆମ ଉପରେ ଅଣୁଅସ୍ତ୍ର ପ୍ରୟୋଗ କରେ ତେବେ ପାକିସ୍ତାନ ଜେରୁଜେଲମ୍‌କୁ ଅଣୁଅସ୍ତ୍ରରେ ଜବାବ ଦେବ ବୋଲି ତେହରାନର ଶୀର୍ଷ ପ୍ରତିରକ୍ଷା ଅଧିକାରୀ ଜେନେରାଲ ମୋହସେନା ରେଜାଏ କହିଛନ୍ତି। ତେବେ ଇରାନ ଜେନେରାଲଙ୍କ ଏଭଳି ଦାବିକୁ ପାକିସ୍ତାନ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।


ଇସ୍ରାଏଲ୍‌ର ବେନେଇ ବାରାକଠାରେ ଇରାନର ମିଶାଇଲ୍ ମାଡ଼ରେ ଆବାସିକ ବିଲ୍ଡିଂ ଓ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି।

**ତେହରାନ୍‌ରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ କୋମ୍ ସ୍ଥାନାନ୍ତର**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜୋର୍‌ଦାର ହୋଇଥିବାବେଳେ ତେହରାନ୍‌ରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦୃଷ୍ଟିରୁ ୧୪୮ କିଲୋମିଟର ଦୂର କୋମ୍ ସହରକୁ ସ୍ଥାନାନ୍ତର କରାଯାଇଛି। ଇରାନରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ଦେଶ ଭିତରେ ସୁରକ୍ଷିତ ସ୍ଥାନକୁ ନିଆଯାଉଥିବା କେନ୍ଦ୍ର ସରକାର କହିଥିଲେ। ଯୁଦ୍ଧ ଆରମ୍ଭ ହେବା ପରେ ଇରାନରେ ୧,୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଫସିରହିଛନ୍ତି। ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଭାରତ ଇରାନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲା।

## ଖବର ପ୍ରସାରଣ ବେଳେ ଇରାନ ଟିଭି ଷ୍ଟୁଡିଓ ଉପରେ ମିଶାଇଲ୍ ମାଡ଼

ଖବର ପ୍ରସାରଣ ବେଳେ ଇରାନ ଷ୍ଟେଟ୍ ଟିଭି ଷ୍ଟୁଡିଓ ଉପରେ ଇସ୍ରାଏଲ୍ ମିଶାଇଲ ମାଡ଼ କରିଛି। ସୋମବାର ରାତିରେ ଏହି ଆକ୍ରମଣ ପରେ ଟେଲିଭିଜନରେ ସିଧା ପ୍ରସାରଣ ବନ୍ଦ ରହିଛି। ମିଶାଇଲ ମାଡ଼ ଯୋଗୁ ଷ୍ଟୁଡ଼ିଓ ଦୋହଲିଯିବା ସହ ଧୂଳିମୟ ହୋଇଯାଇଥିଲା ବୋଲି ଟେଲିଭିଜନ ରିପୋର୍ଟର କହିଛନ୍ତି। ସ୍କ୍ରିନ୍ କଟିଯିବା ସହ ଉପସ୍ଥାପିକା ସାହର ଇମାମି କ୍ୟାମେରା ସମ୍ମୁଖରୁ ଦୌଡ଼ି ପଳାଇଯାଇଥିଲେ। ଏହି ଆକ୍ରମଣର ଘଣ୍ଟାଏ ପୂର୍ବରୁ ଇସ୍ରାଏଲ୍ ତେହରାନ୍‌ର ଉକ୍ତ ଅଞ୍ଚଳକୁ ଖାଲି କରିବାକୁ ସତର୍କ ସୂଚନା ଜାରି କରିଥିଲା।


ଟିଭି ଉପସ୍ଥାପିକା ସାହର ଇମାମି

## ସଂକ୍ଷେପରେ

### ହରିୟାଣା ମଡେଲଙ୍କୁ ହତ୍ୟା


ଶୀତଲ ଓରଫ ସିମ୍ମୀ ଚୌଧୁରୀ

**ସୋନେପତ, ୧୬।୬**

ହରିୟାଣାର ଉଦୀୟମାନ ମ୍ୟୁଜିକ୍ ଭିଡିଓ ଆର୍ଟିଷ୍ଟ ତଥା ମଡେଲ ଶୀତଲ ଓରଫ ସିମ୍ମୀ ଚୌଧୁରୀ (୨୩)ଙ୍କର ମୃତଦେହ ସୋମବାର ସୋନେପତର ଖରଖୋଦା ଥାନା ଅଞ୍ଚଳରେ ଥିବା ଏକ କେନାଲ ନିକଟରୁ ମିଳିଛି। ୨ ଦିନ ତଳେ ଶୀତଲ ଶୁଟିଂ ପାଇଁ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ବେକରେ ଗଭୀର କଟା ଚିହ୍ନ ରହିଛି, ଯେଉଁଥିରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ କେନାଲରେ ଫୋପଡ଼ା ଯାଇଥିଲା। ପୋଲିସ ମୃତଦେହ ମିଳିଥିବା କେନାଲର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଏବଂ ତାଙ୍କ ମୋବାଇଲର ଲୋକେଶନ ଡେଟାକୁ ବ୍ୟବହାର କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡକୁ ନେଇ ପରିବାର ଲୋକେ ଶୀତଲଙ୍କ ବୟଫ୍ରେଣ୍ଡ ସୁନୀଲଙ୍କୁ ଦୋଷ ଦେଇଛନ୍ତି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି, ଶନିବାର ଶୀତଲ ଭିଡିଓ କଲ୍ କରି ସୁନୀଲ ତାଙ୍କୁ ଆକ୍ରମଣ କରିବା ସହ ମାରପିଟ କରିଥିଲେ ବୋଲି କହିଥିଲେ। ପରେ ଶୀତଲଙ୍କ ଫୋନ୍ କଭରେଜ ବାହାରେ ଥିଲା। ପୋଲିସ ସୁନୀଲଙ୍କୁ ଆହତ ଅବସ୍ଥାରେ ପାଇ ହସ୍ପିଟାଲରେ ଭର୍ତ୍ତି କରିଥିଲା।

### ଦିଲ୍ଲୀରୁ ୩୬ ବେଆଇନ ବାଂଲାଦେଶୀ ଗିରଫ

**ନୂଆଦିଲ୍ଲୀ,୧୬।୬**

ଦିଲ୍ଲୀର ଭାରତନଗର ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୩୬ ଜଣ ବାଂଲାଦେଶୀଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୧୯ ଜଣ ବୟସ୍କ ଓ ୧୭ ପିଲା ରହିଛନ୍ତି। ଦିଲ୍ଲୀ ପୋଲିସ ଉକ୍ତ ଅଞ୍ଚଳର ୨୫ଟି ଫୁଟ୍‌ପାଥ ଏବଂ ୩୨ଟି ଲେନ୍‌ରେ ଘରକୁ ଘର ଯାଇ ଯାଞ୍ଚ କରୁଥିବାବେଳେ ବାଂଲାଦେଶୀମାନେ ଧରାପଡ଼ିଥିଲେ। ୧୩ ବାଂଲାଦେଶୀ ପରିଚୟପତ୍ର ଓ ବେଆଇନ ଆଇଏମ୍‌ଓ ଆପ୍ ଲୋଡ୍ ହୋଇଥିବା ୭ ମୋବାଇଲ ଫୋନ୍ ଜବତ ହୋଇଛି।

### ବୈଷୟିକ ତ୍ରୁଟି: ଦିଲ୍ଲୀ ଆସୁଥିବା ୨ ବିମାନ ଫେରିଗଲା

**ନୂଆଦିଲ୍ଲୀ,୧୬।୬**

ହଂକଂରୁ ସୋମବାର ଦିଲ୍ଲୀ ଆସୁଥିବା ଏକ ବିମାନ ବୈଷୟିକ ତ୍ରୁଟି ସନ୍ଦେହ କରି ଅଧାବାଟରୁ ଫେରିଯାଇଛି। ହଂକଂରେ ଉକ୍ତ ବିମାନ ନିରାପଦର ସହ ଅବତରଣ କରିଥିବାବେଳେ କୌଣସି କ୍ଷତି ଘଟିନାହିଁ। ସେହିପରି ଦିଲ୍ଲୀ ଆସୁଥିବା ବ୍ରିଟିଶ୍ ଏୟାରୱେଜ୍‌ର ଏକ ବିମାନ ମଧ୍ୟ ଅନୁରୂପ କାରଣରୁ ଲଣ୍ଡନ ଫେରିଛି। ବ୍ରିଟିଶ୍ ଏୟାରୱେଜ୍‌ର ଡ୍ରିମ୍‌ଲାଇନରରେ ବୈଷୟିକ ତ୍ରୁଟି ଯୋଗୁ ଏହା ମଝି ଆକାଶରୁ ଫେରିବାର କେଇଘଣ୍ଟା ପରେ ହଂକଂରୁ ଆସୁଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଫେରିଥିଲା। ଏହି ବିମାନଟି ସୋମବାର ସକାଳୁ ଉଡ଼ାଣ ଆରମ୍ଭ କରି ୯୦ ମିନିଟ୍ ଆକାଶରେ ଉଡ଼ିବା ପରେ ବୈଷୟିକ ତ୍ରୁଟି ରହିଥିବା ପାଇଲଟ୍ ସନ୍ଦେହ କରିଥିଲେ।

## ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ ଅବସରରେ ତାଙ୍କ ସହ ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍।

**ନିକୋସିଆ,୧୬।୬**

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଅର୍ଡ଼ ଅଫ୍ ମାକାରିଓସ୍-୩ ଅଫ୍ ସାଇପ୍ରସ୍'ରେ ସମ୍ମାନିତ କରାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାରକୁ ବିନମ୍ରତାର ସହ ଗ୍ରହଣ କରି ଦୁଇ ଦେଶର ବନ୍ଧୁତା ପାଇଁ ଉତ୍ସର୍ଗ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେଣ୍ଟର ଅଫ୍ ନିକୋସିଆରେ ପହଞ୍ଚିବା ବେଳେ ସେଠାର ଏମ୍‌ପି ମିଚାଏଲା କିଥ୍ରେଓଟି ମଲାପା ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପଶ୍ଚିମ ଏସିଆ ଏବଂ ୟୁରୋପରେ ଲାଗି ରହିଥିବା ଯୁଦ୍ଧକୁ ନେଇ ମୋଦି ଏବଂ ସାଇପ୍ରସ୍ ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଉଭୟ ସହମତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି କ୍ରିଷ୍ଟୋଡୌଲିଡେସ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଥିଲେ, ଆଲୋଚନା ମାଧ୍ୟମରେ ସମାଧାନ ଏବଂ ସ୍ଥିରତା ବଜାୟ ରଖିବା ମାନବତାର ଆହ୍ୱାନ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସାଇପ୍ରସ୍ ସମର୍ଥନ ଜଣାଇଥିବାରୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ବ୍ରିଟେନ ଗୋଇନ୍ଦା ଏଜେନ୍ସି ଏମ୍‌ଆଇ୬କୁ ମିଳିଲା ପ୍ରଥମ ମହିଳା ମୁଖ୍ୟ

**ଲଣ୍ଡନ, ୧୬।୬**

ବ୍ରିଟେନ୍‌ର ଗୋଇନ୍ଦା ଏଜେନ୍ସି (ସିକ୍ରେଟ୍ ଇଣ୍ଟେଲିଜେନ୍ସ ସର୍ଭିସ୍) 'ଏମ୍‌ଆଇ୬'ର ମୁଖ୍ୟ ଭାବେ ବ୍ଲେସ୍ ମେଟ୍ରେୱେଲୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ନିଯୁକ୍ତ କରିଛନ୍ତି। ଏହାସହ 'ଏମ୍‌ଆଇ୬'ର ୧୧୬ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ମେଟ୍ରେୱେଲୀ 'ଏମ୍‌ଆଇ୬'ର ୧୮ତମ ମୁଖ୍ୟ ହେବେ। ଚଳିତ ବର୍ଷର ଶେଷ ଆଡ଼କୁ ସେ 'ଏମ୍‌ଆଇ୬'ର ବର୍ତ୍ତମାନର ମୁଖ୍ୟ ସାର୍ ରିଚାର୍ଡ ମୁର୍‌ଙ୍କ ସ୍ଥାନ ନେବେ। ରିଚାର୍ଡ ୨୦୨୦ରୁ ଏହି ଗୋଇନ୍ଦା ସଂସ୍ଥାର ନେତୃତ୍ୱ ନେଉଛନ୍ତି। ମେଟ୍ରେୱେଲୀ ୧୯୯୯ରେ 'ଏମ୍‌ଆଇ୬'ରେ ସାମିଲ ହୋଇଥିଲେ। ସମ୍ପ୍ରତି ସେ 'ଏମ୍‌ଆଇ୬'ର ଟେକ୍ନୋଲୋଜି ଏବଂ ଇନୋଭେଶନ୍ ବିଭାଗର ଦାୟିତ୍ୱରେ ରହିଛନ୍ତି। ପ୍ରକାଶ ଯେ, ବ୍ରିଟେନ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା, ଶତ୍ରୁ ଦେଶଗୁଡ଼ିକର କାର୍ଯ୍ୟକଳାପକୁ ବାଧା ଦେବା ଏବଂ ଦେଶରେ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଆଦି ବିଭିନ୍ନ କାର୍ଯ୍ୟକୁ ଏମ୍‌ଆଇ୬ କରିଥାଏ।


ବ୍ଲେସ୍ ମେଟ୍ରେୱେଲୀ

## ଦୁର୍ଘଟଣାଗ୍ରସ୍ତ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସ ଠାବ

**ଅହମଦାବାଦ,୧୬।୬**



ଗୁଜରାଟର ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ଏଆଇ୧୭୧ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ପରଦିନ ବିମାନର ଡାଟା ରେକର୍ଡର ମିଳିଥିବାବେଳେ ଏବେ କକ୍‌ପିଟ୍ ଭଏସ୍ ରେକର୍ଡର ଠାବ ହୋଇଥିବାରୁ ତଦନ୍ତକୁ ଆଗେଇ ନେବାରେ ଏହା ସହାୟକ ହେବ। ଲଣ୍ଡନ ଯାଉଥିବା ଉକ୍ତ ବିମାନରେ ୨୪୨ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୪୧ ଜଣଙ୍କ ସମେତ ମୋଟ ୨୭୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ରବିବାର ଦୁର୍ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବାବେଳେ ଦ୍ୱିତୀୟ ବ୍ଲାକ୍‌ବକ୍ସ ମିଳିଥିବା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ସେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉଦ୍ଧାର, ରିଲିଫ୍ ଏବଂ ତଦନ୍ତ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏବଂ ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜୟ ରୂପାନୀଙ୍କ ଶେଷକୃତ୍ୟ ସମ୍ପନ୍ନ


ବିଜୟ ରୂପାନୀଙ୍କ ପାର୍ଥିବ ଶରୀରକୁ ସୋମବାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ଅହମଦାବାଦ/ରାଜକୋଟ, ୧୬।୬**

ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୪ ଜଣଙ୍କ ମଧ୍ୟରୁ ସୋମବାର ସୁଦ୍ଧା ଡିଏନ୍‌ଏ ମେଳ କରାଯାଇ ୧୧୯ ମୃତଦେହକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୭୬ ମୃତଦେହକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅହମଦାବାଦ ସିଭିଲ ହସ୍ପିଟାଲର ସର୍ଜିକାଲ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷେ ସୋମବାର ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଶେଷକୃତ୍ୟ ରାଜ୍ୟ ସମ୍ମାନର ସହ ଗୃହ ଜିଲା ରାଜକୋଟରେ କରାଯାଇଛି। ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ରୂପାନୀଙ୍କ ସ୍ତ୍ରୀ ଅଞ୍ଜଳି ରୂପାନୀ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ରୂପାନୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା: ୧୧୯ ମୃତଦେହ ଚିହ୍ନଟ



# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ Bhubaneswar, Tuesday, June 17/2025


DSPL-125

# କୃଷକ ଶକ୍ତି ସମାବେଶ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ବର୍ଷ ଏକ ଉପଲବ୍ଧି ଅନେକ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

**ଶ୍ରୀ ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

**ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା**

**ଓଡ଼ିଶା ସରକାର**

OIPR-01510/13/0054/2526

## ପ୍ରସାଦ, ଅଜିତଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ବିଜେଡି

ଭୁବନେଶ୍ୱର,(ସୁନିତ୍ ମିଶ୍ର): ବିଜୁ ଯୁବ ଜନତା ଦଳର ପୂର୍ବତନ ଉପ ସଭାପତି ପ୍ରସାଦ ଦ୍ୱିବେଦୀ ଏବଂ ଅନୁଗୋଳ ନିର୍ବାଚନମଣ୍ଡଳୀର ପୂର୍ବତନ ସଭାପତି ଅଜିତ ପ୍ରସାଦ ଦ୍ୱିବେଦୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନିଆଯାଇଛି। ସୋମବାର ଏନେଇ ବିଜେଡି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଦଳର ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ପ୍ରକଳ୍ପ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଓୟୁଏଟି, ସମୟ: ସକାଳ ୯ଟା।
- ରଜ ମହୋତ୍ସବ ପାଳନ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- 'ନିର୍ମଳା' ସାହିତ୍ୟ ପତ୍ରିକା ଓ 'ଅସମ୍ପୂର୍ଣ୍ଣ' ସୂର୍ଯ୍ୟୋଦୟ ଉପନ୍ୟାସର ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ରଜ ମହୋତ୍ସବ ଉପଲକ୍ଷେ ବାଦୀ ପାଲା ପରିବେଷଣ, ସ୍ଥାନ: ରୁଦ୍ରେଶ୍ୱର ମନ୍ଦିର ପରିସର, ଗଡ଼ନହରକଣ୍ଟା, ସମୟ: ସନ୍ଧ୍ୟା ୭ଟା।

### କଟକ
- ଓଡ଼ିଶା ନାରୀ ସଂଘ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ନାରୀ ସେବା ସଂଘ ପରିସର, ବକ୍ସି ବଜାର
ସମୟ: ଅପରାହ୍ନ ୫ଟା।
- ପୋପରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ବାଦୀପାଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋପରଡ଼ା, ନୂଆବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର
- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ମେଲକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୁଣ୍ୟତିଥି ଅବସରରେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଭବାନୀ ନର୍ସିଂହୋମ୍, ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୮ଟା।
- ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଶୋଭାରାମପୁର ନୂତନ ବ୍ରିଜ୍ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମୃତି ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଡ. ବେଣୁମାଧବ ପଣ୍ଡାଙ୍କ ସ୍ମୃତି ସଭା, ସ୍ଥାନ: ମିଶନ ପଡ଼ିଆ ବାସଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

### ଭଦ୍ରକ
- ରଜ ମହୋତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣ,କଦମ୍ବବେଡ଼ା,ଭଦ୍ରକ, ସମୟ,ସନ୍ଧ୍ୟା ୭ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କପାଳୀକ୍ଷେତ୍ର ନିମାପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୨୦।
- ଦେବଶ୍ରୀ ନାରଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୪ ଟା ୩୦।

### କେନ୍ଦୁଝର
- ବିକାଶ ବାହନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ପାର୍କ ଛକ, ବଡ଼ବିଲ, ସମୟ : ସକାଳ ୮ ଟା।

### ମୟୂରଭଞ୍ଜ
- ବିକାଶ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ଗଞ୍ଜାମ
- ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଆସିକା ବ୍ଲକ ବାଲିସିରା ଶିବ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସିନ୍ଧୁ-ଉର୍ମି ରଜରାଣୀ ସମ୍ମାନ, ସ୍ଥାନ: କେସି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟ ଖଲ୍ଲିକୋଟ, ସମୟ: ଅପରାହ୍ନ ୪ ଟା।

### କେନ୍ଦ୍ରାପଡ଼ା
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

### ନବରଙ୍ଗପୁର
- ଆଦିବାସୀ ସମାବେଶ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- କିଶୋରୀମାନଙ୍କୁ ନେଇ ରଜ ଉତ୍ସବ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ବାହନ ମାଧମରେ ଜନସଚେତନତା, ସ୍ଥାନ: ମାଥାଲପୁଟ ଓ ମରିଚମାଳ ପଞ୍ଚାୟତ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିକାଶ ମେଳା ପରିଦର୍ଶନ, ସ୍ଥାନ: ଧନକଉଡା ପଡିଆ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଲିଗ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।

### ବଲାଙ୍ଗୀର
- ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

### ରାଉରକେଲା
- ବସୁମତୀ ସ୍ନାନ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ରଜରାଜକୁମାରୀ ଗ୍ରାଣ୍ଡ ଫିନାଲେ, ସ୍ଥାନ: ସିଭିକ ସେଣ୍ଟର, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟସ୍ତରୀୟ ଶାସ୍ତ୍ରୀୟ ଓ ଉପଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳାରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ଘରୋଇ ବସଷ୍ଟାଣ୍ଡ ପରିସର, ବରଗଡ଼ ,ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ, ଅଡିଟୋରିୟମ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

### ବୌଦ୍ଧ
- ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା
- ବିକାଶ ମେଳା ଷଷ୍ଠ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା ।
- କାଞ୍ଚନବେସନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା କ୍ୟାନସର ପରୀକ୍ଷା ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋମନା, ସମୟ: ସକାଳ ୯ଟା ୩୦।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୯ଟା ୧୫।

# ପ୍ରତି ଝାଡ଼ାବାନ୍ତି କେସ୍‌ର ମ୍ୟାପିଂ କରିବାକୁ ନିର୍ଦ୍ଦେଶ

**ଯାଜପୁରରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟ ବିଭାଗ ସଚିବ**

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍. ସୋମବାର ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଝାଡ଼ାବାନ୍ତି ପରିଚାଳନା କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ତଦାରଖ ଓ ସମୀକ୍ଷା କରିଛନ୍ତି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇ ରୋଗୀମାନଙ୍କ ଚିକିତ୍ସା ଏବଂ ସେ ସମ୍ବନ୍ଧୀୟ ଆନୁଷଙ୍ଗିକ ବ୍ୟବସ୍ଥା, ଔଷଧ ପତ୍ର ଆଦିର ଉପଲବ୍ଧତା ଆଦି ତଦାରଖ କରିଛନ୍ତି। ଏହାପରେ ଶାସନ ସଚିବ ଜିଲା କାର୍ଯ୍ୟାଳୟ ସଭା ଗୃହଠାରେ ଯାଜପୁର ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରତି ଝାଡ଼ାବାନ୍ତି କେସ୍‌ର ମ୍ୟାପିଂ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ ସ୍ତରରେ ଗୃହକୁ ଗୃହ ସଚେତନତା ଏବଂ ଝାଡ଼ାବାନ୍ତି ଚିହ୍ନଟ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା କରୁଥିବା ଡାକ୍ତରଙ୍କ ବିନା ଅନୁମତିରେ ହସ୍ପିଟାଲ ନ ଛାଡ଼ିବା ପାଇଁ ରୋଗୀଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ଣ୍ଣ ଆରୋଗ୍ୟ ଲାଭ ପରେ ଘରକୁ ଗଲେ ପୁନଶ୍ଚ ସଂକ୍ରମଣ ଏବଂ ପରିବାରର ଅନ୍ୟ ବ୍ୟକ୍ତିଙ୍କ ସଂକ୍ରମଣ ସମ୍ଭାବନା ବହୁ କମ୍ ହେବ ବୋଲି ଶାସନ ସଚିବ କହିଛନ୍ତି। ରାଜ୍ୟ ସମସ୍ତ ୩୦ ଜିଲାରେ ସୋମବାରଠାରୁ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯିବା ସହିତ ସଚେତନତା ସୃଷ୍ଟି କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଚିଙ୍ଗୁଡ଼ିଆ ଦଳ**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି**
**ମୁଣ୍ଡରେ ପାଚିଲା ବାଳ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ରକ୍ଷଣ ଅସମ୍ଭବ**
**ସେ କାହୁଁ ପରକୁ ରଖିବ।**

ଯିଏ ଦୃଢ଼ କି ମଜଭୁତ ନୁହେଁ ବା ଯାହାର କୌଣସି ସ୍ଥାୟିତ୍ୱ ନ ଥାଏ ସେ କାହାରି ଉପକାରରେ ଆସିପାରି ନ ଥାଏ। ପରିସ୍ଥିତି ଯାହାର ଅଣାୟତ୍ତ ତା' ଠାରୁ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତିର ଆଶା ରଖିବା ନିରର୍ଥକ ସାବ୍ୟସ୍ତ ହୋଇଥାଏ। ଯାହାର ସ୍ଥିତି ଦୁର୍ବଳ ସିଏ ଅନ୍ୟକୁ କିପରି ସୁରକ୍ଷା ଦେଇପାରିବ ସେନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟିହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ଆରମ୍ଭ

**ସଚେତନତା ରଥର ଶୁଭାରମ୍ଭ କଲେ ମନ୍ତ୍ରୀ, ଜୁଲାଇ ୩୧ ଯାଏ ଚାଲିବ**


ଡାଇରିଆ ନିରାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସଚେତନତା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଭୁବନ,୧୬।୬
(ବିପିନ ବିହାରୀ ସେଠୀ)

ରାଜ୍ୟର ବିଭିନ୍ନ ଜିଲାରେ ଡାଇରିଆ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ଏ ସମ୍ପର୍କିତ ପ୍ରଚାର ପ୍ରସାର ଆରମ୍ଭ କରାଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ସୋମବାର ଢେଙ୍କାନାଳ ଜିଲା ଭୁବନରୁ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହି ଏହି ଅଭିଯାନକୁ ଉଦ୍‌ଘାଟନ କରିବା ସହ ଏକ ସଚେତନ ରଥର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲୁ ରହିବ।

ଭୁବନ ବ୍ଲକ ଓ ଏନ୍‌ଏସିରେ ସୋମବାର ସୁଦ୍ଧା ମୋଟ ୬୩ ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଭୁବନ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ସମସ୍ତ ଲୋକ ପ୍ରତିନିଧି, ଡାକ୍ତର ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ବୈଠକ କରି ଢେଙ୍କାନାଳ ଜିଲାରେ ଝାଡ଼ାବାନ୍ତି ରୋକିବା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡାଇରିଆ ନିରାକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଯେଉଁ ସମସ୍ତ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଆଲୋଚନା କରିବା ସହିତ ଯାଜପୁର ଜିଲାରେ ଦେଖାଦେଇଥିବା ଡାଇରିଆ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଖାଦ୍ୟ ସୁରକ୍ଷା ପାଇଁ ଏକ କେନ୍ଦ୍ରୀୟ ଟିମ୍ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରିବ। ସାଧାରଣ ଲୋକେ ସଚେତନ ହେଲେ ଏହି ରୋଗ ନିରାକରଣରେ ସଫଳତା ମିଳିପାରିବ ବୋଲି ମନ୍ତ୍ରୀ କହିବା ସହ ସଚେତନତା ପୋଷ୍ଟର ଉନ୍ମୋଚନ କରିଥିଲେ। ଏଥିସହ ରାଜ୍ୟରେ ଥିବା ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ଶୀଘ୍ର ଦୂର କରାଯିବ ବୋଲି କହିଥିଲେ। ପ୍ରତି ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧୀୟ ସୂଚନା ପତ୍ର, ଓଆର୍‌ଏସ୍, ଜିଙ୍କ ଟାବଲେଟ ଓ ଔଷଧ ବଣ୍ଟନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଆଦିତ୍ୟ ମହାପାତ୍ର, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୀୟ କୁମାର ମହାପାତ୍ର, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଭୁବନ ଅଞ୍ଚଳର ଶିଶୁମାନଙ୍କୁ ସୁସ୍ଥ ରହିବା ପାଇଁ କିଟ୍ ବଣ୍ଟନ କରାଯାଇଥିଲା। ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧.୫୧ଲକ୍ଷ କୋଟିର ୮ ପ୍ରସ୍ତାବକୁ ଅନୁମୋଦନ

**ଉଚ୍ଚସ୍ତରୀୟ ମଞ୍ଜୁରୀ କମିଟି ବୈଠକ**

ଭୁବନେଶ୍ୱର,୧୬।୬
(ରବିନାରାୟଣ ଜେନା)

ରାଜ୍ୟରେ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଶିଳ୍ପକୁ ରାଜ୍ୟ ସରକାର ମୁଖ୍ୟ ଆୟୁଧ ଭାବେ ଗ୍ରହଣ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରୀ କମିଟି(ଏଚ୍‌ଏଲ୍‌ସିଏ)ରେ ୧ଲକ୍ଷ ୫୧ହଜାର କୋଟିର ୮ଟି ଶିଳ୍ପ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହା ମାଧ୍ୟମରେ ରାଜ୍ୟରେ ୬୦,୨୦୦ ଚାକିରି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ ଏବଂ ଦେଶର ଶିଳ୍ପ ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ,ରାଜ୍ୟର ୬ଟି ଜିଲା ତଥା ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା ଓ ସମ୍ବଲପୁରରେ ଗୁରୁ ଶିଳ୍ପ ପ୍ରତିଷ୍ଠା କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏହି ୮ଟି ପ୍ରକଳ୍ପ ସହିତ ତାଙ୍କ ଶାସନରେ ୬ଟି ଏଚ୍‌ଏଲ୍‌ସିଏ ବୈଠକ ଅନୁଷ୍ଠିତ ହୋଇଛି। ଏ ସବୁଥିରେ ୬୨ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ନିବେଶ ସମ୍ଭାବନା ୫.୬୭ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ୨.୪୨ ଲକ୍ଷଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଢେଙ୍କାନାଳରେ ବେଦାନ୍ତ ଲିମିଟେଡ୍ ଏକ ବୃହତ୍ ଆଲୁମିନିୟମ୍ ସ୍ମେଲଟର (୩ ଏମ୍‌ଟିପିଏ) ଏବଂ ୪୯୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଶକ୍ତି ପ୍ଲାଣ୍ଟ ନିର୍ମାଣ କରିବ। ଏହି ପ୍ରକଳ୍ପରେ ବେଦାନ୍ତ ୧ ଲକ୍ଷ ୨୮ହଜାର କୋଟି ନିବେଶ କରିବ। ବେଦାନ୍ତର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୩୦ହଜାରଙ୍କୁ ଚାକିରି ମିଳିପାରିବ ବୋଲି ବୈଠକରୁ ଜଣାଯାଇଛି।

ସେହିପରି ଏସ୍‌ଆର୍‌ଏଫ୍ ଲିମିଟେଡ୍ ଗଞ୍ଜାମରେ ବିଶେଷ କ୍ରିୟାଶୀଳ ରାସାୟନିକ ଓ ରେଫ୍ରିଜରେଟର ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ୧୦,୦୦୦ କୋଟି ଟଙ୍କା ନିବେଶ କରିବ ଯେଉଁଥିରେ ୨୦ହଜାର ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାସହିତ ଜିନ୍ଦଲ ଇଣ୍ଡିଆ ଷ୍ଟିଲ ଟେକ୍ ଲିମିଟେଡ୍ ଢେଙ୍କାନାଳରେ ୩,୬୦୦ କୋଟି ଟଙ୍କା ନିବେଶରେ ଏକ ସ୍ୱତନ୍ତ୍ର ଷ୍ଟିଲ୍ ପ୍ରୋସେସିଂ ୟୁନିଟ୍ ନିର୍ମାଣ କରି; ଯେଉଁଥିରେ ୨ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଶ୍ୟାମ ଷ୍ଟିଲ୍ ମାନୁଫାକ୍ଚରିଂ ଲିମିଟେଡ୍ କେନ୍ଦୁଝରରେ ୨ ହଜାର ୪୯୦ କୋଟି ଟଙ୍କାର ନିବେଶ କରିବ। ଏଥିରେ ୦.୫୩ ଏମ୍‌ଟିପିଏର ଏକ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବ ଯେଉଁଥିରେ ୨,୩୭୦ଜଣଙ୍କୁ ଚାକିରି ମିଳିପାରିବ।

ସେହିପରି ଖୋର୍ଦ୍ଧାରେ ୬୨ହଜାର ମେଗାୱାଟ କ୍ଷମତା ବିଶିଷ୍ଟ କପା ଓ ମିଶ୍ରିତ ସୂତା ଉତ୍ପାଦନ କେନ୍ଦ୍ର ପାଇଁ ୨ହଜାର ୫୫ କୋଟି ପଟକିଙ୍ଗ୍ ଇଣ୍ଡିଆ ଲିମିଟେଡ୍ ନିବେଶ କରିବ ଯେଉଁଥିରେ ୪ହଜାର ୮୦୦ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ଏହାବ୍ୟତୀତ ଷ୍ଟାର ମେଟାଲ ଓ୍ୱାର୍କ ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁରରେ ୨ହଜାର ୨୯୧ କୋଟି ଟଙ୍କା ବିନିଯୋଗରେ ଏକ ନ୍ୟାରୋ ହଟ୍ ଷ୍ଟିପ୍ ଓ ଫିନିଶିଂ ୟୁନିଟ୍ ନିର୍ମାଣ କରିବ ; ଯେଉଁଥିରେ ୨୫୦ ଜଣଙ୍କୁ ଚାକିରି ମିଳିବାର ସମ୍ଭାବନା ରହିଛି। ଏହାବ୍ୟତୀତ ସୁପ୍ରିମ ମେଟାଲ କେନ୍ଦୁଝରରେ ୧,୫୦୦ କୋଟି ନିବେଶରେ ୧.୨ ମେଗାୱାଟ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ସ୍ଥାପନ କରିବ ଯେଉଁଥିରେ ୬୮୦ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏହାସହିତ ଲିଣ୍ଡେ ଇଣ୍ଡିଆ ଲି. ଯାଜପୁରରେ ୧,୩୦୩.୫୦ କୋଟି ଟଙ୍କା ବିନିଯୋଗରେ ଏକ ଏୟାର ସେପାରେଶନ ୟୁନିଟ୍ ସ୍ଥାପନ କରି ଉତ୍କୃଷ୍ଟ ଇଣ୍ଡଷ୍ଟ୍ରିଆଲ୍ ଗ୍ୟାସ୍ ଉତ୍ପାଦନ କରିବ। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ୧୦୦ ଜଣଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଓ ମୁଖ୍ୟସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ରଙ୍କ ପ୍ରଭାବରେ ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ସୃଷ୍ଟିହେବ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ ବିତିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ସ୍ଥାପନ ଏବଂ ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ।

**ବୃଷ** ଦ୍ୱିତୀୟସ୍ଥ ବୁଧ ଅନ୍ୟମାନଙ୍କ ସହ ରହି ଆପଣଙ୍କୁ ବଳିଷ୍ଠ ଯୁକ୍ତିସମ୍ପନ୍ନ କରାଇବେ। ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନବାଡ଼ିର ଉନ୍ନତୀକରଣ ଓ ସଭା ସମିତିରୁ ଉପକୃତ ହେବେ। ପାରିବାରିକ ଟେନ୍‌ସନ ଲାଗିରହିପାରେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ଘଟଣାର ମୋଡ଼ ବଦଳିଯିବା ସୂଚନା ରହିଛି।

**ମିଥୁନ** ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ଜଡ଼ିତ କରାଇବ। ପୁନର୍ବସୁ ବନ୍ଧୁପରିଜନଙ୍କ ସହ ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବେ। ପାପଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କୀୟ ବିବାଦରେ ମାନସିକ ଅସ୍ଥିରତା ସୃଷ୍ଟିକରିପାରନ୍ତି। ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନବଳିପାରେ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନସ୍ଥ ହୋଇ ପାପଯୁକ୍ତ କାରଣରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଅଶ୍ଳେଷା କୌଣସି ପରିସ୍ଥିତି ଆସୁନା କାହିଁକି ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ। ପୁରାତନ ବିବାଦର ସମାଧାନର ଆଶା ରହିଛି।

**ସିଂହ** କର୍ମାଧିପ ଭାଗ୍ୟ ଭାବରେ ଥିବାରୁ ଆଜି କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ଆଚରଣ ମନ ପସନ୍ଦ ନ ହେଲେ ମଧ୍ୟ ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଯାତ୍ରା, ବ୍ୟବସାୟ, ଶିଳ୍ପ ବାଣିଜ୍ୟ ଏବଂ ପରିବହନରୁ ଭଲ ଲାଭପାଇବେ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ରାଶି ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ନୀଚଜନ ସହ ବିବାଦରେ ଲିପ୍ତ କରାଇପାରନ୍ତି। ବାରମ୍ବାର ପ୍ରତିବନ୍ଧକର ସାମ୍ନା କରିବା ହେତୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ରାଜନୀତି, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ପ୍ରଶଂସିତ ହେବେ। ପାରିବାରିକ ଜୀବନ ବୁଝାମଣା ମଧ୍ୟରେ ସୁନ୍ଦର ଓ ସୁଖମୟ ହେବା ସୂଚନା ରହିଛି।

**ତୁଳା** ରାଶିକୁ ରାଶ୍ୟାଧିପ ଦେଖୁଥିବାରୁ ଦୈହିକ ସୁସ୍ଥତା ସହ ବିଳାସପ୍ରିୟ କରାଇପାରନ୍ତି। ନିଜ ସଂସ୍ପର୍ଶରେ ଆସୁଥିବା ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। ପାରସ୍ପରିକ ମତଭେଦ କାରଣରୁ ପରିବାରରେ ବିତର୍କ ଲାଗି ରହିବ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବିଛା** ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ସମ୍ପର୍କହାନି ସାଙ୍ଗକୁ ସନ୍ତାନଙ୍କ ସମସ୍ୟାରେ ଚିନ୍ତିତ ରହିବେ। ପ୍ରତ୍ୟେକ ସ୍ତରରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। କୌଣସି ଘଟଣା ନ ବୁଝି କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ** ରାଶ୍ୟାଧିପଙ୍କ ଶୁଭ ସଂଯୋଗ ପ୍ରଭାବରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ତଥାପି ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶନିଙ୍କ କୁପ୍ରଭାବରେ ପାରିବାରିକ ସ୍ଥିତି ବିଗିଡ଼ିଯିବା ସୂଚନା ରହିଛି।

**ମକର** ଦୈହିକ ଅସୁସ୍ଥତା ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ଏବଂ ବନ୍ଧୁସମ୍ପର୍କ ଭଲ ରହିବ। କର୍ମକ୍ଷେତ୍ରରେ ଆଲୋଚନା କାଳରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଗୁରୁଜନଙ୍କ ପରାମର୍ଶକ୍ରମେ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲହୋଇ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଯାହାକୁ ଯାହା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବା ସୂଚନା ରହିଛି। ପାରିବାରିକ ଜୀବନ ହସଖୁସି ମଧ୍ୟରେ ସୁନ୍ଦର ଓ ପ୍ରୀତିପ୍ରଦ ରହିବ।

**ମୀନ** ଉଚ୍ଚବର୍ଗର ଲୋକଙ୍କ ସାହାଯ୍ୟରେ ପୂର୍ବ ସମସ୍ୟା ଦୂରେଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ଆନୁଷ୍ଠାନିକ କାମ, ରାଜନୀତି ଓ ସାଙ୍ଗଠନିକ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ଚାପର ସମ୍ମୁଖୀନ ହେବେ। ଆତ୍ମୀୟଙ୍କ ସହ ସମ୍ପର୍କହାନି ଚିନ୍ତା ବଢ଼ିଯାଇପାରେ।

ଆଜି ଜୁନ୍ ୧୭ ତାରିଖ, ବସୁମତୀ ସ୍ନାନ, ଆଷାଢ଼ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୧୧ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୫ ଗତେ, ଘ.୧୨।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ | Bhubaneswar, Tuesday, June 17/2025 | ପୃଷ୍ଠା-୧









ନଭି ମୁମ୍ବାଇରେ ସୋମବାର ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟିବାରୁ କେତେକ ବାଇକ୍ ସହ ଏକ ପାର୍ଶ୍ୱରାସ୍ତା ଧସିପଡ଼ିଛି।

# ଛାତ୍ରୀଙ୍କୁ ଗଣବଳାତ୍କାର

**ବିସ୍ତୃତ ବେଳାଭୂମି ଏବେ ଅସୁରକ୍ଷିତ ହୋଇପଡ଼ିଛି। ରଜ ସମୟରେ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ସ୍ଥଳରେ ଲୋକେ ହାଉଯାଉ ହେଉଥିବାବେଳେ ରବିବାର ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାର କରାଯାଇଥିବା ଘଟଣା ପଦାକୁ ଆସିଛି। ଏଥିସହ ଗତ ୬ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଦୁଇଟି ବଳାତ୍କାର ଘଟଣା ମିଶି ୩ରେ ପହଞ୍ଚିଲାଣି। ଏହା ସମ୍ପୃକ୍ତ ଅଞ୍ଚଳର ମହିଳାଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଆଲୋଚନା ହେଉଛି।**

## ଗୋପାଳପୁର ବେଳାଭୂମି: ପୁରୁଷବନ୍ଧୁଙ୍କ ସାମ୍ନାରେ ଘଟିଲା ଘଟଣା, ୭ ଅଟକ

ଗୋପାଳପୁର/ବ୍ରହ୍ମପୁର, ୧୬।୬
(ନବୀନ ରାଜ୍ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନସ୍ଥଳରେ ରବିବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ବେଳାଭୂମି ଅଞ୍ଚଳରେ ଚଢାଉ କରି ୭ ଜଣଙ୍କୁ କାବୁ କରିଛି। ସେମାନଙ୍କୁ ଥାନାରେ ଅଟକ ରଖି ଜେରା ଚାଲିଛି। ଘଟଣାରେ ୧୦ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୋମବାର ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ଠିକ ତଦନ୍ତ ପାଇଁ ଜଣେ ମହିଳା ଡିଏସ୍‌ପି ର‍୍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ଏସ୍‌ପି, ସାଇଣ୍ଟିଫିକ ଟିମ୍, ଥାନାଧିକାରୀ ଓ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳର ଏକ ସରକାରୀ ମହାବିଦ୍ୟାଳୟରେ ପଢୁଥିବା ଅନ୍ୟ ଏକ ଜିଲାର ଛାତ୍ରୀ ରବିବାର ସନ୍ଧ୍ୟାରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ଉଭୟେ ଏକ ନିଛାଟିଆ ସ୍ଥାନରେ ବସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ୩ଟି ବାଇକ୍‌ରେ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। କେତେଜଣ ତାଙ୍କୁ ଅଟକାଇ ରଖିଥିବା ବେଳେ ଆଉ କେତେଜଣ ଯୁବକ ଛାତ୍ରୀଙ୍କୁ ସେଠାରୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପରେ ପୁରୁଷ ବନ୍ଧୁଙ୍କଠାରୁ ଫୋନ ପେ' ମାଧ୍ୟମରେ କିଛି ଟଙ୍କା ନେଇ ବିଭିନ୍ନ ଧମକ ଦେଇ ଚାଲି ଯାଇଥିଲେ। ଏ ନେଇ ପୀଡ଼ିତା ଛାତ୍ରୀ ଓ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ପିଛା କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ ଯୁବକଙ୍କୁ ଉଠାଇ ନେଇଛି। ସେମାନେ ଏକ କଲେଜର ଛାତ୍ର ବୋଲି ଜଣାପଡିଛି। ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସେମାନଙ୍କ ମୋବାଇଲ ଟ୍ରାକିଂ କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ୬ ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଏହା ତୃତୀୟ ବଳାତ୍କାର ଘଟଣା। ଗତ ଜାନୁଆରୀରେ ଗୋପାଳପୁର ଥାନା ଅଞ୍ଚଳରେ ଜଣେ ୪ବର୍ଷର ଶିଶୁ କନ୍ୟାଙ୍କୁ ବସ ଭିତରେ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ବସ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କୁ ଗିରଫ କରିଛି। ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେହିପରି ଗତ ୩ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବେଳାଭୂମି ସମେତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡି କରାଯାଉ ନ ଥିବା ଅଭିଯୋଗ ହେଉଛି।

# ୨ ପର୍ଯ୍ୟାୟରେ ହେବ ଜନଗଣନା

## ଗେଜେଟ୍ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୧୬।୬

୨୦୧୧ ଜନଗଣନାର ୧୬ ବର୍ଷ ପରେ କେନ୍ଦ୍ର ସରକାର ଭାରତର ଷୋଡ଼ଶ ଜନଗଣନା କରିବା ପାଇଁ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ଏହା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଅଭିଯାନ (ଏଚ୍‌ଏଲ୍‌ଓ), ସମ୍ପତ୍ତି ତଥ୍ୟ, ପରିବାର ଆୟ, ଗୃହ ସ୍ଥିତି ଏବଂ ସୁବିଧା ଆଦି ତଥ୍ୟ ସଂଗ୍ରହ କରାଯିବ। ଏହା ଭାରତର ପ୍ରଥମ ଡିଜିଟାଲ ଜନଗଣନା ହେବାକୁ ଯାଉଥିବାରୁ ଲୋକେ ଘରେ ଥାଇ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ। ଦ୍ୱିତୀୟ ପର୍ଯ୍ୟାୟ ବା ଜନସଂଖ୍ୟା ହିସାବ ପର୍ଯ୍ୟାୟରେ ଲୋକଙ୍କ ସଂଖ୍ୟା, ପରିବାରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ସ୍ଥିତି ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗଣନା ସାମିଲ ହୋଇଛି।

ଲଦାଖ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବରଫାବୃତ୍ତ ଅଞ୍ଚଳ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟରେ ୨୦୨୬ ଅକ୍ଟୋବରରୁ ଜନଗଣନା ଆରମ୍ଭ ହେବାକୁ ଥିବାରୁ ଜନଗଣନାର ଉଲ୍ଲିଖିତ ତିଥି ୨୦୨୬ ଅକ୍ଟୋବର ୧ ତାରିଖ ୦୦.୦୦ ଘଣ୍ଟା ରହିବ। ଦେଶର ଅନ୍ୟ ଭାଗରେ ୨୦୨୭ ମାର୍ଚ୍ଚ ୧ରୁ ଗଣନା ଆରମ୍ଭ ହେବାକୁ ଥିବାରୁ ଉଲ୍ଲିଖିତ ତିଥି ୨୦୨୭ ମାର୍ଚ୍ଚ ୧ ତାରିଖ ୦୦.୦୦ ଘଣ୍ଟା ରହିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସାରା ଦେଶର ଜନସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଲାଗି ହେବାକୁ ଥିବା ଏହି ଦୀର୍ଘ କାର୍ଯ୍ୟକ୍ରମରେ ୧୩,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ ବୋଲି ଆଶା କରାଯାଉଛି। ଏଥିରେ ୩୪ ଲକ୍ଷ ଜନଗଣନାକାରୀ ଓ ସୁପରଭାଇଜର ଏବଂ ୧.୩ ଲକ୍ଷ ପଦାଧିକାରୀ ଡିଜିଟାଲ ଉପକରଣ ସହ ଜନଗଣନା କାର୍ଯ୍ୟରେ ସାମିଲ ହେବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଜନଗଣନା ପ୍ରସ୍ତୁତିରେ ☞ପୃଷ୍ଠା-୯

# ସେଲ୍‌ଫି ନେଲାବେଳେ ଜଳପ୍ରପାତରେ ଖସିପଡ଼ିଲେ ୨ ନାବାଳକ

## ଜଣେ ମୃତ, ଅନ୍ୟ ଜଣେ ନିଖୋଜ

କୋଟପାଡ଼, ୧୬।୬ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଛର୍ତ୍ତଲା ପଞ୍ଚାୟତ ନିକଟ ଗୁଲମୀ ଜଳପ୍ରପାତରେ ୨ ନାବାଳକ ସେଲ୍‌ଫି ନେଉଥିବା ବେଳେ ପାଣିକୁ ଖସି ପଡ଼ି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡ଼ାର ଅଭିରାମ ସୁନାଙ୍କ ପୁଅ ଆଲୋକ ରାଜ ସୁନା(୧୫)। ହେମନ୍ତ କୁମାର ମିର୍ଗାନଙ୍କ ପୁଅ କିରଣ(୧୬) ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ, ରବିବାର କୋଟପାଡ଼ ଗୁଲମୀ ଜଳପ୍ରପାତକୁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡାର ୫ ଜଣ ଯୁବକ ବୁଲିବାକୁ ଆସିଥିଲେ। କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ଯୁବକମାନେ ଗୁଲମୀର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଉଥିବା ବେଳେ ୨ ନାବାଳକ ପ୍ରଖର ସ୍ରୋତରେ ଖସି ପଡ଼ିଥିଲେ। ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରି କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ସବୁଥିରେ ବେପାର ନ ହେଉ

# ଯୁବକ ରାଜ୍ୟ ବିକାଶର ସାରଥି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଜଣେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ ଓ ପଦାଧିକାରୀ।

ଭୁବନେଶ୍ୱର, ୧୬।୬ (ସୁନିତ୍ ମିଶ୍ର)

ଯୁବ ଶକ୍ତି ରାଜ୍ୟ ବିକାଶ ରଥର ସାରଥି। ଯୁବକଙ୍କ ଭିତରେ ଥିବା ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଏଥିରେ ପୂର୍ତ୍ତ ବିଭାଗର ୫୬୩, ଜଳ ସମ୍ପଦ ବିଭାଗର ୬୨, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହିସବୁ ପଦବୀଗୁଡ଼ିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି।

ନିଯୁକ୍ତି ମେଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରଜ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସରକାରୀ ଚାକିରି ସର୍ବଦା ଜନସେବା ☞ପୃଷ୍ଠା-୯

# ଡାଇରିଆ ସହ ହଇଜା ବ୍ୟାପିଛି: କେନ୍ଦ୍ରୀୟ ଟିମ୍

ଯାଜପୁର, ୧୬।୬ (ହର୍ଷବର୍ଦ୍ଧନ ବେହେରା)

- **ଯାଜପୁରର ଆଉ ୨ ଜୀବନ ଗଲା, ମୃତ୍ୟୁସଂଖ୍ୟା ୧୮ ହେଲା**
- **ଫାଷ୍ଟଫୁଡ, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ**

ଯାଜପୁର ଜିଲାରେ ଡାଇରିଆ ସହ ହଇଜା(କଲେରା) ବ୍ୟାପିଥିବା ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ସୋମବାର ସ୍ପଷ୍ଟ କରିଛି। ରୋଗୀଙ୍କ ଝାଡ଼ା ନମୁନାରେ ମାରାତ୍ମକ ବ୍ୟାକ୍ଟେରିଆ ଭିବ୍ରିଓ କଲେରା ଚିହ୍ନଟ ହୋଇଛି। ଗତ ୯ରୁ ୧୬ ତାରିଖ ଅର୍ଥାତ୍ ୮ ଦିନ ମଧ୍ୟରେ ୧୮ଜଣଙ୍କର ମୃତ୍ୟୁ ଘଟିଲାଣି। ପ୍ରତିଦିନ ଏଥିରେ କେହି ନା କେହି ପ୍ରାଣ ହରାଉଛନ୍ତି। ଯାଜପୁର ଜିଲାରେ ସାଂଘାତିକ ସ୍ଥିତି ରହିଥିବାବେଳେ ପଡ଼ୋଶୀ କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କଟକ ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିଲାଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ସଚେତନ କରାଯିବା ସହ ଜଳଉତ୍ସ ବିଶୁଦ୍ଧୀକରଣ, ଉତ୍ତମ ଚିକିତ୍ସାସେବା ଓ ଅନ୍ୟାନ୍ୟ ନିରାକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଯାଜପୁର ଜିଲାର ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଫାଷ୍ଟଫୁଡ୍, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଯାଜପୁର ଜିଲାରେ ପୁଣି ୨ ଜଣ ଡାଇରିଆ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ସୁକିନ୍ଦା ବ୍ଲକ ବଇଗିମାଳ ଗ୍ରାମର ବସନ୍ତ ବାରିକ (୪୨) ଏବଂ ସାରଙ୍ଗପୁର ଗ୍ରାମର ନନ୍ଦ ଜେନା(୬୦) ବୋଲି ସୂଚନା ମିଳିଛି। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ବସନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନନ୍ଦଙ୍କ ଜୀବନ ଯାଇଛି। ଯାଜପୁର ଗସ୍ତରେ ଆସିଥିବା ୧୪ ଜଣ କେନ୍ଦ୍ରୀୟ ଦଳ ପରୀକ୍ଷାନିରୀକ୍ଷା କରି ହଇଜା ବ୍ୟାପିଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଏହାବାଦ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଜରିଆରେ ଝାଡ଼ାବାନ୍ତି ବ୍ୟାପୁଥିବା ସୂଚନା ଦେଇଛନ୍ତି। ତେବେ ଏହା ସେତେଟା ମାରାତ୍ମକ ☞ପୃଷ୍ଠା-୯

# ଇସ୍କନ କଥା ନ ମାନିଲେ ଆଇନଗତ ପଦକ୍ଷେପ: ଆଇନ ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୧୬।୬ (ସୁନିତ୍ ମିଶ୍ର)

ଆଗରୁ ଅଦିନିଆ ରଥଯାତ୍ରା କରୁଥିବା ଇସ୍କନ ଏବେ ତିଥି ବାହାରେ ସ୍ନାନ ଯାତ୍ରା ମଧ୍ୟ କଲାଣି। ଏହି ଘଟଣାରେ ରବିବାର ଗଜପତି ମହାରାଜ ଦିବ୍ୟସିଂହ ଦେବ ମାୟାପୁର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ପ୍ରସଙ୍ଗରେ ଇସ୍କନକୁ ଜଣାଇ ଦିଆଯାଇଛି, ଯଦି ସେମାନେ କଥା ନ ମାନନ୍ତି ତେବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରିଲ୍ସ ନିଶା: ସାପକୁ ଚୁମ୍ବନ ଦେବାବେଳେ ଖାଇଲେ ଚୋଟ

ମୋରାଦାବାଦ, ୧୬।୬

ଉତ୍ତରପ୍ରଦେଶର ଅମରୋହା ଜିଲା ହୈବତପୁର ଗ୍ରାମରେ ଜଣେ ବ୍ୟକ୍ତି ରିଲ୍ସ ପାଇଁ ସାପକୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିବା ବେଳେ ସାପ ତାଙ୍କ ଜିଭକୁ ଚୋଟ ଦେଇଥିଲା। ଏବେ ସେ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ଜିତେନ୍ଦ୍ର କୁମାର (୫୦) ନାମକ ଜଣେ କୃଷକ ଏକ ସାପକୁ ଉଦ୍ଧାର କରିଥିଲେ। ସେ ଉକ୍ତ ସାପ ସହ କିଛି ସମୟ ପାଇଁ ଖେଳିଥିଲେ ଏବଂ ଏହାର ରିଲ୍ସ ମଧ୍ୟ କରିଥିଲେ। ନିଜ ଫଲୋଅର୍ସଙ୍କୁ ପ୍ରଭାବିତ କରିବା ପାଇଁ ସେ ସାପକୁ ବେକରେ ଗୁଡ଼ାଇ ବିଭିନ୍ନ ଷ୍ଟଣ୍ଟ କରିବା ସହ ଅନେକ ପୋଜ୍ ମଧ୍ୟ ଦେଇଥିଲେ। ଏହି ସମୟରେ ସେଠାରେ ଅନେକ ଦେଖଣାହାରୀ ତାଙ୍କର ଭିଡିଓ ପ୍ରସ୍ତୁତ କରିଥିଲେ। ଗ୍ରାମବାସୀଙ୍କ ଅନୁଯାୟୀ, ସେତେବେଳେ ଜିତେନ୍ଦ୍ର ନିଶାରେ ଥିଲେ ଏବଂ ସାପ ସହ ଷ୍ଟଣ୍ଟ କରୁଥିବା ସମୟରେ ସେ ଧୂମପାନ ମଧ୍ୟ କରୁଥିଲେ। ଏହି ସମୟରେ ଜିତେନ୍ଦ୍ର ସାପକୁ ଚୁମ୍ବନ ଦେବା ପାଇଁ ସାପର ମୁଣ୍ଡକୁ ନିଜ ମୁହଁ ପାଖକୁ ଆଣିଥିଲେ। ସେ ସାପ ଆଡ଼କୁ ନିଜ ଜିଭ ବଢ଼ାଇଥିଲେ, ଫଳରେ ସାପଟି ତାଙ୍କ ଜିଭକୁ କାମୁଡ଼ି ଦେଇଥିଲା। ଯନ୍ତ୍ରଣାରେ ଜିତେନ୍ଦ୍ର ସାପଟିକୁ ଫୋପାଡ଼ି ଦେଇଥିଲେ। ଏହାପରେ ସାପଟି ନିକଟରେ ଥିବା ବୁଦା ଭିତରେ ପଶିଯାଇଥିଲା। ଏହା ଦେଖି ଭିଡିଓ କରୁଥିବା ଦେଖଣାହାରିମାନେ ଆତଙ୍କିତ ହୋଇପଡ଼ିଥିଲେ। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେଉଥିବାବେଳେ ଅନେକ ୟୁଜର୍ସ ଜିତେନ୍ଦ୍ରଙ୍କୁ ସମାଲୋଚନା କରିଛନ୍ତି। ହୈବତପୁର ଗ୍ରାମର ମୁଖିଆ ଜୟକିରତ ସିଂ କହିଛନ୍ତି, ସାପ କାମୁଡ଼ା ପରେ ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ଖରାପ ହୋଇଥିଲା। ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୋରାଦାବାଦର ଏକ ଘରୋଇ ହସ୍ପିଟାଲକୁ ରେଫର କରିଥିଲେ, ଯେଉଁଠାରେ ଏବେ ସେ ଇଣ୍ଟେନସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଚିକିତ୍ସିତ ହେଉଛନ୍ତି। ଜିତେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଜୟକିରତ କହିଛନ୍ତି।

**ଏବେ ଆଇସିୟୁରେ**



ଜିତେନ୍ଦ୍ର କୁମାର

# ପ୍ରସାଧନ ସାମ୍ରାଜ୍ୟର ଦାୟାଦ ଲିଓନାର୍ଡ ଲାଉଡରଙ୍କ ପରଲୋକ

ନ୍ୟୁୟର୍କ, ୧୬।୬



ପ୍ରସାଧନ ସାମ୍ରାଜ୍ୟର ବିଲିଅନେୟାର ଦାୟାଦ ଲିଓନାର୍ଡ ଲାଉଡରଙ୍କର ୯୨ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। କସ୍‌ମେଟିକ୍ସ ପାଓନିୟର ଏଷ୍ଟି ଲାଉଡର ଏବଂ ଜୋସେଫ ଏଚ୍. ଲାଉଡରଙ୍କ ଜ୍ୟେଷ୍ଠପୁତ୍ର ଲିଓନାର୍ଡ ଏଷ୍ଟି ଲାଉଡର କମ୍ପାନୀର ପୂର୍ବତନ ମୁଖ୍ୟ ଥିଲେ। ଅକ୍ଲାନ୍ତ ପରିଶ୍ରମ କରି ସେ ସୌନ୍ଦର୍ଯ୍ୟ ଶିଳ୍ପ ନିର୍ମାଣ କରିବା ସହ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିଥିଲେ। ସମ୍ପ୍ରତି ଏହି ଶିଳ୍ପର ମୌଳିକ ଆବଶ୍ୟକତା କୁହାଯାଉଥିବା ନବୋନ୍ମେଷ, ଧାରା ଏବଂ ସର୍ବଶ୍ରେଷ୍ଠ ପ୍ରକ୍ରିୟାର ସେ କର୍ଣ୍ଣଧାର ଥିଲେ ବୋଲି ତାଙ୍କ ପୁଅ ତଥା କମ୍ପାନୀ ବୋର୍ଡ ଅଫ୍ ଡାଇରେକ୍ଟର୍ସର ଅଧ୍ୟକ୍ଷ ୱିଲିୟମ ପି. ଲାଉଡର କହିଛନ୍ତି। ଲିଓନାର୍ଡ କେବଳ ଜଣେ ବ୍ୟବସାୟୀ ନ ଥିଲେ, ଜଣେ ପରୋପକାରୀ ଏବଂ କଳାର ଉପାସକ ଭାବେ ସେ ଜଣାଶୁଣା ☞ପୃଷ୍ଠା-୯

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

# ସବୁଥିରେ ବେପାର ନ ହେଉ

ଭାରତରେ ଏଇ କିଛିବର୍ଷ ହେବ ବିକାଶ ନାମରେ ପ୍ରକୃତିଦତ୍ତ ପରିବେଶ ସହ ସାଲିସ କରିଦିଆଯାଉଥିବାରୁ ବିପର୍ଯ୍ୟୟ ମାତ୍ରାଧିକ ହେଲାଣି। ତାହାର ପରିଣାମ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ବେଳେ ସରକାରୀ ବ୍ୟବସ୍ଥା ସେଥିପ୍ରତି ନିଘା ଦେଉନାହିଁ। ଏହା ପଛରେ ରହିଥିବା କାରଣଟିକୁ ଖୋଜିଲେ ସବୁକିଛି 'ବେପାରସର୍ବସ୍ୱ' ହୋଇଯାଉଛି। କେଉଁ ପରିବେଶ ଓ ପରିସଂସ୍ଥାନକୁ ବ୍ୟବହାର କରାଯାଇ ଲାଭ ମିଳିପାରିବ, ସେସବୁ ଜାଣିବା ଲାଗି ଥୋକେ ଲୋକ ଯେମିତି ନିୟୋଜିତ ହେବା ଭଳି ଦେଖାଯାଉଛି। ସଦ୍ୟ ଉଦାହରଣ ହେଉଛି ଚାରିଧାମ ଯାତ୍ରା। ପୂର୍ବରୁ ଆମେ ଜାଣିଥିଲୁ ଭାରତୀୟ ଉପମହାଦେଶର ଚାରିକୋଣକୁ ଆଦି ଶଙ୍କରାଚାର୍ଯ୍ୟ ପାଦରେ ବୁଲି ଧାମ ସୃଷ୍ଟି କରି ସନାତନ ଚିନ୍ତାଧାରାକୁ ପୁନର୍ଜନ୍ମ ଦିଆଇଥିଲେ। ସେହି ୪ଟି ସ୍ଥାନ ହେଲା ପୁରୀ, ବଦ୍ରିନାଥ, ଦ୍ୱାରକା ଓ ରାମେଶ୍ୱରମ୍। ଏହିସବୁ ସ୍ଥାନକୁ ଧାମ ଭାବେ ପରିଚୟ ଦେଇ ସେତେବେଳେ ବୌଦ୍ଧଧର୍ମର ପ୍ରସାରକୁ ରୋକିବାର ଉଦ୍ୟମ କରିଥିଲେ ଶଙ୍କରାଚାର୍ଯ୍ୟ। ଆଧୁନିକ ଭାରତରେ ଚାରିଧାମ କହିଲେ ଅଧିକାଂଶ ଭାରତୀୟ ଏବେ ଉତ୍ତରାଖଣ୍ଡ ଭିତରେ ତାହାକୁ ସୀମିତ ରଖି ଦେଇଛନ୍ତି। ଉତ୍ତରାଖଣ୍ଡର ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ଯାତ୍ରା ଏକସଙ୍ଗେ କଲେ ଚାରିଧାମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। କୁହାଯାଇଥାଏ ସେଠାକାର ଯମୁନା ନଦୀରେ ଯିଏ ବୁଡ଼ ପକାନ୍ତି ସେ ଅକାଳ ମୃତ୍ୟୁରୁ ରକ୍ଷା ପାଇଯାଆନ୍ତି। କିନ୍ତୁ ଏବେ ଅନେକ ସମୟରେ ସେହି ଚାରିଧାମ ମଧ୍ୟରେ ଅକାଳ ମୃତ୍ୟୁ ଘଟୁଥିବା ପରିଲକ୍ଷିତ ହେଉଛି। ଦଶନ୍ଧି ପୂର୍ବରୁ ଚାରିଧାମ ଯାତ୍ରା ଆଜିଭଳି ଭିଡ଼ରେ ପରିଣତ ହୋଇ ନ ଥିଲା। ପ୍ରାକୃତିକ ପରିବେଶ ଓ ପବିତ୍ରତା ରକ୍ଷା କରି ଶ୍ରଦ୍ଧାଳୁ ସେଠାକୁ ଗମନ କରୁଥିଲେ। ଯେତେବେଳେ ସେହିସବୁ ସ୍ଥାନରେ ବେପାର ମନୋଭାବ ବଢ଼ିଲା ପର୍ଯ୍ୟାପ୍ତ ଲୋକଙ୍କୁ ଠୁଳ କରିବା ଦେଖାଗଲା। କିଛି ବେପାରୀଙ୍କ ପ୍ରରୋଚନାରେ ସରକାର ପ୍ରାକୃତିକ ପରିବେଶର ସୁରକ୍ଷା ପ୍ରତି ଅଣଦେଖା କରି ଭିତ୍ତିଭୂମି ବଢ଼ାଇ ଚାଲିଲେ। ଏମିତି ଦେଖିଲେ ପ୍ରାକୃତିକ ପରିବେଶ ସହନଶୀଳ ସ୍ତର ଅତିକ୍ରମ କରିଯାଉଥିବାରୁ ଭାରସାମ୍ୟ ଦୋହଲି ଯାଉଛି। ଆଉ ଏକ କଥା ଶୁଣିବାକୁ ମିଳୁଛି ଯେ, ଅନେକ ଯାତ୍ରୀ ମଉଜମଜଲିସ ପାଇଁ ସେହି ସବୁ ଅଞ୍ଚଳକୁ ବୁଲି ଯାଉଥିବାରୁ ଅସମ୍ଭାଳ ଭିଡ଼ ହେଉଛି। ସାଧାରଣତଃ ମନ୍ଦିର ଗଲେ ମନ ପବିତ୍ର ହୋଇଥାଏ, ଯଦିବା ସେଠାରେ ଖଣ୍ଡେ ପଥର ପୂଜିତ ହୋଇଥାଆନ୍ତି। ବିଶ୍ୱାସ ସହ ଭକ୍ତି ମିଶିଯିବା ପରେ ସମ୍ପୃକ୍ତ ଜାଗାଟିରେ ଏକ ସକାରାତ୍ମକ ତଥା ଆଧାତ୍ମିକ ଭାବନା ସୃଷ୍ଟି ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତାହାର ସୁଫଳ ମଧ୍ୟ ଶ୍ରଦ୍ଧାଳୁ ପାଇଥାଆନ୍ତି। ହେଲେ ଯାତାୟାତଠାରୁ ଆରମ୍ଭ କରି ପୂଜାବିଧି ଯାଏ ବେପାରୀଙ୍କ ଅତ୍ୟଧିକ ହସ୍ତକ୍ଷେପ ରହୁଥିବାରୁ ଯାତ୍ରା ସୁଗମ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପ୍ରକୃତି ଦାଉ ସାଧୁଥିବାରୁ ଯାତ୍ରାଜନିତ ସ୍ଥିତି ବିଗିଡ଼ି ଯାଉଛି। ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହୋଇଥିବା ଚାରିଧାମ ଯାତ୍ରାରେ ୧୫ ଜୁନ୍ ସୁଦ୍ଧା ୫ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହିତ ଅନିୟନ୍ତ୍ରିତ ନିର୍ମାଣ ଭିତ୍ତିଭୂମି ଯୋଗୁ ଭୂସ୍ଖଳନ, ହିମସ୍ଖଳନ ମାତ୍ରା ବଢ଼ିଯାଇ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି।

ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି। ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି। ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର। କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା।

ଭାରତର ଆଦିମ ଜନଜାତି ବାସ କରୁଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭିତ୍ତିଭୂମି ବିକାଶ କରାଯାଇ ଆଧୁନିକ ସହରୀକରଣ ବ୍ୟବସ୍ଥା ସୃଷ୍ଟି କରାଯିବାକୁ ନେଇ ପ୍ରକୃତିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ପର୍ଯ୍ୟଟନର ବିକାଶ କରାଯିବା ବେଳେ ସେଠାକାର ପରିସଂସ୍ଥାନ, ଆଦିମ ଅଧିବାସୀଙ୍କ ଜୀବନଯାପନକୁ ଭଲ ଭାବେ ଅନୁଧ୍ୟାନ କରା ନ ଯିବାରୁ ସେମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇସାରିଲାଣି। ତଥ୍ୟ ଦେଖିଲେ ୫ଟି ଆଦିମ ଅଧିବାସୀ ଯଥା ଆଣ୍ଡାମାନିଜ୍ ୫୯, ଜାରୱା ୩୪୦ରୁ ଅଧିକ, ଓଙ୍ଗେ ୧୧୦, ସେଣ୍ଟିଲିନିଜ୍ ୨୦୦ରୁ କମ୍ ଏବଂ ସୋମ୍ପେନ୍ ପାଖାପାଖି ୩୦୦ ରହିଛନ୍ତି। ବିକାଶ ଯୋଗୁ ସେମାନଙ୍କ ରହଣିସ୍ଥଳ, ଶିକାର ଆଦି ବିପର୍ଯ୍ୟସ୍ତ ହୋଇଯାଇଥିବାରୁ ଆଗକୁ ଆଦିମ ଟ୍ରାଇବ୍ ଇତିହାସରେ ରହିଯିବେ। ସାଧାରଣତଃ ନିଷ୍ପେଷିତ ଅବସ୍ଥାରେ ଥିବା ବର୍ଗକୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ପ୍ରଶାସନିକ ବ୍ୟବସ୍ଥା ଚେଷ୍ଟା କରିବା ଦରକାର। କିନ୍ତୁ ଯିଏ ସମ୍ପୂର୍ଣ୍ଣ ପ୍ରକୃତି କୋଳରେ ନିଜ ଧାରାରେ ବଞ୍ଚିଛି ତା' ଜୀବନଶୈଳୀରେ ଅନାବଶ୍ୟକ ହସ୍ତକ୍ଷେପ କରାଯାଉଥିବାରୁ ସେମାନଙ୍କ ଜୀବନ ବିପଦରେ ପଡ଼ୁଛି।

ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି। ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି। ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର। କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା। ଅର୍ଥାତ୍ ପ୍ରାକୃତିକ ପରିବେଶକୁ ନଷ୍ଟ ନ କରି ମଣିଷର ଆବଶ୍ୟକତା ବା ଚାହିଦାକୁ ପୂରଣ କରିବା ଦିଗରେ ନିର୍ଦ୍ଦିଷ୍ଟ ଭାବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଗଲେ ସ୍ଥିତି ଅସ୍ୱାଭାବିକ ହୁଅନ୍ତା ନାହିଁ। ତାହା ଭାରତରେ କୌଣସି କ୍ଷେତ୍ରରେ ଘଟିପାରୁ ନାହିଁ ବୋଲି ସମସ୍ତେ ଅନୁଭବ କରନ୍ତି। ପର୍ଯ୍ୟଟନ ଓ ଦୁଃସାହସିକ କ୍ରୀଡ଼ାର ପ୍ରସାର ଲାଗି ଯେଭଳି ଲୋକମାନଙ୍କୁ ଅଧିକ ମାତ୍ରାରେ ଏକତ୍ର କରାଯାଉଛି, ତାହା ଦ୍ୱାରା ଅଘଟଣ ବଢ଼ିଚାଲୁଛି। ମହାକୁମ୍ଭରେ ୬୦ କୋଟି ଲୋକଙ୍କ ସମାଗମ କରିବା ଲାଗି ଟାର୍ଗେଟ ସ୍ଥିର କରାଯିବା ଅପେକ୍ଷା ଯାତ୍ରୀମାନେ କିଭଳି ସୁରକ୍ଷିତ ଭାବେ ଯାଆସ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବାର ଥିଲା। ସେହିଭଳି ବେପାରକୁ ଆଖି ଆଗରେ ରଖିବା ପରିବର୍ତ୍ତେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ଉଦାହରଣ ସ୍ୱରୂପ, ଅନୁକୂଳ ପାଗ ନ ଥିବା ବେଳେ ହେଲିକପ୍ଟର ଉଡ଼ିବା କଥା ନୁହେଁ।

# ଓଡ଼ିଆରେ ଶାସନ ; କେତେ ବାସ୍ତବ କେତେ ସ୍ୱପ୍ନ



ଦେବେନ୍ଦ୍ର ନାଥ ରାଉତ

ଯେଉଁ ଜାତି ନିଜର ମାତୃଭାଷାକୁ ଯେତେ ଅଧିକ ଗୁରୁତ୍ୱ ଦେଇଛି ସେ ଜାତି ସେତେ ଅଧିକ ସମୃଦ୍ଧ। ଏହା ଏକ ପ୍ରବନ୍ଧ, ଉପନ୍ୟାସ ବା ଗଳ୍ପର ପଂକ୍ତି ନୁହେଁ, ସାମ୍ପ୍ରତିକ ବିଶ୍ୱ ଦରବାରରେ ଏକ ପ୍ରମାଣିତ ତଥ୍ୟ। ଜାପାନ, ଜର୍ମାନ, କୋରିଆ, ଚାଇନା, ଆମେରିକା, ରୁଷିଆ ପରି ଯେ କୌଣସି ରାଷ୍ଟ୍ରକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ସହଜରେ ଉପନୀତ ହୋଇପାରିବା । ମାତୃଭାଷାକୁ ସରକାରୀ, ବେସରକାରୀ ତଥା ଶିକ୍ଷା ବ୍ୟବସ୍ଥାରେ ବାଧ୍ୟତାମୂଳକ କଲେ ବ୍ୟକ୍ତିର ସମ୍ପୂର୍ଣ୍ଣ ସାମଗ୍ରିକ ବିକାଶ ସମ୍ଭବ ହେବା ସହିତ ଜାତୀୟ ଜୀବନରେ ସାମଗ୍ରିକ ଅଭିବୃଦ୍ଧି ସହଜ ହୋଇଥାଏ। ଏହି ସତ୍ୟକୁ ଅନୁଭବ କରି ଓଡ଼ିଶାର ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷା ଆଇନ-୧୯୫୪ ବିଧାନ ସଭାରେ ଆଣିଥିଲେ ଓ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା। ଏହା ସେତେବେଳେ ଅସହଜ ମନେହେଉଥିଲା କାରଣ ଶାସନ ବ୍ୟବସ୍ଥାରେ ଥିବା ଅଧିକାଂଶ ଉଚ୍ଚ ପଦାଧିକାରୀ ଓଡ଼ିଆ ଭାଷାରେ ଦକ୍ଷ ନ ଥିଲେ ବା ଓଡ଼ିଆକୁ ଗୁରୁତ୍ୱ ଦେଉ ନ ଥିଲେ। ଏମିତି ଏକ ସମୟରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସେ ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ ପରିଚାଳନା କରିବାର ଦୁଃସାହସ କରିଥିଲେ। ଏହି ସମୟରେ ସେ ବିଧାନସଭାରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିଲେ। ଏହି ଅନାସ୍ଥା ପ୍ରସ୍ତାବ ସମୟରେ ତାଙ୍କ ବିରୋଧରେ ଦୁଇଜଣ ଶାସକ ଦଳର ବିଧାୟକ ଭୋଟ ଦେବାରୁ ସେ ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ମଧ୍ୟ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରି ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କର ଇସ୍ତଫା ପରେ ଓଡ଼ିଶାରେ ଓଡ଼ିଆ ଶାସନର ସ୍ୱପ୍ନ ସ୍ୱପ୍ନରେ ରହିଗଲା।

ଓଡ଼ିଆ ଭାଷା ଆଇନ ୧୯୫୪ କେବଳ ଫାଇଲ ମଧ୍ୟରେ ସୀମିତ ହୋଇ ରହିଗଲା। ମାତୃଭାଷାର ବ୍ୟାପକ ବ୍ୟବହାର ଦ୍ୱାରା ଓ ଲୋକମାନେ ସହଜ ଶାସନ ବ୍ୟବସ୍ଥା ପାଇବା ସହିତ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପ୍ରଗତି ସାଧିତ ହେବାର ସ୍ୱପ୍ନ ଅପୂରଣୀୟ ରହିଗଲା। ତା'ପରେ ରାଜନୈତିକ ପଟ ପରିବର୍ତ୍ତନ ଅନେକବାର ହୋଇଛି କିନ୍ତୁ ଭାଷା ଆଇନକୁ କାର୍ଯ୍ୟକାରୀ କରିବାର ସଂକଳ୍ପିତ ପ୍ରୟାସ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏକ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ପରିଚାଳିତ ସରକାର ସମସ୍ତ ଶାସନ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ଟାଇପ ରାଇଟର କ୍ରୟ କରିଥିଲେ। ଭାଷା



ଆଇନ ୧୯୫୪କୁ ଲାଗୁ କରାଇବା ପାଇଁ ମଧ୍ୟ ପ୍ରୟାସ କରିଥିଲେ। ସେ ମଧ୍ୟ ଏହି ପ୍ରୟାସରେ ସଫଳ ହୋଇ ନ ଥିଲେ କାରଣ ଅମଲାତନ୍ତ୍ରର ଇଚ୍ଛାଶକ୍ତିର ଅଭାବ ଓ ଅସହଯୋଗ ଭାବ। ଏମିତି ଏକ ଦୁର୍ବଳ ବ୍ୟବସ୍ଥା ମଧ୍ୟରେ ଓଡ଼ିଆ ଶାସନ କେବଳ ବୁଦ୍ଧିଜୀବୀଙ୍କ ନିୟମିତ ଆଲୋଚନା ଓ ଦାବି ଉପସ୍ଥାପନରେ ଉଜ୍ଜୀବିତ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବୁଦ୍ଧିଜୀବୀ ଓ ମିଳିତ ଭାବରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ଆରମ୍ଭ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓ ଭାଷା ଆଇନ ୧୯୫୪ରେ କିଛି ପରିବର୍ତ୍ତନ କରି ଲାଗୁ କରିବା ପାଇଁ ୨୦୧୬ ମେ ୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ବର୍ଷ ଅଗଷ୍ଟ ୧୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଭାଷା ଆଇନ ଲାଗୁ କରାଇବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା। ଅକ୍ଟୋବର ୨୨ରେ ଇଂଲିଶ ସହିତ ଓଡ଼ିଆକୁ ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରାଗଲା। ଏହା ସମଗ୍ର ଓଡ଼ିଶାରେ ଏକ ସମ୍ଭାବନାର ସ୍ୱର ସୃଷ୍ଟି କରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଅସମ୍ଭବ ପ୍ରକାର ଶିଥିଳତା ପରିଲକ୍ଷିତ ହୋଇଥିଲା। ଏହି ଶିଥିଳତାକୁ ଦୂର କରିବା ପାଇଁ ପୁନଃ ୨୦୧୮ ଜୁନ୍ ୩୦ରେ ଓଡ଼ିଆ ଭାଷାକୁ ବ୍ୟବହାର କରୁଥିବା କର୍ମଚାରୀ ଓ ଅନୁଷ୍ଠାନକୁ ପୁରସ୍କାର ଓ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡ ବିଧାନ କରିବାର ବ୍ୟବସ୍ଥା କରାଗଲା। ଆଶା କରାଯାଉଥିଲା ଏଥର ଓଡ଼ିଆ ଭାଷା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। କିନ୍ତୁ ନିୟମ ତିଆରି କରିବା ସରକାରଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ତାଙ୍କର ଦାୟିତ୍ୱ ବୋଲି ଭୁଲିଯାଇଛନ୍ତି। ଏଠାରେ ନିୟମ ତିଆରି କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ଯେଉଁ ବିରାଟ ବ୍ୟବଧାନ ରହିଛି ତା' ପାଇଁ ସରକାରୀ ନଥିପତ୍ରରେ ହେଉଥିବା ଆଇନର କାର୍ଯ୍ୟକାରିତା ହାର ଖୁବ୍ କମ୍। ୨୦୨୪ରେ ସରକାର ପରିବର୍ତ୍ତନ ହୋଇଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ନୂତନ ସରକାରକୁ ଲୋକେ ନିର୍ବାଚିତ କରିଛନ୍ତି। ଏହା ମଧ୍ୟରେ ଏକ ବର୍ଷ ଅତିକ୍ରାନ୍ତ। ତଥାପି ଓଡ଼ିଆ ଭାଷାରେ ଶାସନ ଏବେ ବି ସ୍ୱପ୍ନ ହୋଇରହିଛି।

ଏମିତି କାହିଁକି ହେଉଛି ? କାହିଁକି ପ୍ରଶାସନିକ କଳ ଓଡ଼ିଆକୁ ତା'ର ମାଧ୍ୟମ ଭାବରେ ଗ୍ରହଣ କରି ପାରୁନାହିଁ? ଏହା କ'ଣ କେବଳ ମନୋବୃତ୍ତିର ଅଭାବ ନା ଇଂଲିଶ ଭାଷା ପ୍ରତି ଅତ୍ୟଧିକ ଦୁର୍ବଳତା ? ଉପରଠାଉରିଆ ଭାବରେ ଉତ୍ତର ଖୋଜିଲେ ଏହି ଦୁଇଟି କାରଣ ମନେହେଉଥିଲେ ମଧ୍ୟ ବାସ୍ତବରେ ଏହି ଦୁଇଟି ମଧ୍ୟରୁ କେଉଁଟି ବି ମୁଖ୍ୟ କାରଣ ନୁହେଁ। ଓଡ଼ିଶାରେ ଓଡ଼ିଆରେ ଶାସନ ନ ହେବାର ମୁଖ୍ୟ କାରଣ ହେଉଛି ସରକାରୀ ବ୍ୟବସ୍ଥାରେ ଶୁଦ୍ଧ ଲେଖିବା ବା କହିବା ବ୍ୟବସ୍ଥାର ଅଭାବ। ୧୯୫୪ଠାରୁ ଆଜି ପର୍ଯ୍ୟନ୍ତ ଆମେ କେବଳ ସମସ୍ୟା କଥା କହିଆସିଛେ। ସେହି ସମସ୍ୟାର ଉଚିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ପଛେଇ ଯାଇଛେ। ଯଦ୍ଦ୍ୱାରା ଓଡ଼ିଆ ଭାଷାର ଶାସନ ଆମ ପାଖରେ ଉପଲବ୍ଧ ହୋଇ ପାରିନାହିଁ। ସାମ୍ପ୍ରତିକ ସମୟରେ କୌଣସି ସରକାରୀ ବା ବେସରକାରୀ କାର୍ଯ୍ୟାଳୟରେ ଚିଠିପତ୍ର ହାତରେ ଲେଖା ଯାଉନାହିଁ। ସମସ୍ତ ଫାଇଲ କମ୍ପ୍ୟୁଟରରେ ପ୍ରସ୍ତୁତ କରାଯାଉଛି। ଅର୍ଥାତ୍ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ହେଲେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଅତ୍ୟନ୍ତ ଜରୁରୀ। ଗୋଟିଏ ଭାଷାକୁ ଠିକ୍ କମ୍ପ୍ୟୁଟରୀକରଣ (ଡିଜିଟାଲାଇଜେଶନ) କରିବା ପାଇଁ ଅନେକ ପ୍ରାରମ୍ଭିକ ବ୍ୟବସ୍ଥା ଦେଇ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ଓଡ଼ିଆ ଭାଷା ଅନେକ ପଛରେ ରହିଯାଇଛି। ୧୯୯୪ରୁ ଏହି କ୍ଷେତ୍ରରେ ଦିଲ୍ଲୀ ସ୍ଥିତ ଏକ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ନିୟମିତ ଭାବରେ ବିଶେଷଜ୍ଞଙ୍କୁ ଏକତ୍ର କରି ଆଲୋଚନା କରିବା ସହିତ ଏହାର ପ୍ରସ୍ତାବମାନ ଓଡ଼ିଆରେ ସରକାରଙ୍କୁ ପ୍ରଦାନ କରିଆସୁଛି। ଏହାର ପ୍ରଭାବ ଆଜି ପର୍ଯ୍ୟନ୍ତ ସାମାନ୍ୟ ଭାବରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଏଥି ପାଇଁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଏକ ମିଳିତ ଓ ସମର୍ପିତ ପ୍ରୟାସ ହେବା ଅତ୍ୟନ୍ତ ଜରୁରୀ। ଏହି ପ୍ରୟାସ ଦ୍ୱାରା କେବଳ ଓଡ଼ିଆରେ ଶାସନ ସହଜ ତଥା ଗ୍ରହଣୀୟ ହେବନାହିଁ ବରଂ ସାଧାରଣ ଜନତାଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଲକ୍ଷ ଲକ୍ଷ ମୋବାଇଲ, ଲାପ୍‌ଟପ୍ ଓ କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହୋଇପାରିବ। ମାତୃଭାଷାର ବ୍ୟବହାର ଯେତେ ଅଧିକ ହେବ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ପ୍ରଗତି ସେତେ ଅଧିକ ପରିଲକ୍ଷିତ ହେବ।

ଶିକ୍ଷାବିତ୍ ଓ ଭାଷା ବିଶେଷଜ୍ଞ
ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

# ମୁକ୍ତିର ସ୍ୱାଦ



ପ୍ର. ଉମେଶ ଚନ୍ଦ୍ର ପାତ୍ର

ମୁକ୍ତି ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ମୁକ୍ତି ହେଉଛି ସତ୍-ଚିତ୍-ଆନନ୍ଦ। ମୁକ୍ତି ହେଉଛି ଅମରତ୍ୱ। ମୁକ୍ତି ହେଉଛି ଜ୍ଞାନ, ଶାନ୍ତି ଓ ଆନନ୍ଦର ସମନ୍ୱୟ। ସଚେତନ ବା ଅଚେତନ ଅବସ୍ଥାରେ କିମ୍ବା ଜ୍ଞାତରେ ବା ଅଜ୍ଞାତରେ ପ୍ରତ୍ୟେକ ବ୍ୟକ୍ତି ଏହି ମୁକ୍ତି ଲାଭ ପାଇଁ ସତତ ପ୍ରଚେଷ୍ଟମାନ। ମୁକ୍ତି ପାଇଁ ଜାତି ଜାତି ମଧ୍ୟରେ ଯୁଦ୍ଧ ଲାଗିଛି। ମଣିଷର ପ୍ରତ୍ୟେକ ପଦକ୍ଷେପ ମୁକ୍ତି ବା ସତ୍-ଚିତ୍-ଆନନ୍ଦ ଆଡ଼କୁ ହିଁ ହୋଇଥାଏ।

ଜଣେ ଭକ୍ତ କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ - ମୁକ୍ତି କାହାକୁ କୁହନ୍ତି ? ମୁକ୍ତି ଆସିଥାଏ କିପରି ? ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୁକ୍ତି କହିଲେ ବୁଝିବାକୁ ହେବ ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସ୍ୱାର୍ଥପର କାମନା କଲୁଷଠାରୁ ମୁକ୍ତି। ଏହି ଦୃଷ୍ଟିକୋଣରୁ ଯିଏ ଯେତେ ପରିମାଣରେ ମୁକ୍ତ, ତାହାର ଜୀବନ ସେତେ ପରିମାଣରେ ଦୀପ୍ତ ଓ ବ୍ୟାପ୍ତ। ଏହା ନ ହୋଇ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜଣକର ଜୀବନ ଯେତେ ଉଜ୍ଜ୍ୱଳ ଦେଖା ଯାଉନା କାହିଁକି ସେହି ଜ୍ୟୋତି ମଧ୍ୟରେ ରହିଥାଏ ଏକ ଅଦୃଶ୍ୟ କାଳିମା। ତେଣୁ ଜୀବର ସତ୍ତାକୁ ତାହା ସନ୍ଦୀପିତ ଓ ସମୁନ୍ନତ କରିପାରେ ନାହିଁ। ଭକ୍ତି ହିଁ ମୁକ୍ତିର ପଥ। ପ୍ରବୃତ୍ତିଗୁଡ଼ିକୁ ସମ୍ୟକ୍ ଭାବରେ ଇଷ୍ଟ ପ୍ରତିଷ୍ଠାପନ୍ନ ବା ଗୁରୁକୈନ୍ଦ୍ରିକକରି ତୋଳିବା ହିଁ ମୁକ୍ତିର ତାତ୍ପର୍ଯ୍ୟ। ଏହି ଅବଦାନ ଯାହାର ଯେପରି ତା'ର ବିବର୍ତ୍ତନ ସ୍ତର ମଧ୍ୟ ସେହିପରି। ମୁକ୍ତି ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ, ବରଂ ସମ୍ପର୍କ ରହିଛି ଜୀବନର ଓ ମୃତ୍ୟୁ ମଧ୍ୟ ଅବଲୁପ୍ତ ହୋଇପାରେ ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ।

ପ୍ରବୃତ୍ତି ରହିଲେ ମଧ୍ୟ ବଞ୍ଚିବା ଓ ବଢ଼ିବା ବିକ୍ଷୁବ୍ଧ ହେଉ ତାହା ଆମେ ଚାହୁଁନା। ରସଗୋଲା ଖାଇବାକୁ ଚାହୁଁ କିନ୍ତୁ ଖାଇ ଅସୁସ୍ଥ ହେବାକୁ ଚାହୁଁନା, ଅସ୍ୱସ୍ତିବୋଧ କରିବାକୁ ଚାହୁଁନା। ଅସ୍ୱସ୍ତିଠାରୁ ମୁକ୍ତି ପାଇବାକୁ ଚାହୁଁ। ରସଗୋଲା ସତ୍ତାଟାକୁ କମ୍ପିତ କରିଦିଏ - ତାହା ଚାହୁଁନା। ସ୍ତ୍ରୀ-ପିଲା, ବ୍ୟବସାୟ-ବାଣିଜ୍ୟ କିଛି ବି ଛାଡ଼ିବାକୁ ହେବ ନାହିଁ। ଏହା ଭିତର ଦେଇ ଧର୍ମ ଉପାର୍ଜନ କରିବାକୁ ହେବ। ଦରକାର ଇଷ୍ଟାନୁରାଗ-ଆତ୍ମ-ନିୟନ୍ତ୍ରଣ। ପ୍ରବୃତ୍ତି ଉପରେ ଆଧିପତ୍ୟ ନ ରହିଲେ ବ୍ୟକ୍ତିତ୍ୱ ବିଚ୍ଛିନ୍ନ ହୋଇଯାଏ। ସେତେବେଳେ ତୁମେ କାମନାର, ତୁମେ ନା କ୍ରୋଧର, ତୁମେ ଲୋଭର, ତୁମେ ମଦର, ତୁମେ ମୋହର, ତୁମେ ମାତ୍ସର୍ଯ୍ୟର ହୋଇଥାଅ। ସଂସାରର ପ୍ରତିଟି କର୍ମରେ ଇଷ୍ଟପୂଜା ଫୁଟି ଉଠିଲା ନାହିଁ, ସେଠି କିନ୍ତୁ ଧର୍ମ ହେଲା ନାହିଁ। ପରିବେଶ ସହ ନିଜର ସତ୍ତା - ସମ୍ବର୍ଦ୍ଧନାକୁ ଧରି ରଖେ ଯାହା ତାକୁ ହିଁ ଧର୍ମ କୁହାଯାଏ। ପୂଜା କରିବା ଭଲ, ଧର୍ମର ଅଭିନୟ କରିବା ବି ଭଲ, କିନ୍ତୁ ଧର୍ମକୁ କର୍ମ ଭିତର ଦେଇ ପରିପାଳନ କରିବାକୁ ହେବ ନଚେତ୍ ତାହା ସାର୍ଥକ ହୋଇଉଠିବ ନାହିଁ। ସେହି



ଭଦ୍ରଲୋକ ପୁନରାୟ କହିଲେ - ଶାସ୍ତ୍ରରେ ଅଛି - 'ହରେର୍ନାମ, ହରେର୍ନାମ ହରେର୍ନାମୈବ କେବଳମ୍।'

ସପରିବେଶ ଆମ୍ଭେମାନେ ଯେତେ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହେବୁ, ଆମ୍ଭମାନଙ୍କ ଭିତରେ ସେତେ ଶାନ୍ତି ବିରାଜ କରିବ, ଆଉ ସପରିବେଶ ଉନ୍ନତି ମଧ୍ୟ ହୁଏ ସେହିପରି। ପନ୍ଥା ହେଲା- ଇଷ୍ଟସ୍ୱାର୍ଥୀ ଭକ୍ତି - ଆପ୍ଲୁତ ସେବା-ସଂହତି। ସବୁ ଜାଗାରେ ହିଁ ରାସ୍ତା ଏହି ଗୋଟିଏ। ଭଦ୍ରଲୋକ ପୁଣି ପ୍ରଶ୍ନ କଲେ - ଦୁନିଆରେ ଅବସ୍ଥା ଦେଖିଲେ ଭଗବାନ୍‌ଙ୍କ ବିରୋଧରେ ବିଦ୍ରୋହ କରିବାକୁ ଇଚ୍ଛା ହୁଏ। ଠାକୁର କହିଲେ - ଭଗବାନଙ୍କ ବିରୋଧରେ ବିଦ୍ରୋହ କଲେ ସେଥିରେ ତାଙ୍କର କୌଣସି କ୍ଷତି ହେବ ନାହିଁ। ଭଗବାନ କୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ କହିଲେ - ଯୋଗଃ କର୍ମସୁ କୌଶଳଂ। ଯୁକ୍ତି ବା ଯୋଗ ଛଡ଼ା ମୁକ୍ତି ମିଳେ ନାହିଁ। ଜୀବନ୍ତ ଇଷ୍ଟଙ୍କ ଠାରେ ଯିଏ ଯେତେ ପରିମାଣରେ ପ୍ରାଣର ଟାଣ ନେଇ ଯୁକ୍ତହୁଏ, ପ୍ରବୃତ୍ତିର ବନ୍ଧନ ତାହାର ସେତେ ପରିମାଣରେ ଖୋଲିଯାଏ, ଦୋଷ ଦୁର୍ବଳତାର ନାଗଫାଶ ଶିଥିଳ ହୋଇଉଠେ କ୍ରମେ କ୍ରମେ। ତେଣୁ ସାଧ୍ୟ ବା ସାଧନୀୟ ଯାହା କିଛି ଅଛି ତାହା ହେଉଛି ଇଷ୍ଟାନୁରାଗ। ଏହାକୁ କୁହାଯାଏ ଭକ୍ତି ଓ ଭକ୍ତି ହେଉଛି ଇତିମୂଳକ। ଭକ୍ତି ଦେଖେ ଯେ ଭଗବାନ୍‌ଙ୍କର ଯାହା କିଛି କରଣୀୟ ସେ ସମସ୍ତ କିଛି ତା'ର ମଧ୍ୟ କରଣୀୟ। ଭଗବାନ୍ ବା ଗୁରୁଙ୍କ ସଙ୍ଗରେ ଯୁକ୍ତହେବାକୁ ଯାଇ ସେ ସମସ୍ତଙ୍କ ସଙ୍ଗରେ ଯୁକ୍ତହୁଏ ଅର୍ଥାତ୍ ପ୍ରତ୍ୟେକଙ୍କର ସତ୍ତା ସମ୍ବର୍ଦ୍ଧନାରେ ସକ୍ରିୟ ଭାବରେ ଆଗ୍ରହାନ୍ୱିତ ହୋଇଉଠେ। ଏଠାରେ ହିଁ ଅଫୁରନ୍ତ ଜୀବନ ରହିଛି। ଆଉ ଏହି ପ୍ରକାର ଜୀବନ ମଧ୍ୟରେ ଅଛି ମୁକ୍ତି

ଜଣେ ବ୍ୟକ୍ତି ପ୍ରଶ୍ନ କଲେ - ତାହା ହେଲେ ଭକ୍ତ ଯିଏ ସେ ତ ସର୍ବଦିଗରୁ ଶକ୍ତିଶାଳୀ ଓ କୃତକାର୍ଯ୍ୟ ହେବାର କଥା। କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ। ଅନେକ ଭକ୍ତ ଦୁଃଖ ଓ ଦୈନ୍ୟ ମଧ୍ୟରେ କାଳାତିପାତ କରନ୍ତି। ଶ୍ରୀ ଠାକୁର କହିଲେ - ଏହାର ଅର୍ଥ ଭକ୍ତିର ଅଭାବ ରହିଛି ସେଠାରେ। ପୁଣି ଅନ୍ୟ ଭାବରେ ଦେଖାଯାଏ - ଭକ୍ତ ଯିଏ ସେ ବହୁ ଲୋକଙ୍କର ସୁଖ-ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଚାଲେ ହସ ହସ ମୁଖରେ। ପୁଣି ବହୁ ଲୋକଙ୍କ ମଙ୍ଗଳ ପାଇଁ ଏହି ଯେଉଁ କଷ୍ଟ ସ୍ୱୀକାର କରେ ସେଥିରୁ ସେ ତୃପ୍ତିଲାଭ କରିଥାଏ। ପ୍ରକୃତ ଭକ୍ତ ଯିଏ ସେ କଷ୍ଟରେ ରହିଲେ ମଧ୍ୟ କେବେହେଲେ ନିରାନନ୍ଦରେ ରହେ ନାହିଁ, ଅନ୍ତର ତା'ର ଭରପୂର ଥାଏ ଇଷ୍ଟାନନ୍ଦରେ ମସ୍‌ଗୁଲ ହୋଇ। ତାହାର ବ୍ୟଥା ଜାଗେ ଯେତେବେଳେ ସେ ଇଷ୍ଟଙ୍କର ଇଚ୍ଛା ପରିପୂରଣ କରିପାରେ ନାହିଁ। ସେଥିପାଇଁ ଶାନ୍ତି ଓ ସନ୍ତୋଷ ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତରରେ ଜଡ଼ିତ ରହେ ଏକ ଶାଶ୍ୱତ ଭାଗବତ ଅତୃପ୍ତି। ଏହି ଅତୃପ୍ତି ହିଁ ସେମାନଙ୍କୁ ଉର୍ଦ୍ଧ୍ୱ ଦିଗରେ ଟାଣିନେଇ ଚାଲେ ଅସୀମ ଅନନ୍ତ ପଥରେ - ଏକାଗ୍ର ଇଷ୍ଟାର୍ଥୀ ଅଭିଗମନରେ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ,
କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଯୌତୁକ ଦେବା ଓ ନେବା ଆଇନ ଅନୁସାରେ ଅପରାଧ। ତଥାପି ଅନେକ ସମୟରେ ବରପକ୍ଷର ଲୋକେ ଯୌତୁକର ଆଶା ରଖି ଗାଡ଼ି, ସୁନା, ଜମି ଇତ୍ୟାଦି ମାଗନ୍ତି। ହେଲେ ଯୌତୁକରେ କିଡ୍‌ନୀ ମାଗିବା କଥା କେବେ ଶୁଣିଛନ୍ତି! ଏମିତି ଏକ ଘଟଣା ଘଟିଛି ବିହାରର ମୁଜାଫରପୁରରେ। ଏହି ଅଞ୍ଚଳରେ ରହୁଥିବୀ ଦୀପ୍ତି ନାମରେ ଜଣେ ମହିଳା ଏବେ ଥାନାରେ ଅଭିଯୋଗ କରିଛନ୍ତି କି ତାଙ୍କୁ ଯୌତୁକରେ ଶାଶୁଘର ଲୋକେ ତାଙ୍କ କିଡ୍‌ନୀ ଦେବାକୁ କହୁଛନ୍ତି। ତାଙ୍କ ବିବାହ ହୋଇଥିଲା ୨୦୨୧ ମସିହାରେ। ବିବାହର ମାତ୍ର କିଛି ମାସ ପରଠାରୁ ତାଙ୍କୁ ଶାଶୁଘର ଲୋକେ ସୁନାଗହଣା, ଟଙ୍କା ଏମିତି ଅନେକ ପ୍ରକାର ଜିନିଷ ମାଗୁଥିଲେ। ତେବେ ସେମାନଙ୍କର କିଛି ଛୋଟ ମୋଟ ଦାବି ପୂରଣ କରିଥିଲେ ବି ଅଧିକ ଯୌତୁକ ଦେବାକୁ ତାଙ୍କ ବାପଘର ଲୋକେ ଅକ୍ଷମ ବୋଲି ସେ ଶାଶୁଘରେ ସମସ୍ତଙ୍କୁ କହିଥିଲେ। ତେବେ ଅଧିକ ଟଙ୍କା, ସୁନା ଆଣି ନ ପାରିବାରୁ ଶାଶୁଘର ଲୋକେ ଦୀପ୍ତିଙ୍କୁ ତାଙ୍କ କିଡ୍‌ନୀ ଦେବା ପାଇଁ କହିଥିଲେ। ତେବେ ଏହାର କାରଣ ହେଉଛି ଦୀପ୍ତିଙ୍କ ସ୍ୱାମୀଙ୍କର କିଡ୍‌ନୀ ଖରାପ ଥିଲା, ଏକଥା ସେ ସେହି ସମୟରେ ଜାଣିବାକୁ ପାଇଥିଲେ। କିଡ୍‌ନୀ ପ୍ରତିରୋପଣ କରିବା ନିମନ୍ତେ ହିଁ ତାଙ୍କ ସହ ବିବାହ କରାଯାଇଥିଲା। ଏସବୁ କଥା ଜାଣିବା ପରେ ସେ ବାପଘରକୁ ଚାଲି ଯାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୭୬

- ପୁରୀ ଜିଲା ଚିଲିକା ଅଞ୍ଚଳରେ ଭାରତର ପ୍ରଥମ ଅଣାନୁଷ୍ଠାନିକ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ।
- ହରିଆଣାର ପୂର୍ବତନ ମନ୍ତ୍ରୀ ତଥା ପଞ୍ଜାବ ପ୍ରଦେଶ କଂଗ୍ରେସର ଉପସଭାପତି ଅବଦୁଲ ଗଫୁର ଖାଁଙ୍କ ପରଲୋକ।
- ଅନ୍ୟାନ୍ୟ ରାଷ୍ଟ୍ରରେ ଶିଳ୍ପ ସ୍ଥାପନ ପାଇଁ ସହଯୋଗିତା କରିବାକୁ ଭାରତ ଓ ପୋଲାଣ୍ଡ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 2 |
| 1 | 8 | | | 6 | | 4 | | |
| | | | | | | 3 | | |
| | | | | | | | | |
| | 2 | 9 | 4 | 1 | | | 7 | |
| | | | | | 9 | | 3 | |
| | | 4 | | | 3 | | | |
| 5 | | | | 2 | 1 | | | |
| 2 | | | 8 | 9 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 7 | 5 | 1 | 2 | 6 | 8 |
| 2 | 5 | 8 | 6 | 9 | 3 | 1 | 4 | 7 |
| 7 | 6 | 1 | 8 | 4 | 2 | 3 | 5 | 9 |
| 9 | 2 | 4 | 3 | 1 | 7 | 6 | 8 | 5 |
| 8 | 7 | 5 | 2 | 6 | 9 | 4 | 3 | 1 |
| 1 | 3 | 6 | 5 | 8 | 4 | 9 | 7 | 2 |
| 3 | 4 | 7 | 1 | 2 | 8 | 5 | 9 | 6 |
| 6 | 8 | 2 | 9 | 3 | 5 | 7 | 1 | 4 |
| 5 | 1 | 9 | 4 | 7 | 6 | 8 | 2 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଲିଙ୍ଗରାଜ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉ

ମହାଶୟ,

ଲିଙ୍ଗରାଜ ପାସେଞ୍ଜର ହଲ୍‌ଟର ଉନ୍ନତୀକରଣ ପାଇଁ ଭୁବନେଶ୍ୱର ଲୋକ ସଭା ସାଂସଦ ଟଙ୍କା ମଞ୍ଜୁର କରି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଦେଶ ଦେଇଥିଲେ। ଏହି କାର୍ଯ୍ୟ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଶେଷ କରିବାକୁ ସେ ବାରମ୍ବାର ରେଳ ବିଭାଗ ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ଷ୍ଟେଶନ ପରିଦର୍ଶନ କରିଆସୁଛନ୍ତି। ସାଂସଦଙ୍କ ଆର୍ଥିକ ସହାୟତା ଓ ତତ୍ପରତା ସତ୍ତ୍ୱେ ଉନ୍ନତୀକରଣ କାର୍ଯ୍ୟ ଧିମେଇ ଚାଲିଛି। ବରିଷ୍ଠ ନାଗରିକ ଓ ଶିଶୁମାନେ ଶିଡ଼ିରେ ଯିବା ଆସିବା କରିବା କଷ୍ଟକର ହେଉଛି। ସେଥିପାଇଁ ଏକ୍ସଲେଟର ନିର୍ମାଣ ପାଇଁ ପ୍ରସ୍ତାବ ଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। କେବଳ ଗର୍ତ୍ତ କରାଯାଇ ଛାଡି ଦିଆଯାଇଛି। ଗୋରୁ ଓ ପିଲାମାନଙ୍କ ପାଇଁ ବିପଜ୍ଜନକ ପରିସ୍ଥିତି ପାଲଟିଛି। ଏ ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସମାପ୍ତ କରାଯାଉ। ବିଳମ୍ବ ହେଲେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବରିଷ୍ଠ ନାଗରିକ ଧାରଣାରେ ବସିବାକୁ ପଛାଇବେ ନାହିଁ।

-ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ, ପୋଖରୀପୁଟ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୧୮ ସୁଦ୍ଧା ଖାଲିଥିବା ପଦବୀର ତଥ୍ୟ ଦିଅ

## ସବୁ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ

### ତ୍ୱରାନ୍ୱିତ ପାଇଁ ୪୧ କ୍ଷେତ୍ରୀୟ ଅଧିକାରୀ ନିଯୁକ୍ତି

ଭୁବନେଶ୍ୱର,୧୬।୬ (ରବିନାରାୟଣ ଜେନା)

ରାଜ୍ୟରେ ଖାଲିଥିବା ପଦ ପୂରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ତୁରନ୍ତ ଖାଲିଥିବା ପଦବୀର ତଥ୍ୟ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ ସୋମବାର ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ଅନୁସଚିବ ଜୟସିଂହ କିଷାନ ସବୁ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଖାଲିଥିବା ପଦ ନେଇ ଇତିମଧ୍ୟରେ ୪ଥର ପତ୍ର ଲେଖାଗଲାଣି। ହେଲେ ସଦ୍ୟତମ ତଥ୍ୟ(ଗ୍ରୁପ୍-ବି) ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହେଉନାହିଁ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୮ତାରିଖ ସୁଦ୍ଧା ବିଭାଗରେ ଖାଲିଥିବା ଗ୍ରୁପ୍-ବି ପଦ ସହିତ କେତେ ପଦକୁ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଅନୁମୋଦନ ମିଳିଛି ଏବଂ କେତେ ପଦ ନିଗମ, ପୌରାଞ୍ଚଳ, ସମିତି ଓ ସ୍ୱୟଂଶାସିତ ପରିଷଦରେ ଖାଲି ରହିଛି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବାକୁ ହେବ।

ଜୟସିଂହ ଉଲ୍ଲେଖ କରିଛନ୍ତି ଯେ, ଏସଂକ୍ରାନ୍ତରେ ଚଳିତବର୍ଷ ଜାନୁଆରୀ ୨୯, ଏପ୍ରିଲ ୧୭ ଏବଂ ୨୫ ଓ ମେ' ୧୪ରେ ବିଭାଗ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଥିଲା। ହେଲେ ବାସ୍ତବିକ ତଥ୍ୟ ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହୋଇପାରିନାହିଁ। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ଯେଉଁ ପଦ ମଞ୍ଜୁର ହୋଇଛି ତା'ର ତଥ୍ୟ ଆପଣଙ୍କ ଜାଣିବା ଲାଗି ଅପ୍‌ଲୋଡ୍ କରାଯାଇଛି। ଏହାବାଦ୍ ସଦ୍ୟତମ ତଥ୍ୟ ଯାହା ଅଛି ୧୮ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବାକୁ ସେ ଦର୍ଶାଇଛନ୍ତି। ବିଭାଗ ପକ୍ଷରୁ ସୋମବାର ସୁଦ୍ଧା ନିଯୁକ୍ତି ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, ବିଭିନ୍ନ ବିଭାଗରେ ୯୭ହଜାର ୩୪୮ ସାଙ୍କସନ ମୂଳ ପଦ ରହିଥିବାବେଳେ ସେଥିରୁ ୨୫ହଜାର ୪୮୪ଟି ଖାଲି ରହିଛି। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ୧୬ହଜାର ୪୫ଟି ପଦକୁ ଅନୁମୋଦନ ମିଳିଥିବାବେଳେ ୯୪୩୯ଟି ଅନୁମୋଦନ ପ୍ରକ୍ରିୟା ଭିତରେ ରହିଛି। ୧୫ହଜାର ୪୩୨ଟି ପଦ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଇଣ୍ଡେଣ୍ଟ ପ୍ରଦାନ କରାଯାଇଥିବାବେଳେ ୬୧୩ଟି ପୂରଣ ହୋଇଛି।

ତେବେ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ୪୧ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ନୋଡାଲ ଅଫିସର(କ୍ଷେତ୍ରୀୟ ଅଧିକାରୀ) ଭାବେ ନିଯୁକ୍ତ କରାଯାଇଛି। ସେଥିମଧ୍ୟରେ କୃଷି ବିଭାଗ ପାଇଁ ଯୁଗ୍ମସଚିବ ଦରିଦ୍ର୍ୟଭଞ୍ଜନ ଏମ୍. ଏମ୍. ପାତ୍ର ରହିଥିବାବେଳେ ବାଣିଜ୍ୟ ଓ ପରିବହନ ବିଭାଗ ପାଇଁ ଅତିରିକ୍ତ ସଚିବ ବିଧାନ ଚନ୍ଦ୍ର ରାୟ, ସମବାୟ ପାଇଁ ଅତିରିକ୍ତ ସଚିବ ମିହିର ପ୍ରସାଦ ମହାନ୍ତି ଓ ଇ ଆଣ୍ଡ ଆଇଟି ବିଭାଗ ପାଇଁ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ରହିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ପାଇଁ ଅତିରିକ୍ତ ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

# କୋଭିଡ୍ ତଥ୍ୟ ପ୍ରଦାନରେ ଚଞ୍ଚକତା: ସୂଚନା ଆୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୬(ରବିନାରାୟଣ ଜେନା)

କୋଭିଡ୍ ତଥ୍ୟ ପ୍ରଦାନରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଚଞ୍ଚକତାକୁ ନେଇ ସୋମବାର ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି, ତଥ୍ୟ ପ୍ରଦାନରେ କେଉଁ ଅଧିକାରୀ ଅବହେଳା କରିଛନ୍ତି ଏବଂ ଏହା ପଛର ଉଦ୍ଦେଶ୍ୟ କ'ଣ ତାହା ଦର୍ଶାଅ। ଯଦି ସମ୍ପୃକ୍ତ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ତଥ୍ୟ ପ୍ରଦାନରେ ଅବହେଳା କରିଥିବେ ତେବେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆୟୋଗଙ୍କୁ ଅବଗତ କରାଅ।

ଆୟୁକ୍ତଙ୍କ ସୂଚନା ଅନୁଯାୟୀ, ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ କୋଭିଡ୍ ପରିଚାଳନାଗତ ସରକାରୀ ନିଷ୍ପତ୍ତି ଏବଂ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ସମ୍ପର୍କରେ ଜାଣିବାପାଇଁ ସ୍ୱାସ୍ଥ୍ୟ ବିଭାଗକୁ ୨୦୨୦ ଅଗଷ୍ଟ ୧୩ରେ ସୂଚନା ଅଧିକାର ବଳରେ କେତେକ ତଥ୍ୟ ଲୋଡ଼ିଥିଲେ। ହେଲେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରାଯାଇ ପାରି ନ ଥିଲା। ଏପରି କି ସୂଚନା ଅଧିକାରୀମାନେ ଏହିଭଳି ତଥ୍ୟ ପୂର୍ବରୁ ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ ହେଁ ତା'ର ପ୍ରମାଣ ଦେଇପାରି ନ ଥିଲେ। ଗତ ୫ବର୍ଷ ମଧ୍ୟରେ କୋଭିଡ୍ ତଥ୍ୟ ନ ମିଳିବାରୁ ଆୟୁକ୍ତ ମହାନ୍ତି ଉକ୍ତ ମାମଲାର ବିଚାର କରି ସ୍ୱାସ୍ଥ୍ୟ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଚାକିରି ସର୍ତ୍ତାବଳୀ ଅନୁଯାୟୀ ଯେଉଁମାନେ ଏଥିପାଇଁ ଦାୟୀ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦର୍ଶାଇଛନ୍ତି।

# ପ୍ରଥମ ଦିନରୁ ମିଳିବ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର,୧୬।୬(ସୁଚିସ୍ମିତା ସାହୁ)

ଦୁଇ ମାସର ଖରାଛୁଟି ପରେ ଆସନ୍ତା ଶୁକ୍ରବାର ୨୦ ତାରିଖରେ ସ୍କୁଲ ଖୋଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ କେତେକ ଗାଇଡ୍‌ଲାଇନ୍ ଜାରି ଯାଇଛି। ଏଥର ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯିବ। ସ୍କୁଲ ଖୋଲିବାର ପ୍ରଥମ ଦିନରୁ ହିଁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ମଧ୍ୟାହ୍ନ ଭୋଜନ ମାନ ଯାଞ୍ଚ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମଧ୍ୟାହ୍ନଭୋଜନର ମାନ ଅଭିଭାବକ ଏବଂ ମାଆମାନେ ମଧ୍ୟ ସ୍କୁଲ ଯାଇ ଯାଞ୍ଚ କରିବେ। ସେମାନଙ୍କ ମତାମତ ଉପରେ ହିଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯିବ। ସେହିପରି ପ୍ରଥମଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅନ୍ୟ ପରିଚାଳନା କର୍ମଚାରୀ ଏବଂ ଶିକ୍ଷକମାନେ ପ୍ରସ୍ତୁତ ହୋଇଥିବା ମଧ୍ୟାହ୍ନଭୋଜନ ଖାଇ ତା'ର ମାନ ପରଖିବେ। ଏହାପରେ ଯାଇ ପିଲାମାନେ ଖାଇବେ। ସେହିପରି ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଆର୍‌ସିସିମାନେ ବିଦ୍ୟାଳୟ ଗସ୍ତ କରି ଖାଦ୍ୟ ମାନ ଯାଞ୍ଚ କରିବାକୁ ମଧ୍ୟାହ୍ନଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

DSPL-124



ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଅନ୍ତର୍ଜାତୀୟ କୁମ୍ଭୀର ଦିବସ ଏବଂ ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ସ୍ୱର୍ଣ୍ଣିମ ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଁ ସମସ୍ତ ବନ୍ୟପ୍ରାଣୀପ୍ରେମୀ, ବନ କର୍ମଚାରୀ, ସଂରକ୍ଷଣବିତ୍, ପରିବେଶବିତ୍, ବୈଜ୍ଞାନିକ ଓ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆପଣମାନେ ଜାଣନ୍ତି, ଆମ ରାଜ୍ୟ ଓଡ଼ିଶା ଭାରତର ଏକମାତ୍ର ରାଜ୍ୟ ଯେଉଁଠାରେ ଭାରତରେ ଦେଖାଯାଉଥିବା ସମସ୍ତ ତିନୋଟି ପ୍ରଜାତି କୁମ୍ଭୀର-ଘଡ଼ିଆଳ, ମଗର ଓ ବଉଳା ଦେଖିବାକୁ ମିଳନ୍ତି । ଆମ ରାଜ୍ୟର ଭିତରକନିକା ବଉଳା କୁମ୍ଭୀର ପାଇଁ, ଶିମିଳିପାଳ ମଗର କୁମ୍ଭୀର ପାଇଁ ଏବଂ ସାତକୋଶିଆ ଗଣ୍ଡ ଘଡ଼ିଆଳ କୁମ୍ଭୀର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ।

ଆମ ନଦୀ, ହେନ୍ତାଳବନ ଓ ହ୍ରଦ ଆଦିର ପରିବେଶ ସନ୍ତୁଳନକୁ ବଜାୟ ରଖିବାରେ ଏହି କୁମ୍ଭୀରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏମାନଙ୍କ ସଂରକ୍ଷଣ କେବଳ ପରିବେଶ ପାଇଁ ନୁହେଁ ବରଂ ଆମର ସାଂସ୍କୃତିକ ଗର୍ବ ଓ ମାନବୀୟ ମୂଲ୍ୟବୋଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ମୁଁ ବନବିଭାଗ, ଗବେଷକ ଓ ସ୍ଥାନୀୟ ଗ୍ରାମବାସୀମାନଙ୍କର କୁମ୍ଭୀର ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଓ ନିଷ୍ଠାବାନ ପ୍ରଚେଷ୍ଟା ପାଇଁ ଭୂୟସୀ ପ୍ରଶଂସା କରୁଛି । ଆସନ୍ତୁ, କୁମ୍ଭୀର ସଂରକ୍ଷଣର ପ୍ରତିବଦ୍ଧତାକୁ ନିରନ୍ତର ବଜାୟ ରଖିବା ପାଇଁ ଆମେ ନିସ୍ୱାର୍ଥପର ଚେଷ୍ଟା ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ସମାରୋହ ପାଳନ ଉପଲକ୍ଷେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା

ଆମ ରାଜ୍ୟ ଓଡ଼ିଶା, ଭାରତରେ ଦେଖାଯାଉଥିବା ସମସ୍ତ କୁମ୍ଭୀର ପ୍ରଜାତି-ବଉଳା, ମଗର ଓ ଘଡ଼ିଆଳର ଏକ ମହତ୍ୱପୂର୍ଣ୍ଣ ଆବାସସ୍ଥଳୀ । ଦୀର୍ଘ ୫୦ ବର୍ଷ ଧରି ଆମ ରାଜ୍ୟ କୁମ୍ଭୀରମାନଙ୍କ ସଂରକ୍ଷଣ ପାଇଁ ଏକ ଉତ୍କୃଷ୍ଟ ମାର୍ଗଦର୍ଶକ ରୂପେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ।

ଏକ ସୁସ୍ଥ ଆର୍ଦ୍ରଭୂମି ପାଇଁ କୁମ୍ଭୀରମାନଙ୍କର ବିଶେଷ ଭୂମିକା ରହିଛି । ଖାଦ୍ୟଶୃଙ୍ଖଳର ଅଭିନ୍ନ ଅଙ୍ଗ ଭବେ ପରିଗଣିତ କୁମ୍ଭୀର, ନଦୀ, ହ୍ରଦ ଓ ଅନ୍ୟ ଜଳାଶୟଗୁଡ଼ିକରୁ ମୃତ ଜୀବମାନଙ୍କୁ ଅପସାରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ପ୍ରାକୃତିକ ଜୈବ ବିବିଧତାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ପରିବେଶ ପର୍ଯ୍ୟଟନ ରୂପେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପାୟରେ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ ।

ଆଜିର ଏହି ବିଶ୍ୱ କୁମ୍ଭୀର ଦିବସ ତଥା ଓଡ଼ିଶାରେ କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ମୁଁ ବନବିଭାଗର ସମସ୍ତ କର୍ମଚାରୀ, ବନ୍ୟପ୍ରାଣୀପ୍ରେମୀ, ସଂରକ୍ଷଣବିତ୍, ବୈଜ୍ଞାନିକ ଓ ସର୍ବସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆମ ରାଜ୍ୟର କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟପ୍ରାଣୀମାନଙ୍କର ବାସସ୍ଥଳୀଗୁଡ଼ିକର ସୁରକ୍ଷା, ସଂରକ୍ଷଣ ନିମନ୍ତେ ମୁଁ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

(ଗଣେଶ ରାମ ସିଂ ଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

OIPR-08141/13/0009/2526




ସରକାରୀ ପ୍ରତିଭୂତିରେ ନିବେଶ କରିବା ଏବେ ହେଲା ଆହୁରି ସହଜ...

ଆରବିଆଇ ରିଟେଲ ଡାଇରେକ୍ଟ ମୋବାଇଲ୍ ଆପ୍ ବ୍ୟବହାର କରିବା ଆରମ୍ଭ କରନ୍ତୁ
କେବେ ବି, କେଉଁଠି ବି
ଏଠାରେ ନିବେଶ କରନ୍ତୁ:

ସରକାରୀ ପ୍ରତିଭୂତି ଯାହାର ଅନ୍ତର୍ଗତ
- ଟ୍ରେଜେରି ବିଲ୍
- ସୋଭେରିନ ଗୋଲ୍ଡ ବଣ୍ଡ
- ଫ୍ଲୋଟିଙ୍ଗ ରେଟ୍ ସେଭିଙ୍ଗସ ବଣ୍ଡ 2020

ଆରବିଆଇ ରିଟେଲ ଡାଇରେକ୍ଟ ମୋବାଇଲ୍ ଆପ୍ ଡାଉନଲୋଡ କରିବା ପାଇଁ ସ୍କାନ୍ କରନ୍ତୁ

ରସିକା ରାଜେ
ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳୀ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ

ଆରବିଆଇ ରିଟେଲ ଡାଇରେକ୍ଟ ମୋବାଇଲ୍ ଆପ୍‌ର ଲାଭ:
- ସରକାରୀ ସିକ୍ୟୁରିଟି ମାର୍କେଟକୁ ଆକ୍ସେସ୍ କରିବା ଅତି ସହଜ
- ତୁରନ୍ତ ଲଗ୍‌ଇନ, ସରଳ ୟୁଜର ଇଣ୍ଟରଫେସ୍ ଏବଂ ସହଜ ନେଭିଗେସନ୍
- ବିବିଧ ପେମେଣ୍ଟ ବିକଳ୍ପ – ନେଟ ବ୍ୟାଙ୍କିଙ୍ଗ, UPI ଏବଂ NACH
- ମାଚ୍ୟୁରିଟି ଉପରେ ସୁନିଶ୍ଚିତ ରିଟର୍ଣ୍ଣ, ଶୂନ୍ୟ ବ୍ରୋକରେଜ୍ ଏବଂ କୌଣସି ଲୁକ୍କାୟିତ ଶୁଳ୍କ ନାହିଁ

ଅଧିକ ସୂଚନା ପାଇଁ, ଭିଜିଟ୍ କରନ୍ତୁ: https://rbiretaildirect.org.in
ଆମକୁ ଏଠାରେ ଲେଖନ୍ତୁ: support@rbiretaildirect.org.in




ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

Centurion UNIVERSITY
Shaping Lives... Empowering Communities...

A+ NAAC



WHERE AMBITIONS TAKE FLIGHT AND CAREERS TAKE OFF

No.1 Skill University in India
Top Universities Rankings 2024' by Outlook ICARE

OUR SCHOOLS

• School Engineering and Technology • M.S. Swaminathan School of Agriculture • School of Agricultural & Bio-Engineering • School of Vocational Education & Training • School of Fisheries School of Management • School of Applied Sciences • School of Law • School of Paramedics & Allied Health Science • School of Media & Communication • School of Pharmacy and Life Sciences • School of Forensic Sciences • School of Maritime Studies • School of Veterinary and Animal Sciences • School of Nursing • School of Bio-Technology

25,000+ students | 90+ courses | 7 Campuses | 30+ On Campus Mfg. Units
60+ Industry Partners | 60+ Industry Spon. Labs | 220+ Patents

MEET US AT OFFICE COUNSELLING ON:
5th June - 12th June at Bhubaneswar Campus
5th June - 12th June at Paralakhemundi Campus

Scan the code to know more

82600 77222 | 77356 27796
www.cutm.ac.in | www.cutmap.ac.in

Odisha Campuses: Paralakhemundi | Bhubaneswar Chatrapur | Bolangir | Rayagada | Balasore
AP Campus: Vizianagaram

# ଓଡ଼ିଆ ଫିଲ୍ମ ଦେଖିବାକୁ ହଲ୍‌ରେ ଭିଡ଼


ଚଳଚ୍ଚିତ୍ର 'ଅନନ୍ତା'ର ପ୍ରମୋଶନ ଅବସରରେ ସବ୍ୟସାଚୀଙ୍କ ସହ ତାଙ୍କ ଟିମ୍।


ଉତ୍କଳ ଗ୍ୟାଲେରିଆରେ ନିଜ ଫିଲ୍ମ 'ବୋଉ ବୁଟୁ ଭୂତ'ର ପ୍ରମୋଶନ ଅବସରରେ ଦର୍ଶକଙ୍କ ଗହଣରେ ବାବୁସାନ।

## 'ବୋଉ ବୁଟୁ ଭୂତ', 'ଅନନ୍ତା' ମଧ୍ୟରେ ଟକ୍କର

ଭୁବନେଶ୍ୱର,୧୬।୬(ସୁଚିସ୍ମିତା ସାହୁ)

ରଜରେ ଫିଲ୍ମ ହଲରେ ଖଚାଖଚ ଭିଡ ଦେଖିବାକୁ ମିଳିଥିଲା। ବିଶେଷକରି ଓଡିଆ ଫିଲ୍ମ ଦେଖିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଥିଲା। ନୂଆ କାହାଣୀ ଓ ନୂଆ ଢାଞ୍ଚାକୁ ନେଇ ତିଆରି ହୋଇଥିବା ଫିଲ୍ମଗୁଡିକ ବେଶ ଲୋକପ୍ରିୟ ହେବାରେ ଲାଗିଛି। ସୁପରଷ୍ଟାର୍ ବାବୁସାନ୍‌ଙ୍କ ନୂଆ ଫିଲ୍ମ 'ବୋଉ ବୁଟୁ ଭୂତ' ଏବଂ ସବ୍ୟସାଚୀଙ୍କ 'ଅନନ୍ତା' ଏଥର ରଜ ବଜାରରେ ଟକ୍କର ଦେଉଥିବାବେଳେ ଉଭୟ ଭଲ ବ୍ୟବସାୟ କରିଥିବା ଜଣାପଡିଛି। ନିଜ ଫିଲ୍ମର ପ୍ରମୋଶନ ପାଇଁ ବାବୁସାନ୍ ଉତ୍କଳ ଗ୍ୟାଲେରିଆ ଯାଇଥିବାବେଳେ ଦର୍ଶକମାନେ ଘେରିଯାଇଥିଲେ। ବାବୁସାନ୍ ହାତ ହଲାଇ ସେମାନଙ୍କ ମନରେ ଉତ୍ସାହ ଭରିଥିଲେ। ନିର୍ଦ୍ଦେଶକ ଜଗଦୀଶ ମିଶ୍ର, ପ୍ରଯୋଜିକା ତୃପ୍ତି ଶତପଥୀ, ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ଅଭିନେତ୍ରୀ ଅନିଶା, କୁକିଜ, ଅଭିନେତା କେକେ, ଉଦିତ ଗୁରୁ, କାହାଣୀକାର ଏମ୍. ଇମ୍ରାନ, କାର୍ଯ୍ୟକାରୀ ପ୍ରଯୋଜକ ସମ୍ମିତ ଜେନା ପ୍ରମୁଖ ହଲ୍‌କୁ ଯାଇ ପ୍ରମୋଶନରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ହଠାତ୍ ବାବୁସାନ ଓ ଅନ୍ୟମାନେ ହଲ୍‌ରେ ପହଞ୍ଚିବା ପରେ କଷ୍ଟମ ପ୍ରିଣ୍ଟ ବେଲୁନ ଉପରୁ ତଳକୁ ଖସାଯାଇଥିଲା, ଯାହାକୁ ଦେଖି ଦର୍ଶକ ଅଭିଭୂତ ହୋଇଥିଲେ। ତେବେ 'ବୋଉ ବୁଟୁ ଭୂତ' ଚଳଚ୍ଚିତ୍ର ୪ଦିନରେ ୨କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଥିବାବେଳେ ସବୁ ହଲରେ ଶୋ'ଗୁଡିକ ହାଉସଫୁଲ ରହିଥିଲା। ସେହିପରି ସବ୍ୟସାଚୀଙ୍କ 'ଅନନ୍ତା' ଫିଲ୍ମ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପକୁ ନେଇ ଚିତ୍ରଣ କରାଯାଇଛି। ଏହି ଗଳ୍ପ ପଢ଼ିବାକୁ ଯେତିକି ଭଲ ଲାଗେ, ଦେଖିବାକୁ ମଧ୍ୟ ଆହୁରି ଅଧିକ ଭଲ ଲାଗିବ। ଲୋକଙ୍କ ପାଖରେ ଗଳ୍ପଟିକୁ ପହଞ୍ଚାଇବା ପାଇଁ ଏକ ନିଆରା ଫିଲ୍ମ କରାଯାଇଛି। ଏହି ଫିଲ୍ମରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟ ବେଶ ଲୋକଙ୍କ ମନ ଜିଣିପାରିଛି। ଚଳଚ୍ଚିତ୍ର 'ଅନନ୍ତା'ର ନିର୍ଦ୍ଦେଶନା ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ ପୁଅ କୁମାର ସି ଦେବ ଦେଇଛନ୍ତି। ସେହିପରି ନବୀନ ଭଣ୍ଡାରୀ, ସୁରଜ ମହନୋତ ଏବଂ ଅର୍ଚ୍ଚିତା ସାହୁ ପ୍ରଯୋଜନା କରିଛନ୍ତି । ଅନନ୍ତା ଭୂମିକାରେ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, କୁନା ତ୍ରିପାଠୀ, ତାପସ ସରଘରିଆ, ଜ୍ୟୋତିର୍ମୟୀ ପଣ୍ଡାଙ୍କ ସମେତ ବହୁ କଳାକାର ଅଭିନୟ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟ

## ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୧୬।୬(ସୁନିତ୍ ମିଶ୍ର)

ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ନେଇ ସେମାନଙ୍କ ବହୁମୂଲ୍ୟ ପରାମର୍ଶ ଲୋଡ଼ିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ (https://sfc.odisha.gov.in) ଉନ୍ମୋଚନ କରିଛନ୍ତି। ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଙ୍ଗଠନ, ସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି। ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି। ଏହି ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ବିଭୁ ପ୍ରସାଦ ନାୟକ, କମିଶନ ସଦସ୍ୟ ସଚିବ ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ, ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି। ଯାହା ୧ ଏପ୍ରିଲ, ୨୦୨୬ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିସ କରିବେ।


ମୁଖ୍ୟମନ୍ତ୍ରୀଙ୍କ ସହ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନେ ଆଲୋଚନା କରୁଛନ୍ତି।

## ଶିକ୍ଷାବିତ୍ ଗୋବର୍ଦ୍ଧନ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୧୬।୬(ବନ୍ଦନା ସେଠୀ) – ପୁରୀ ଜିଲା ପିପିଲି ଜବାହର ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ଗୋବର୍ଦ୍ଧନ ନାୟକଙ୍କ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ଜଣେ ଛାତ୍ରବତ୍ସଳ, ଗଣିତ-ବିଜ୍ଞାନ ଶିକ୍ଷକ ଏବଂ ଉଚ୍ଚକୋଟୀର ବିଦ୍ୟାଳୟ ପରିଚାଳକ ଭାବେ ସୁପରିଚିତ ଥିଲେ। ସେ ହାଟସାହି



ହାଇସ୍କୁଲ ପିପିଲିର ପ୍ରଧାନଶିକ୍ଷକ ମଧ୍ୟ ଥିଲେ। ଅବସର ପରେ ଭୁବନେଶ୍ୱର ବଡ଼ଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଭାବେ କାର୍ଯ୍ୟକରି ସ୍କୁଲର ପରିଚାଳନା ଓ ଶିକ୍ଷାଦାନ କାର୍ଯ୍ୟ ସହ ସମ୍ପୃକ୍ତ ଥିଲେ। ତାଙ୍କ ଉଦ୍ୟମରେ ବିଦ୍ୟାଳୟଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ହୋଇଥିଲା। ଜୀବନର ଅନ୍ତିମ ପର୍ଯ୍ୟାୟରେ କନିଷ୍ଠ ପୁତ୍ର ଯଶପ୍ରିୟଙ୍କ ପାଖରେ ଅବସ୍ଥାନ କରୁଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ସହଧର୍ମିଣୀ ମନୋରମା, ତିନି କନ୍ୟା ଜିତାରାଣୀ, ଯୋଷାମଣୀ, ଜୟବାଣୀ ଏବଂ କନିଷ୍ଠ ପୁତ୍ର ଉପସ୍ଥିତ ଥିଲେ। ରାଜ୍ୟ ବାହାରେ ରହୁଥିବା ବଡପୁଅ ଜନପ୍ରିୟ ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ନାୟକଙ୍କ ପରଲୋକରେ ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ କାର୍ଯ୍ୟକ୍ରମରେ ସୋମବାର ପରିବେଷିତ ନାଟକ 'ରମାଦେବୀ'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

## ବିକାଶ ବାହନ ପରିକ୍ରମା, ସଚେତନତା ସଭା

ତ୍ରିଶୂଳିଆ,୧୬।୬(ତୁଷାରକାନ୍ତ ବେହେରା)

ଭାଜପା ସରକାରଙ୍କ ଶାସନର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଦାଢାପାଟଣା ଗ୍ରାମରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିଶିପଦ୍ମା କାଣ୍ଡିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରି ତୃଣମୂଳସ୍ତରରେ ଥିବା ହିତାଧିକାରୀ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ, ବ୍ଲକ ସହକାରୀ ଯନ୍ତ୍ରୀ ସୁଚିସ୍ମିତା ସତପଥୀ, ଅଙ୍ଗନୱାଡି ସୁପରଭାଇଜର ରଞ୍ଜୁବାଳା ବେହେରା, ନାଏବ ସରପଞ୍ଚ ରଞ୍ଜିତ ଦାସ, ବିଏଲ୍‌ସିର ନିଖିତ ପରମିନ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ୧୧ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି। ତା' ସହ ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଜାଗାରେ ମା' ପାଇଁ ଗଛ ଟିଏ ଉଦ୍ଦେଶ୍ୟରେ ଗଛ ବଣ୍ଟାଯାଇଛି। ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଆୟୁଷମାନ କାର୍ଡ, କୃଷକ ପଞ୍ଜୀକରଣ ଓ ମହିଳା ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବକୁ ଦାଢା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ଘଡେଇ, ନାଏବ ସରପଞ୍ଚ ରଞ୍ଜିତ ଦାସ, ଯୋଗାଣ ସହାୟିକା ସ୍ୱାଗତିକା ପରିଡା, ୱାର୍ଡ ସଭ୍ୟ ଛବିନା ଭୋଇ, ରମେଶ କାଣ୍ଡି, ପିଅନ ଗୈନ ଭଞ୍ଜଙ୍କ ସମେତ ଅଙ୍ଗନୱାଡି କର୍ମୀ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରଦର୍ଶିତ ହେଲା 'ମଲ୍ଲାଜହ୍ନ', 'ରମାଦେବୀ'

ଭୁବନେଶ୍ୱର, ୧୬।୬ (ସୌମ୍ୟରଞ୍ଜନ ରାଉତ)- ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ କରାଯାଉଛି। ସଙ୍ଗୀତ ନାଟକ ଓ ଚଳଚ୍ଚିତ୍ରକୁ ଉପଭୋଗ କରିବା ସହିତ ଚିର ସବୁଜ ସଙ୍ଗୀତ ଦର୍ଶକଙ୍କୁ ମତୁଆଲା କରୁଛି। ଏହି ଅବସରରେ ସୂଚନା ଭାବନଠାରେ ଓଡ଼ିଆ କ୍ଲାସିକ୍ ଚଳଚ୍ଚିତ୍ର 'ମଲ୍ଲାଜହ୍ନ' ପ୍ରଦର୍ଶିତ ହୋଇଛି। ଏହାକୁ ଉପେନ୍ଦ୍ର କିଶୋର ଦାସ ପ୍ରଯୋଜନା କରିଥିବାବେଳେ ନିତାଇ ପାଲିତ୍ ନିର୍ଦ୍ଦେଶନା ଦେଇଥିଲେ। ଅକ୍ଷୟ ମହାନ୍ତି ସଙ୍ଗୀତ ଦେଇଥିଲେ। ସେହିପରି ରବୀନ୍ଦ୍ର ମଣ୍ଡପଠାରେ ବରପୁତ୍ରୀ ରମାଦେବୀଙ୍କ ଜୀବନ ଆଧାରିତ ନାଟକ 'ରମାଦେବୀ' ମଞ୍ଚସ୍ଥ ହୋଇଛି। ଏଥିସହ ଭଞ୍ଜକଳା ମଣ୍ଡପରେ ଲୋକ ସଙ୍ଗୀତ ସନ୍ଧ୍ୟା ଓ ବାଦ୍ୟ ବିଚିତ୍ରାକୁ ନେଇ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖାଦ୍ୟ ଯାଞ୍ଚ କଲା ପ୍ରଶାସନ

ବାଲିପାଟଣା,୧୬।୬(ଅଭିମନ୍ୟୁ ନାୟକ): ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଖାଦ୍ୟର ଗୁଣବତ୍ତା ନେଇ ଯାଞ୍ଚ କରାଯାଇଛି। ବିଡିଓ ଦାୟିତ୍ୱରେ ଥିବା ତହସିଲଦାର କଳ୍ପନା ଦାଶ, ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା ପ୍ରମୁଖ ବନମାଳୀପୁର ବଜାର, ଧାନହରା ବଜାର, ବାଲିପାଟଣା ଛକ ଓ ବାଲିପାଟଣା ହାଟର ଦଶରୁ ଉର୍ଦ୍ଧ୍ୱ ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ କରିଥିଲେ। ଯେଉଁ ଦୋକାନରେ ଗୁଣବତ୍ତା ନ ଥିବା ଅନୁଭବ କରିଥିଲେ, ସେହି ଖାଦ୍ୟକୁ ବାହାରେ ପୋତି ଦିଆଯାଇଥିଲା। ଆଗାମୀ ଦିନରେ ମଧ୍ୟ ଯାଞ୍ଚ ଜାରି ରହିବ। ଯେଉଁ ଦୋକାନୀଙ୍କ ପାଖରେ ଅଖାଦ୍ୟ ଥିବା ଅନୁଭବ କରାଯିବ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କଳ୍ପନା ଦାସ କହିଛନ୍ତି।

## ୩ ଜିଲାରେ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)

ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନଠାରୁ ବାୟୁମଣ୍ଡଳର ୩.୧ କିମିରୁ ୭.୬ କିମି ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ସମେତ ବିଦର୍ଭ ଓ ଛତିଶଗଡ଼ର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବାକୁ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲାରେ ବର୍ଷା ଜାରି ରହିଛି। ସୋମବାର ଚାନ୍ଦବାଲିରେ ସର୍ବାଧିକ ୪୭.୪ ମିମି ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୫.୮ ମିମି, ଝାରସୁଗୁଡ଼ା ୨୮.୬ ମିମି, ଭଦ୍ରକ ୧୯.୧ ମିମି, କେନ୍ଦୁଝର ୧୫.୬ ମିମି, ବରଗଡ଼ ୧୩.୭ ମିମି, ଯାଜପୁର ୮.୫ ମିମି, ବାଲେଶ୍ୱର ୮.୨ ମିମି ଏବଂ ଦାରିଙ୍ଗିବାଡିରେ ୨.୦ ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର କଳାହାଣ୍ଡି, କଟକ ଓ ଜଗତସିଂହପୁର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ବିଜୁଳି, ଘଡ଼ଘଡ଼ି ସହ ଘଣ୍ଟାପ୍ରତି୩୦ରୁ୪୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏସବୁ ଜିଲାକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ୧୭ ଜିଲାକୁ ୟେଲୋ ୱାର୍ନିଂ ରହିଛି। ଏହି ସବୁ ଜିଲା ମଧ୍ୟରେ କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ରହିଛି। ରାଜ୍ୟର ପ୍ରାୟ ୨୭ ଜିଲାକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ରହିଛି।

## ସଂସ୍କାର ପାଳିଲା ଶେଷ ରଜ

### ନୂଆ ପୁରୁଣା ସଙ୍ଗୀତରେ ଝୁମିଲେ ଦର୍ଶକ


ମ୍ୟୁଜିକାଲ୍ ନାଇଟ୍‌ରେ ମହାପ୍ରସାଦ କର ସଙ୍ଗୀତ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୧୬।୬(ସୌମ୍ୟରଞ୍ଜନ ରାଉତ)

ସଂସ୍କାର ପକ୍ଷରୁ ରଜ ମହୋତ୍ସବର ଶେଷ ଦିବସ ସୋମବାର ଉତ୍କଳ ମଣ୍ଡପଠାରେ ମ୍ୟୁଜିକାଲ୍ ନାଇଟ୍ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ନେତା ଗୋଲକ ମହାପାତ୍ର, ତପନ ଚାନ୍ଦ, ପଙ୍କଜ ଲୋଚନ ମହାନ୍ତି, ପ୍ରୀତିନନ୍ଦା ରାୟ, ମହାପ୍ରସାଦ କର ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମୁମ୍ବାଇର କଣ୍ଠଶିଳ୍ପୀ ଅନୁରାଧା ଘୋଷ ଏବଂ ଓଡ଼ିଆ କଣ୍ଠଶିଳ୍ପୀ ରଶ୍ମିତା ଦାସଙ୍କୁ 'ସଂସ୍କାର' ଆୱାର୍ଡ ପ୍ରଦାନ କରିଥିଲେ। ପରେ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଲିଉଡ୍ ଓ ଓଲିଉଡ୍‌ର ନୂଆ ପୁରୁଣା ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ। ମହାପ୍ରସାଦ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଚ, ଗୀତ, ଖେଳରେ ସରିଲା ରଜ

ଭୁବନେଶ୍ୱର, ୧୬।୬
(ସୌମ୍ୟରଞ୍ଜନ ରାଉତ)

ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ତୋଷାଳୀ ପ୍ଲାଜା ସମ୍ମୁଖରେ ୩ ଦିନଧରି ଚାଲିଥିବା ରଜ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପହିଲି ରଜରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ପ୍ରକାର ନାଚ, ଗୀତ, ମ୍ୟୁଜିକ ଚେୟାର, ବେଲୁନ ଫୁଟା,ଛୁଞ୍ଚି ସୂତା, ଦୌଡ଼କୁଦ, କୁଇଜ ପ୍ରତିଯୋଗିତା, ଶଙ୍ଖଫୁଙ୍କା, ବକ୍ତୃତା ପ୍ରତିଯୋଗିତା ଏବଂ ମାଆମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପାରମ୍ପରିକ ପିଠା ପଣା ପ୍ରଦର୍ଶନୀ ହୋଇଥିଲା। ଉତ୍ସାହର ସହ ଆଖପାଖ ଅଞ୍ଚଳରୁ ଅନେକ ଜନସାଧାରଣ ଏହି ଉତ୍ସବରେ ଭାଗ ନେଇ ରଜକୁ ଉପଭୋଗ କରିଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସ୍ଥାନୀୟ କର୍ପୋରେଟର ଅମରେଶ ଜେନା, ସାମାଜିକ କର୍ମୀ ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ପ୍ରଭାତ ମାର୍ଥା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମସ୍ତେ ମିଶି ରଜ ପିଠା ଖାଇବା ସହ ରଜ ଗୀତର ତାଳେ ତାଳେ ନାଚ କରି ରଜ ପର୍ବକୁ ବିଦାୟ ଜଣାଇଥିଲେ। ସତ୍ୟନଗରର ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ, ସୁନୀତା ରାଉତ, ବିଦ୍ୟୁଲତା ପୃଷ୍ଟି, ବୁଦ୍ଧି ବାମନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର



ସତ୍ୟନଗର ପିପୁଲ୍ସ ଫୋରମ୍ ପକ୍ଷରୁ ରଜ ମହୋତ୍ସବର ଉଦ୍‌ଯାପନ ଅବସରରେ ଭାଜପା ନେତା ଜଗନ୍ନାଥ ପ୍ରଧାନ, କର୍ପୋରେଟର ଅମରେଶ ଜେନା ପ୍ରମୁଖ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ଦିବ୍ୟଦିଗନ୍ତ ପକ୍ଷରୁ ୟୁନିଟ୍-୩ସ୍ଥିତ ରାଜଧାନୀ କଳା ସଂସଦରେ ସୋମବାର ଅନୁଷ୍ଠିତ ରଜ ମହୋତ୍ସବରେ ମହିଳାଙ୍କ ପିଠା ପ୍ରତିଯୋଗିତାକୁ ବିଚାରକମଣ୍ଡଳୀ ବୁଲି ଦେଖୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

**ଚୋରାମଦ କାରବାର ନେଇ ମହିଳା ଗୋଷ୍ଠୀ ଥାନାର ଦ୍ୱାରସ୍ଥ**

କଣ୍ଟାପଡା, (ସୁରନାରାୟଣ ସାହୁ): କଣ୍ଟାପଡ଼ା ଗ୍ରାମରେ ଚୋରାମଦ କାରବାର ସାଙ୍ଗକୁ ମଦପିଇ ପରିବାରରେ ଗଣ୍ଡଗୋଳ କରୁଥିବା ନେଇ କଣ୍ଟାପଡା ଗ୍ରାମର ମହିଳାମାନେ କାର୍ଯ୍ୟାନୁଷ୍ଠାନ ଦାବି କରି ଓଲଟପୁର ଥାନାର ସୋମବାର ଦ୍ୱାରସ୍ଥ ହୋଇଛନ୍ତି। ଗାଁ ପାଖରେ ଚୋରାମଦ ମିଳୁଥିବାରୁ ଛୋଟଛୋଟ ପିଲା ମଦପିଇ ଘରେ ଗଣ୍ଡଗୋଳ କରୁଥିବା ନେଇ ଅଭିଯୋଗ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗର ଜଣାପଡିଛି କଣ୍ଟାପଡା ଗ୍ରାମର ୨/୩ଜଣ ବ୍ୟକ୍ତି ଚୋରାମଦ ଆଣି ଗ୍ରାମରେ ବିକ୍ରିକରୁଥିବା ବେଳେ ବାହରୁ କେତେକ ବ୍ୟକ୍ତି ଆସି ବିଭିନ୍ନ ନିଶାଦ୍ରବ୍ୟ ବିକ୍ରି କରୁଛନ୍ତି। ପିଲାମାନେ ନିଶାଖାଇ ଘରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ।



# ପିଠାଖିଆ, ଦୋଳି ପ୍ରତିଯୋଗିତାରେ ସରିଲା ରଜ

କଟକ,୧୬।୬ (ଶିଳ୍ପା ପ୍ରିୟଦର୍ଶିନୀ)

ଶେଷ ରଜକୁ ବେଶ ଧୁମ୍‌ଧାମରେ ସୋମବାର ପାଳନ କରିଛନ୍ତି ଲୋକେ। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ପିଠା, ପାନ ଓ ଦୋଳି ଖେଳି ଧୁମ ମଜା ଉଠାଇଛନ୍ତି ଯୁବତୀମାନେ। ରଜ ଅବସରରେ ଓଡ଼ିଶା ଛାତ୍ର ସମାଜ ପକ୍ଷରୁ ଟାଉନ ହଲଠାରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରଜ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଉପସ୍ଥିତ ଥିବା ବ୍ୟକ୍ତି ପିଠା, ପାନ ଖାଇ ଦୋଳି ଖେଳି ମହୋତ୍ସବର ମଜା ଉଠାଇଛନ୍ତି। ସେହିପରି କଟକ କ୍ଲବଠାରେ ରଜ ମହୋତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ ସୁଜାତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ପରେଭଏସ୍ ଅଫ ବାରବାଟୀର ପ୍ରତିଯୋଗୀମାନେ ସଂଗୀତ ପରିବେଷଣ କରିଥିଲେ। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଦୋଳି ଓ ପିଠାର ଆସର ଜମିଥିଲା। କାର୍ଯ୍ୟକ୍ରମ କ୍ଲବର ସଭାପତି ଡ. ଶ୍ରୀଜୟ ପଟ୍ଟନାୟକ ଓ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ସଞ୍ଚାଳନ କରିଥିବାବେଳେ ନିର୍ଦ୍ଦେଶକ ବସନ୍ତ ସାହୁ ଓ ଓରମାସର ବରିଷ୍ଠ ଅଧିକାରୀ ବିପିନ ବିହାରୀ ରାଉତ ପରିଚାଳନା କରିଥିଲେ। ବଳଭଦ୍ରପୁରଠାରେ ବଳଭଦ୍ରପୁର ବାସିନ୍ଦାଙ୍କ ପକ୍ଷରୁ ରଜ ମହୋତ୍ସବ ତିନିଦିନ ଧରି ପାଳନ ହୋଇଯାଇଛି। ମହୋତ୍ସବରେ ଛୋଟଙ୍କଠାରୁ ଆରମ୍ଭ କରି ବଡ଼ ସମସ୍ତ ଯୁବତୀ, ମହିଳା ବିଭିନ୍ନ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟପଟେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପାନ୍ଥନିବାସ ଓ ସିଲଭରସିଟି ବୋଟ କ୍ଲବଠାରେ ରଜ ଅବସରରେ ପିଠାର ଆସର ଖୁବ୍ ଭଲ ହୋଇଛି। ସେହିପରି ଖାନନଗରସ୍ଥିତ କାଳୀଭବନରେ ଲେଖକ ସହଯୋଗ ସମିତି ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ବାର୍ଷିକ ଓ ରଜ ମହୋତ୍ସବ ପାଳନ କରାଯାଇଥିବା ସମିତି ସଭାପତି ଡା. ରବି ରଞ୍ଜନ ସାହୁ ସୂଚନା ଦେଇଛନ୍ତି।




କଟକ ଟାଉନ ହଲ୍‌ଠାରେ ଶେଷ ରଜ ଅବସରରେ ସୋମବାର ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଝିଅମାନେ ଦୋଳି ଖେଳୁଛନ୍ତି ଓ ଦୁଇ ଯୁବତୀ ପରସ୍ପରଙ୍କୁ ରଜପାନ ଖୁଆଉଛନ୍ତି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କଟକ,୧୬।୬ (କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୫୧ଟି ବ୍ୟକ୍ତିଗତ ଓ ୩ଟି ସାମୁହିକ ଅଭିଯୋଗ ଥିଲା। ଶିବିରରେ ୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଜିଲା ନିୟୋଜନ ଅଧିକାରୀ, ଜିଲା ଜନମଙ୍ଗଳ ଅଧିକାରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ।

## ଜୟ ମା' କାଳୀ କ୍ଲବ ବିଜେତା

### ମୟୂର ଯୁବ ସଙ୍ଗଠନ ପକ୍ଷରୁ କ୍ରିକେଟ

କଟକ,୧୬।୬ (କାର୍ତ୍ତିକ ସାହୁ)

ହରିପୁର ଦୋଳମୁଣ୍ଡାଇସ୍ଥିତ ମୟୂର ଯୁବ ସଙ୍ଗଠନ ପକ୍ଷରୁ ପୂର୍ବତନ ଅଧିକାରୀ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ହାତୀ ଓ ସ୍ୱର୍ଗତ ରାମ ଚନ୍ଦ୍ର ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଜୟ ମା' କାଳୀ କ୍ଲବ ବିଜେତା ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଅନ୍ୟପକ୍ଷରେ ମା' ବିମଳା ଫାଇଟର କ୍ଲବ ଉପବିଜେତା ହୋଇଛି। ବିଜେତା ଟିମର ବିକାଶ ଦାସ, କ୍ୟାପଟେନ ରିଙ୍କୁ ହାତୀ ଓ ଉପବିଜେତା ଟିମ୍‌ର ରିତେଶ ମୂଳିଆ ଓ କ୍ୟାପଟେନ ନନ୍ଦୁ ମୂଳିଆ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଡ. ରଞ୍ଜନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଆଡ୍‌ଭୋକେଟ ଲିଙ୍ଗରାଜ ହାତୀ, କର୍ପୋରେଟର ଗଗନ ଓଝା, କର୍ପୋରେଟର ଇତିଶ୍ରୀ ଦାସ, ମହନ୍ତ ସନାତନ ସ୍ୱାଇଁ, ପୂଜା କମିଟି ସଭାପତି ରାମକୃଷ୍ଣ ହାତୀ, ସାଧାରଣ ସଂପାଦକ ବିକ୍ରମ ଛାଟୋଇ, ଉପେନ୍ଦ୍ର ବେହେରା, ବସନ୍ତ କୁମାର ସେନ, ଇଂ. ଜ୍ୟୋତିଷ ଦାସ, ଦେବାଶିଷ ରାଉତ, ସୁମିତ ଲେଙ୍କା, ପ୍ରତାପ ମୂଳିଆ, ଧନଞ୍ଜୟ ମୂଳିଆ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୧୦ଟି ଟିମ ଅଂଶ ଗ୍ରହଣ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

## ବାଇକ୍‌କୁ ଧକ୍କା ଦେଲା ବାଇକ୍: ଜଣେ ମୃତ

ମଙ୍ଗୁଳି-ଜଗତପୁର,୧୬।୬(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ନଂ ଜାତୀୟ ରାଜପଥ ହନୁମାନ ଗଡ଼ା ନିକଟରେ ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ହେଲେ ନରସିଂହପୁର ଅଞ୍ଚଳ ଏକଲବ୍ୟ ପ୍ରଧାନ (୫୫)। ସେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ାସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଗଣିତ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପ୍ରଧାନ ଆସନ୍ତା ଜୁଲାଇରେ ଅବସର ଗ୍ରହଣ କରିଥାନ୍ତେ। ଗୁରୁତର ହେଲେ ସାଲେପୁର ଅଞ୍ଚଳର ପିଣ୍ଟୁ ଦେହୁରୀ। ସୋମବାର ପୂର୍ବାହ୍ନରେ ଟାଙ୍ଗୀ ହାଟସାହିରୁ କଟକ ଅଭିମୁଖେ ଯାଉଥିଲେ। ସେହି ସମୟରେ ହନୁମାନ ଗଡ଼ା ନିକଟରେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ଅନ୍ୟ ବାଇକ୍ ସହ ସହ ଧକ୍କା ହୋଇଥିଲା। ରାସ୍ତାରେ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ରାଜପଥ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନାରେ ପଠାଇଥିଲା। ଡାକ୍ତର ଶିକ୍ଷକ ଏକଲବ୍ୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।




କଟକ କ୍ଲବ ପକ୍ଷରୁ କ୍ଲବ ପରିସରରେ ରଜ ମହୋତ୍ସବ ପାଳନ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। ଫଟୋ: ରାଜକିଶୋର ମହାନ୍ତି।

## ଶିଳ୍ପଭିତ୍ତିକ ଯୋଜନା ଉପରେ ସଚେତନତା କର୍ମଶାଳା

କଟକ,୧୬।୬(କାର୍ତ୍ତିକ ସାହୁ)

ବାଲିଯାତ୍ରା ତଳ ପଡ଼ିଆରେ ଅନୁଷ୍ଠିତ ବିକାଶ ମେଳାର ସୋମବାର ଚତୁର୍ଥ ଦିବସରେ ଶିଳ୍ପଭିତ୍ତିକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପଭିତ୍ତିକ ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ କର୍ମଶାଳାରେ ଆଲୋଚନା କରାଯାଇଛି। ପିଏମ୍ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଯୋଜନା, ଗୁରୁ ଶିଷ୍ୟ ପରମ୍ପରା ତାଲିମ, ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ ଆଦି ସମ୍ପର୍କରେ ଆଲୋକପାତ କରାଯାଇଛି। ଏଥିସହ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଦିଗରେ ବ୍ୟାଙ୍କଗୁଡ଼ିକର ଭୂମିକା ଉପରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଦୀପାର ଟିମ୍ ଲିଡ ସୁସ୍ମିତା ମହାନ୍ତି, ୟୁକୋ ବ୍ୟାଙ୍କ ଏଲଡିଏମ୍ ରମଣ ମଲିକ କାର୍ଯ୍ୟକ୍ରମରେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଳପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ

### ଶେଷ ଦିବସରେ ସମ୍ବର୍ଦ୍ଧିତ ହେଲେ ମହିଳା

କଟକ ସଦର,୧୬।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ଆୟୋଜିତ ରଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ୟୁନିୟନ ସଭାପତି ପ୍ରଫେସର ମନୋଜ କୁମାର ନାୟକ ମହିଳାମାନଙ୍କୁ ଶାଢ଼ି ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କଟକ ସଦର ନିର୍ବାଚନମଣ୍ଡଳୀର ଅଗ୍ରଣୀ ଚାଷୀ, କଳାକାର, ନାଟ୍ୟକାର, ସାମାଜିକ କର୍ମୀ, ସଙ୍ଗୀତଜ୍ଞମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରଜ ମହୋତ୍ସବ ଆସନ୍ତାବର୍ଷ ୫ ଦିନ ପାଇଁ ପାଳନ କରାଯିବ ବୋଲି ୟୁନିୟନ ସଭାପତି ପ୍ରଫେସର୍ ନାୟକ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ନାୟକ, ସୁନୀଲ ମୁଦୁଲି, ସୁଶାନ୍ତ ପରିଡ଼ା, ଶେଷଦେବ ଦାସ, ଆନନ୍ଦ ଦେବତା, ବିଘ୍ନେଶ୍ୱର ମାଝି, ଆନନ୍ଦ ବେହେରା, ଦିଲୀପ ନାୟକ, ପ୍ରସନ୍ନ ବେହେରା, ପ୍ରକାଶ ମାଝି, ଇଶାନ ରାୟ, ପିକେସ ମହାନ୍ତି, ଆଶିଷ ମହାନ୍ତି, ଉଦୟ ସାମ୍ବଲ, ଦେବାଶିଷ ପରିଡ଼ା, ଅମିତାଭ ମହାପାତ୍ର, ପିଙ୍କି ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସମରେନ୍ଦ୍ର ମହାପାତ୍ର, ସୂର୍ଯ୍ୟ ନାରାୟଣ ଭୂୟାଁ ଓ ସୁରଜ ବେହେରା, ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ରଜ ମହୋତ୍ସବ ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧିତ ମହିଳାମାନେ।

## ଫେରାର ଅଭିଯୁକ୍ତ ଗିରଫ

### ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

ଖୁଣ୍ଟୁଣୀ, ୧୬।୬ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ବଳାତ୍କାର ଉଦ୍ୟମ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଖୁଣ୍ଟୁଣୀ ଥାନା ପୋଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି। ଅଭିଯୁକ୍ତ ହେଲେ ଏହି ଥାନା ମହାକାଳବସ୍ତ ଗ୍ରାମର ଆଲୋକ କୁମାର ରାଉଳ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ୨୦୨୧ରେ ଏହି ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାକୁ ଏକୁଟିଆ ଦେଖି ଆଲୋକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ନାବାଳିକା ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗିରଫ ଭୟରେ ଅଭିଯୁକ୍ତ ସେହି ଦିନଠାରୁ ଫେରାର ଥିଲେ। ତାଙ୍କ ନାମରେ ୱାରେଣ୍ଟ ହୋଇଥିଲା। ପୋଲିସ ରବିବାର ରାତିରେ ଘଣ୍ଟିଖାଲ ଲେଭଲ କ୍ରସିଂଠାରେ ଯାନବାହନ ଯାଞ୍ଚ କରୁଥିବା ବେଳେ ପୋଲିସ ହାତରେ ଆଲୋକ ଧରା ପଡିଥିଲେ। ପରେ ତାଙ୍କୁ ପୋଲିସ ଉଠାଇ ଆଣିଥିଲା।

## ରଜରେ ଯୁବକ ସଂଘ ପକ୍ଷରୁ ପ୍ରତିଯୋଗିତା

କଣ୍ଟାପଡ଼ା,୧୬।୬(ସୁରନାରାୟଣ ସାହୁ)

ରଜ ଅବସରରେ ମା' ଗଜଲକ୍ଷ୍ମୀ ଯୁବକ ସଂଘ ଅଲାପୁର ପକ୍ଷରୁ ଛୋଟ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅକ୍ଷୟ କୁମାର ମହାନ୍ତି ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଆଳୁଚାମଚ ପ୍ରତିଯୋଗୀତାର ସିନିୟର ବିଭାଗରେ ଅମିତା ସ୍ୱାଇଁ ଓ ଜୁନିୟର ବିଭାଗରେ ସ୍ନେହାସିତା ମୁଦୁଲି ପ୍ରଥମ ହୋଇଥିବାବେଳେ ମ୍ୟୁଜିକ ଚେୟାର ସିନିୟରରେ ମୋନାଲିସା ଓ ଜୁନିୟରରେ ଶଶିକାନ୍ତ, ପୁଚିରେ ସୋନାଲି ଭୋଇ, ବାଇଗଣ କାମୁଡା ସିନିୟରରେ ସାଇ ସତ୍ୟଜିତ, ଜୁନିୟରରେ ରୁଦ୍ରନାରାୟଣ ଓ କୁଇଜ ସିନିୟରରେ ସୋମ୍ୟ ପ୍ରିୟଦର୍ଶନୀ ଓ ଜୁନିୟରରେ ସାଇସ୍ମିତା ବିଜୟୀ ହୋଇଥିଲେ। କାର୍ଯ୍ୟକ୍ରମ ସ୍ମୃତି ରଞ୍ଜନ ପାତ୍ର, ରଞ୍ଜିତ ବାରିକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଦୁଷ୍ମନ୍ତ ସାହୁ ପରିଚାଳନା କରିଥିଲେ।

## ୨୦୦ ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

ଫୁଲନଖରା,୧୬।୬
(ସତ୍ୟରଞ୍ଜନ ଦାସମହାପାତ୍ର)

ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ସଭା ଗୃହରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ପୂର୍ବାହ୍ନ ୧୦ଟାରେ ସଭାଗୃହରେ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ପରେ ଲୋକମାନଙ୍କ ସମସ୍ୟାଗୁଡିକୁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ ଜିଲାପାଳ ଡା. ମନୋରଞ୍ଜନ ସାହୁ, ଆଡିସନାଲ ଡିସିପି ଆରତୀ ଗିରି, ଅଞ୍ଚଳ ଅଧିକାରୀ ବିନୋଦ କିଶୋର ଲେଙ୍କା, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବ୍ଲକ ଜିପିଓ, ଜଳସେଚନ ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଇଂ ଛବିଳ ବେହେରା, ନଖରା ବିଦ୍ରତ୍ ବିଭାଗ ବରିଷ୍ଠ ଯନ୍ତ୍ରୀ ଇଂ ନଳିନୀକାନ୍ତ ବିଶାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିବିରରେ ୨୦୦ଜଣଙ୍କ ଅଭିଯୋଗ ଜିଲାପାଳ ଶୁଣିଥିଲେ। କାର୍ଯ୍ୟକ୍ରମରେ ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ସନାତନ ପରିଜା, ବଂଶୀଧର ଭୋଳ, ଯୁଧିଷ୍ଠିର ପରିଡ଼ା, ନାରାୟଣ ମହାନ୍ତି, ପ୍ରେମାନନ୍ଦ ପରିଜା, କାଳନ୍ଦୀ ସସମାଲ, ବଙ୍ଗାଳୀ ପରିଜା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଜହଂସରେ ରଜ ପାଳନ କଲେ ଡାକ୍ତର

କଟକ ସଦର,୧୬।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ରାଜହଂସ ଗ୍ରାମବାସୀ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ରଜ ଉତ୍ସବରେ ଡାକ୍ତରମାନେ ସାଧାରଣ ଲୋକମାନଙ୍କ ସହ ରଜ ପାଳନ କରିଥିଲେ। ଏଥିରେ ପାରା ମେଡିକାଲ ଷ୍ଟାଫ ମଧ୍ୟ ସାମିଲ ହୋଇଥିଲେ। ସାମାଜିକ କର୍ମୀ ସୁବୋଧ ବେହେରାଙ୍କ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ.ବିକ୍ରମ ସାହୁ, ଡ.ଦେବଦତ୍ତ ନନ୍ଦ, ଡ.ଅମୂଲ୍ୟ ଦାସଙ୍କ ସମେତ ଅନ୍ୟ ଡାକ୍ତରମାନେ ଉତ୍ସବ ଉପଭୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂହ, ନିରାକାର ଜେନା, ହୃଷୀକେଶ ଜେନା, ନିର୍ମଳ ଦାସ, ସରପଞ୍ଚ ତ୍ରିଲୋଚନ ପାତ୍ର, ସମର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ତୀର୍ଥ ବାସୀ ବେହେରା, ସତ୍ୟରଞ୍ଜନ ସିଂହ ଓ ମାନସ ରଣାଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୂତନ ରାଜସ୍ୱ ଗ୍ରାମକୁ ସ୍ୱାଗତ, ଜାଲ୍ ଦସ୍ତଖତକୁ ବିରୋଧ

ଖୁଣ୍ଟୁଣୀ,୧୬।୬(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଟାଙ୍ଗି ବ୍ଲକ ଅଧୀନ କଖଡି ପଞ୍ଚାୟତ ମାହାଲପଡା ରାଜସ୍ୱ ଗ୍ରାମରୁ ଏହି ପଞ୍ଚାୟତର ପଡା ଗ୍ରାମ କାପ୍ତାବୋରେଇ ଗ୍ରାମକୁ ବିଚ୍ଛିନ୍ନ କରି ଏକ ନୂତନ ରାଜସ୍ୱ ଗ୍ରାମ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ହେଲେ ସେମାନଙ୍କୁ ନ ଜଣାଇ କାପ୍ତାବୋରେଇ ଗ୍ରାମବାସୀ ରାଜସ୍ୱ କର୍ମଚାରୀଙ୍କୁ ହାତ କରି ମାହାଲପଡା ଗ୍ରାମବାସୀଙ୍କ ଜାଲ ଦସ୍ତଖତ କରି ଆମମାନଙ୍କ ସମ୍ମତି ଥିବା ନୋଟିସରେ ଦର୍ଶାଇଛନ୍ତି। ଯାହା ଆଇନ ବିରୋଧ କାର୍ଯ୍ୟ। ଏହି ନୋଟିସରେ ଆମ ସମ୍ମତି ଥିବା ଦର୍ଶାଇ ତହସିଲ କାର୍ଯ୍ୟାଳୟକୁ ଫେରାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥି ସହିତ ପ୍ରସ୍ତାବିତ ନକ୍ସାରେ ଆମ ରାଜସ୍ୱ ଗ୍ରାମବାସୀଙ୍କ ଉପସ୍ଥିତ ନ ଥାଇ ୩ ଚତୁର୍ଥାଂଶ ଜାଗାକୁ ସ୍ଥାନିତ କରିଥିବାରୁ ସେମାନେ ଏହି ଆଇନ ବିରୋଧ କାର୍ଯ୍ୟର ତୀବ୍ର ବିରୋଧ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ରାଜସ୍ୱ ଗ୍ରାମବାସୀଙ୍କ ଉପସ୍ଥିତରେ ସୀମା ନିର୍ଦ୍ଧାରଣ କରି ବିସିପିଙ୍କ ଅନୁମୋଦନ କରାଯିବାକୁ ଦାବି କରିଛନ୍ତି। ଏହାକୁ ନେଇ ସୋମବାର ମାହାଲପଡା ଗ୍ରାମବାସୀ ଏକ ସଭା କରିଥିବା ଜଣାପଡିଛି। ମାହାଲପଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସେମାନେ ସରକାରଙ୍କ ପକ୍ଷରୁ ଘୋଷଣା ନୂତନ କାପ୍ତାବୋରେଇ ରାଜସ୍ୱ ଗ୍ରାମକୁ ସ୍ୱାଗତ କରୁଛନ୍ତି କିନ୍ତୁ ଜାଲ ଦସ୍ତଖତକୁ ବିରୋଧ କରିଛନ୍ତି। ଏ ନେଇ ଗତ ସପ୍ତାହରେ ମାହାଲପଡା ଗ୍ରାମବାସୀ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗ୍ରାମର ପ୍ରମୋଦ କୁମାର ସାହୁ, ବିଷ୍ଣୁ ଚରଣ ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ଦେବ ପ୍ରସାଦ ପଣ୍ଡା, ଗୌରାଙ୍ଗ ମହାରଣା ଓ ନୃସିଂହ ବେହେରା ପ୍ରମୁଖ ବହୁ ଲୋକେ ଦସ୍ତଖତ କରିଛନ୍ତି।

## 'ମା'ବାପା ପରିସ୍ଥିତିକୁ ଚାହିଁ ବୁଝାମଣା କରିବା ଶ୍ରେୟସ୍କର'

କଟକ,୧୬।୬ (କାର୍ତ୍ତିକ ସାହୁ)

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ଉପଲକ୍ଷେ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ପ୍ରେକ୍ଷାଳୟରେ କ୍ଷୁଦ୍ର ନାଟକ ପୁଅ ମୋର ଫେରି ଆସିଲା ଓ ବରିଷ୍ଠଙ୍କୁ ଦୁର୍ବ୍ୟବହାର' ଶୀର୍ଷକ ଆଲୋଚନାଚକ୍ର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଡ. କୃପାସିନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର କହିଲେ, ବରିଷ୍ଠଙ୍କୁ ଦୁର୍ବ୍ୟବହାର ଏକ ସ୍ପର୍ଶକାତର ବିଷୟ। ଏହା ଉପରେ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ ଆବଶ୍ୟକ। ବିଶେଷ କରି ଯୁବଗୋଷ୍ଠୀଙ୍କୁ ଅବଗତ କରାଇବାର ପ୍ରଚେଷ୍ଟା ହେବା ଦରକାର। ଆଇନ୍ ସଦାବେଳେ ବରିଷ୍ଠଙ୍କୁ ନ୍ୟାୟ ଦେବା ପାଇଁ ରହିଛି। କିନ୍ତୁ ଠିକ୍ ତଥ୍ୟ ଏବଂ ସୂଚନା ଆସିବା ଦରକାର ବୋଲି ବିଚାରପତି କହିଥିଲେ। ମୁଖ୍ୟବକ୍ତା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର କହିଲେ, ସମାଜରେ ନୈତିକତାର ଘୋର ଅଧୋଗତି ହେଲାଣି। ପରିବାରଗୁଡ଼ିକ ଭାଙ୍ଗିଯାଉଛି। କେବଳ ପିଲାମାନେ ନୁହେଁ ମା'ବାପା ମଧ୍ୟ ପରିସ୍ଥିତିକୁ ଚାହିଁ ବୁଝାମଣା କରିବା ଶ୍ରେୟସ୍କର ହେବ। ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସ ସାମନ୍ତ ଦିବସ ବର୍ତ୍ତମାନ ସମାଜରେ ବାର୍ଦ୍ଧକ୍ୟ ନିର୍ଯାତନ ହ୍ରାସ ପାଇବାକୁ ହେଲେ ବୟସ୍କଙ୍କ ନୈତିକ ପରିବର୍ତ୍ତନ ସହ ପ୍ରଶାସନିକ ସେବା ତଥା ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ଭୂମିକା ରହିବା ଉଚିତ୍ ବୋଲି କହିଥିଲେ। ଡ. ପ୍ରଭାତ ମିଶ୍ର ଓ ଅନୁସୟା ମିଶ୍ର ସମସ୍ତଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିଲେ କିଛିଟା ଉତ୍ପୀଡ଼ନ ଲାଘବ ହୋଇପାରିବ ବୋଲି କହିଥିଲେ। ନାଟ୍ୟକାର ସନ୍ଦୀପ ପାଣିଙ୍କ ନିର୍ଦ୍ଦେଶନାରେ ନାଟକ 'ପୁଅ ମୋର ଫେରି ଆସିଲା' ମଞ୍ଚସ୍ଥ ହୋଇଥିଲା। ହରେକୃଷ୍ଣ ଚୌଧୁରୀ, ସନ୍ଦୀପ ମହାନ୍ତି, ଆର୍ତ୍ତତ୍ରାଣ ରାଉତ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ଦାସ, କିଶୋର ଚନ୍ଦ୍ର ନାଟିଆ, ପ୍ରମିଳା ଦାସବର୍ମା, ତୁଷାରକାନ୍ତି ବୋଷ, ନଗେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ପ୍ରେକ୍ଷାଳୟରେ କ୍ଷୁଦ୍ର ନାଟକ 'ପୁଅ ମୋର ଫେରି ଆସିଲା'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଅଟୋକୁ ଧକ୍କାଦେଲା କାର୍, ଜଣେ ଆହତ

ଯାଁଳା,୧୬।୬(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ୍ ଉପରେ ସୋମବାର ଏକ ଅଟୋ ପଛକୁ କାର୍ ଧକ୍କାଦେବାରୁ ଜଣେ ଆହତ ହୋଇଛନ୍ତି। ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ରାତି ପ୍ରାୟ ୯ଟାରେ ଭୁବନେଶ୍ୱର ପଟୁ ଏକ ଅଟୋ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପଛରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଜଣେ ବ୍ୟକ୍ତି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଇନ୍‌ଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଚାନ୍ଦପୁର, କେରେଣ୍ଡା ଟାଙ୍ଗୀର ସାଧନକେନ୍ଦ୍ର ସଂଯୋଜକ ବଦଳିଲେ

ଟାଙ୍ଗୀ,୧୬।୬(ରଘୁନାଥ ସାହୁ)

ଚାନ୍ଦପୁର ଏବଂ କେରେଣ୍ଡାଟାଙ୍ଗୀର ସାଧନ କେନ୍ଦ୍ରସଂଯୋଜକଙ୍କ ବଦଳିହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ନଂ.୧୧୬୫ରେ ଜିଲାର ବିଭିନ୍ନ ବ୍ଲକରେ ୨୩ଜଣଙ୍କୁ ନୂତନ ସାଧନକେନ୍ଦ୍ର ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଚାନ୍ଦପୁରରେ ପବିତ୍ର ପ୍ରଧାନ, କେରେଣ୍ଡାଟାଙ୍ଗୀରେ ଶ୍ରୀମୟ କୁମାର ଦଳାଇଙ୍କୁ ସାଧନ କେନ୍ଦ୍ର ସଂଯୋଜକ ଭାବେ ଦାୟିତ୍ୱ ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନିୟମ ଅନୁଯାୟୀ ଜଣେ ସାଧନକେନ୍ଦ୍ର ସଂଯୋଜକ ସର୍ବାଧିକ ୫ ବର୍ଷ ଦାୟିତ୍ୱରେ ରହିବା କଥା, କିନ୍ତୁ ନୟାଗଡ଼ ଜିଲାରେ କେତେଜଣ ୬ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବାରୁ ଅଭିଯୋଗ ହୋଇ ଆସୁଥିଲା।

### ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ

ଜଟଣୀ,୧୬।୬(ରବୀନ୍ଦ୍ରନାଥ ମହାକୁଡ)

ଜଟଣୀ ପୌରାଞ୍ଚଳରେ ସୋମବାର ଜଟଣୀ ପବ୍ଲିକ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରାଜାବଜାରସ୍ଥିତ ଆବୁଲ କଲାମ ଆଜାଦ ମଦ୍ରାସା ପରିସରରେ ସମାଜସେବୀ ମହମ୍ମଦ ଜାଫର ନୁରଙ୍କ ସଭାପତିତ୍ୱରେ ଆୟୋଜିତ ନୂତନ ବିଦ୍ୟାଳୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଅଲ୍ଲୀ ହୁସେନ ଯୋଗଦେଇଥିଲେ। ସମାଜର ସବୁବର୍ଗର ପିଲାମାନେ ଯେପରି ପ୍ରାଥମିକ ଇଂରାଜୀ ଶିକ୍ଷା ପାଇପାରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାସୁଦେବ ସେଠୀ, ହାପି ସଲମାନ, ତସଲିମ ଆରିଫ, ସେକ ଶୁଭାନ, ସଖାବତ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଜରିନା ୱାହାବ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରିୟାଂଶି ସେଠୀ, ରୋଜାଲିନ ମାହାନା, ପୂର୍ଣ୍ଣିମା ସେଠୀ, ଅବଦୁଲ ଯହିଦ ପ୍ରମୁଖ ସହଯୋଗ କରିଥିଲେ।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଣପୁର,୧୬।୬(ଦିଲୀପ କୁମାର ସ୍ୱାଇଁ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ବର୍ଷ ଯୁକ୍ତ୨ ବିଜ୍ଞାନ ବିଭାଗ ଖୋଲାଯାଇଛି। ଏହି ଅବସରରେ ସୋମବାର ବିଦ୍ୟାଳୟରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯୁକ୍ତ୨ ବିଜ୍ଞାନ ବିଭାଗ ଉଦ୍‌ଘାଟନ କରିବା ସହ ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ପରିପ୍ରକାଶ ହେବା ସହ ବିଜ୍ଞାନ ପାଠ ପ୍ରତି ଉତ୍ସାହ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବାଣପୁର ବ୍ଲକ ଏବଂ ପୌରାଞ୍ଚଳରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ରେ ପାସ କରିଥିବା ଦୁଇ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଯୁକ୍ତ୨ ସ୍ତରରେ ୮୫%ରୁ ଅଧିକ ନମ୍ବର ହାସଲ କରିଥିବା ୯ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜ କିଶୋର ଭୋପାଙ୍କ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ୨ ସ୍ତରରେ ପ୍ରଥମ କରି ବିଜ୍ଞାନ ବିଭାଗ ଖୋଲାଯିବା ପାଇଁ ଅନୁମତି ପ୍ରଦାନ କରାଯାଇଥିବାରୁ ବିଦ୍ୟାଳୟ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଏବଂ ମନ୍ତ୍ରୀ ହରିଚନ୍ଦନଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ।

# ବର୍ଷାରେ ଧୋଇଗଲା ଅସ୍ଥାୟୀ ରାସ୍ତା

ଟାଙ୍ଗୀ,୧୬।୬(ରଘୁନାଥ ସାହୁ)

## ଟାଙ୍ଗୀ-କାଲୁପଡ଼ା ଯୋଗାଯୋଗ ବିଚ୍ଛିନ୍ନ

ଟାଙ୍ଗୀ କାଲୁପଡ଼ାଘାଟ ବଡ଼ଶଙ୍ଖଠାରେ ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ବର୍ଷାରେ ଧୋଇଯାଇଛି। ଏହି ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଛି। ଫଳରେ ଟାଙ୍ଗୀ-କାଲୁପଡ଼ାଘାଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଟାଙ୍ଗୀ କାଲୁପଡାଘାଟ, କଳକଳେଶ୍ୱର, ସୋରଣ, ଜରିପଡା ଅଞ୍ଚଳର ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଥାଉ କି, ପୂର୍ତ୍ତ ବିଭାଗ ପକ୍ଷରୁ ଟାଙ୍ଗୀ କାଲୁପଡାଘାଟ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ସହ ବଡ଼ଶଙ୍ଖ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରାଯାଉଛି। ତେବେ ମନ୍ଥର ଗତିରେ


ରାସ୍ତା ଉପରେ ପାଣିର ସୁଅ।

ଚାଲିଛି ନିର୍ମାଣ କାର୍ଯ୍ୟ। ଏଥିସହ ଜନସାଧାରଣଙ୍କ ଗମନାଗମନ ପାଇଁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ରାସ୍ତା ନିମ୍ନମାନର କରାଯାଇଥିବାରୁ ଅସରାଏ ବର୍ଷାରେ ଧୋଇଯାଇଛି। ଏହିବଡ଼ଶଙ୍ଖଠାରୁ ୨କିମି ଦୂରରେ ଟାଙ୍ଗୀ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ଅସ୍ଥାୟୀ ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରିକି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଲୁପଡ଼ାଘାଟ ରେଲୱେ ଷ୍ଟେଶନ ଏବଂ କାଲୁପଡ଼ାଘାଟ ମାଛ ପେଣ୍ଠ ନିକଟକୁ ଯାତାୟାତ କରିବା ସମ୍ଭବ ହେଉନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖାଦ୍ୟର ଗୁଣବତ୍ତା ନେଇ ଯାଞ୍ଚ


ଖାଦ୍ୟର ଗୁଣବତ୍ତା ନେଇ ଯାଞ୍ଚ କରାଯାଉଛି।

ଜଟଣୀ,୧୬।୬(ରବୀନ୍ଦ୍ରନାଥ ମହାକୁଡ଼)

ରାଜ୍ୟର ଗୋଟିଏ ପରେ ଗୋଟିଏ ଜିଲାକୁ ଝାଡ଼ାବାନ୍ତି ବ୍ୟାପୁଛି। ଦୂଷିତ ପାଣି ଓ ବାସିଖାଦ୍ୟ ଖାଉଥିବାରୁ ଏହା ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଟେଲ, ଢାବା, ଫାଷ୍ଟଫୁଡ ଦୋକାନରେ ଖାଦ୍ୟର ଗୁଣବତ୍ତା ନେଇ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜଟଣୀର ବଡ଼ବଜାର, ନୀଳଚକ୍ର ମାର୍କେଟ ଏବଂ କୁଦିଆରି ବଜାର ଆଦି ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନରେ ଚଢ଼ାଉ କରାଯାଇ ମୋଟ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯିବା ସହିତ ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ପଦାର୍ଥକୁ ନଷ୍ଟ କରାଯାଇଛି। ଖାଦ୍ୟ ସୁରକ୍ଷା ଟିମ୍ ଏବଂ ଜଟଣୀ ପୌରପରିଷଦ ପକ୍ଷରୁ ମିଳିତଭାବେ ଏହି ଯାଞ୍ଚ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ବିଭିନ୍ନ ସ୍ଥାନରେ ଥିବା ହୋଟେଲରେ ଯାଞ୍ଚ କରାଯିବ ବୋଲି ନଗରପାଳ ଅନନ୍ତ ବେହେରା କହିଛନ୍ତି।

# ‘ଉତ୍କଳୀୟ ସଂସ୍କୃତିର ଝୋଟିଚିତା ଅବକ୍ଷୟମୁଖୀ’


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୬।୬
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ଆୟୋଜିତ ରଜ ମହୋତ୍ସବର ସୋମବାର ଥିଲା ତୃତୀୟ ଦିବସ। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମାର୍ଦ୍ଧରେ ଉତ୍କଳୀୟ ସଂସ୍କୃତିର ହସ୍ତକଳା ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ବିଭିନ୍ନ ନୃତ୍ୟ ସଙ୍ଗୀତର ତାଳେତାଳେ ଦର୍ଶକ ବିଭୋର ହୋଇଥିଲେ। ଆୟୋଜକ କମିଟିର ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷକ ଦିବାକର ସାହୁ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ସଭାପତି ରଶ୍ମିଚାନ୍ଦ କର, ସମ୍ପାଦକ ଗଙ୍ଗାଧର ମାର୍ଥାଙ୍କ ସହିତ ସମସ୍ତ ସଭ୍ୟ ମଞ୍ଚାସୀନ ଥିଲେ। ଉତ୍କଳୀୟ ସଂସ୍କୃତିର ହସ୍ତକଳା ପାରମ୍ପରିକ ଝୋଟି ଚିତା ଆଙ୍କିବା ଏବଂ ମେହେନ୍ଦି ଲଗାଇବା

### ବେଗୁନିଆ ରଜ ମହୋତ୍ସବର ତୃତୀୟ ଦିବସ

ଓଡ଼ିଆଣୀମାନଙ୍କ ପରିଚୟ। ଏହା କୌଣସି ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରିବାକୁ ପଡିନଥାଏ ବରଂ ଓଡ଼ିଶାର ପୁରପଲ୍ଲୀର କୁମାରୀମାନେ ନିଜର କାରୁକାର୍ଯ୍ୟ ପ୍ରତିଭାର ପରିଚୟ ଦିଅନ୍ତି। ସର୍ବଭାରତୀୟ ସ୍ତରରେ ଅନ୍ୟାନ୍ୟ ଚିତା ତୁଳନାରେ ଓଡ଼ିଶାର ପଲ୍ଲୀ ଅଞ୍ଚଳର ଚିତାରେ ରହିଛି ସ୍ୱତନ୍ତ୍ରତା। ଆଧୁନିକତାର ସ୍ପର୍ଶରେ ଏବେ ଝୋଟିଚିତା ଏବଂ ମେହେନ୍ଦି ଅବକ୍ଷୟମୁଖୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଈପ୍‌ସିତା ଜେନା ପ୍ରଥମ, ସୋନାଲି ଦାସ ଦ୍ୱିତୀୟ ଏବଂ ଅଙ୍କିତା ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର ଏବଂ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦାସ ବିଚାରକଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରର କୁନି କଳାକାରଙ୍କୁ ନେଇ ସମ୍ବଲପୁରୀ ‘ପର୍ଏଁରୀ’ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

### ଅଭିଯୋଗ ସତ୍ତ୍ୱେ ହଟାଯାଉନି ଜବରଦଖଲ

ବେଗୁନିଆ,୧୫।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ବଡ଼ତୁଳସୀପୁର ଗ୍ରାମର ଖାତା ୩୨୭ ପ୍ଲଟ ନମ୍ବର ୪୫୧, ୪୬୭, ୩୭୦, ସାନତୁଳସୀପୁର ୨୨୮ ଖାତା ୧୧୪ ପ୍ଲଟ ଓ ୨୩୦ ଖାତା ୧୦୭ ପ୍ଲଟରେ ଥିବା ଦଶଦୋଳ ପଡ଼ିଆର ରାସ୍ତାପାର୍ଶ୍ୱକୁ କେତେଜଣ ଜବରଦଖଲ କରି ରଖିଛନ୍ତି। ଏହାକୁ ହଟାଇବା ପାଇଁ ଗୋକୁଳା ନନ୍ଦ ତ୍ରିପାଠୀ, ଦୁର୍ଯ୍ୟୋଧନ ସାହୁ, ଦାଶରଥି ସାହୁ, ପ୍ରଶାନ୍ତ ସ୍ୱାଇଁ, କବିରାଜ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରତାପ କୁମାର ଦେବତା, ଆଶୁତୋଷ ଦେବତା, ରାମ ଚନ୍ଦ୍ର ଦାଶଙ୍କ ସମେତ ବହୁ ବ୍ୟକ୍ତି ଖୋର୍ଦ୍ଧା ଜିଲାପାଳଙ୍କୁ ଅଗଷ୍ଟ ୨୦୨୪ରେ ଲିଖିତ ଅଭିଯୋଗ କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର (ରାଜସ୍ୱ) ସେପ୍ଟେମ୍ବର ୨୦୨୪ରୁ ଅଭିଯୋଗ ଉପରେ ତଦନ୍ତ କରି ଆଇନ ଅନୁସାରେ ରିପୋର୍ଟ କରିବା ପାଇଁ ବେଗୁନିଆ ତହସିଲଦାରଙ୍କୁ ଚିଠି କରିଛନ୍ତି। ହେଲେ ଦୀର୍ଘମାସ ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ମା’ରାମଚଣ୍ଡୀଙ୍କ ରଜପର୍ବ



ବୋଲଗଡ଼,୧୬।୬(ଦେବବ୍ରତ ହୋତା)

ବୋଲଗଡ଼ର ଆରାଧ୍ୟା ଦେବୀ ମା’ରାମଚଣ୍ଡୀଙ୍କ ରଜପର୍ବ ପରମ୍ପରା ଅନୁଯାୟୀ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। ଏହି ପର୍ବର ତୃତୀୟ ଦିବସରେ ମା’ରାମଚଣ୍ଡୀ ବିରାଟ ପଟୁଆରରେ ଆସି ରଜପଡ଼ିଆସ୍ଥିତ ସ୍ୱତନ୍ତ୍ର ମଣ୍ଡପରେ ଉପବିଷ୍ଟ ହୋଇଥିଲେ। ଏଭଳି ପହିଲି ରଜରୁ ସନ୍ଧ୍ୟାରେ ଯାତ୍ରା ପଡ଼ିଆକୁ ବିଜେ କରି ରାତିରେ ପ୍ରତ୍ୟାବର୍ତ୍ତନ କରନ୍ତି। ଏହି ଅବସରରେ ରଜ ପଟୁଆର ମଧ୍ୟରେ ଅନେକ ପ୍ରକାରର ପାରମ୍ପରିକ ଏବଂ ଆଧୁନିକ ନୃତ୍ୟ ବାଦ୍ୟ ଏବଂ ପ୍ରଜ୍ଞାପନ ମେଢ଼ ଆଦି ଦେଖିବାକୁ ମିଳେ। ଏହି ସମୟରେ ବହୁ ଜନସମାଗମ ହୋଇଥାଏ। ରଜଯାତ୍ରା ପଡିଆରେ ଦୋକାନ ଏବଂ ପିଲାମାନଙ୍କ ମନୋରଞ୍ଜନ ବ୍ୟବସ୍ଥା ଥିବା ବେଳେ ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ପରିବାର ସହ ମା’ଙ୍କ ଦର୍ଶନ ଓ ଯାତ୍ରାର ମଜା ନେଉଛନ୍ତି। ରଜଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ ପ୍ରିନ୍‌ସେସ ଡ୍ୟାନ୍ସ ଏକାଡେମୀ ଦ୍ୱାରା ଗୁରୁ ସତ୍ୟ ଦଳବେହେରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଏକକ ଓ ଦଳଗତ ନୃତ୍ୟ ଗୀତ ପରିବେଷଣ କରାଯାଉଥିବା ବେଳେ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ଆତସବାଜି ପ୍ରଦର୍ଶନ ହେଉଛି। ମଙ୍ଗଳବାର ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ‘ଭୁଲ ତୋର ଭୋଗୁଛି ମୁଁ’ ମଞ୍ଚସ୍ଥ ହେବ ବୋଲି ସଭାପତି ବୀର ଦାସ କହିଛନ୍ତି।

# ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କୁ ଲାଗିହେଲା ଫୁଲୁରି ତେଲ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ଜ୍ୱରରେ କମ୍ପୁଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଦେବ। ଅଣସର ଗୃହରେ ଚାଲିଛି ଉପଚାର। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା। ଶ୍ରୀବିଗ୍ରହଙ୍କ ଶାସ୍ତ୍ରୀୟ ବିଧିରେ ଚାଲିଛି ଉପଚାର। ଅଣସର ତୃତୀୟ ଦିବସରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି। ଏହି ଓଦା ବସ୍ତ୍ର ଓଲାଗି ପରେ ଅନ୍ୟାନ୍ୟ ନୀତି ଚାଲିଛି।

### ଅଣସରରେ ଚାଲିଛି ଉପଚାର

ସୋମବାର ଅଣସର ପଞ୍ଚମ ଦିନରେ ଶ୍ରୀଜୀଉଙ୍କୁ ଫୁଲୁରି ତେଲ ଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ କହିଛନ୍ତି। ୧୦ଦିନରେ ଓଷୁଓ ଲାଗି କରାଯିବ। ଦଶମୀରେ ଚକା ବିଜେ, ଏକାଦଶୀରେ ଖଳିଲାଗି ଏକାଦଶୀ, ଚତୁର୍ଦ୍ଦଶୀରେ ବନକଲାଗି, ୨୬ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି। ୨୭ତାରିଖରେ ପୂର୍ଣ୍ଣବିଗ୍ରହଙ୍କ ରଥଯାତ୍ରା ଅନୁଷ୍ଠିତ ହେବ।

କମଳଲୋଚନ ମହାରାଜ କୁହନ୍ତି, ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ସମସ୍ତ ଗୁପ୍ତ ନୀତି ସମ୍ପନ୍ନ କରାଯାଇଥାଏ। ଅଣସର ନୀତି ନିଷ୍ଠା ପୂର୍ବକ କରାଯାଇଥାଏ। ଗୁପ୍ତସେବାରେ ରହିଥିବା ପୂଜକମାନେ ବାହାରକୁ ଯାଆନ୍ତି ନାହିଁ। ଅଣସର ଗୃହକୁ ଥରେ ପ୍ରବେଶ କଲେ, ନୀତି ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ବାହାରକୁ ଆସନ୍ତି ନାହିଁ। ଏହି ସମୟରେ ଶ୍ରୀଜୀଉଙ୍କୁ ଧଳାପୁଷ୍ପ ଲାଗି ହୋଇଥାଏ। ଠାକୁରଙ୍କ ଲାଗି ପୁଷ୍ପ ବାହାରକୁ ଯାଏ ନାହିଁ। ଶ୍ରୀଜୀଉଙ୍କ ଚକଟା ଓ ପଣାଭୋଗ ଅର୍ପଣ କରାଯାଏ। ଅଣସର ପିଣ୍ଡିରେ କେହି ପରସ୍ପର ମଧ୍ୟରେ କଥାବାର୍ତ୍ତା କରନ୍ତି ନାହିଁ। ଠାକୁରଙ୍କ ଧ୍ୟାନ, ଜପରେ ନିମଗ୍ନ ରୁହନ୍ତି। ଠାକୁର ଜ୍ୱରରେ ପୀଡ଼ିତ ଥିବାରୁ ମନ୍ଦିର ପରିବେଶ ଖାଁ ଖାଁ ରହିଛି।

### ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ବୋଲଗଡ଼,୧୬।୬(ଦେବବ୍ରତ ହୋତା)

ବୋଲଗଡ଼ସ୍ଥିତ ପରମାନନ୍ଦ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ ଯୋଗଦେଇଛନ୍ତି। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ ଦାସ ଅବସର ଗ୍ରହଣ କରିବା ପରେ ପଦବୀଟି ଖାଲି ପଡିଥିଲା। ନୂତନ ଅଧ୍ୟକ୍ଷ ଯୋଗଦେବା ଅବସରରେ କଲେଜର ବରିଷ୍ଠ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ, ଗାନ୍ଧୀ କୁମାର ସାହୁ, ସନ୍ତୋଷ ବୈରୀଗଞ୍ଜନ, ରଞ୍ଜିତ ନାୟକ, ରାଜକିଶୋର ସାହୁ, ସନ୍ଧ୍ୟା ବୈରୀଗଞ୍ଜନ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅଧ୍ୟାପକ ଓ କର୍ମଚାରୀଙ୍କ ନୂତନ ଅଧ୍ୟକ୍ଷ ସହଯୋଗ କାମନା କରିଥିଲେ।

# ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ଟାଙ୍ଗୀ,୧୬।୬(ରଘୁନାଥ ସାହୁ)

ପାରିଓରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ସିଦ୍ଧେଶ୍ୱରୀଙ୍କ ପୀଠରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଉଦ୍ୟନାଥ ଦାଶ, ଶ୍ୟାମ ସୁନ୍ଦର ବିଶ୍ୱାଳ, ସିଦ୍ଧାର୍ଥ ମିଶ୍ର, ଦୀନବନ୍ଧୁ ପରିଡ଼ା, ରୀତା ନାୟକ, ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ ସହିତ ଚାରାରୋପଣ କରି ଏହାର ଯତ୍ନ ନେବାକୁ ମତପ୍ରକାଶ ପାଇଥିଲା। ଏହି ଅବସରରେ କୃତୀ ଛାତ୍ରୀ ସବିତା ରାଉତ, ସ୍ନେହା ସାଇ ପ୍ରଧାନ, ଦିବ୍ୟ ଜ୍ୟୋତି ବାଉତଙ୍କୁ ପୁରସ୍କୃତ କରିବା ସହିତ ପାରିଓରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ବର୍ତ୍ତମାନ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରର ସେବିକା ଶୁଭଶ୍ରୀ ପ୍ରଧାନ ଏବଂ ସୁଗୃହିଣୀ କାମିନୀବାଳା ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନିରାକାରପୁରରେ ଗଡ଼ିଲା ବିକାଶ ବାହନ


ବିକାଶ ବାହନ ଶୁଭାରମ୍ଭ ଅବସରରେ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୧୬।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟ ନେଇ ସୋମବାର ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତରେ ପରିକ୍ରମା କରିଛି ବିକାଶ ବାହନ ରଥ। ଏହି ରଥକୁ ଚଣ୍ଡେଶ୍ୱର ପ୍ରଧାନ ଶୁଭାରମ୍ଭ କରିଥିବା ବେଳେ ନୋଡାଲ ଅଧିକାରୀ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରାଜଲକ୍ଷ୍ମୀ ପଣ୍ଡା, ସ୍ଥାନୀୟ ମେଡିକାଲର ସ୍ୱାସ୍ଥ୍ୟକର୍ମୀ ମନୋଜ କୁମାର ମହାପାତ୍ର, ନିରାକାରପୁର ଆମ ସେବା କେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ, ଜନସେବା କେନ୍ଦ୍ରର ପରିଚାଳକ ମୁକ୍ତିକାନ୍ତ ସାହୁ, ଆଲୋକ ଫତେସିଂ, ପ୍ରଦୀପ କୁମାର ସାମଲ, ଯୋଗାଣ ସହାୟକ ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ଶୁଭମ୍ ଦାଶ, ମାଧବ ପାଟ୍ଟଶାଣୀଙ୍କ ସମେତ ଅଙ୍ଗନୱାଡ଼ି, ଆଶା କର୍ମୀ, ମହିଳା ଗ୍ରୁପ ଏବଂ ବୟୋବନ୍ଦନ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ବ୍ୟକ୍ତିବିଶେଷ ଉପସ୍ଥିତ ରହି ଏହି ବିକାଶ ରଥକୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପଞ୍ଚାୟତ ପରିସରରେ ଏକ ଆମ୍ବଗଛ ଲଗାଯାଇଥିଲା।

# ଜମୁଛି ବରୁଣେଇ ରଜ ମହୋତ୍ସବ, ମେଳା

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବରୁଣେଇ ପୀଠରେ ରଜପର୍ବ ସହିତ ବରୁଣେଇ ମେଳା ଅନୁଷ୍ଠିତ ହେଉଛି। ପୀଠରେ କେଉଁ ଆବାହମାନ କାଳରୁ ରଜମେଳା ଅନୁଷ୍ଠିତ ହୋଇଆସୁଛି। ସେହିପରି ଜିଲା ପ୍ରଶାସନ ସହଯୋଗରେ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ଏଠାରେ ରଜ ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ମା’ ବରୁଣେଇ ଏବଂ କରୁଣେଇଙ୍କ ଆଶୀର୍ବାଦ ଲାଭ ସହ ରଜପାନ, ଦୋଳିର ମଜା ନେଇଥାନ୍ତି ପର୍ଯ୍ୟଟକ। ତେବେ ସୋମବାର ରଜର ୩ୟ ଦିବସରେ ବରୁଣେଇ ପୀଠରେ ହଜାର ହଜାର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମା’ଙ୍କ ଦର୍ଶନ ସହ ଏଣ୍ଡୁରି ପିଠା ପ୍ରସାଦ ପାଇବାକୁ ମନ୍ଦିର ପରିସରରେ ଦିନତମାମ ଗହଳି ରହିଥିଲା। ସେଲ୍ଫି ପଏଣ୍ଟରେ ଯୁବତୀ ଯୁବକମାନେ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି।

ବରୁଣେଇରେ ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ବରକୋଳି। ଏଠାରେ ବର୍ଷସାରା ଏହା ବିକ୍ରି ହେଉଥିଲେ ମଧ୍ୟ ରଜ ମହୋତ୍ସବରେ ଚାହିଦା ବୃଦ୍ଧି ପାଇଥିଲା। ମହୋତ୍ସବ ଗହଳି ମଧ୍ୟରେ ଯୁବତୀମାନେ ବରକୋଳିର


ବରୁଣେଇ ପୀଠରେ ଲୋକଙ୍କ ଗହଳି।

ମଜା ନେଇଥିଲେ। କିଗ୍ରା ପିଛା ୧୦ରୁ ୨୦ଟଙ୍କା ଦର ରହିଥିବା ବେଳେ ଯୁବତୀ, ମହିଳାମାନେ ହାତରେ ବରକୋଳି ଧରି ମହୋତ୍ସବ ଓ ମେଳାରେ ବୁଲି ମଜା ନେଇଥିଲେ। ସେହିପରି ବରୁଣେଇ ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିଛି ପିଲାଙ୍କ ମିକି ମାଉସ, ରଜଦୋଳି, ମୀନାବଜାର। ଏଠାରେ ପିଲାମାନେ ଉପରକୁ ଉଠି ତଳକୁ ଆନନ୍ଦ ମନରେ ଖସୁଥିବା ଦେଖିବାକୁ ମିଳିଛି। ଗହଳି ବଢ଼ିବା ସହ ପିଲାଙ୍କ ସଂଖ୍ୟା ମଧ୍ୟ ବଢ଼ିଥିଲା। ମେଳାରେ ଖୋଲିଥିବା ଦହିବରା ଓ ଆଳୁଦମ ଚାର୍ଟରେ ଯୁବତୀ ଯୁବକମାନେ ମଜା ନେଇଥିଲେ। ଲୋକଙ୍କ ଚାହିଦା ମୁତାବକ ବିଭିନ୍ନ ଭେରାଇଟିର ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ସେହିପରି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ, ବେପାରୀଙ୍କ ପକ୍ଷରୁ ବିଭିନ୍ନ ଘରକରଣା, ଘରୋଇ ସାଜସଜ୍ଜା, ଅଗରବତି, ବଡ଼ି, ଆଚାର, ପାମ୍ପଡ଼, କସ୍‌ମେଟିକ୍ସ ସାମଗ୍ରୀ ପସରା ପଡିଛି। କପଡ଼ାରେ ମହିଳାଙ୍କ ବିଭିନ୍ନ ଛୋଟବଡ଼ ମନିପର୍ସ, ଫୁଲଦାନି, ଟେରାକୋଟା ଆଦି ଲୋକଙ୍କ ଆଗ୍ରହ ରହିଥିଲା। ବରୁଣେଇ ପାଦଦେଶରେ ଶତାଧିକ ଦୋକାନ ବଜାର ଖୋଲିଛି। ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ ରହିଥିବାରୁ ପ୍ରବଳ ଭିଡ଼ ଜମୁଛି। ମହୋତ୍ସବରେ ଟ୍ରାଫିକ୍ ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇପଡ଼ିଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ପୋଲିସ ଫୋର୍ସ ସହ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳ ଉଭୟ ପାର୍ଶ୍ୱର ପାଚେରି ନିର୍ମାଣ କରାଯାଇଛି। ସ୍ମାରକୀ ପାଚେରିକୁ ଲାଗି ଏକ ରାସ୍ତା ରହିଥିଲେ ମଧ୍ୟ ଏହା ଚଳପ୍ରଚଳଯୋଗ୍ୟ ନୁହଁ। ଫଳରେ ବରୁଣେଇକୁ ଯାତାୟାତ ପାଇଁ କେବଳ ମୁଖ୍ୟରାସ୍ତା ଏକମାତ୍ର ମାଧ୍ୟମ। ସ୍ମାର୍ଟ ପାର୍କ, ଅନ୍ୟ ଦୁଇ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ତେବେ ଲୋକଙ୍କ ଗହଳି ଲାଗି ରହିଥିବାରୁ ପାର୍କିଂରୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ରାସ୍ତାରେ ଅସମ୍ଭାଳ ଭିଡ ରହୁଛି। ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡିଛି। ମହୋତ୍ସବରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଚାରିଆଡ଼େ ଅଳିଆ ଆର୍ବଜନା, ପ୍ଲାଷ୍ଟିକ, ପଲିଥିନ, ଅଇଁଠା ପତ୍ର ପଡ଼ିଥିବା ଦେଖିବାକୁ ମିଳିଛି। ମେଳାରେ ଦୋକାନ ଖୁନ୍ଦାଖୁନ୍ଦି ହୋଇ ରହିଥିବା ବେଳେ ଫାୟାର ସେଫ୍ଟି ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ବୈଠକରେ ଉପରୋକ୍ତ ବିଷୟରେ ଆଲୋଚନା ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାସ୍ତା କାମକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ହାତାହାତି

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅଧୀନ ଯୋରଭା ପଞ୍ଚାୟତରେ ଏକ ରାସ୍ତା ବାଲି ମୋରମ କାର୍ଯ୍ୟକୁ ନେଇ ରବିବାର ୨ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଛି। ଏନେଇ ନୟାହାଟରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ, ସେ କୁହନ୍ତି ଏଥିରେ କେହି ଆହତ ହୋଇନାହାନ୍ତି। ଘଟଣାର ତଦନ୍ତ ଚାଲିଛି ଯଦି ପକ୍ଷ ମଧ୍ୟରେ ସମାଧାନ ନ ହୁଏ, ୨ଟି ମକଦମା ରୁଜୁ କରାଯିବ ବୋଲି ମଲ୍ଲିକ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୬।୨୦୨୫

| | |
|---|---|
| ୧,୭୦,୯୭୦ ଟଙ୍କା | |
| ସୁନା | ୪.୭୫୦ ଗ୍ରାମ୍ |
| ରୁପା | ୪.୫୦୦ ଗ୍ରାମ୍ |

# ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବାକୁ ଚେତାବନୀ

ଅସ୍ତରଙ୍ଗ,୧୬।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)



ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

ଅଣଗେଜେଟେଡ ବନସେବା ସଂଘର କର୍ମଚାରୀ ୩ ଦଫା ଦାବି ନେଇ ସୋମବାର ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ୩ ଦଫା ଦାବି ପୂରଣ ପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର କର୍ମଚାରୀଙ୍କ ଦାବି ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର ବନ କର୍ମଚାରୀଙ୍କ ସୁରକ୍ଷା ଓ ଫରେଷ୍ଟ କମିଶନ ଗଠନ ଦିଗରେ ବିଚାର କରିବାକୁ ଦାବି କରିଛନ୍ତି। ରାଜ୍ୟରେ ସ୍ପେସିଆଲ ଷ୍ଟ୍ରାଇକ୍ ଫୋର୍ସ ଓ ରାପିଡ୍ ରେସପନ୍ସ ଟିମ ଗଠନ କରିବା, ରାଜ୍ୟର ରେଞ୍ଜ, ବିଟ୍ ହାଉସ ଅଞ୍ଚଳ ଓ ସେକ୍ସନଗୁଡ଼ିକର ପୁନର୍ଗଠନ କରି ମାଓ ଅଞ୍ଚଳ ସହ ମାଫିଆଙ୍କ ସହ ଲଢ଼ି ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ଯୋଗୁ ପୋଲିସ ବିଭାଗ ଭଳି ଅନୁଦାନ ଅର୍ଥ ପ୍ରଦାନ ଆଦି ଦାବି ରହିଛି। କିଛିଦିନ ପୂର୍ବେ ଢେଙ୍କାନାଳ ଡିଭିଜନରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗତ ମେ' ୨୪ରେ ଶିକାରୀମାନେ ହତ୍ୟା କରିଥିବାବେଳେ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ସହ ନାବାଳିକା ଝିଅର ପାଠପଢ଼ା ଓ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ପାଇଁ ସଂଘ ଦାବି କରିଛି। ଯଦି ସରକାର ୭ ଦିନ ମଧ୍ୟରେ ଦାବି ପୂରଣ ନ କରନ୍ତି, ତେବେ କର୍ମଚାରୀ ସାମୂହିକ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବନାଞ୍ଚଳର କର୍ମଚାରୀ ସାମିଲ ହୋଇଥିଲେ।

**ଅଣଗେଜେଟେଡ ବନସେବା ସଂଘର ଆନ୍ଦୋଳନ**

# ରଥଖଳାରୁ...

## ୪ଟି ଲେଖାଏ ଚନ୍ଦ୍ରଶାଳୀ ନିର୍ମାଣ ଶେଷ



ଚିତ୍ରକରମାନେ ନନ୍ଦିଘୋଷର ରଥର ନୃସିଂହ ବିରାଳ ଚିତ୍ର ଅଙ୍କନ ସହ ମହାରଣା ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି।

ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୪୭ତମ ଦିବସରେ ସୋମବାର ତିନି ଭୂଇଁରେ କଇଞ୍ଚି ଓ ଅନ୍ଧାରୀ ତାଗ ପଡ଼ିଲା। ତିନିରଥର ମହାରଣା ସେବକ ଏବଂ ଭୋଇ ସେବକଙ୍କ ମିଳିତ ସହଯୋଗରେ ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡ଼ିଆ ଯାଇ ଅଗ ଭୂଇଁ ବା ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଶେଷ ହୋଇଛି। ତିନିରଥର ତୃତୀୟ ଭୂଇଁ ଉପରେ ସେଟିଂ ହୋଇଥିବା ୧ନଂ. ପୋଟଳ ବା ବଡ଼ଥଳ ପୋଟଳକୁ ଟେକି ଧରି ରଖିବା ପାଇଁ ୪ଟି ଲେଖାଏଁ ପୋଟଳ ଖମ୍ଭି ଏବଂ ଦୁଇଟି ଲେଖାଏଁ ଶେଣି ସେଟିଂ କରାଯାଇଛି। ତିନିରଥର ୪ଟି ଲେଖାଏଁ ଚନ୍ଦ୍ରଶାଳୀ ନିର୍ମାଣ ଶେଷ ହୋଇଛି। କଳସରେ ସିଲଭର ଚଦର ଫିଟିଂ କରାଯାଇଛି। ଚିତ୍ରକର ସେବକମାନେ ୧୬ଟି ନାଟ ଗୋଡ଼ରେ ରାହୁରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ରୂପକାର ସେବକମାନେ ତିନିରଥର ପଟାଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ସହ ବାହ୍ୟଅଂଶ କୋଣ ଗୁଜ, ପଟାଗୁଜ, ଚକ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବାପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ନିର୍ମାଣ ଶେଷ କରି ପୋଟଳ ପାଇଁ ଜଂଘା କଣ୍ଟା, ଶୁଆ ଫିଟିଂ ପାଇଁ ନାରଜ କଣ୍ଟା ଏବଂ ଏଲ କ୍ଲାମ୍ପ, ୟୁ କ୍ଲାମ୍ପ ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଶିକ୍ଷାବିତ୍ ଗୋବର୍ଦ୍ଧନ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୧୬।୬(ବନ୍ଦନା ସେଠୀ)

ପୁରୀ ଜିଲା ପିପିଲି ଜବାହର ବିଦ୍ୟାପୀଠରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ଗୋବର୍ଦ୍ଧନ ନାୟକଙ୍କ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ଜଣେ ଛାତ୍ରବତ୍ସଳ, ଗଣିତ-ବିଜ୍ଞାନ ଶିକ୍ଷକ ଏବଂ ଉଚ୍ଚକୋଟୀର ବିଦ୍ୟାଳୟ ପରିଚାଳକ ଭାବେ ସୁପରିଚିତ ଥିଲେ। ସେ ହାଟସାହି ହାଇସ୍କୁଲ ପିପିଲିର ପ୍ରଧାନଶିକ୍ଷକ ମଧ୍ୟ ଥିଲେ। ଅବସର ପରେ ଭୁବନେଶ୍ୱର ବଡ଼ଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଭାବେ କାର୍ଯ୍ୟକରି ସ୍କୁଲର ପରିଚାଳନା ଓ ଶିକ୍ଷାଦାନ କାର୍ଯ୍ୟ ସହ ସମ୍ପୃକ୍ତ ଥିଲେ। ତାଙ୍କ ଉଦ୍ୟମରେ ବିଦ୍ୟାଳୟଗୁଡ଼ିକରେ ଉଲ୍ଲେଖନୀୟ ଉନ୍ନତି ହୋଇଥିଲା। ଜୀବନର ଅନ୍ତିମ ପର୍ଯ୍ୟାୟରେ କନିଷ୍ଠ ପୁତ୍ର ଯଶପ୍ରିୟଙ୍କ ପାଖରେ ଅବସ୍ଥାନ କରୁଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ସହଧର୍ମିଣୀ ମନୋରମା, ତିନି କନ୍ୟା ଜିତାରାଣୀ, ଯୋଷାମଣୀ, ଜୟବାଣୀ ଏବଂ କନିଷ୍ଠ ପୁତ୍ର ଉପସ୍ଥିତ ଥିଲେ। ରାଜ୍ୟ ବାହାରେ ରହୁଥିବା ବଡପୁଅ ଜନପ୍ରିୟ ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ନାୟକଙ୍କ ପରଲୋକରେ ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।



### ଗାଡ଼ି ଧକ୍କାରେ ସ୍ୱାମୀ ମୃତ: ସ୍ତ୍ରୀ, ଛୁଆ ଗୁରୁତର

ପିପିଲି,୧୬।୬(ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅଧୀନ ବାଇପାସ୍ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲାର ରବି ନାରାୟଣ ବେହେରା (୪୦)। ରବିଙ୍କ ସ୍ତ୍ରୀ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ପୋଲିସ ୩୭୦/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଥିବା ଏସ୍ଆଇ ସୁରମା ସ୍ୱାଇଁ ସୂଚନା ଦେଇଛନ୍ତି।ସୂଚନା ମୁତାବକ, ବାଇକ୍ ଯୋଗେ ୭ ବର୍ଷର ପୁଅ ସହିତ ସ୍ତ୍ରୀ-ସ୍ୱାମୀ ପୁରୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ସେମାନଙ୍କୁ ପିପିଲି ଥାନା ଅଧୀନ ବାଇପାସ୍ ରାସ୍ତାରେ ଏକ ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପିପିଲି ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ପିପିଲି ମେଡିକାଲକୁ ସେମାନଙ୍କୁ ପଠାଇଥିଲା। ଡାକ୍ତର ରବି ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ତ୍ରୀ ଓ ପୁଅକୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି।

### ବ୍ୟବସାୟୀଙ୍କଠାରୁ ମୋବାଇଲ ଫୋନ ଲୁଟ

ଯୋଗେଶ୍ୱରପୁର,୧୬।୬(ରଶ୍ମିରଞ୍ଜନ ସାହୁ)

ଯୋଗେଶ୍ୱରପୁର ବଜାରର ଜଣେ ଫଳ ବ୍ୟବସାୟୀଙ୍କଠାରୁ ରବିବାର ରାତି ପ୍ରାୟ ୧୨ଟାରେ ୨ଜଣ ଲୁଟେରା ମୋବାଇଲ ଝାମ୍ପି ନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତର ଯୋଗେଶ୍ୱରପୁର ବଜାରରେ ଥିବା ଫଳ ଦୋକାନୀ ମିଲୁ ଦାସ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଜଣ ଯୁବକ ତାଙ୍କଠାରୁ ମୋବାଇଲ ଝାମ୍ପି ନେଇ ଦ୍ରୁତଗତିରେ ପଳାଇଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ, ଘଟଣାର ତଦନ୍ତ ଚାଲିଛି। ପାଟ୍ରୋଲିଂ ପାଇଁ ତାଙ୍କ ପାଖରେ କୌଣସି ଗାଡ଼ି ନାହିଁ, ଯାହା ଫଳରେ ଲୁଟେରା ଏପରି କାଣ୍ଡ କରୁଥିବା ଫାଣ୍ଡି ଅଧିକାରୀ ମଲ୍ଲିକ କହିଥିଲେ।



ଅଣସର ପୂଜା ପାଇଁ ହାତୀଆଖଡ଼ା ମଠ ପକ୍ଷରୁ ଫଳ ଭାର ଶ୍ରୀମନ୍ଦିରରେ ଆସି ପହଞ୍ଚିଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଅଦିନିଆ ରଥଯାତ୍ରା ନେଇ କ୍ଷୋଭ ପ୍ରକାଶ କଲେ ସୁଦର୍ଶନ ପଟ୍ଟନାୟକ

ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)

ଇସ୍କନ ସଂସ୍ଥା ପକ୍ଷରୁ ଅଦିନିଆ ରଥଯାତ୍ରା ନ କରିବା ନେଇ ବାରମ୍ବାର କହିବା ସହ ଚିଠି ଲେଖିବା ପରେ ମଧ୍ୟ ଇସ୍କନ ତା'ର ମନମାନୀ କାର୍ଯ୍ୟ ଜାରି ରଖିଛି। ସ୍କଟଲ୍ୟାଣ୍ଡ ଠାରେ ଇସ୍କନ ପକ୍ଷରୁ ୧୫ ତାରିଖ ରବିବାର ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଯାହା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳିଛି। ଏପରି କାର୍ଯ୍ୟକୁ ନେଇ ଇସ୍କନ ପ୍ରତି ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଇସ୍କନର ଏପରି କାର୍ଯ୍ୟକୁ ନେଇ ଏକ୍ସ ମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଟ୍ଟନାୟକ କହିଛନ୍ତି, ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ପ୍ରଶାସନର ବାରମ୍ବାର ଅନୁରୋଧ ସତ୍ତ୍ୱେ ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୂଳ ତିଥି ଏବଂ ରୀତିନୀତିକୁ ସମ୍ମାନ ଏବଂ ପାଳନ କରିବା ହେଉଛି ଜଗନ୍ନାଥ ଧର୍ମର ମୂଳମନ୍ତ୍ର। ଶ୍ରୀମନ୍ଦିର ପ୍ରଶାସନ ପୁରୀ ଦ୍ୱାରା ସ୍ଥିର କରାଯାଇଥିବା ରୀତିନୀତି ଏବଂ ସରକାରୀ ତାରିଖ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଳନ କରିବାକୁ ଆୟୋଜକମାନେ ଇସ୍କନକୁ ଜଣାନ୍ତୁ। ବାରମ୍ବାର କହିବା ସତ୍ତ୍ୱେ ଇସ୍କନ ବିଭିନ୍ନ ତାରିଖରେ ରଥଯାତ୍ରା ଆୟୋଜନ କରିଆସୁଛି, ଯାହା ଆଧାତ୍ମିକ ଏବଂ ପାରମ୍ପରିକ ଭାବେ ଅନୁପଯୁକ୍ତ।

# ବିଶ୍ୱଭ୍ରାତୃତ୍ୱ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି ଚେତନାର ଆଧାର

ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଭାଗିତାରେ, ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଓ ଗଙ୍ଗାଧର ମିଶ୍ର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ଜନଜୀବନରେ ଶ୍ରୀଜଗନ୍ନାଥ ଚେତନା, ସଂସ୍କୃତି ଓ ରଥଯାତ୍ରା'ର ପ୍ରଭାବ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଅମରନାଥ ମିଶ୍ରଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍ପି ସମ୍ବିତ ପାତ୍ର ଯୋଗଦେଇ କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ଚେତନାର ଆଧାର ହେଉଛି ବିଶ୍ୱଭ୍ରାତୃତ୍ୱ, ଉଦାରତା ଓ ବିଶ୍ୱପ୍ରାଣତା। ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ହେଉଛି ମାନବବାଦର ମହାମିଳନ ପର୍ବ। ବର୍ଣ୍ଣ, ଧର୍ମ, ଗୋଷ୍ଠୀ ଓ ସଂପ୍ରଦାୟ ନିର୍ବିଶେଷରେ ସଭିଏଁ ରଥଯାତ୍ରାରେ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଏକାଠି ହୋଇ ଦାରୁବ୍ରହ୍ମମାନଙ୍କୁ ଦର୍ଶନ କରି ଅପାର ଆନନ୍ଦ ଲାଭ କରନ୍ତି।

ମୁଖ୍ୟ ଆଲୋଚକଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭାସ୍କର ମିଶ୍ର କହିଛନ୍ତି, ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ନୀତି, ପର୍ବପର୍ବାଣି, ଯାନିଯାତ୍ରା, ବେଶଭୂଷା ମାନବଧର୍ମୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଦେବତା ହୋଇ ବି ମାନବୀୟ ଜୀବନଯାପନ ଭଳି ରଥଯାତ୍ରାରେ ବିଶ୍ୱମାନବ ସମାଜକୁ ଦର୍ଶନ ଦେଇ ଅପାର ଆନନ୍ଦ ଲାଭ କରନ୍ତି ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଭଗବାନ ସୁଆର, ସାହିତ୍ୟିକ ବାହାଦୂର ପାଟ୍ଟସାହାଣୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତି ପରିଷଦ ସଭାପତି ସଦାଶିବ ଆଲୋଚନାର ଆଭିମୁଖ୍ୟ ଆଲୋକପାତ କରିଥିବା ବେଳେ ଆବାହକ କୃଷ୍ଣଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅମରନାଥ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଥମ ଅଧିବେଶନରେ ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଗବେଷକ ତଥା ପ୍ରାବନ୍ଧିକ ଦିଲୀପ କୁମାର ସେନାପତି, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଆଡ୍‌ଭୋକେଟ ପୂର୍ଣ୍ଣଚନ୍ଦ୍ର ଦାସ, ବଳରାମ ଦାଶ, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର ଆଲୋଚ୍ୟ ବିଷୟରେ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ 'ସୁଲେଖା'ର ୪୫ ବର୍ଷ ରଥଯାତ୍ରା ସଂଖ୍ୟାକୁ ମୁଖ୍ୟଅତିଥି ଲୋକାର୍ପଣ କରିଥିଲେ। ପ୍ରାବନ୍ଧିକମାନଙ୍କୁ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ବିଜୟଲକ୍ଷ୍ମୀ ସାହୁ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସୁରେଶ ପଟ୍ଟନାୟକ, ଲକ୍ଷ୍ମୀଧର ଖୁଣ୍ଟିଆ, କ୍ରିଷ୍ଣା ମହାପାତ୍ର ଓ ଅନାମ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଶେଷରେ ରବୀନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଷ୍ଟପ୍ ଡାଇରିଆ ଅଭିଯାନର ଶୁଭାରମ୍ଭ

ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)

ଆଶାକର୍ମୀମାନେ ସ୍ୱାସ୍ଥ୍ୟ ସଚେତନତାର ବ୍ରାଣ୍ଡ ଆମ୍ବାସଡର୍। ସେମାନଙ୍କ ସେବା ଓ ଲୋକଙ୍କୁ ସଚେତନତା ଆମକୁ ସୁସ୍ଥ ରଖିବାରେ ସହାୟକ ହୋଇଛି ବୋଲି ପୁରୀ ଏମ୍ପି ସମ୍ବିତ ପାତ୍ର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଷ୍ଟପ୍ ଡାଇରିଆ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସଚେତନତା ପ୍ରଚାରପତ୍ରକୁ ଉନ୍ମୋଚନ କରି ପାତ୍ର ଦୂଷିତ ଜଳ ଓ ଖାଦ୍ୟ ଯୋଗୁ ଡାଇରିଆର ସମ୍ଭାବନା ରହିଥାଏ ବୋଲି କହିଥିଲେ। ବର୍ତ୍ତମାନ ଯାଜପୁର ଜିଲା ସହ ଅନ୍ୟ କେତେକ ଜିଲାରେ ଡାଇରିଆର ପ୍ରକୋପ ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗ ଜିଲାର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରିବା ସହ ସମସ୍ତ ଜଳଉତ୍ସ ବିଶୋଧନ କରାଇବା, ଓଆରଏସ, ହାଲୋଜିନ, ଜିଙ୍କ ଇତ୍ୟାଦି ବଣ୍ଟନ ଓ ବ୍ୟବହାର ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଆଶାକର୍ମୀମାନେ ତୃଣମୂଳସ୍ତରରେ ଜଣେ ଜଣେ ଶ୍ରେଷ୍ଠ ସୈନିକ। ସିଡିଏମ୍ଓ ଅକ୍ଷୟ କୁମାର ଶତପଥି ଜିଲାରେ ଡାଇରିଆର ସ୍ଥିତି, ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ, ସଚେତନତା ସୃଷ୍ଟି ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ଓ ବିନୋଦ କୁମାର ରଥ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜଗତ୍‌ସିଂହପୁର ଏମ୍ପିଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ ଧନ୍ୟବାଦ ଦେଇଥିଲେ। ସଚେତନତା ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇ ଜୁଲାଇ ୩୧ ପର୍ଯ୍ୟନ୍ତ ଜାରି ରହିବ।

# ରଜ ମହୋତ୍ସବରେ ଦୋଳି ଖେଳିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୧୬।୬(ବିଚିତ୍ରାନନ୍ଦ ସାହୁ)



ରଜ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଜ ଦୋଳି ଖେଳୁଛନ୍ତି।

ରଜପର୍ବ ଓଡ଼ିଶାର ଏକ ଗଣପର୍ବ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଆ, ଭାଷା, ସାହିତ୍ୟ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ମୁକ୍ତାକାଶ ମଞ୍ଚ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ର ପରିଡ଼ା ରଜ ମହୋତ୍ସବ ସ୍ଥଳରେ କୁନି ପିଲାଙ୍କ ସହ ଖୁସିରେ ରଜଦୋଳି ଖେଳିଥିଲେ। ଅତିଥି ଭାବେ ମିସ୍ ଇଣ୍ଡିଆ ବିଜେତା ସୁଶ୍ରୀ ସଞ୍ଜନା ପ୍ରଧାନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ନୟାସବେରା ୟୁଥ୍ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ପ୍ରତାପ ସାବୁତ, ଜୀବନଜ୍ୟୋତି ଶତପଥୀ, ଇଞ୍ଜିନିୟର ପ୍ରଫେସର ଡ. ମାନସ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ନୃତ୍ୟ, ସଙ୍ଗୀତ, ଝୋଟି, ପୁଚି, ହୁଳହୁଳି, ଶଙ୍ଖବାଦନ ସମେତ ବିଭିନ୍ନ ପ୍ରତିଯୋଗିତାର ୧୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀଙ୍କ ଦ୍ୱାରା ପରିବେଶିତ ପ୍ରତିଷ୍ଠିତ ନୃତ୍ୟ, ସଙ୍ଗୀତ ଏବଂ ପିଠା ଓ ପାନ ବଜାର ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଟ୍ରଷ୍ଟ ପକ୍ଷରୁ ବିଚିତ୍ରାନନ୍ଦ ପାତ୍ର, ପ୍ରଦୀପ ସ୍ୱାଇଁ, ଜଗବନ୍ଧୁ ପରିଡ଼ା, ବନିତା ଜେନା, ଲକ୍ଷ୍ମୀ ତ୍ରିପାଠୀ, ସୁଦେଷ୍ଣା ପଟ୍ଟନାୟକ ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଏବଂ ପରିଚାଳନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଳତା ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ।

## ଆଜି ମହାରାଷ୍ଟ୍ର ଯିବେ ଓଡ଼ିଶା ଦଳ

ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)

**ଜାତୀୟ ସବ୍‌ଜୁନିଅର୍ ଚାମ୍ପିୟନ୍‌ଶିପ**

ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଶିରିଡ଼ି ଠାରେ ୩୦ତମ ଜାତୀୟ ସବ୍ ଜୁନିଅର୍ ଚାମ୍ପିୟନ୍‌ଶିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ତେଣୁ ପ୍ରତିଯୋଗିତା ପାଇଁ ଉଭୟ ବାଳିକାବାଳକ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିବେ। ବାଳକ ଦଳର ଅଧିନାୟକ ଶିବଶଙ୍କର ମାଣ୍ଡୋ ଓ ବାଳିକା ଦଳର ଅଧିନାୟିକା ଜି. କୌଶଲ୍ୟାଙ୍କ ତତ୍ତ୍ୱାବଧାନରେ ୩୨ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ଏଥିସହିତ ବାଳିକା ଦଳର କୋଚ୍ ସୁଧା ସିନ୍ଧୁ ସାହୁ ଓ ବାଳକ ଦଳର କୋଚ୍ ରାଜେଶ ପ୍ରଧାନ ଖେଳାଳିଙ୍କ ସହ ଯାତ୍ରା କରିବେ। ଖେଳାଳିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ କିଭଳି ପଦକ ହାସଲ କରାଯାଇପାରିବ ସେ ବିଷୟରେ ଡାଇରେକ୍ଟର ଅଫ ସ୍ପୋର୍ଟସ୍ ହରେଶ ମିଶ୍ର, ଧିରଜ୍ କୁମାର ପଟ୍ଟନାୟକ (ଓଏସ୍‌ଡି) ଓ ଓଡ଼ିଶା ଥ୍ରୋ ବଲ୍‌ର ସଭାପତି ଭୂପିନ୍ଦର ସିଂ ଖେଳାଳିଙ୍କ ସହ ସୋମବାର ଆଲୋଚନା କରିଛନ୍ତି।

## ଭିଆଇପି ଦର୍ଶନ ବ୍ୟବସ୍ଥା ନ ଥାଇ ହେଉଛି ଭିଆଇପି ଦର୍ଶନ

ବ୍ରହ୍ମଗିରି,୧୬।୬(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଅନବସର ଦର୍ଶନର ସୋମବାର ୫ମ ଦିନରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ହୋଇଥିଲା। ଭୋର ୪ଟାରୁ ଦ୍ୱାରଫିଟା ପରେ ସର୍ବସାଧରଣ ଦର୍ଶନ ହୋଇଥିଲା। ଦିନ ତମାମ ପାଗ ଭଲ ଥିବାରୁ ବହୁ ଶ୍ରଦ୍ଧାଳୁ ଆସିଥିଲେ। ଠାକୁରଙ୍କ ଦର୍ଶନ ପାଇଁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା, ଯାହାକୁ ଆୟତ୍ତ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ସବୁ ବର୍ଷ ଅପେକ୍ଷା ଚଳିତବର୍ଷ ଅନବସର ଦର୍ଶନରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି, ଯାହା ଚଳିତବର୍ଷ ରେକର୍ଡ ଭାଙ୍ଗିଛି। ଦର୍ଶନ ବ୍ୟବସ୍ଥାରେ ଏଭଳି ପରିଚାଳନାଗତ ତ୍ରୁଟି ଦେଖାଯାଉଛି, ଯାହାକୁ ପୋଲିସ ସାମ୍ନା କରିବା କାଠିକର ପାଠ ହେଉଛି। ଏଥିପାଇଁ ପୋଲିସକୁ ଭକ୍ତମାନେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ଭିଆଇପି ଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନ ଥିଲେ ମଧ୍ୟ ପ୍ରତ୍ୟେକ ଦିନ ହଜାର ହଜାର ଭିଆଇପି ଆସୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନର କୌଣସି କଟକଣା ନାହିଁ। ଚଳିତବର୍ଷ ଭିଆଇପି ପାସ୍ ଓ ନକଲି ସ୍ୱେଚ୍ଛାସେବୀ, କମିଟି ମେମ୍ବର ସାଜି କେତେଜଣ ଭକ୍ତ ମନ୍ଦିର ମଧ୍ୟରେ ପ୍ରବେଶ କରି ଏଭଳି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି।

ପ୍ରକାଶଥାଉ କି, ସ୍ୱେଚ୍ଛାସେବୀ, କମିଟି ମେମ୍ବର, ତହସିଲ କର୍ମଚାରୀଙ୍କ ପାଇଁ ବ୍ରହ୍ମଗିରି ତହସିଲରୁ ସ୍ୱତନ୍ତ୍ର ପାସ୍ ଦିଆଯାଇଛି। କିନ୍ତୁ ଏହି ପାସ୍‌କୁ ବ୍ୟବହାର କରି ଭକ୍ତମାନେ ମନ୍ଦିରରେ ପ୍ରବେଶ କରି ଦର୍ଶନରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହେଉଛି। ଏ ସମ୍ପର୍କରେ ବ୍ରହ୍ମଗିରି ତହସିଲଦାର ଶଶୀଭୂଷଣ ମିଶ୍ରଙ୍କୁ ପଚାରିବାରେ, ସେ କୌଣସି ଉତ୍ତର ରଖି ନ ଥିଲେ।

# ଭତ୍ତାରେ ବୟସ ଜାଲିଆତି, ନିରାଶରେ ଫେରିଲେ ଦିବ୍ୟାଙ୍ଗ

କାକଟପୁର/ଅସ୍ତରଙ୍ଗ,୧୬।୬ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)




ଶିବିରରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ।

କାକଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଆୟୋଜିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମିଳିତ ଜନଶୁଣାଣି ଶିବିରରେ ପୁରୀ ଜିଲାପାଳ ଅନୁପସ୍ଥିତ ରହିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରା ଓ ଉପଜିଲାପାଳ ରାଜକିଶୋର ଜେନା, ସହକାରୀ ଜିଲାପାଳ ତଥା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ବିଡିଓ ଶ୍ରୀବିଷ୍ଣୁ ଗୋବିନ୍ଦ, କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ୍, ଜଳସେଚନ, ପ୍ରାଣିସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୩୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ଆବାସ ଯୋଜନା, ଭିନ୍ନକ୍ଷମଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁ ଅନ୍ତ୍ୟୋଦୟ ଗୃହରୁ ବଞ୍ଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ୍ ପୈଠ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ କାଦୁଆ ନୂଆଗାଁ ପଞ୍ଚାୟତ ଅନେକ ବ୍ୟକ୍ତିଙ୍କ ବୟସରେ ଜାଲିଆତି କରାଯାଇ ୧୦ରୁ ୧୨ ବର୍ଷ ଲେଖାଏ ବୃଦ୍ଧି କରାଯାଇଛି। ଫଳରେ ଯେଉଁ ଲୋକଙ୍କ ୨୦୨୩-୨୦୨୪ରେ ୬୨ ବର୍ଷ ବୟସ ଥିଲା ୨୦୨୫ରେ ତାହା ୮୪ ବର୍ଷ ହୋଇଯାଇଛି, ଯାହାକୁ ନେଇ ଶିବିରରେ କାଦୁଆ ନୂଆଗାଁ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଲେଙ୍କା ଓ ଭୀମସେନ ସେଠୀ, ଯାହାକୁ ନେଇ ଉପଜିଲାପାଳ ରାଜକିଶୋର ଜେନା ଅଭିଯୋଗ କରି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ଏହାସହ ଅନ୍ୟ ଅଭିଯୋଗ ସମ୍ପର୍କରେ ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଥିଲା। ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗଙ୍କୁ ଭତ୍ତା ସାର୍ଟିଫିକେଟ ମିଳିବାକୁ ଥିବାବେଳେ ତାହା ମିଳି ନ ଥିବାରୁ ସେମାନଙ୍କୁ ନିରାଶରେ ଫେରିବାକୁ ପଡ଼ିଥିଲା।

## ସଂକ୍ଷେପରେ

### ରାଜଧାନୀରେ ହାଇଡ୍ରାମା

## ପ୍ରେମିକ ସହ ଫେରାର ବେଳେ ଧରିଲେ ବାପା,ମା'

ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୋମବାର ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ପ୍ରେମିକା ସହ ଫେରାର ବେଳେ ଜଣେ ନାବାଳିକାଙ୍କୁ କାବୁ କରିଛନ୍ତି ତାଙ୍କ ବାପା ଓ ମା'। ମିଳିଥିବା ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଅଞ୍ଚଳର ସମ୍ପୃକ୍ତ ନାବାଳିକା ଜଣକ ତାଙ୍କ ପୁରୁଷବନ୍ଧୁଙ୍କ ସହ ବାଇକରେ ଘର ଛାଡି ଚାଲିଯାଉଥିଲେ। ମଧାହ୍ନ ପ୍ରାୟ ୧୨ଟା ବେଳେ ମଞ୍ଚେଶ୍ୱର ଓଭରବ୍ରିଜ୍ ନିକଟରେ ନାବାଳିକାଙ୍କ ବାପା ଓ ମା' ସେମାନଙ୍କୁ ଅଟକାଇଥିଲେ। ଫଳରେ ସେଠାରେ ୩୦ ମିନିଟ୍ ଧରି ହାଇଡ୍ରାମା ଚାଲିଥିଲା। ପୋଲିସ ପହଞ୍ଚି ଯୁବକ ଜଣକୁ ଥାନାକୁ ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟ ଆପୋସ ସମାଧାନ ହେବା ସହ ଘରକୁ ଯାଇଥିବା ସୂଚନା ମିଳିଛି।

## ଭୋଜି ଆସର: ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା

ପୁରୁଣା ଭୁବନେଶ୍ୱର,୧୬।୬(ସୁଭାସ ଚନ୍ଦ୍ର ପ୍ରଧାନ)

ସ୍ମାର୍ଟସିଟିରେ ଝାଡ଼ାବାନ୍ତି ବ୍ୟାପିବା ପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖାଦ୍ୟ ସୁରକ୍ଷା ବିଭାଗ ଓ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ଫାଷ୍ଟଫୁଡ ଦୋକାନରେ ଚଢ଼ାଉ କରାଯାଇ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରାଯାଉଛି। ଏଭଳି ସମୟରେ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ରଜପର୍ବ ପାଳନ ଆଳରେ ଭୋଜିଭାତର ଆସର ଜମୁଛି। ଭୋଜିରେ ଦୂଷିତ ଜଳ ବ୍ୟବହାର କରୁଥିବାରୁ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ଦେଖାଦେଇଛି। ତେବେ ବିଏମ୍‌ସି ଏବଂ କମିଶନରେଟ ପୋଲିସ ପକ୍ଷରୁ ରଜପର୍ବ ପାଳନ ନେଇ ଗାଇଡଲାଇନ ରହିଛି କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ମେୟର ସୁଲୋଚନା ଦାସ କହିଛନ୍ତି, ବିଭିନ୍ନ ସ୍ଥାନରେ ରଜପର୍ବ ପାଳନ ନାମରେ ଭୋଜି ହେଉଛି। ସହରର ବିଭିନ୍ନ ସ୍ଥାନରେ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଛି। ଖାଦ୍ୟର ଗୁଣବତ୍ତା ନେଇ ଯାଞ୍ଚ କରାଯାଉଛି। ସମସ୍ତେ ସଚେତନ ହେବା ଦରକାର ବୋଲି ସେ କହିଛନ୍ତି।

# ଲକ୍ଷେ ଟଙ୍କାର ବାଇକକୁ ୨ ହଜାରରେ ବିକୁଥିଲେ

### ୨୫ ମାମଲାରେ ସମ୍ପୃକ୍ତ ଚୋର ଗିରଫ, ୫ ବାଇକ ଜବତ

ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)



ନିଶା ସେବନ କରିବାକୁ ଚୋରି କରୁଥିଲେ ବାଇକ। ଲକ୍ଷେ ଟଙ୍କାର ବାଇକକୁ ମାତ୍ର ୨ରୁ ୩ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଏଥିରେ ଯାହା ଟଙ୍କା ମିଳୁଥିଲା, ସେଥିରେ ନିଶା ଖାଇ ଦେଉଥିଲେ। ବାଇକ ଚୋରି ମାମଲାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିବା ପରେ ତାଙ୍କ ଚୋରି ଇତିହାସ ବିଷୟରେ ଏଭଳି ତଥ୍ୟ ମିଳିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମାରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ଦୀପକ କୁମାର ସାହୁ ଓରଫ ଦୀପୁ। ତାଙ୍କ ପାଖରୁ ୫ଟି ଚୋରି ବାଇକ ଜବତ ହୋଇଛି। କୋର୍ଟଚାଲାଣ ପରେ ଦୀପୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଦୀପକଙ୍କ ନାଁରେ ଲିଙ୍ଗରାଜ, କ୍ୟାପିଟାଲ, ଖଣ୍ଡଗିରି, ବଡଗଡ, ନୟାପଲ୍ଲୀ ଓ ଏୟାରଫିଲ୍ଡ ଥାନାରେ ୨୫ ଚୋରି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଶିବପ୍ରସାଦ ସାସମଲଙ୍କ ହାଟସାହିସ୍ଥିତ ଘରୁ ଦୀପୁ ବାଇକ ଚୋରି କରିନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ମେ ୨୮ରେ ପୋଲିସ ମାମଲା (ନଂ.୧୫୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଦୀପକ ଧରାପଡିବା ପରେ ତାଙ୍କ ଭଡାଘରୁ ଶିବପ୍ରସାଦଙ୍କ ବାଇକ ସମେତ ଅନ୍ୟ ୪ଟି ଚୋରି ବାଇକ ଜବତ କରାଯାଇଥିଲା। ତେବେ ଦୀପକ ମାଷ୍ଟର କି କରିଆରେ ବାଇକଗୁଡ଼ିକୁ ଅତି ସହଜରେ ଚୋରି କରୁଥିଲେ। ପୂର୍ବରୁ ଚୋରି କରୁଥିବା ସବୁ ବାଇକକୁ ଅତି କମ ଦାମରେ ବିକ୍ରି କରି ନିଶା ଖାଉଥିଲେ। ନିକଟରେ ଖଣ୍ଡଗିରି ପୋଲିସ ଦ୍ୱାରା ସେ ଗିରଫ ହୋଇ ଜେଲ ଯାଇଥିଲେ। ମେ ୭ରେ ଦୀପକ ଜାମିନରେ ମୁକୁଳିଥିଲେ। ଏହାପରେ ମଧ୍ୟ ସେ ବାଇକ ଚୋରି କରୁଥିଲେ। ତେବେ ଚୋରି କରିଥିବା ୫ଟି ବାଇକକୁ ସେ ଅଧିକ ଦାମରେ ବିକ୍ରି କରିବେ ବୋଲି ଭାବି ଭଡାଘରେ ରଖି ଗ୍ରାହକ ସନ୍ଧାନରେ ଥିଲେ। ତେବେ କୋର୍ଟଚାଲାଣ ପୂର୍ବରୁ ଦୀପକ କେମିତି ବାଇକ ଚୋରି କରୁଥିଲେ, ତାହାର ଡେମୋ ଦେଖାଇଥିଲେ।

## ଝରକା ତାଡି ୫ଲକ୍ଷର ଅଳଙ୍କାର ଚୋରି



ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରିବିହାର ଅଞ୍ଚଳରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ତାଡି ଜଣଙ୍କ ଘରୁ ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ନେଇଯାଇଛନ୍ତି। ଏନେଇ ଶନିବାର ଘର ମାଲିକ ଦର୍ଶନ ମିଶ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପରିବାର ଲୋକେ ୪ ତାରିଖରୁ ପୁରୀ ବୁଲିବାକୁ ଯାଇଥିଲେ। ସେମାନେ ଶନିବାର ଘରକୁ ଫେରିବା ପରେ ଏକ ରୁମ୍‌ର ଝରକା ତଡାଯିବା ସହ ପ୍ରତି ଘରେ ଆସବାବପତ୍ର ଅସଜଡା ଅବସ୍ଥାରେ ଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପୋଲିସ ଘଟଣାରେ ତଦନ୍ତ କରୁଥିବା ବେଳେ ଏଯାଏ କୌଣସି ଅଭିଯୁକ୍ତଙ୍କୁ ଧରିପାରି ନ ଥିବା ଜଣାପଡିଛି।

# ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ



ରାଜ୍ୟସ୍ତରୀୟ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମହିଳା ଆୟୋଗ ଆୟୋଗ ଅଧକ୍ଷା ଶୁଭା ଶର୍ମାଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୬।୬(ବନ୍ଦନା ସେଠୀ)

ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ସଖୀ-ୱାନ୍ ଷ୍ଟପ୍ ସେଣ୍ଟର ଭଳି କେନ୍ଦ୍ରଗୁଡ଼ିକରେ ରହୁଥିବା ପୀଡ଼ିତାଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଛି। ଏଥିସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜୀବିତ କରି ବଞ୍ଚିବାର ରାହା ପ୍ରଦାନ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡ଼ିତାଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାତୀ, ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ କେସଗୁଡ଼ିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବା ପାଇଁ ପୋଲିସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆୟୋଗ ଅଧକ୍ଷା ଶୁଭା ଶର୍ମା କହିଲେ, ଲିଙ୍ଗଭିତ୍ତିକ ହିଂସା ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପଡ଼ିବ। କେବଳ ସହାନୁଭୂତି ନୁହେଁ, ପୀଡ଼ିତାଙ୍କ ମନକୁ ବୁଝି ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ମହିଳା ଓଡ଼ିଶା ଶିଶୁ ବିରୋଧୀ ଅପରାଧ ଶାଖାର ପୋଲିସ ମହାନିରୀକ୍ଷକ ସାଇନି ଏସ. ଚିନ୍ତାବ୍ୟକ୍ତ କରିଥିଲେ। ଭୁଟାନ୍ ଯୁଏନ୍‌ଏଫ୍‌ପିଏ ଇଣ୍ଡିଆ ପ୍ରୋଗ୍ରେମ୍ ଏକ୍ସିକ୍ୟୁଟିଭ ଓ କଣ୍ଟ୍ରି ଡାଇରେକ୍ଟର ଆଣ୍ଡ୍ରିୟା ଏମ୍. ୱଜନର, ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ତ୍ରାକ୍ସାନ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବିଶେଷଜ୍ଞଙ୍କ ସହ ସଖୀ-ୱାନ୍ ଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା, ଆୟୋଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଗୋଷ୍ଠୀ ସଂଘର୍ଷରେ ୪ ଆହତ, ୪ ଗିରଫ

ବାରଙ୍ଗ,୧୬।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ବ୍ରାହ୍ମଣସାହି ଗାଁ ମୁଣ୍ଡରେ ଶନିବାର ବିଳମ୍ବିତ ରାତିରେ ପିଲାଙ୍କ କଳିକୁ ନେଇ ୨ ପରିବାର ମଧ୍ୟରେ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ପୋଲିସ ୨ଟି ମକଦ୍ଦମା ରୁଜୁକରି ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଣ୍ଡରପୁର ବ୍ରାହ୍ମଣସାହିର ନକୁଳ ବେହେରା(୫୮), ଶ୍ରୀକାନ୍ତ ବେହେରା(୨୭), ଅମନ ରାଉତ(୨୩) ଓ ଅଞ୍ଜନ କୁମାର ରାଉତ(୩୬)। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ଗଣ୍ଡରପୁର ବ୍ରାହ୍ମଣସାହି ଗାଁ ମୁଣ୍ଡରେ ଏକ ବନ୍ଦ ଦୋକାନ ସମ୍ମୁଖରେ ମଦ ପିଇ ବିଶୃଙ୍ଖଳା ସୃଷ୍ଟି କରିବାକୁ ନେଇ ପ୍ରଥମେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପରେ ନକୁଳ, ଅଞ୍ଜନଙ୍କ ସହଯୋଗୀ ଆସିବା ପରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ହେବା ସହ ପରସ୍ପରକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ପୂର୍ବକ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଥିଲେ। ଏନେଇ ୨ ପକ୍ଷ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଉଛି।

## ଆଣ୍ଠୁ ଯନ୍ତ୍ରରେ ଆଣୁଛି ବୈପ୍ଳବିକ ପରିବର୍ତ୍ତନ: ରୋବୋଟିକ୍ ଟୋଟାଲ ନୀ ରିପ୍ଲେସ୍‌ମେଣ୍ଟର ଲାଭ



ଡା. ସତ୍ୟ ନାରାୟଣ ବେହେରା,
ସିନିୟର କନ୍‌ସଲ୍‌ଟାଣ୍ଟ
ଅର୍ଥୋପେଡିକ୍ (ଏମ୍.ଏସ୍.)
ଅଶ୍ୱିନୀ ହସ୍ପିଟାଲ, କଟକ

ଆଧୁନିକ ଜ୍ଞାନକୌଶଳ ସହ ନିଖୁଣ ଅସ୍ତ୍ରୋପଚାରକୁ ଏକତ୍ରିତ କରି ରୋବୋଟିକ୍ ଟୋଟାଲ ନୀ ରିପ୍ଲେସ୍‌ମେଣ୍ଟ (ଟିକେଆର୍) ଅସ୍ଥିଶଲ୍ୟ ଅସ୍ତ୍ରୋପଚାରର ପରିଭାଷାକୁ ବଦଳାଇ ଦେଉଛି। ରୋବୋଟିକ୍-ଆସିଷ୍ଟେଡ୍ ଟିକେଆର୍ ସଠିକତା, ବ୍ୟକ୍ତିଗତକରଣ ଏବଂ ରୋଗୀ ଫଳାଫଳକୁ ଉନ୍ନତ କରିଥାଏ। ଏହି କାରଣରୁ ଏହା ବିଶ୍ୱବ୍ୟାପୀ ଉଭୟ ଶଲ୍ୟ ଚିକିତ୍ସକ ଏବଂ ରୋଗୀଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ବିକଳ୍ପରେ ପରିଣତ ହୋଇଛି।

ରୋବୋଟିକ୍ ଟିକେଆର୍‌ର ଅନ୍ୟତମ ପ୍ରମୁଖ ଫାଇଦା ହେଉଛି ଅତୁଳନୀୟ ନିଖୁଣତା। ଉନ୍ନତ ଥ୍ରିଡି ଇମେଜିଂ ଏବଂ ରିୟଲ ଟାଇମ୍ ଫିଡ୍‌ବ୍ୟାକ୍ ସାହାଯ୍ୟରେ ଶଲ୍ୟ ଚିକିତ୍ସକମାନେ ରୋଗୀଙ୍କ ଶରୀରର ଅନନ୍ୟ ଗଠନ ଅନୁଯାୟୀ ଏକ ବିସ୍ତୃତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିପାରିବେ। ଏହା ଅଧିକ ଠିକ୍ ଭାବେ ପ୍ରତିରୋପଣ ସ୍ଥାପିତ କରିବା ସମ୍ଭବ କରିଥାଏ, ଯାହା ଆଣ୍ଠୁ ପ୍ରତିରୋପଣର ଦୀର୍ଘାୟୁ, ସ୍ଥିରତା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତାରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଫାଇଦା ହେଉଛି କୋମଳ ଟିସ୍ୟୁ କ୍ଷତି ହ୍ରାସ କରିବା। ରୋବୋଟିକ୍ ସିଷ୍ଟମ ପୂର୍ବ ନିର୍ଦ୍ଧାରିତ ସୀମା ମଧ୍ୟରେ ଶଲ୍ୟ ଚିକିତ୍ସକଙ୍କୁ ମାର୍ଗଦର୍ଶନ କରି ଆଖପାଖ ମାଂସପେଶୀ, ସ୍ନାୟୁ ଏବଂ ଲିଗାମେଣ୍ଟକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ଏହି ନ୍ୟୂନତମ ଇନ୍‌ଭେସିଭ୍ ପଦ୍ଧତିର ପରିଣତିସ୍ୱରୂପ ପ୍ରାୟତଃ କମ୍ ଯନ୍ତ୍ରଣା, ରକ୍ତ କ୍ଷୟ ହ୍ରାସ, ନ୍ୟୂନତମ ଦାଗ ଏବଂ ଶୀଘ୍ର ଆରୋଗ୍ୟ ଲାଭ ସମ୍ଭବ ହେବା ସହ ସାମଗ୍ରିକ ରୋଗୀ ଅନୁଭୂତିରେ ଉନ୍ନତି ଆଣିଥାଏ।

ଉନ୍ନତ ଆଲାଇନମେଣ୍ଟ ଏବଂ ସନ୍ତୁଳନ ମଧ୍ୟ ଉଲ୍ଲେଖନୀୟ ଫଳାଫଳ ଅଟେ। ଉପଯୁକ୍ତ ପ୍ରତିରୋପଣ ସ୍ଥାପନ ପ୍ରାକୃତିକ ଆଣ୍ଠୁର ଚଳନକୁ ଫେରାଇ ଆଣିବାରେ ସାହାଯ୍ୟ କରେ ଏବଂ ସମୟକ୍ରମେ ପ୍ରତିରୋପଣ କୋହଳ ହେବା କିମ୍ବା କ୍ଷତିଗ୍ରସ୍ତ ହେବାର ଆଶଙ୍କାକୁ ହ୍ରାସ କରିଥାଏ। ଏହା ସିଧାସଳଖ ଅଧିକ ରୋଗୀ ସନ୍ତୋଷ, ଉତ୍ତମ ଗଣ୍ଠି ନମନୀୟତା ଏବଂ ଦୈନନ୍ଦିନ କାର୍ଯ୍ୟକଳାପ, ଯଥା ଚାଲିବା, ଶିଡ଼ି ଚଢ଼ିବା ଏବଂ ଏପରିକି ହାଲୁକା ବ୍ୟାୟାମକୁ ଶୀଘ୍ର ଫେରିବାରେ ସହାୟକ ହୋଇଥାଏ।

ରୋବୋଟିକ୍ ଟିକେଆର୍ ମଧ୍ୟ ଉତ୍ତମ ଅସ୍ତ୍ରୋପଚାର ନିରନ୍ତରତା ଏବଂ ପୂର୍ବାନୁମାନକୁ ସମର୍ଥନ କରେ। ଏହା ମନୁଷ୍ୟକୃତ ତ୍ରୁଟିକୁ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଶଲ୍ୟ ଚିକିତ୍ସକଙ୍କୁ ଆତ୍ମବିଶ୍ୱାସ ସହିତ ଜଟିଳ ଅସ୍ତ୍ରୋପଚାର ସମ୍ପନ୍ନ କରିବାର ସାମର୍ଥ୍ୟ ବଢ଼ାଇଥାଏ, ବିଶେଷକରି ବିକୃତି, ହାଡ଼ କ୍ଷୟ କିମ୍ବା ପୂର୍ବ ଅସ୍ତ୍ରୋପଚାର କ୍ଷେତ୍ରରେ।

ଭାରତରେ ଅଷ୍ଟିଓଆର୍ଥ୍ରାଇଟିସ୍ ଏବଂ ଗଣ୍ଠି ଅବକ୍ଷୟ ଘଟଣା ବଢ଼ିବାରେ ଲାଗିଛି। ଅତଏବ, ରୋବୋଟିକ୍ ଟିକେଆର୍ ଏକ ଯୁଗାନ୍ତକାରୀ ସମାଧାନ ଭାବରେ ଉଭା ହୋଇଛି ଯାହା ଅଧିକ ନିରାପତ୍ତା, ଦକ୍ଷତା ଏବଂ ଦୀର୍ଘକାଳୀନ ସଫଳତା ପ୍ରଦାନ କରୁଛି। ଟିକେଆର୍ ସମ୍ପର୍କରେ ସଚେତନତା ଏବଂ ସୁଗମ୍ୟତା ବୃଦ୍ଧି ପାଉଥିବାରୁ ରୋବୋଟିକ୍ ନୀ ରିପ୍ଲେସ୍‌ମେଣ୍ଟ ଆଗାମୀ ଦିନଗୁଡ଼ିକରେ ଗଣ୍ଠି ଯତ୍ନ କ୍ଷେତ୍ରରେ ନୂତନ ମାନଦଣ୍ଡରେ ପରିଣତ ହେବାକୁ ଯାଉଛି - ଯାହା ଅଗଣିତ ଜୀବନକୁ ଗତିଶୀଳତା ଏବଂ ଆରାମ ପ୍ରଦାନ କରିବ।

(ଡାକ୍ତିସ୍ୱାଧ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୭ଗିରଫ

ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)

ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ସୋମବାର ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିକାଶ ରାଉତ (୩୮), ପ୍ରକାଶ ଦାସ (୧୯), ଦେବୀପ୍ରସାଦ ବାରିକ (୧୯), ସୁଧୀର କୁମାର ରାଉତରାୟ (୨୯), ପୂର୍ଣ୍ଣଚନ୍ଦ୍ର ସିଅଳ (୨୫), ରାକେଶ କୁମାର ସାହୁ (୨୪) ଓ ରତ୍ନାକର ବେହେରା (୨୫)। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୁନ ୯ ରାତି ପ୍ରାୟ ୮ଟା ୫୦ରେ ଅଭିଯୁକ୍ତମାନେ ସ୍ଥାନୀୟ ଥାନା ଅଞ୍ଚଳରେ ଏକାଠି ଛିଡା ହୋଇଥିଲେ। ଅଭିଯୋଗକାରୀ ତପନ କୁମାର ସ୍ୱାଇଁ ଉକ୍ତ ସ୍ଥାନରୁ ତାଙ୍କ ଗାଡ଼ି ହାତରେ ଧରି ବାହାରୁଥିବା ବେଳେ ସମସ୍ୟା ଉପୁଜିଥିଲା। ତପନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ତ ଲ । କ୍ର ମେ ପୋଲିସ ମାମଲା (ନଂ.୨୭୫/୨୦୨୫) ରୁଜୁ କରି ତଦନ୍ତ କରିବା ସହ ପଦକ୍ଷେପ ଗ୍ରହଣ କରିଛି।


### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-247

[illegible]

ଟେଣ୍ଡର ମୂଲ୍ୟ (ଟଙ୍କାରେ): 27,20,000/-. EMD: 54,400/-.

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.06.2025 ଦିନ 1530 ଘଣ୍ଟାରେ।

www.ireps.gov.in

PR-242/Q/25-26

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-26, ତା.11.06.2025ରିଖ

[illegible]

ଟେଣ୍ଡର ମୂଲ୍ୟ : ₹ 2,53,94,919.63, ବିଡ୍ ସିକ୍ୟୁରିଟି: ₹ 2,77,000/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.07.2025ରିଖ 1100 ଘଣ୍ଟାରେ।

www.ireps.gov.in

PR-241/Q/25-26

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-367ER, ତା.07.06.2025ରିଖ

[illegible]

ଟେଣ୍ଡର ମୂଲ୍ୟ (ଟଙ୍କାରେ): 299.83 ଲକ୍ଷ, EMD: 2,99,900/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.07.2025 ଦିନ 1200 ଘଣ୍ଟାରେ।

www.ireps.gov.in

PR-42/CI/25-26

### ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

[illegible]

www.ireps.gov.in

CPR/10/FL/95

South East Central Railway @secrail



**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-09/2025-26
1st Call
e-Tender Ref No:-RCD/SID/AP/RAN/09/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bandhdih Middle School to Kasamar Tin Koniya Chowk via Baradih Banchash including construction of drainage system on the both side of road, replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 12 K.m.) *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 12.00 K.m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 25,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd/-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi

PR 355116 (Road) 25-26 (D)

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi- 834002

**e-Procurement (Very Short Tender Notice)**
Letter of Invitation (LOI) No.-06/2025-26, 1st Call
e-Tender Ref No:-RCD/SID/AP/RAN/06/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from NH-32 Pindrajora more to Goplapur Khirabeda link road via Chakuliya and Sonabad (Telidih Vikramdih road) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 18.250 K.m.) *Empanelledconsultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 18.250 K.m. |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 40,000 as Earnest Money. As per the Departmental Letter no.4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & eGovernance Department, Government ofJharkhand vide letter no.- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd/-
(Ravi Shankar Pravakar) Executive Engineer,
Soil Investigation Division, Advance Planning,
Road Construction Department,Ranchi

PR 355135 Road(25-26)#D

**ଚୋର ଗିରଫ, ୫ ବାଇକ ଜବତ**

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ): ନିଶା ସେବନ କରିବାକୁ ଚୋରି କରୁଥିଲେ ବାଇକ। ଲକ୍ଷେ ଟଙ୍କାର ବାଇକକୁ ମାତ୍ର ୨ରୁ ୩ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଏଥିରେ ଯାହା ଟଙ୍କା ମିଳୁଥିଲା, ସେଥିରେ ନିଶା ଖାଇ ଦେଉଥିଲେ। ବାଇକ ଚୋରି ମାମଲାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ସୋମବାର ଗିରଫ କରିବା ପରେ ତାଙ୍କ ଚୋରି ଇତିହାସ ବିଷୟରେ ଏଭଳି ତଥ୍ୟ ମିଳିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଗୁମୁଡ଼ାମାରେ ରହୁଥିବା କଟକ ଜିଲା ବାଙ୍କୀ ଅଞ୍ଚଳର ଦାପକ କୁମାର ସାହୁ ଓରଫ ଦାପୁ। ତାଙ୍କ ପାଖରୁ ୫ଟି ଚୋରି ବାଇକ ଜବତ ହୋଇଛି। କୋର୍ଟଚାଲାଣ ପରେ ଦାପୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ସଂକ୍ଷେପରେ

### ବନରକ୍ଷୀଙ୍କ ହତ୍ୟା ପ୍ରତିବାଦରେ କଳାବ୍ୟାଜ୍ ପରିଧାନ

ତିଗିରିଆ, ୧୬।୬(ଜାଫର ଖାଁ):

ଢେଙ୍କାନାଳ ବନ ବିଭାଗ ଅଧୀନରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କ ହତ୍ୟା ପ୍ରତିବାଦରେ ୩ ଦଫା ଦାବି ନେଇ ସୋମବାର ତିଗିରିଆ ବନ ବିଭାଗ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି । ମେ' ୨୩ ତାରିଖ ରାତିରେ ପ୍ରହ୍ଲାଦଙ୍କୁ ଯେଉଁଭଳି କାର୍ଯ୍ୟରତ ଅବସ୍ଥାରେ ହତ୍ୟା କରାଗଲା, ତାହାକୁ ଘୋର ନିନ୍ଦା କରାଯାଇଛି। ଏଥିରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଫାଷ୍ଟଟ୍ରାକ କୋର୍ଟରେ ସଂପୃକ୍ତ କେସ୍‌ର ବିଚାର ସହ ଫରେଷ୍ଟ କମିଶନ ଗଠନ ପାଇଁ ଦାବି କରାଯାଇଛି। ଏହାସହ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଫରେଷ୍ଟ କମିଶନ ଗଠନ କରାଯାଇ ଓଡ଼ିଶା ବନ ବିଭାଗରେ ସଂରଚନା-ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ପର୍କରେ ବିଚାର କରି ସରକାରଙ୍କୁ ୨ମାସ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ କର୍ମଚାରୀମାନେ ଦାବି କରିଛନ୍ତି। ଏଥିସହ ସମସ୍ତ ବନ ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୋଲିସ ଭଳି ସାଲାରି ପ୍ୟାକେଜ, ଇନ୍ସୁରାନ୍ସ ପ୍ରଦାନ ପାଇଁ ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ତିଗିରିଆ ବନପାଳ

### ବୃଦ୍ଧଙ୍କ ପରଲୋକ

ବାଙ୍କୀ , ୧୬।୬( ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମର ଅନ୍ତର୍ଯ୍ୟାମୀ ସେଠୀ(୯୯)ଙ୍କ ଦେହାନ୍ତ ହୋଇଯାଇଛି। ଅନ୍ତର୍ଯ୍ୟାମୀଙ୍କୁ ପୁଅ ଧୈର୍ଯ୍ୟଧର ସେଠୀ ମୁଖାଗ୍ନି ଦେଇଥିଲେ । ଶେଷ ସମୟରେ ପୁତ୍ର ଧୈର୍ଯ୍ୟଧର ସେଠୀ, ବୋହୂ ପଦ୍ମାବତୀ ସେଠୀ, ନାତି ରାକେଶ କୁମାର ସେଠୀ, ବିକାଶ କୁମାର ସେଠୀ, ଝିଅ ସିରୋଦାହା ସେଠୀ , ସରୋଜିନୀ ସେଠୀ , ମୀରାରାଣୀ ସେଠୀ, ପୁତୁରା ରମେଶ ଚନ୍ଦ୍ର ସେଠୀ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସ୍ୱର୍ଗତ ସେଠୀ ଜଣେ ମିଷ୍ଟଭାଷୀ, ଧର୍ମ ପରାୟଣ ବ୍ୟକ୍ତି ଭାବେ ଗ୍ରାମାଞ୍ଚଳରେ ବେଶ ପରିଚିତ ଥିଲେ। ଏହାସହ ସେ ଗ୍ରାମରେ ବିଜେ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ପରମ ସେବାୟତ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରି ସ୍ୱର୍ଗତ ସେଠୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ପରିବାର ଓ ବନ୍ଧୁ ପରିଜନ ଆସିବା ପରେ ଗ୍ରାମ ମଶାଣିରେ ଅନ୍ତିମ ସତ୍କାର କରାଯାଇଥିଲା ।

# ଭାଇଚାରା ସମ୍ପର୍କର ସେତୁ ରଜ ମହୋତ୍ସବ

## ରଜ ମହୋତ୍ସବ

ବାଙ୍କୀ, ୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):



ବାଙ୍କୀ ମହୋତ୍ସବରେ ମଞ୍ଚାସୀନ ଅତିଥି।

ବାଙ୍କୀ କଚେରୀ ପଡ଼ିଆଠାରେ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉତ୍ସବ କଳା,ସାହିତ୍ୟ,ସଂସ୍କୃତିର ଅପୂର୍ବ ସମାରୋହ ଓ ଭାଇଚାରାର ନିଦର୍ଶନ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ମହାନଗର ଶାନ୍ତିକମିଟି ଉପସଭାପତି ଧର୍ମେଶ ନାୟକ, ସମ୍ମାନିତ ଅତିଥି କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, କଂଗ୍ରେସ ଅନୁସୂଚିତ ଜାତି ସଭାପତି ବାଙ୍କନିଧି ବେହେରା, କାଉନ୍‌ସିଲର ସନାତନ ବେହେରା, ଚନ୍ଦନ କୁମାର ଗଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କମିଟିର ସଭାପତି ପଠାଣୀ ବେହେରା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଶ୍ରୀନିବାସ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରଜସୁନ୍ଦରୀ, ରଜ ପରୀ, ପିଠା ତଥା ଅନ୍ୟାନ୍ୟ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ତ୍ରିପାଠୀ ମାନପତ୍ର ଏବଂ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବାଙ୍କୀ ନୂଆ ହାଟରେ ଅନୁଷ୍ଠିତ ମା' ଚୁଚିକା ବାସିନୀ ରଜମହୋତ୍ସବର ତୃତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନକୁଳ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନଗରପାଳ ମାଣିକ ସାହୁ ଯୋଗଦେଇ ରଜମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର ଯୋଗଦେଇ ରଜ ମହୋତ୍ସବ ହେଉଛି ଭାଇଚାରା ସମ୍ପର୍କର ସେତୁ ବୋଲି କରିଥିଲେ। ସମ୍ମାନିତ ଅତିଥିଭାବେ ସୁଜାତା ସିଂହ, ସରସ୍ୱତୀ ଦାସ, ମାନସ ଦେହୁରୀ, ମାମି ପ୍ରଧାନ, ପୂର୍ବତନ କାଉନ୍‌ସିଲର ସାଗରିକା ରଣା, ମିଶନଶକ୍ତି ବାଙ୍କୀ ଡମପଡ଼ା ବ୍ଲକର ଅଧ୍ୟକ୍ଷା ଜୋତ୍ସ୍ନାରାଣୀ ବେହେରା, କାଉନ୍‌ସିଲର ଅଶାନ୍ତି ରାଉତ, ପ୍ରତିଭା ରାଉତ, ପ୍ରଭାତୀ ମଙ୍ଗୁଆଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକାରୀ ସଭାପତି ସନାତନ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନା ଓ ସମ୍ପାଦକ ଜାମିନିକାନ୍ତ ମହାପାତ୍ର ବିବରଣୀ ପାଠ କରିଥିଲେ। ବିନୋଦିନୀ ମହାପାତ୍ର ଅତିଥି ପରିଚୟ ଓ ପ୍ରିତିଲତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ପଥପ୍ରାନ୍ତ ସଭା

ଆଠଗଡ଼, ୧୬।୬ (ସତ୍ୟ ପ୍ରସାଦ ରଥ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ଆଠଗଡ଼ ଖଣ୍ଡ ସଂଯୋଜକ ରଞ୍ଜିତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପଥପ୍ରାନ୍ତ ସଭା ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଛକଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଂଯୋଜକ କେଶବ ଚନ୍ଦ୍ର ସାହୁ କହିଛନ୍ତି, ୧୫ ବର୍ଷ ହେଲା ଏମାନେ କଲେଜରୁ ୨ହଜାରରୁ ୫ ହଜାର ପାରିଶ୍ରମିକ ପାଇ କଲେଜର ସମସ୍ତ କାର୍ଯ୍ୟ କରିଥାନ୍ତି। କିନ୍ତୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଠାରେ ୪୯୭ ଦିନ ହେବ ଆହୋରାତ୍ର ଧାରଣା ଦେଇଥିଲେ ମଧ୍ୟ ସରକାର କୌଣସି ନୂତନ ଅଧ୍ୟାଦେଶ ଜାରି କରୁନାହାନ୍ତି। ତେଣୁ ବାଧ ହୋଇ ସଂଘ ତରଫରୁ ରାଜ୍ୟର ସବୁ ବ୍ଲକରେ ପଥପ୍ରାନ୍ତ ସଭା କରାଯାଉଛି। ଯଦି ଲୋକଙ୍କ ସରକାର ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ଉପସ୍ଥାପନା ନ କରନ୍ତି ଆଗାମୀ ଦିନରେ ଯାହା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଜିଲା ସଂଯୋଜକ ସାହୁ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପିକା ସରିତା ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ବାରିକ, ଅପରାଜିତା ଜେନାମଣି, ପ୍ରତିମା ସାହୁ, ପ୍ରଶାନ୍ତ କୁମାର ନାଏକ, ମୁରଲୀଧର ବେହେରା, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ମାମିନା ତରାଇ, ସୋନି ଦାସ, ସହଦେବ ନାଏକ, ଶ୍ରୀକାନ୍ତ ଜେନା, ପ୍ରଜ୍ଞାପରମିତା ସାହୁ, ସୁଭଦ୍ରା ସାହୁ, ସୋନି ଦାସ, ସୁଭଦର୍ଶନ ମହାପାତ୍ର, ସନ୍ତୋଷ ଦାସ, ମେନକା ବେହେରା, ସୁମନ୍ତ ବାରିକ, ପ୍ରୀତିରଞ୍ଜନ ରାଉତ, ବଳଭଦ୍ର ମିଶ୍ର, ଉର୍ବଶୀ ବେହେରା, ଜଗୁ ନାଏକ, ଗଙ୍ଗା ନାଏକ, ଧନେଶ୍ୱର ବେହେରା, ସରୋଜିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କଳା, ସଂସ୍କୃତି ଐତିହ୍ୟର ଅନ୍ୟ ନାମ ଗୋପମଥୁରା ରଜ ମହୋତ୍ସବ

ବଡ଼ମ୍ବା/ନିଶ୍ଚିନ୍ତକୋଇଲ ୧୬।୬ (ମାୟାଧର ମଲ୍ଲିକ/ ଅଶୋକ କୁମାର ମହାପାତ୍ର): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମ ଖେଳ ପଡିଆରେ ଚାଲିଥିବା ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ପ୍ରାକ୍ତନ ବିଧାୟକ ତଥା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ ଯେ, ଗ୍ରାମର କଳା, ସଂସ୍କୃତି ଓ ଐତିହ୍ୟର ଅନ୍ୟ ନାମ ଗୋପମଥୁରା ରଜ ମହୋତ୍ସବ । ମୁଖ୍ୟବକ୍ତା ଭାବେ ବଡ଼ମ୍ବା ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପମଥୁରା ଗ୍ରାମପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବ ଓ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତଥିଲେ। ରଜ ମହୋତ୍ସବ କମିଟି ସଭାପତି ଭଗବାନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ନବ କିଶୋର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଜ୍ଞାନରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ କୁନି କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ ପୁରପଲ୍ଲୀରେ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏସବୁ ମହୋତ୍ସବରେ ଭାଗ ନେଇଥିବା କୃତୀ କଳାକାରମାନଙ୍କୁ ପୁରସ୍କୃତ କରାଯାଇଛି। ଗୋପପୁର ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଧ୍ୟରେ ଶେଷ ହୋଇଛି।



ବଡ଼ମ୍ବାକ ଗୋପପୁର ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବରେ ଅତିଥି ଓ ଅନ୍ୟମାନେ।

# ବିଦ୍ୟୁତ୍ ଲାଇନ ସଂଯୋଗର ବିକଳ୍ପ ବ୍ୟବସ୍ଥା ଦାବି

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ତିଗିରିଆ, ୧୬।୬(ଜାଫର ଖାଁ)

ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ ନୂଆସଡ଼କ ଗ୍ରାମରୁ ପାଞ୍ଚଗାଁ ପର୍ଯ୍ୟନ୍ତ ସଂଯୋଗ କରାଯାଉଥିବା ନୂତନ ୩୩ କେଭି ବିଦ୍ୟୁତ୍ ଜନବସତି ଅଞ୍ଚଳ ଦେଇ ଯାଉଛି। ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ତହସିଲଦାରଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନୂଆସଡ଼କଠାରୁ ପାଞ୍ଚଗାଁ ପର୍ଯ୍ୟନ୍ତ ସଂଯୋଗ ହେଉଥିବା ନୂତନ ୩୩ କେଭି ବିଦ୍ୟୁତ୍ ଲାଇନ କଟକ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥଠାରୁ ଅଳ୍ପ ଦୂରରେ ଓ ଜନବସତିର ଖୁବ୍ ନିକଟରେ ଟଣାଯାଉଛି। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜନବସତି ଅଞ୍ଚଳରେ ଥିବା ବହୁ ପୁରାତନ ଗଛକୁ କାଟିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଉପରେ ଚାପ ପ୍ରୟୋଗ କରାଯାଉଛି। ୬୫ ନମ୍ବର ରାଜ୍ୟ ରାଜପଥରେ ପ୍ରତ୍ୟହ ବହୁ ଗାଡ଼ିମୋଟର ଚଳାଚଳ କରୁଥିବାରୁ ରାସ୍ତାପାର୍ଶ୍ୱରେ ଏହି ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ଟଣାଗଲେ ଜନଜୀବନ ହାନି ହେବାର ଆଶଙ୍କା ରହିଛି। ଏପରିକି ପଶୁପକ୍ଷୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଆଶଙ୍କା ରହିଛି। ଏନେଇ ସ୍ଥାନୀୟ ଲୋକେ ବିଦ୍ୟୁତ୍ ତାର ଟଣାଯିବାକୁ ବିରୋଧ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ କିମ୍ବା ଭୂତଳ ତାର ମାଧ୍ୟମରେ ସଂଯୋଗ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏସମ୍ପର୍କରେ କଟକ ଜିଲାପାଳ, ଆଠଗଡ଼ ଉପଜିଲାପାଳ, ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଛି।



**ଡା. ସତ୍ୟ ନାରାୟଣ ବେହେରା,**
ସିନିୟର କନ୍‌ସଲ୍‌ଟାଣ୍ଟ
ଅର୍ଥୋପେଡିକ୍ସ (ଏମ୍.ଏସ୍.)
ଅଶ୍ୱିନୀ ହସ୍ପିଟାଲ, କଟକ

# ଆଣ୍ଠୁ ଯତ୍ନରେ ଆଣୁଛି ବୈପ୍ଲବିକ ପରିବର୍ତ୍ତନ: ରୋବୋଟିକ୍ ଟୋଟାଲ ନୀ ରିପ୍ଲେସ୍‌ମେଣ୍ଟର ଲାଭ

ଅତ୍ୟାଧୁନିକ ଜ୍ଞାନକୌଶଳ ସହ ନିଖୁଣ ଅସ୍ତ୍ରୋପଚାରକୁ ଏକତ୍ରିତ କରି ରୋବୋଟିକ୍ ଟୋଟାଲ ନୀ ରିପ୍ଲେସ୍‌ମେଣ୍ଟ (ଟିକେଆର୍) ଅସ୍ଥିଶଲ୍ୟ ଅସ୍ତ୍ରୋପଚାରର ପରିଭାଷାକୁ ବଦଳାଇ ଦେଇଛି । ରୋବୋଟିକ୍-ଆସିଷ୍ଟେଡ୍ ଟିକେଆର୍ ସଠିକତା, ବ୍ୟକ୍ତିଗତକରଣ ଏବଂ ରୋଗୀ ଫଳାଫଳକୁ ଉନ୍ନତ କରିଥାଏ । ଏହି କାରଣରୁ ଏହା ବିଶ୍ୱବ୍ୟାପୀ ଉଭୟ ଶଲ୍ୟ ଚିକିତ୍ସକ ଏବଂ ରୋଗୀଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ବିକଳ୍ପରେ ପରିଣତ ହୋଇଛି ।

ରୋବୋଟିକ୍ ଟିକେଆର୍‌ର ଅନ୍ୟତମ ପ୍ରମୁଖ ଫାଇଦା ହେଉଛି ଅତୁଳନୀୟ ନିଖୁଣତା। ଉନ୍ନତ ଥ୍ରୀଡି ଇମେଜିଂ ଏବଂ ରିଅଲ ଟାଇମ୍ ଫିଡ୍‌ବ୍ୟାକ୍ ସାହାଯ୍ୟରେ ଶଲ୍ୟ ଚିକିତ୍ସକମାନେ ରୋଗୀଙ୍କ ଶରୀରର ଅନନ୍ୟ ଗଠନ ଅନୁଯାୟୀ ଏକ ବିସ୍ତୃତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିପାରିବେ । ଏହା ଅଧିକ ଠିକ୍ ଭାବେ ପ୍ରତିରୋପଣ ସ୍ଥାନିତ କରିବା ସମ୍ଭବ କରିଥାଏ, ଯାହା ଆଣ୍ଠୁ ପ୍ରତିରୋପଣର ଦୀର୍ଘାୟୁ, ସ୍ଥିରତା ଏବଂ ସାମଗ୍ରିକ କାର୍ଯ୍ୟକ୍ଷମତାରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଫାଇଦା ହେଉଛି କୋମଳ ଟିସ୍ୟୁ କ୍ଷତି ହ୍ରାସ କରିବା । ରୋବୋଟିକ୍ ସିଷ୍ଟମ ପୂର୍ବ ନିର୍ଦ୍ଧାରିତ ସୀମା ମଧ୍ୟରେ ଶଲ୍ୟ ଚିକିତ୍ସକଙ୍କୁ ମାର୍ଗଦର୍ଶନ କରି ଆଖପାଖ ମାଂସପେଶୀ, ସ୍ନାୟୁ ଏବଂ ଲିଗାମେଣ୍ଟକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ । ଏହି ନ୍ୟୂନତମ ଇନ୍‌ଭେସିଭ୍ ପଦ୍ଧତିର ପରିଣତିସ୍ୱରୂପ ପ୍ରାୟତଃ କମ୍ ଯନ୍ତ୍ରଣା, ରକ୍ତ କ୍ଷୟ ହ୍ରାସ, ନ୍ୟୂନତମ ଦାଗ ଏବଂ ଶୀଘ୍ର ଆରୋଗ୍ୟ ଲାଭ ସମ୍ଭବ ହେବା ସହ ସାମଗ୍ରିକ ରୋଗୀ ଅନୁଭୂତିରେ ଉନ୍ନତି ଆଣିଥାଏ ।

ଉନ୍ନତ ଆଲାଇନମେଣ୍ଟ ଏବଂ ସନ୍ତୁଳନ ମଧ୍ୟ ଉଲ୍ଲେଖନୀୟ ଫଳାଫଳ ଅଟେ । ଉପଯୁକ୍ତ ପ୍ରତିରୋପଣ ସ୍ଥାପନ ପ୍ରାକୃତିକ ଆଣ୍ଠୁର ଚଳନକୁ ଫେରାଇ ଆଣିବାରେ ସାହାଯ୍ୟ କରେ ଏବଂ ସମକ୍ରମେ ପ୍ରତିରୋପଣ କୋହଳ ହେବା କିମ୍ବା କ୍ଷତିଗ୍ରସ୍ତ ହେବାର ଆଶଙ୍କାକୁ ହ୍ରାସ କରିଥାଏ । ଏହା ସିଧାସଳଖ ଅଧିକ ରୋଗୀ ସନ୍ତୋଷ, ଉତ୍ତମ ଗଣ୍ଠି ନମନୀୟତା ଏବଂ ଦୈନନ୍ଦିନ କାର୍ଯ୍ୟକଳାପ, ଯଥା ଚାଲିବା, ଶିଡ଼ି ଚଢ଼ିବା ଏବଂ ଏପରିକି ହାଲୁକା ବ୍ୟାୟାମକୁ ଶୀଘ୍ର ଫେରିବାରେ ସହାୟକ ହୋଇଥାଏ ।

ରୋବୋଟିକ୍ ଟିକେଆର୍ ମଧ୍ୟ ଉତ୍ତମ ଅସ୍ତ୍ରୋପଚାର ନିରନ୍ତରତା ଏବଂ ପୂର୍ବାନୁମାନକୁ ସମର୍ଥନ କରେ । ଏହା ମନୁଷ୍ୟକୃତ ତ୍ରୁଟିକୁ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଶଲ୍ୟ ଚିକିତ୍ସକଙ୍କୁ ଆତ୍ମବିଶ୍ୱାସ ସହିତ ଜଟିଳ ଅସ୍ତ୍ରୋପଚାର ସମ୍ପନ୍ନ କରିବାର ସାମର୍ଥ୍ୟ ବଢ଼ାଇଥାଏ, ବିଶେଷକରି ବିକୃତି, ହାଡ଼ କ୍ଷୟ କିମ୍ବା ପୂର୍ବ ଅସ୍ତ୍ରୋପଚାର କ୍ଷେତ୍ରରେ ।

ଭାରତରେ ଅଷ୍ଟିଓଆର୍ଥ୍ରାଇଟିସ୍ ଏବଂ ଗଣ୍ଠି ଅବକ୍ଷୟ ଘଟଣା ବଢ଼ିବାରେ ଲାଗିଛି । ଅତଏବ, ରୋବୋଟିକ୍ ଟିକେଆର୍ ଏକ ଯୁଗାନ୍ତକାରୀ ସମାଧାନ ଭାବରେ ଉଭା ହୋଇଛି ଯାହା ଅଧିକ ନିରାପତ୍ତା, ଦକ୍ଷତା ଏବଂ ଦୀର୍ଘକାଳୀନ ସଫଳତା ପ୍ରଦାନ କରୁଛି । ଟିକେଆର୍ ସମ୍ପର୍କରେ ସଚେତନତା ଏବଂ ସୁଗମ୍ୟତା ବୃଦ୍ଧି ପାଉଥିବାରୁ ରୋବୋଟିକ୍ ନୀ ରିପ୍ଲେସ୍‌ମେଣ୍ଟ ଆଗାମୀ ଦିନଗୁଡ଼ିକରେ ଗଣ୍ଠି ଯତ୍ନ କ୍ଷେତ୍ରରେ ନୂତନ ମାନଦଣ୍ଡରେ ପରିଣତ ହେବାକୁ ଯାଉଛି - ଯାହା ଅଗଣିତ ଜୀବନକୁ ଗତିଶୀଳତା ଏବଂ ଆରାମ ପ୍ରଦାନ କରିବ ।

(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

### ପ୍ରିମିୟର ଲିଗ: ଜୟ ଶ୍ରୀରାମ, ନୋ କମ୍ପ୍ରମାଇଜ ବିଜୟୀ

ତିଗିରିଆ, ୧୬।୬(ଜାଫର ଖାଁ) ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଗଦାଧରପୁର ପ୍ରିମିୟର ଲିଗ୍‌ର ସୋମବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଜୟ ଶ୍ରୀରାମ ଓ ନୋ କମ୍ପ୍ରମାଇଜ ବିଜୟୀ ହୋଇଛି। ସକାଳେ ସପ୍ତମ ଲିଗ୍ ମ୍ୟାଚ୍ ଜୟ ଶ୍ରୀରାମ ଓ ବଜରଙ୍ଗୀ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଜୟ ଶ୍ରୀରାମ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ଷ୍ଟାର ଦଳ ନିର୍ଦ୍ଧାରିତ ଓଭରରେ ୬୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଶ୍ରୀରାମ ଦଳର ଚନ୍ଦ୍ରଶେଖର ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅଷ୍ଟମ ଲିଗ୍ ମ୍ୟାଚ୍ କପିଳେଶ୍ୱର ରକ୍‌ଷ୍ଟାର ଓ ନୋ କମ୍ପ୍ରମାଇଜ ମଧ୍ୟରେ ଖେଳାଯାଇଥିଲା। ରକ୍‌ଷ୍ଟାର ପ୍ରଥମେ ବ୍ୟାଟିଂକରି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ ନୋ କମ୍ପ୍ରମାଇଜ ଟିମ୍ ୧୧.୩ ଓଭରରେ ୮ଟି ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ନୋ କମ୍ପ୍ରମାଇଜ ଦଳର ଆକାଶ ମହାପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-247

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ବର୍ତ୍ତମାନ ଥିବା ଫୁଟ୍ ଓଭର ବ୍ରିଜ୍ (FOB) ଠାରୁ ନୂଆ ଫୁଟ୍ ଓଭର ବ୍ରିଜ୍ (FOB) ପର୍ଯ୍ୟନ୍ତ Johnson ଦ୍ୱାରା ନିର୍ମିତ 13 ପାସେଞ୍ଜର କ୍ଷମତା ବିଶିଷ୍ଟ ପାସେଞ୍ଜର ଲିଫ୍ଟଗୁଡ଼ିକୁ ଭାଙ୍ଗିବା, ସ୍ଥାନାନ୍ତରଣ-ସଂସ୍ଥାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 27,20,000/-, EMD /ବିଡ୍ ସୁରକ୍ଷା ଜମା (ଟଙ୍କାରେ) : 54,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରି ହେବା ତାରିଖ ଠାରୁ ଦୁଇ ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.06.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-242/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-16, ତା.11.06.2025ରିଖ

କାର୍ଯ୍ୟର ନାମ : ବେଲସୋଣ୍ଡା, କୋମାଖାନ, ଖରିଆର ରୋଡ୍, କଣ୍ଟାବାଞ୍ଜି, ଜୁନାଗଡ଼ ରୋଡ୍, ବଲାଙ୍ଗୀର, ଡୁଙ୍ଗୁରିପାଲି, ବରଗଡ଼ ରୋଡ୍, ହୀରାକୁଦ, ଲପଙ୍ଗା, ହଣ୍ଡପା, ସମ୍ବଲପୁର ସିଟି ଏବଂ ରେଙ୍ଗାଲି ର ଗୁଡ୍ସ ସେଡ୍‌ଗୁଡ଼ିକର ଆଧୁନିକୀକରଣ।

ଟେଣ୍ଡର ମୂଲ୍ୟ : ₹2,53,94,919.63, ବିଡ୍ ସିକ୍ୟୁରିଟୀ: ₹ 2,77,000/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.07.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଦୂରସଞ୍ଚାର), ସମ୍ବଲପୁର
PR-241/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-367ER, ତା.07.06.2025ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଜରପଦା-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସନ୍ଦର୍ଭରେ ତାଳଚେର ରୋଡ୍-ଜରପଦା ସେକ୍ସନରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ ଏବଂ ସବ୍‌ଷ୍ଟେସନର ରୂପାନ୍ତରଣ/ସ୍ଥାନାନ୍ତରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 299.83 ଲକ୍ଷ, EMD (ଟଙ୍କାରେ) : 2,99,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.07.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-42/CI/25-26

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ବିଜ୍ଞପ୍ତି ନଂ.: ସିପିଏମ୍/ଇଏଲ୍/ଆର୍‌ଆଇଜି/ଜେଜିଏସ୍/୨୦୨୫-୨୬-୦୪ (ଖୋଲା ଟେଣ୍ଡର) ଦୁଇ ପ୍ୟାକେଟ୍ ପ୍ରଣାଳୀ।

କାର୍ଯ୍ୟର ନାମ: "ଏସ୍‌ଇସିଆର୍‌ର ବିଳାସପୁର ମଣ୍ଡଳର ଆର୍‌ଆଇଜି-ଜେଏସ୍‌ଜି ସେକ୍ସନ (ସମସ୍ତ ୟାର୍ଡ ସମେତ) ମଧ୍ୟରେ ବିଦ୍ୟମାନ ୧x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମକୁ ୨x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମରେ ଉନ୍ନୀତ କରିବା ପାଇଁ ଡିଜାଇନିଂ, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ (୭୦ ଆର୍‌କେଏମ୍/୨୮୦ଟିକେଏମ୍)" ।

ଟେଣ୍ଡର ମୂଲ୍ୟ: ₹୯୭,୮୦,୧୮,୭୬୨/- (ସତାନବେ କୋଟି ଅଶୀ ଲକ୍ଷ ଅଠର ହଜାର ସାତଶହ ବାଷଠି ଟଙ୍କା ମାତ୍ର), ଇଏମ୍‌ଡି: ₹୫୦,୪୦,୧୦୦/-, କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ ତା୨୪।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।

ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ ତା୨୪।୦୬।୨୦୨୫ରିଖ ୧୫.୩୦ ଘଟିକାରେ ।

ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ବିଦ୍ୟୁତ୍/ଦ.ପୂ.ମ.ରେ., ଓଲ୍ଡ କନ୍‌ଷ୍ଟ୍ରକ୍ସନ୍ ବିଲ୍ଡିଂ, ଜିଏମ୍ ଏସ୍‌ଇସିଆର୍ ବିଲ୍ଡିଂ କାର୍ଯ୍ୟାଳୟ ପାର୍ଶ୍ୱ, ବିଳାସପୁର-୪୯୫୦୦୪ (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ ।

ଡେପୁଟି ସିଇଇ/ପ୍ରକଳ୍ପ
CPR/10/FL/95 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401,56-Set, Doranda, Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-09/2025-26
1st Call
e-Tender Ref No:–RCD/SID/AP/RAN/09/2025-26 Date:- 14.06.2025

| | | |
|---|---|---|
ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁର, ନୂଆଗଡ଼ ସମେତ ବିଭିନ୍ନ ଗ୍ରାମରେ ପ୍ରତ୍ୟେକ ଦିନ ନୂଆ ରୋଗୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି। ଗତ ୪ ଦିନ ମଧ୍ୟରେ ଶୁକ୍ରବାର ୭ ଜଣ, ଶନିବାର ୧୧, ରବିବାର ୮ ଓ ସୋମବାର ଅପରାହ୍ନ ସୁଦ୍ଧା ୭ ଝାଡ଼ାବାନ୍ତି ରୋଗୀ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ହେଲେ ଏବେ ବି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଜଣ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେମାନେ ହେଲେ କୁହୁଡ଼ି ଗ୍ରାମର ଅଲେଖ ଲେଙ୍କା, ପାଟସୁନ୍ଦରପୁର ଗ୍ରାମର ମଞ୍ଜୁଲତା ବେହେରା ଓ ଅସ୍ତରଙ୍ଗ ଗ୍ରାମର ଆରତି ବେହେରା। ଏନେଇ ସୋମବାର ଜିଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ମହାମାରୀ ବିଶେଷଜ୍ଞ ଡ. ଶିଳ୍ପୀ ଦାଶ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଏକ ସ୍ୱତନ୍ତ୍ର ଟିମ ବ୍ଲକ ଅଞ୍ଚଳରେ ଥିବା ବସୁଧା ଟାଙ୍କିର ସ୍ଥିତି ଅନୁଧ୍ୟାନ କରିଥିଲା। ପ୍ରଥମେ ବିଶେଷଜ୍ଞ ଟିମ୍ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅଳ୍ପ କିଛି ଦୂରରେ ଅବସ୍ଥିତ ବସୁଧା ଟାଙ୍କି ଅନୁଧ୍ୟାନ ସମୟରେ ସେଥିରୁ କେବଳ ନାଲିରଙ୍ଗର ପାଣି ବାହାରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲା। ତେବେ ଟାଙ୍କିରୁ ସମ୍ପୂର୍ଣ୍ଣ ପାଣି ନିଷ୍କାସନ କରିବାକୁ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ପରେ ବିଶେଷଜ୍ଞ ଟିମ୍ ଓ ଡାକ୍ତରୀ ଟିମ୍ ବିଭିନ୍ନ ବସୁଧା ଟାଙ୍କି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛି।

ପରେ ମହାମାରୀ ବିଶେଷଜ୍ଞ ଡ. ଶିଳ୍ପୀ ଦାଶ ଓ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁର ଅଞ୍ଚଳରେ ଆକ୍ରାନ୍ତଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଅସ୍ତରଙ୍ଗ ଗ୍ରାମର ସୁର ଗୋଚ୍ଛାୟତ, ଲକ୍ଷ୍ମୀପ୍ରିୟା ସେଠୀ, ଆଳଙ୍ଗପୁର ଗ୍ରାମର ପଙ୍କଜ ଦାସ, ମିନତି କାଣ୍ଡିଙ୍କ ସମେତ ୭ ଜଣ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି, କେତେଜଣ ରୋଗୀଙ୍କ ମଳ ଓ ସ୍ଥାନୀୟ ଅଞ୍ଚଳରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଏହାସହ ଅପରାହ୍ନରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆର. ଡବ୍ଲ୍ୟୁଏସ୍ଏସ୍‌ର ବିଭାଗୀୟ ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ବସି ଝାଡ଼ାବାନ୍ତି କିପରି ନିୟନ୍ତ୍ରଣକୁ ଆସିବ, ତାହାର ସମୀକ୍ଷା କରାଯାଇଥିଲା। ଡାକ୍ତରଖାନା ଓ ଘରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ସାଲାଇନ, ଇଞ୍ଜେକ୍ସନ ଦେବା ସହ ବଟିକା ଯୋଗାଇ ଦିଆଯାଉଛି। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ପ୍ରାଥମିକ ଚିକିତ୍ସାରେ ସହଯୋଗ କରୁଥିବା ଭାରପ୍ରାପ୍ତ ଅଧିକାରୀ ଡ. ପ୍ରଧାନ କହିଛନ୍ତି।

## କଟକ ସୁଆଁରିରେ ୧୩ ଆକ୍ରାନ୍ତ, ଜଣେ ମୃତ

**ମଙ୍ଗୁଳି-ଜଗତପୁର,୧୬।୬(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରି ଗ୍ରାମରେ ଗତ ୨ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୫ ପରିବାରର ୧୩ଜଣ କଟକ ବଡ ମେଡିକାଲ ଓ କେତେଜଣ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତିରେ ଉର୍ମିଳା ବଳଙ୍କ ମୃତ୍ୟୁ ହୋଇଥିବା ବେଳେ ନିର୍ମଳ ଗଡଡ ନାମକ ଜଣେ ୬୦ବର୍ଷୀୟ ବୃଦ୍ଧଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗ୍ରାମ ପରିଦର୍ଶନ କରି ଜଳଉତ୍ସଗୁଡ଼ିକ ଯାଞ୍ଚ କରି ଲୋକଙ୍କୁ ସଚେତନ କରିବା ସହ ପ୍ରାଥମିକ ତଦନ୍ତରୁ ପାଣିଜନିତ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ତେଣୁ ବ୍ଲକ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା କିପରି ଆଗକୁ ଅନ୍ୟ ଗାଁକୁ ନ ବ୍ୟାପିବ ସେ ନେଇ ପ୍ରଶାସନ ସଜାଗ ଥିବା ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା କହିଛନ୍ତି। ଗ୍ରାମ ପରିଦର୍ଶନ ବେଳେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ମଧୁସ୍ମିତା ନାୟକ, ବ୍ଲକ ସ୍ୱାସ୍ଥ୍ୟ ଅଫିସର ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ଜେଇ ସ୍ୱର୍ଣ୍ଣମୟୀ ସାହୁ ପ୍ରମୁଖ ସାମିଲ ଥିଲେ।



ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ାବାନ୍ତି ବ୍ୟାପୁଥିବା ସୁଆଁରି ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମୃତିରଞ୍ଜନ



@ ରୂପାଲୀ



@ ଲଳିତ



@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡାଇରିଆରୁ ଛୋଟପିଲାଙ୍କୁ ସୁରକ୍ଷିତ ରଖିବାକୁ ଗୁରୁତ୍ୱ




ଷ୍ଟପ୍ ଡାଇରିଆ ଅଭିଯାନକୁ ନେଇ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର ବେବର୍ତ୍ତାଙ୍କ ସହ ବରିଷ୍ଠ ଅଧିକାରୀମାନେ।

**ଭୁବନେଶ୍ୱର,୧୬।୬(ବନ୍ଦନା ସେଠୀ)**

ବର୍ଷାଋତୁରେ ଜଳବାହିତ ରୋଗ ଡାଇରିଆର (ଝାଡ଼ାବାନ୍ତି)ର ନିରାକରଣ ନିମନ୍ତେ ରାଜ୍ୟରେ ସୋମବାରଠାରୁ ଷ୍ଟପ୍ ଡାଇରିଆ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ରାଜ୍ୟ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଡାଇରିଆରୁ କିଭଳି ସମସ୍ତଙ୍କୁ ନିରାପଦ ରଖାଯାଇପାରିବ, ବିଶେଷକରି ଛୋଟପିଲାଙ୍କୁ ସୁରକ୍ଷିତ ରଖାଯିବ ସେନେଇ ଗୁରୁତ୍ୱାରୋପ ହୋଇଥିଲା। ୦ରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ଡାଇରିଆରେ ଆକ୍ରାନ୍ତ ହେଲେ, କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓଆର୍‌ଏସ୍, ତରଳ ପଦାର୍ଥ ଏବଂ ଜିଙ୍କ୍ ଦିଆଯିବା ଆବଶ୍ୟକ ସେ ବିଷୟରେ ସୂଚନା ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଓଆର୍‌ଏସ୍ ଏବଂ ଜିଙ୍କ୍ କର୍ନର ଖୋଲିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର ବେବର୍ତ୍ତା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜଳ ଯୋଗାଯୋଗ (ଆଇଇସି) ପତ୍ରିକା ଓ ସୂଚନାପତ୍ର ଉନ୍ମୋଚନ କରିଥିଲେ। ସେହିପରି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଚିକିତ୍ସା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରମୁଖଙ୍କୁ ଷ୍ଟପ୍ ଡାଇରିଆ ଅଭିଯାନର ଲକ୍ଷ୍ୟ ଓ ପରିଚାଳନା ବିଷୟରେ ତଥ୍ୟ ସମ୍ବଳିତ ଅନୁପ୍ରେରଣା ଦିଆଯାଇଥିଲା।

## ଏସ୍‌ସିବିରେ ଆକ୍ରାନ୍ତଙ୍କୁ ଭେଟିଲେ କେନ୍ଦ୍ରୀୟ ଟିମ୍

■ବିଭିନ୍ନ ଅଞ୍ଚଳର ୨୭ ଆକ୍ରାନ୍ତଙ୍କ ଚିକିତ୍ସା ଜାରି

■କଟକ ଜିଲା ଟାଙ୍ଗୀରୁ ୧୭, ବାଙ୍କୀରୁ ୨୮ ସଂକ୍ରମିତ

**କଟକ,୧୬।୬ (ଶିଳ୍ପା ପ୍ରିୟଦର୍ଶିନୀ)**

ଡାଇରିଆ ସଂକ୍ରମଣ ଧୀରେ ଧୀରେ ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଥିବାବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ କ୍ରମଶଃ ବଢୁଛି। ଏସ୍‌ସିବିରେ କଟକ, ଯାଜପୁର ସମେତ ଅନ୍ୟାନ୍ୟ ଅଞ୍ଚଳର ମୋଟ ୨୭ ଜଣ ଡାଇରିଆ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ମେଡିକାଲରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିବା ମେଡିକାଲ କୁଳସଚିବ ସୁବାସ ରାଏ ସୂଚନା ଦେଇଛନ୍ତି। ସୋମବାର କେନ୍ଦ୍ରୀୟ ଟିମର ୩ଜଣିଆ ପ୍ରତିନିଧି ଦଳ ଏସ୍‌ସିବି ମେଡିକାଲର ଡାଇରିଆ ୱାର୍ଡ ପରିଦର୍ଶନ କରି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଗତ ୧୦ ତାରିଖରୁ ଏ ପର୍ଯ୍ୟନ୍ତ ଡାଇରିଆ ୱାର୍ଡରେ ୧୪୬ଜଣ ରୋଗୀ ଚିକିତ୍ସିତ ହୋଇ ଆସୁଥିବାବେଳେ ସେଥିମଧ୍ୟରୁ ୧୧୫ଜଣ ସୁସ୍ଥ ହୋଇଛନ୍ତି ଏବଂ ୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରୀୟ ପ୍ରତିନିଧି ଦଳ ରୋଗୀମାନଙ୍କ ସବିଶେଷ ତଥ୍ୟ ନେବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଡାଇରିଆ ଆକ୍ରାନ୍ତମାନେ ଧୀରେ ଧୀରେ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ନେଇ କେନ୍ଦ୍ରୀୟ ଟିମ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଟିମ୍‌ରେ ଡା. ନିଲମ ସୋମଲକର, ଡା. ପ୍ରମିତ ଘୋଷ, ମାଇକ୍ରୋୟୋଲୋଜିଷ୍ଟ ଡା.ସୃଜନା ମହାନ୍ତି ଓ ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ଭୂୟାଁ ଉପସ୍ଥିତ ଥିଲେ। ଏସ୍‌ସିବି ମେଡିକାଲର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ କୁମାର ଶତପଥୀ କେନ୍ଦ୍ରୀୟ ଟିମ୍‌କୁ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟପଟେ କଟକ ଜିଲାରେ ମୋଟ ୪୫ଜଣ ଡାଇରିଆ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୭ଜଣ କଟକ ଟାଙ୍ଗୀ ଅଞ୍ଚଳର ହୋଇଥିବାବେଳେ ଅନ୍ୟ ୨୮ଜଣ ବାଙ୍କୀ ଅଞ୍ଚଳର। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ କିମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ଡାଏଲିସିସ ଜାରି ରହିଛି ଏବଂ ଅନ୍ୟ ୪୩ଜଣ ଘରେ ଥିବା କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ସୂଚନା ଦେଇଛନ୍ତି।

## ଘୋଲପୁରରେ ଆକ୍ରାନ୍ତଙ୍କ ସଂଖ୍ୟା ୪୬କୁ ବୃଦ୍ଧି

**ବାଙ୍କୀ, ୧୬।୬ ( ଶୁଭେନ୍ଦୁ ମହାପାତ୍ର )**

ବାଙ୍କୀ ବ୍ଲକ ଅନ୍ତର୍ଗତ ଘୋଲପୁର ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ସୋମବାର ୪୦ରୁ ବୃଦ୍ଧି ପାଇ ୪୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତମାନଙ୍କୁ ସୁବର୍ଣ୍ଣପୁର, ଆଠଗଡ଼ ଓ ତିଗିରିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ବାଙ୍କୀ ବିଡିଓ, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ର ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ଭାଜପା ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀ ଏବଂ ତାଙ୍କ ଟିମ୍ ଗ୍ରାମରେ ପହଞ୍ଚି ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

## ଥାଟରାଜା ରଣାର୍ଣ୍ଣବ ଦେବଙ୍କ ଦେହାନ୍ତ

**ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ**



ରଣାର୍ଣ୍ଣବ ଦେବ

**ପୁରୀ,୧୬।୬(ଅଜିତ୍ କୁମାର ମହାନ୍ତି)**

ପୁରୀର ଥାଟରାଜା ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ରଣାର୍ଣ୍ଣବ ଦେବ(୬୭)ଙ୍କର ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ୧୫ ଦିନ ହେବ କଟକସ୍ଥିତ ଏକ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପୁରୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଥାଟ ରାଜାଙ୍କ ମୃତ୍ୟୁରେ ପୁରୀ ସହରରେ ଶୋକର ଛାୟା ଖେଳିଯାଇଛି। ପରେ ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳକରଣଙ୍କ ସହାୟତାରେ ସ୍ୱର୍ଗଦ୍ୱାର ନିଆଯାଇଥିଲା।

ଗଜପତି ମହାରାଜା ସ୍ୱର୍ଗତ ବୀରକିଶୋର ଦେବଙ୍କ ୨ ପୁଅଙ୍କ ମଧ୍ୟରୁ ବଡ଼ପୁଅ ଗଜପତି ମହାରାଜା ଦିବ୍ୟସିଂହ ଦେବ ହୋଇଥିବା ବେଳେ ସାନପୁଅ ଥାଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁଁଙ୍କ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଥାଟରାଜାଙ୍କ କୌଣସି ସେବା ନାହିଁ। କିନ୍ତୁ ସୁନିଆ ଓ ସ୍ନାନପୂର୍ଣ୍ଣିମାରେ ଛେରା ପହଁରା, ସ୍ୱତନ୍ତ୍ର ନୀତି ଗହଳା ବିଜେ ଆଦି ସମୟରେ ଥାଟରାଜା ଗଜପତି ମହାରାଜଙ୍କ ସହ ସାମିଲ ହୋଇଥାନ୍ତି। ତଡ଼ଉକରଣ ସେବକ ସୁଧାଂଶୁ ପଟ୍ଟନାୟକଙ୍କ କହିବା ମୁତାବକ, ଷୋଳକରଣ ହେଉଛନ୍ତି ରାଜା ପରିବାରର ଜ୍ଞାତିକୁଟୁମ୍ବ। ଥାଟରାଜା ରାଜ ପରିବାରର ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ତାଙ୍କର କୌଣସି ନୀତିକାନ୍ତି ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜ ଅଶୌଚ ହୁଅନ୍ତି ନାହିଁ। ନିଜ ମାତାପିତାଙ୍କ ମୃତ୍ୟୁ ହେଲେ ମଧ ରାଜା ଅଶୌଚ ହୁଅନ୍ତି ନାହିଁ। ଗଜପତିଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ। ଥାଟରାଜାଙ୍କ ସମ୍ପର୍କୀୟ ଭାଇ ଅନଙ୍ଗ ଭାସ୍କର ଦେବଙ୍କ ସୂଚନା ମୁତାବକ, ରଣାର୍ଣ୍ଣବ ଦେବ ବହୁତ ମେଳାପି ବ୍ୟକ୍ତି ଥିଲେ। ସେ ରାଜା ପରିବାରର ସଦସ୍ୟ ଥିଲେ ହେଁ ସମସ୍ତଙ୍କ ସହ ସହଜରେ ମିଶି ଯାଉଥିଲେ। ରାଜ ନଅରରେ ‘ଛୁଆ ଘର’ ଭିତରେ ଥାଟରାଜା ଓ ଅନ୍ୟ ଭାଇଭଉଣୀଙ୍କ ସହ ବିତାଇଥିବା ଅନୁଭବ ବ୍ୟକ୍ତ କରିଥିଲେ। ଥାଟରାଜାଙ୍କ ମରଶରୀର ନିକଟରେ ଥାଟରାଣୀ ସାହେବା ସୋମା ଦେବୀ ଓ ପୁତ୍ର ଦେବରାଜ ଦେବ, ଅନ୍ୟପରିବାରବର୍ଗ ଉପସ୍ଥିତ ଥିଲେ। ଶ୍ରୀମନ୍ଦିରରେ କୌଣସି ନୀତିକାନ୍ତି ନ ଥିଲେ ହେଁ ସେବକ ପରିବାରର ହୋଇଥିବାରୁ ଥାଟରାଜାଙ୍କ ପାଇଁ ଶ୍ରୀମନ୍ଦିର ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା। ଥାଟରାଜାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରି କହିଛନ୍ତି, ଥାଟରାଜାଙ୍କ ଦେହାନ୍ତ ଖବରପାଇ ମୁଁ ମର୍ମାହତ। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ଦିବଂଗତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏଥିସହ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକବ୍ୟକ୍ତ କରିଛନ୍ତି।

## ଦୂଷିତ ଭୂତଳ ଜଳ ଯୋଗୁ ଆପାର୍ଟମେଣ୍ଟରେ ଝାଡ଼ାବାନ୍ତି ବ୍ୟାପୁଛି: ମେୟର

**ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)**

**ବିଲ୍ଡରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ସ୍ମାର୍ଟସିଟିରେ ଝାଡ଼ାବାନ୍ତି ବ୍ୟାପିବା ପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ କିଛିଦିନ ଧରି ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସି ଆପାର୍ଟମେଣ୍ଟରୁ ବହୁ ଝାଡ଼ାବାନ୍ତି ସଂକ୍ରମିତ ଚିହ୍ନଟ ହେବା ପରେ ଚିନ୍ତା ବଢ଼ିଛି। ଏନେଇ ଖବର ପ୍ରକାଶିତ ହେବା ପରେ ସୋମବାର ମେୟର ସୁଲୋଚନା ଦାସ ସମ୍ପୃକ୍ତ ଆପାର୍ଟମେଣ୍ଟ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ଏହି ଅବସରରେ ସେ କହିଛନ୍ତି, ଟ୍ରାଇଡେଣ୍ଟ ଗାଲାକ୍ସିରେ ଭୂତଳ ଜଳ ଦୂଷିତ ହୋଇରହିଛି। ପ୍ରାୟ ୫ହଜାରରୁ ଅଧିକ ଲୋକ ବସବାସ କରୁଥିବାବେଳେ ସେମାନେ ଜାଣିଶୁଣି ଉକ୍ତ ପାଣି ପିଉଥିବାରୁ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପୁଛି। ନିକଟରେ ଥିବା ଆପାର୍ଟମେଣ୍ଟକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଜାରି ରହିଛି। ମାତ୍ର ଗାଲାକ୍ସି ବାସିନ୍ଦା ଜାଣିଶୁଣି ପାନୀୟ ଜଳ ସଂଯୋଗ ନ ଆଣି ଦୂଷିତ ଜଳ ବ୍ୟବହାର କରୁଥିବା ମେୟର ସ୍ପଷ୍ଟ କରିଛନ୍ତି। ସେହିପରି ଦୂଷିତ ଭୂତଳ ଜଳ କଥା ଜାଣିବା ପରେ ମଧ୍ୟ ଏହାର ପ୍ରତିକାର କରାଯାଉନାହିଁ। ଏନେଇ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ସମ୍ପୃକ୍ତ ବିଲ୍ଡରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆପାର୍ଟମେଣ୍ଟର ପ୍ଲାନ ଦେବା ସମୟରେ ଏହା ବିଡିଏ ଦାୟିତ୍ୱରେ ଥିଲା। ବର୍ତ୍ତମାନ ବିଏମ୍‌ସି ଅଧୀନରେ ଅଛି। ଯେଉଁ ଆଧାରରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା, ବିଲ୍ଡର ତାହାକୁ ଠିକ୍ ଭାବେ ପାଳନ କରିନାହାନ୍ତି। ତେଣୁ ନିୟମ ଉଲ୍ଲଂଘନ କରିଥିବାରୁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ କାହାରିକୁ ଆକ୍ଷେପ ନ କରି ଆପାର୍ଟମେଣ୍ଟବାସୀ କିପରି ସୁରକ୍ଷିତ ରହିବେ ସେଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମେୟର କହିଛନ୍ତି। ତାଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, କର୍ପୋରେଟର ମହାମାୟା ସ୍ୱାଇଁ, ଭାରତୀ ସିଂ, ଅମରେଶ ଜେନା, ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି, ଜୋନାଲ କମିଶନର ରାକେଶ କୁମାର ପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖାଦ୍ୟ ଯାଞ୍ଚ, ୧୯ ନମୁନା ସଂଗ୍ରହ**

ସହରର ବିଭିନ୍ନ ସ୍ଥାନରେ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢାଉ ଜାରି ରହିଛି। ଖାଦ୍ୟ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକୃତ ପଦାଧିକାରୀଙ୍କ ୩ଟି ଟିମ ବିଭିନ୍ନ ଅଞ୍ଚଳରେ ଚଢାଉ କରି ଖାଦ୍ୟ ଯାଞ୍ଚ କରିଥିଲେ। ସେଥିମଧ୍ୟରୁ ସମୁଦାୟ ୧୯ଟି ନମୁନା ସଂଗ୍ରହ କରାଯାଇଛି। ଏଥିସହ ବାସିଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ୩ଟି ହୋଟେଲକୁ ସିଲ କରାଯାଇଛି ଏବଂ ୫ଟି ହୋଟେଲରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।



ମେୟର ସୁଲୋଚନା ଦାସ ଟ୍ରାଇଡେଣ୍ଟ ଗାଲାକ୍ସି ଆପାର୍ଟମେଣ୍ଟର ପାନୀୟ ଜଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଖାଦ୍ୟ ବିତରଣ କେନ୍ଦ୍ରରେ ଇସ୍ରାଏଲର ଗୁଳିମାଡ଼

### ୩୮ ପାଲେଷ୍ଟିନୀୟ ମୃତ

**ଡେର୍ ଅଲ୍ ବଲାହ, ୧୬।୬**

ଗାଜାରେ ପୁଣିଥରେ ଏକ ଖାଦ୍ୟ ବିତରଣ କେନ୍ଦ୍ର ନିକଟରେ ଗୁଳିମାଡ଼ର ଘଟଣା ସାମନାକୁ ଆସିଛି। ସ୍ଥାନୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ମୁତାବକ ଗାଜା ଷ୍ଟ୍ରିପ୍‌ର ଦକ୍ଷିଣରେ ଥିବା ଆମେରିକା ସମର୍ଥିତ ଖାଦ୍ୟ ବଣ୍ଟନ କେନ୍ଦ୍ର ନିକଟରେ ଧାଡ଼ି ବାନ୍ଧି ଅପେକ୍ଷା କରି ରହିଥିବା ଲୋକଙ୍କ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିଲା। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସୋମବାର ଭୋର୍ ସମୟରେ ଅନେକ ହଜାର ଲୋକ ଖାଦ୍ୟ ସାମଗ୍ରୀ ପାଇବା ପାଇଁ ଅପେକ୍ଷା କରି ରହିଥିବା ବେଳେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଇସ୍ରାଏଲୀ ସେନା ଗୁଳି ଚଳାଇଥିଲା। ଏଥିରେ ୩୮ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। ଘଟଣାକୁ ନେଇ ଇସ୍ରାଏଲୀ ସେନା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଜାତିସଂଘ ମାନବାଧିକାର ପରିଷଦ ଏହି ଘଟଣାକୁ ନିନ୍ଦା କରିଛି। ଜାତିସଂଘ ମାନବାଧିକାର ପରିଷଦ ମୁଖ୍ୟ ଭୋଲ୍‌କର ତୁର୍କ କହିଛନ୍ତି, ଇସ୍ରାଏଲ ଯେଉଁ ଉପାୟ ଏବଂ ପଦ୍ଧତି ଅବଲମ୍ବନ କରି ଯୁଦ୍ଧ କରୁଛି, ତାହା ପାଲେଷ୍ଟିନୀୟମାନଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଆସୁଛି।

## ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇ, ଗୋଲ୍ଡି ବ୍ରାର୍ ମଧ୍ୟରେ ଫାଟ


ଲରେନ୍ସ ବିଷ୍ଣୋଇ


ଗୋଲ୍ଡି ବ୍ରାର୍

**ନୂଆଦିଲ୍ଲୀ, ୧୬।୬**

ଏକଦା ବିଭିନ୍ନ ହାଇ ପ୍ରୋଫାଇଲ ମର୍ଡର, ଡ୍ରଗ୍ସ-ଅସ୍ତ୍ରଶସ୍ତ୍ର ଚାଲାଣ, ଚାନ୍ଦା ଆଦାୟ ଆଦି ଅନେକ ଅପରାଧରେ ମିଳିତ ଭାବେ ସଂଶ୍ଳିଷ୍ଟ ଥିବା ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇ ଏବଂ ଗ୍ୟାଙ୍ଗଷ୍ଟର୍ ଗୋଲ୍ଡି ବ୍ରାର୍‌ଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ସୋମବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ ଏକ କେନ୍ଦ୍ରୀୟ ଏଜେନ୍ସିର ଜଣେ ଅଧିକାରୀ କହିଛନ୍ତି, ଲରେନ୍ସ ଏବଂ ଗୋଲ୍ଡି ଆଗକୁ ଏକାଠି ଆଉ କାମ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ୨୦୨୪ରେ ଲରେନ୍ସଙ୍କ ଭାଇ ଅନ୍‌ମୋଲ ଆମେରିକାରେ ଜାଲ୍ କାଗଜପତ୍ର ସହ ଧରା ପଡ଼ିଥିଲେ। ଏହି ମାମଲାର ପରିଚାଳନାରେ ଗୋଲ୍ଡିଙ୍କ ଭୂମିକାକୁ ନେଇ ଲରେନ୍ସ ଅସନ୍ତୁଷ୍ଟ ଥିବାରୁ ଉଭୟ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ଦୂରତା ବଢ଼ିଛି। ସମ୍ପ୍ରତି ଉଭୟେ ପୃଥକ୍ ଭାବେ ନିଜ ନିଜର ଗ୍ୟାଙ୍ଗ୍ ବିସ୍ତାର କରିବାରେ ବ୍ୟସ୍ତ ଅଛନ୍ତି, ଯାହା କେନ୍ଦ୍ରୀୟ ତଦନ୍ତ ଏଜେନ୍ସିର ଚିନ୍ତା ବଢ଼ାଇଛି। ଏବେ ଗୋଲ୍ଡି ଆଜରବୈଜାନରେ ଥିବା ଗ୍ୟାଙ୍ଗଷ୍ଟର୍ ରୋହିତ ଗୋଦାରାଙ୍କ ସହ କାମ କରିବା ଆରମ୍ଭ କରିଥିବାବେଳେ ଲରେନ୍ସ କାନାଡାର ଗ୍ୟାଙ୍ଗଷ୍ଟର ନୋନୀ ରାଣାଙ୍କ ସହ କାର୍ଯ୍ୟ କରୁଥିବା ନେଇ ରିପୋର୍ଟରେ କୁହାଯାଇଛି। ସମ୍ପ୍ରତି ଲରେନ୍ସ ଗୁଜରାଟର ସାବରମତି ଜେଲରେ ବନ୍ଦ ଥିବାବେଳେ ଗୋଲ୍ଡି ଆମେରିକାରେ ଏକ ଗ୍ୟାଙ୍ଗ୍‌କୁ ପରିଚାଳନା କରୁଛନ୍ତି।

# କୁମ୍ଭୀର ସଂରକ୍ଷଣରେ ଭିତରକନିକା ଆଗୁଆ

**କେନ୍ଦ୍ରାପଡ଼ା, ୧୬।୬ (ଜଗନ୍ନାଥ ଧଳ)**

### ଆଜି ବିଶ୍ୱ କୁମ୍ଭୀର ଦିବସ



ଜୁନ୍ ୧୭ ବିଶ୍ୱ କୁମ୍ଭୀର ଦିବସ। ଭାରତରେ ସର୍ବାଧିକ ଲୁଣା କୁମ୍ଭୀର ଜାତୀୟ ଉଦ୍ୟାନ ଭିତରକନିକାରେ ରହିଥିବା ବେଳେ ସୁନ୍ଦରବନ, ଆଣ୍ଡାମାନ, ନିକବୋର ତଟାଞ୍ଚଳରେ ଏହି ପ୍ରଜାତି ଦେଖାଯାଇଥାନ୍ତି। ଭାରତ ସରକାରଙ୍କ ଏହି ବିଲୁପ୍ତପ୍ରାୟ ଜୀବର ସଂରକ୍ଷଣ ବିଜ୍ଞପ୍ତିକୁ ଇତିମଧ୍ୟରେ ୫୦ ବର୍ଷ ବିତିଛି। ପ୍ରାଥମିକ ସ୍ତରରେ ଭିତରକନିକା ଅଞ୍ଚଳରେ ରହୁଥିବା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧିହୋଇ ନଦୀ, ନାଳ, ଯୋର ଏପରିକି ଗ୍ରାମ୍ୟ ପୋଖରୀରେ ଦେଖିବାକୁ ମିଳୁଛି। ବର୍ଷାଋତୁ ଆସିଲେ ଉପାନ୍ତ ଅଞ୍ଚଳ ସହ ନଦୀକୂଳ ଅଞ୍ଚଳବାସୀଙ୍କ ମନରେ ଆକ୍ରମଣର ଭୟ ଆଶଙ୍କା ଦେଖାଦେଉଛି। ସୋମବାର ପୂର୍ବାହ୍ନରେ ଆଳି ବ୍ଲକ୍ କୋଳଡିହ ପଞ୍ଚାୟତ ଓଲାଡିହା ଗ୍ରାମରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଖରସ୍ରୋତା ନଦୀକୁ ସଂଯୋଗ କରୁଥିବା ପାନିଆ ଯୋରରେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। ଏପରି ଘଟଣା ପ୍ରତିବର୍ଷ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ସତର୍କତାମୂଳକ ସାଇନ ବୋର୍ଡ ଲଗାଇ ଚୁପ୍ ରହୁଥିବା ସ୍ଥାନୀୟ ଅଞ୍ଚଳବାସୀ ମତ ରଖିଛନ୍ତି।

ପରିବେଶବିତ ତଥା କଇଁଛ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ଲୁଣା କୁମ୍ଭୀର ପାଇଁ ଭିତରକନିକା ପ୍ରସିଦ୍ଧ। ଗତ ଜାନୁଆରୀ ଗଣନା ସମୟରେ ୧୮୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ରହିଥିବା ଜଣାପଡିଛି। ଏଠାରେ ଧଳା କୁମ୍ଭୀର ସହ ଅନ୍ୟ ଦୁଇ ପ୍ରଜାତି କୁମ୍ଭୀର ମଧ୍ୟ ଦେଖାଗଲାଣି। ଜାତୀୟ ଉଦ୍ୟାନର ସୀମିତ ଅଞ୍ଚଳରେ ସଂରକ୍ଷିତ ପ୍ରାଣୀଙ୍କ ବଂଶବୃଦ୍ଧି ଏବେ ଜିଲା ଓ ବାହାର ଜିଲାରେ ଆତଙ୍କ ଖେଳାଇଛି। ଗତ ୧୦ ବର୍ଷର ହିସାବକୁ ନିଆଗଲେ ପ୍ରାୟ ଶତାଧିକ ଲୋକ କୁମ୍ଭୀର ଆକ୍ରମଣରେ ମୃତାହତ ହେଲେଣି। ସେହିପରି ଜାଲ ଓ ଅନ୍ୟ କାରଣରୁ ୨୫ରୁ ଅଧିକ କୁମ୍ଭୀରଙ୍କ ଜୀବନ ଗଲାଣି। ସଂଖ୍ୟା ଗଣନାରେ ସାମିଲ ନ ଥିବା ନଦୀ ନାଳ ଅଞ୍ଚଳରେ କୁମ୍ଭୀର ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ସମେତ ଯାଜପୁରର କଏଁଗୋଲା, ଦଶରଥପୁର, ଭଦ୍ରକର ବିଭିନ୍ନ ନଦୀକୂଳବାସୀ ଆତଙ୍କିତ ହେଉଛନ୍ତି। ଜାତୀୟ ଉଦ୍ୟାନ ବାହାରେ ଥିବା ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜନଗରରେ କୁମ୍ଭୀର ପ୍ରତି ସାବଧାନ ସାଇନ ବୋର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହୁଛି। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ସୀମିତ ଅଞ୍ଚଳରେ ଏହି ପ୍ରଜାତିର ଅତ୍ୟଧିକ ବଂଶବୃଦ୍ଧି ଚିନ୍ତାର କାରଣ ନିଶ୍ଚିତ ହେବ। ଖାଦ୍ୟ, ପ୍ରଜନନ ପାଇଁ ପାର୍ଟନର, ବସା ସ୍ଥାପନ ସହ ଅନ୍ୟ ସମସ୍ୟା ରହିବ। ଏହା କଳହର ସୂତ୍ରପାତ କରିବା ସହ ବଂଶବୃଦ୍ଧି ପାଇଁ ନିକଟସ୍ଥ ଅଞ୍ଚଳକୁ ବ୍ୟବହାର କରିବ। ଏଠାରେ ଅତ୍ୟଧିକ ବଂଶବୃଦ୍ଧିକୁ ରୋକିବାକୁ ୧୯୯୧ ମସିହାରେ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କୁମ୍ଭୀରର ଅତ୍ୟଧିକ ବଂଶବୃଦ୍ଧି ଯୋଗୁ ବର୍ଷା ଓ ବନ୍ୟା ସମୟରେ ବାହାର ଅଞ୍ଚଳକୁ ପଳାଇବା ସାଧାରଣ କଥା। ଫଳରେ ମଣିଷ ଓ କୁମ୍ଭୀର ଲଢ଼େଇ ଅତ୍ୟଧିକ ହେଉଛି। ଏହାକୁ ରୋକିବା ସହ ଲୁଣା ଅଞ୍ଚଳରେ ମାଛ ବଂଶ ବୃଦ୍ଧି ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୧୯୭୫ ମସିହାରେ ଭିତରକନିକାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ଏହାର ସଂରକ୍ଷଣ ଜରୁରୀ ଥିଲା। ୧୯୯୧ରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ୧୯୯୫ ମସିହାରେ ସଂରକ୍ଷଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଗଲା। ୧୯୭୫ରେ ମାତ୍ର ୯୪ଟି କୁମ୍ଭୀର ଥିବାବେଳେ ୨୦ ବର୍ଷରେ ଏହା ୧୦୦୦କୁ ବୃଦ୍ଧି ପାଇ ସାରିଥିଲା। ଏହାସତ୍ତ୍ୱେ ଏବେ ମଧ୍ୟ କୁମ୍ଭୀର ଅଣ୍ଡା ସଂଗ୍ରହ ଓ ହାଚେରିରେ ସଂରକ୍ଷଣ କରାଯାଉଛି। ସୀମିତ ଅଞ୍ଚଳରେ ଏହି କୁମ୍ଭୀରଙ୍କ ଅତ୍ୟଧିକ ବଂଶ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘାତକ ହେବ। ଏ ସମ୍ପର୍କରେ ଏସିଏଫ୍ ମାନସ ଦାସଙ୍କୁ ପଚାରିବାରେ ଭିତରକନିକା ହାଚେରିରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟକ୍ରମ ସୀମିତ ହୋଇଛି। କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ବିଭିନ୍ନ ନଦୀରେ ସ୍ୱତନ୍ତ୍ର ଗାଧୁଆତୁଠ ନିର୍ମାଣ ହେଉଛି। ଏହା ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।

## ମାଜିଷ୍ଟ୍ରେଟଙ୍କ ଅନୁମୋଦନ ବିନା ପୋଲିସ ବ୍ୟାଙ୍କ ଆକାଉଣ୍ଟ ଜବତ କରିପାରିବନି: ହାଇକୋର୍ଟ

**ଥିରୁଭାନନ୍ତପୁରମ୍, ୧୬।୬**

ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୨୦୨୩ର ଧାରା ୧୦୭ ଅନୁଯାୟୀ, ପୋଲିସ ଏକତରଫା ଭାବେ କୌଣସି ବ୍ୟକ୍ତି ବା ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟ ଜବତ କରିପାରିବ ନାହିଁ। ଏଥିପାଇଁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନ ଆବଶ୍ୟକ ବୋଲି କେରଳ ହାଇକୋର୍ଟ ବିଚାରପତି ଭି.ଜି. ଅରୁଣ କହିଛନ୍ତି। ସ୍ୱେଜିଆ ଅର୍ଗାନିକ୍ କଣ୍ଟିମେଣ୍ଟସ୍ ପ୍ରା. ଲିଃ ସହ ଏକ ଠକେଇ ମାମଲାରେ ହେଡ୍‌ଷ୍ଟାର ଗ୍ଲୋବାଲ ପ୍ରା. ଲିଃ ସମ୍ପୃକ୍ତ ଥିବାରୁ କାଲାମାସେରି ପୋଲିସ ଏହାର ବ୍ୟାଙ୍କ ଆକାଉଣ୍ଟ ଆଟାଚ୍ କରିଥିଲା। ଉକ୍ତ ଆକାଉଣ୍ଟକୁ ଠକେଇ ଅର୍ଥ ଟ୍ରାନ୍ସଫର ହୋଇଥିବା ଅଭିଯୋଗ ହୋଇଥିଲା। ହେଡ୍‌ଷ୍ଟାର ଗ୍ଲୋବାଲ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ବିଏନ୍‌ଏସ୍‌ଏସ୍‌ର ଧାରା ୯୪ କିମ୍ବା ୧୦୬ରେ ଅଭିଯୁକ୍ତଙ୍କ ଆକାଉଣ୍ଟ ଜବତ କରିବା କ୍ଷମତା ପୋଲିସର ନାହିଁ ବୋଲି ବିଚାରପତି କହିଛନ୍ତି। ଧାରା ୧୦୭ ଅନୁଯାୟୀ କେବଳ ମାଜିଷ୍ଟ୍ରେଟ୍ ବ୍ୟାଙ୍କ ଆକାଉଣ୍ଟ ଜବତ ପାଇଁ ନିର୍ଦ୍ଦେଶ ଦେଇପାରିବେ।

## ପହଲଗାମ୍ ଆକ୍ରମଣକୁ ଏଫ୍‌ଏଟିଏଫ୍‌ର ନିନ୍ଦା

**ନୂଆଦିଲ୍ଲୀ, ୧୬।୬**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣକୁ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଦୃଢ଼ ନିନ୍ଦା କରିଛି। ପାଣ୍ଠି ଯୋଗାଣ ଆତଙ୍କବାଦର କେନ୍ଦ୍ର। ଆର୍ଥିକ ସହାୟତା ବିନା ଏଭଳି ଆକ୍ରମଣ ହୋଇପାରି ନ ଥାନ୍ତା ବୋଲି ଏହି ବୈଶ୍ୱିକ ସଂଗଠନ କହିଛି। ଭାରତରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ସହ ପାକ୍ ସମର୍ଥିତ ଆତଙ୍କବାଦୀ ସଂଗଠନ ସମ୍ପୃକ୍ତ ଥିବା ନୂଆଦିଲ୍ଲୀର ଦାବିକୁ ଏଫ୍‌ଏଟିଏଫ୍ ସମର୍ଥନ କରିଛି।

## ବିମାନ ଦୁର୍ଘଟଣା ପରେ ଫିଲ୍ମ ନିର୍ମାତା ନିଖୋଜ

**ଅହମଦାବାଦ, ୧୬।୬**

### ମୃତ୍ୟୁ ଘଟିଥିବା ଆଶଙ୍କା କଲା ପରିବାର


ମହେଶ ଜିରାୱାଲା

ଅହମଦାବାଦରେ ଗତ ଗୁରୁବାର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମୟରୁ ନୋଏଡ଼ାର ମ୍ୟୁଜିକ୍ ଭିଡିଓ ନିର୍ମାତା ଓ ନିର୍ଦ୍ଦେଶକ ମହେଶ ଜିରାୱାଲା ନିଖୋଜ ରହିଛନ୍ତି। ସେ ଜଣକୁ ଭେଟିବା ପାଇଁ ସେଦିନ ଲ' ଗାର୍ଡେନ ଅଞ୍ଚଳକୁ ଯାଇଥିଲେ ଏବଂ ବିମାନ ଦୁର୍ଘଟଣାସ୍ଥଳଠାରୁ ୭୦୦ ମିଟର ଦୂରରେ ଥିଲେ। ଅପରାହ୍ନ ୧ଟା ୩୯ ମିନିଟ୍‌ରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲାବେଳେ ଜିରାୱାଲା ଶେଷ ଥର ପାଇଁ ୧ଟା ୧୪ ମିନିଟ୍‌ରେ ଫୋନ୍ କରିଥିଲେ ବୋଲି ତାଙ୍କ ସ୍ତ୍ରୀ ହାଡେଲ କହିଛନ୍ତି। ସେତେବେଳେ ସେ ବୈଠକ ସାରି ଘରକୁ ଫେରୁଥିଲେ। ଅପରାହ୍ନ ୧ଟା ୪୦ରୁ ତାଙ୍କ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଥିଲା। ତାଙ୍କ ସ୍କୁଟର ଓ ମୋବାଇଲ୍ ଫୋନ୍ ମିଳୁନାହିଁ। ତେଣୁ ଦୁର୍ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଆଶଙ୍କା କରିଛନ୍ତି। ସେମାନେ ଅହମଦାବାଦରେ ପହଞ୍ଚି ମୃତଦେହ ଚିହ୍ନଟ ପାଇଁ ଡିଏନ୍‌ଏ ନମୁନା ଦେଇଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.06.2025 - 187th & 188th E-auction)**
**IRON ORE CLO & FINES**

**No.CAD-793** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubna-Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.06.2025.** For details, please visit the website of MSTC i.e. www.mstcecommerce.com

**OIPR-30005/11/0208/2526** — **Chief General Manager (S&M)**



**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
OHPC — ISO 9001-14001 18001 Certified
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-12/2025-26, DATE 12.06.2025**

**No.CAD-787:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / channel partners / reputed supplier / service provider having similar works experirnce for the work as mentioned below.

| Description of work | Cost of tender paper (Non-refundable) in Rs. | EMD inshape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Re-filling, Hydraulic Testing & painting of different types of fire extinguishers of UIHEP, Mukhiguda | 708/- (inclusive of GST) | 1,400/- | From 19.06.2025 to 02.07.2025 up to 12.00 Hrs | 02.07.2025 (Up to 13:00 Hrs) | 02.07.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head
UIHEP, Mukhiguda
OIPR-04008/11/0029/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com

**e- Procurement Notice for Road Works**

**No.O-298:** 1.Name of the work : Construction of Road works - (04 Nos.) 2. Class of contractor : "B" & "A" Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.168.69 Lakhs to Rs.271.67 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-05/2025-26 | 19.06.2025 at 11.00 A.M. | 03.07.2025 upto 5.00 P.M. | 02.07.2025 upto 2.00 P.M. | 04.07.2025 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

**OIPR-25182/11/0062/2526** — **Sd./- Chief Construction Engineer, Rural Works Circle, Sunabeda**



No.CAD-777
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4604/24-25/1793 — Dated : 11.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the work : SITC of 11kV OH line for power supply to M/S Pippalad Industries LLP, Sambalpur

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-144/ 2025-26 | 17.06.2025 at 15.00 Hrs. | 24.06.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website.**

**OIPR-14003/11/0176/2526** — **Sd./- Divisional Head (Elect) IDCO, Bhubaneswar**



**GOVERNMENT OF ODISHA**
**OFFICE OF THE PANCHAYAT SAMITI, JAJPUR**
**'E' PROCUREMENT NOTICE**
**No.i-153** **No.Tender Online 01/2025-26**

1. Name of work : Building Works
2. Total No. of Work : 19 No. of Work.
3. Estimated Cost (Approx.) : 18.33, 20.27 & 30.00 Lakhs
4. Period of Completion : 180 days
5. Class of Contractors : C & B

**Other details as follows:**
a) Procurement Officer : Block Development Officer, Jajpur
b) Availability of tender online & submission of bid : 20.06.2025 at 11.00 AM to 05.07.2025 upto 5.00 PM
c) Last date & time of seeking of tender clarification : 04.07.2025 upto 1.00 PM
d) Opening of Tender : 08.07.2025 at 11.30 A.M.

Further details can be seen from the Govt. website **www.tendersodisha.gov.in.**

**Sd./- Block Development Officer, Jajpur**
**OIPR-19196/11/0001/2526**



**WATCO**
**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-523

**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB)
GMWATCO-I/25/ 2025-26 Dt.10.06.2025

01 Name of the work : **12 Nos. (Twelve nos works)**
02 Estimate cost : Rs.16.57 Lakhs to 89.66 Lakhs
03 Period of completion : 6 (Six) Months
04 Class of contractor : D, C, B Class
05 Date & Time of availability of bid document in the portal : 11.00 A.M. of Dt.23.06.2025 to 5.00 P.M. of 11.07.2025
06 Last date / time of receipt of bids in the portal : 5.00 P.M. of 11.07.2025
07 Date & Time of opening of bids : AT 12.30 P.M. of 14.07.2025
08 Name and address of the Officer Inviting Bid : General Manager WATCO Division-I, BBSR

Further details can be seen from the e-Procurement portal "https://www.tendersorissa.gov.in"

**Sd./- GENERAL MANAGER,**
**OIPR-13083/11/0013/2526** — **WATCO DIVISION-I, BHUBANESWAR**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID:cebuildings_orissa@yahoo.co.in, cebuildings@rediffmail.com, Tel.(0674)-2391523
File No.B-IV-H-(H&D)-90/2024 Lr.No.22824 Bhubaneswar, the 10th June, 2025
No.B-203 **Invitation for Bids**
**Bid Identification No.C.E.(B)-12/2025-26**

1. The Chief Engineer (Buildings-I), Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the works (1) "Construction of 30 Bedded Community Health Centre Building at Chiliguda in the district of Kalahandi", (2) Construction of 30 Bedded Community Health Centre Building at Jaipatana in the district of Kalahandi", (3) "Construction of 30 Bedded Community Health Centre Building at Borda in the district of Kalahandi" & (4) "Construction of 30 Bedded Community Health Centre Building at Narla in the district of Kalahandi" as detailed below.

| | | | |
|---|---|---|---|
| 2. | Nature of Work | : | Building Works |
| 3. | No. of Work | : | 04 Nos. |
| 4. | Bid Cost. | : | Rs.10,000/- (each) |
| 5. | Class of Contractor | : | 'A'/ Special Class |
| 6. | Availability of Bid documents in the website | : | From dt.20.06.2025 to 17.00 Hours of dt.05.07.2025 |
| 7. | Date of Opening of Bid | : | Dt.07.07.2025 at 11.30 AM |

8. The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any Addendum/ Corrigendum/Cancellation of tender can also be seen in the said website only.

**Sd./- Chief Engineer (Buildings-I),**
**OIPR-34117/11/0108/2526** — **Odisha, Bhubaneswar**



No.A-299
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Jajpur**
Email id - ddck1121@gmail.com
**"e" PROCUREMENT NOTICE NO. - DDJPR-01/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P Scheme) |
| 2 | Total No. of Project | : | 1 No. of Individual work |
| 3 | Estimated cost of individual works | : | Rs.82,12,517/- (Excluding G.S.T.) |
| 4 | Period of completion | : | 08 (Eight) Calendar Months |
| 5 | Bid Identification Number | : | **DDJPR - 02/2025-26** |
| 6 | Date & Time of availability of Bid document in the Portal | : | From Dt.18.06.2025 at 10.00 hours to Dt.02.07.2025 at 17.00 hours |
| 7 | Date of opening of bid | : | Dt.03.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 8 | Date of opening of Financial bid | : | Dt.11.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 9 | Date of Lottery (if required) | : | Dt.15.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 10 | Procurement Officer/Name & address of the Officer inviting bids | : | Superintending Engineer, Drainage Division, Jajpur |

**Further details can be seen from the Govt. Website www.tendersodisha.gov.in**

**Sd./-Superintending Engineer**
**OIPR-32360/11/0002/2526** — **Drainage Division, Jajpur**



**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**Quotation Call Notice No. 05 of 2025-26**

**No.O-286** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (MILLI-Q, ION-Meter, BOD Shaker Incubater) |
| 2 | No. of Item | 03 (Three) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.17.06.2025 (10.00 A.M.) to Dt.25.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.21.06.2025 up to 4.00 P.M. |
| 7 | Date & time of opening of Quotation | Dt.26.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

**Sd./- Executive Engineer,**
**OIPR-25011/11/0015/2526** — **RWS&S Division, Bhubaneswar**



**GOVERNMENT OF ODISHA** No.B-211
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail Id:supenger_rbjyp@yahoo.co.in,Phone No-06854-231528
**INVITATIONS FOR BIDS (IFB)**
**Bid Identification No.C.C.E.J.C. (R&B)-02/2025-26**
**No.2181** **Date:11.06.2025**

1. Nature of the Work : **BUILDING WORKS**
2. Total No. of Works : 01 (One) No.
3. Tender Cost : Rs.1.26 Crs.
4. Period of Completion : 05 (Five) Calendar Months
5. Cost of Bid Document : Rs.10,000/-
6. Bid Security (EMD) : Rs.1.26 Lacs as per Column No.06 of IFB
7. Class of Contractor : "B" & "A" Class as per Cl.No.05 of TCN & according to Financial Eligibility
8. Date & Time of availability of bid document in the portal : From 11.00 hours of 17.06.2025 to 17.00 hours of 01.07.2025
9. Last date/time for receipt of bids in the portal : 17.00 hours of 02.07.2025
10. Opening date of Bid : 10.00 hours of 02.07.2025
11. Name and address of the Officer Inviting Bid : Chief Construction Engineer Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.

**Sd./- Chief Construction Engineer**
**OIPR-34108/11/0025/2526** — **Jeypore (R&B) Circle, Jeypore**



**OFFICE OF THE MUNICIPAL COUNCIL: GUNUPUR**
**e-procurement Notice**
**Tender Reference No.GUN-MUN-72/2025-26**
**No.1056, Dt.12.06.2025**
No.C-529

| | | |
|---|---|---|
| 01. | Total Nos. of Works | One(01) No. of Civil Works |
| 02. | Approximate Estimated Cost | Rs.84,27,810/- |
| 03. | Period of Completion | Six (06) Months |
| 04. | Date & Time of availability of Bid document in the Portal | 11.00 Hrs. of Dt.16.06.2025 to 17.00 Hrs. of Dtd.04.07.2025 for Online Bidding |
| 05. | Last date/Time for receipt of Bids in the Portal | 17.00 Hrs. of Dtd.04.07.2025 |
| 06. | Name and address of the Officer Inviting Bids | Executive Officer, Gunupur Municipality |
| 07. | Date of Opening of Bids | 11.00 Hrs. on Dtd.05.07.2025 |
| 08. | Further details can be seen from the e-Procurement Portal | www.tendersodisha.gov.in |
| 09. | Further Addendum/ Corrigendum if any will be hosted in the above website. | |

**OIPR-13104/11/0018/2526** — **Sd./- Executive Officer Gunupur Municipality**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସୋର, ୧୬।୬(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା କାଛିଗଡ଼ିଆ ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ କୋଟିଆକୋଇଲି ପଞ୍ଚାୟତ କାଛିଗଡ଼ିଆ ଗ୍ରାମର ରାଜେନ୍ଦ୍ର ମଲିକଙ୍କ ସହ ଖୀରକୋଣା ଗ୍ରାମର ରୁନୁ ଦାସଙ୍କ ଗତ ୯ ବର୍ଷ ପୂର୍ବେ ନୋଟାରୀ ବିବାହ ହୋଇଥିଲା। ଗତ ୧୩ ତାରିଖ ସକାଳେ ଶୋଇବା ଘରେ ରୁନୁ ବେକରେ ଶାଢ଼ିବାନ୍ଧି ଝୁଲିପଡିଥିବା ବେଳେ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରୁନୁଙ୍କ ବାପ ଘର ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ରୁନୁଙ୍କ ଶ୍ୱଶୁର ଘର ଲୋକଙ୍କୁ ମାଡ଼ ମାରିଥିଲେ। ଏପରିକି ସ୍ଥାନୀୟ ଲୋକ ସମେତ ସୋର ପୋଲିସ ସେଥିରୁ ବାଦ୍ ପଡ଼ି ନ ଥିଲେ। ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁ ଡାକ୍ତରଖାନାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ୬ଘଣ୍ଟା ପରେ ସ୍ଥିତି ଶାନ୍ତ ପଡିଥିଲା। ରୁନୁଙ୍କ ବାପା ଘର ଲୋକଙ୍କ ହତ୍ୟା ଅଭିଯୋଗ ପରେ ସୋର ପୋଲିସ ଏକ ମାମଲା(ନଂ. ୪୫୧/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ସ୍ୱାମୀ ରାଜେନ୍ଦ୍ର, ଶ୍ୱଶୁର ଏବଂ ଶାଶୁଙ୍କୁ ଥାନାରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସ୍ତ୍ରୀଙ୍କୁ ଶାବଳ ଭୁସି ହତ୍ୟା

**ବିଞ୍ଝାରପୁର/ସିଂହପୁର,୧୬।୬(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁଠାରେ ରବିବାର ରାତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଗ୍ରାମର ସୁଦାମ ମଲ୍ଲିକ ସ୍ତ୍ରୀ ଶାନ୍ତିଲତା ମଲ୍ଲିକ(୪୨)ଙ୍କୁ ଶାବଳ ଭୁସି ହତ୍ୟା କରିଛନ୍ତି। ଏନେଇ ଶାନ୍ତିଲତାଙ୍କ ପରିବାର ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ସୁଦାମଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାରେ ବ୍ୟବହୃତ ଶାବଳକୁ ଜବତ କରିଛି। ଅଭିଯୋଗ ମୁତାବକ, ରାତିରେ ସୁଦାମ ଓ ଶାନ୍ତିଲତା ଶୋଇଥିବାବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସୁଦାମ ଘର କାବଟ ବନ୍ଦ କରି ଏକ ଶାବଳରେ ଶାନ୍ତିଲତାଙ୍କ ପେଟ, ଛାତି ଓ ବେକକୁ ଭୁସି ପକାଇଥିଲେ। ଶାନ୍ତିଲତା ଚିତ୍କାର କରିବାରୁ ତାଙ୍କ ଶାଶୁ, ଦିଅର ଓ ପଡ଼ୋଶୀ ଆସି କବାଟ ବାଡ଼େଇଥିଲେ।



ଗିରଫ ଅଭିଯୁକ୍ତ ସୁଦାମ

ହେଲେ ସୁଦାମ କବାଟ ଖୋଲି ନ ଥିଲେ। ଏହାପରେ ସେମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଶାନ୍ତିଲତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଥାନାରେ ୨୮୦।୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଗାଧୋଇବା ବେଳେ ମହିଳାଙ୍କୁ ଝାମ୍ପିନେଲା କୁମ୍ଭୀର

**ଆଳି,୧୬।୬(ବନମାଳୀ ସେନାପତି)**



କାଜଲ ମହାନ୍ତି

ସୋମବାର ଥିଲା ଶେଷ ରଜ। ଘରେ ୩ ଝିଅଙ୍କୁ ଗାଧୋଇଦେଇ ପୋଷାକ ପିନ୍ଧାଇଦେବା ପରେ ମା' ଗାଧୋଇବାକୁ ଯାଇଥିଲେ। ହେଲେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମା' ଘରକୁ ଫେରିବାରେ ବିଳମ୍ବ ହେବାରୁ ଗାଧୁଆତୁଠକୁ ଝିଅ ଖୋଜିବାକୁ ଯାଇଥିଲେ। ସେଠାରେ ମା' ନ ଥିଲା, କିନ୍ତୁ ତୁଠ ଉପରେ ଥିଲା କପଡ଼ା। ମା'ଙ୍କୁ ନ ପାଇ ଝିଅ କାନ୍ଦିବାରୁ ଗାଁ ଲୋକ ଯାଇ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା କୋଲିଡ଼ିହ ପଞ୍ଚାୟତ ଅଁଳାଡିହ ଗାଁରେ।

ପୋଲିସ ସୂଚନା ମୁତାବକ, କୈଳାସ ମହାନ୍ତିଙ୍କ ସ୍ତ୍ରୀ କାଜଲ ପୂର୍ବାହ୍ନ ୧୧ଟାରେ ଘର ନିକଟରେ ଥିବା ଖରସ୍ରୋତା ନଦୀ ସହ ସଂଲଗ୍ନ ଥିବା ପାନିଆ ଯୋରକୁ ଗାଧୋଇବାକୁ ଯାଇଥିଲେ। କାଜଲ କପଡ଼ା କାଚି ସାରି ଉପରେ ରଖି ଗାଧୋଇବାକୁ ଯୋର ଭିତରକୁ ଯିବା ମାତ୍ରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଝାମ୍ପି ନେଇଥିଲା। ଅନେକ ସମୟ ଧରି କାଜଲ ଘରକୁ ନ ଫେରିବାରୁ ତାଙ୍କ ୨ ଝିଅ ଯୋର ନିକଟକୁ ଖୋଜିବାକୁ ଯାଇଥିଲେ। ଯୋର ନିକଟରେ ପିନ୍ଧାବସ୍ତ୍ର ଥିବା ବେଳେ ମା' ନ ଥିବାରୁ ୨ ଝିଅ କାନ୍ଦି କାନ୍ଦି ଗାଁ ଲୋକଙ୍କୁ ଡାକି ଥିଲେ। ଗ୍ରାମବାସୀ ଯୋର ଭିତରେ ପଶି ଖୋଜାଖୋଜି କରିବା ସହ ଭୁଟୁଭୁଟି ନେଇ ଖୋଜା ଆରମ୍ଭ କରି ଦେଇଥିଲେ। ଦୀର୍ଘ ସମୟ ଖୋଜିବା ପରେ ସେହି ଯୋର ମଧ୍ୟରେ କୁମ୍ଭୀର କାଜଲଙ୍କୁ ଖାଉଥିବା ଦେଖିଥିଲେ। କୁମ୍ଭୀରକୁ ସେମାନେ ଘଉଡ଼ାଇଥିଲେ। ଘଟଣାସ୍ଥଳରେ ଆଳି ପୋଲିସ, ବନ ବିଭାଗ ଓ ତହସିଲଦାର କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିଥିଲେ। ବନ ବିଭାଗର ଉଦାସୀନତା ଯୋଗୁ ବାରମ୍ବାର ଗୋଟିଏ ପରେ ଗୋଟିଏ ଜୀବନ କୁମ୍ଭୀର ମୁହଁରେ ଚାଲିଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଜଲଙ୍କ ସ୍ୱାମୀ କୈଳାସ ଚାଷକରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଘରେ ତାଙ୍କର ୩ ଝିଅ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ମହିଳାଙ୍କ ମୃତଦେହର କିଛି ଅଂଶ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

# ସ୍ତ୍ରୀ,ପୁଅକୁ ହାଣି ଯୁବକ ଫେରାର

**ଭୋଗରାଇ,୧୬।୬(ପ୍ରଦୀପ ଦାସ)**

**ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ମା' ପୁଅ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି ୨ (ଦହମୁଣ୍ଡା ) ଗ୍ରାମରେ ରବିବାର ରାତି ୨ଟା ବେଳେ ଏକ ବୀଭତ୍ସ କାଣ୍ଡ ଘଟିଛି। ଘରୋଇ କଳହରୁ ଗ୍ରାମର ପ୍ରଶାନ୍ତ ଜେନା(୪୪) ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଦେବିକାରାଣୀ ଜେନା (୩୨) ଓ ୫ ବର୍ଷର ବଡ଼ପୁଅ କାର୍ତ୍ତିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣିବା ପରେ ୨ବର୍ଷର ସାନପୁଅ ଗଣେଶଙ୍କୁ ଏକ ଖୁଣ୍ଟ ଉପରକୁ ଠେଲିଦେଇ ଫେରାର ହୋଇଯାଇଛନ୍ତି। ରାତିଅଧରେ ଚିତ୍କାର ଶୁଣି ପଡ଼ୋଶୀ ଛୁଟି ଆସିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଓ ୨ ପୁଅଙ୍କୁ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ସେଠାରେ ମହିଳା ଓ ୨ ଶିଶୁଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସୋମବାର ସକାଳୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରଲେଖା ବେଳକୁ ସେଠାରେ ମା' ଓ ବଡ଼ପୁଅଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ସାନପୁଅର ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। କମର୍ଦ୍ଦା ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାନ୍ତ ଜଣେ ଶିକ୍ଷିତ ଯୁବକ। ସେ ତାଙ୍କ ସ୍ତ୍ରୀ ଦେବିକାରାଣୀଙ୍କ ମେରୁଦଣ୍ଡଜନିତ ରୋଗରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି। ମାଗିଯାଚି ୫ କୁଟୁମ୍ବ ପ୍ରତିପୋଷଣ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାରୁ ଘରେ ଦମ୍ପତିଙ୍କ ମଧ୍ୟରେ କଳହ ଲାଗୁଥିବା ପଡ଼ୋଶୀ କହିଛନ୍ତି। ମହିଳାଙ୍କ ବାପା ଅଲାଲବିନ୍ଧା ଗ୍ରାମର ନାରାୟଣ ନାୟକ ତାଙ୍କ ଝିଅଙ୍କୁ ପରିବାର ଲୋକେ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଜଙ୍ଗଲରୁ ଶିଶୁପୁତ୍ର ଉଦ୍ଧାର

**ଯୋଡ଼ା,୧୬।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଭାଗଲପୁର ଗ୍ରାମ୍ୟ ଜଙ୍ଗଲ ଏକ ବୁଦାମୂଳରୁ ଏକ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି। ତାଙ୍କୁ ଚମ୍ପୁଆ ମେଡିକାଲରେ ଚିକିତ୍ସା ନିମନ୍ତେ ରଖାଯାଇଛି। ଶିଶୁର ବୟସ ଏକମାସ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଲୋକ ସୋମବାର ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏକ ବୁଦାମୂଳେ ଶିଶୁର କାନ୍ଦ ଶୁଣି ସେଠାରେ ପହଞ୍ଚିଥିଲେ। ଶିଶୁର ଶରୀରରେ ପିମ୍ପୁଡ଼ି ବେଢ଼ିଯାଇଥିବାରୁ ରାହାଧରି କାନ୍ଦୁଥିଲା। ଛୁଆକୁ ଉଦ୍ଧାର କରି ଗାଁର ଆଶାକର୍ମୀଙ୍କୁ ଜଣାଇଥିଲେ। ଆଶାକର୍ମୀ ପ୍ରମିଳା ନାଏକ ଗ୍ରାମବାସୀଙ୍କ ସହଯୋଗରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ଶିଶୁର ଅବସ୍ଥା ଭଲ ଥିବା ଡା. ସୋନାରାମ ମୁର୍ମୁ କହିଛନ୍ତି। ଯୋଡ଼ା ବ୍ଲକ୍ ସିଡିପିଓ ସୁକାନ୍ତି ପାତ୍ର କହିଛନ୍ତି, ଶିଶୁପୁତ୍ର ଉଦ୍ଧାର ନେଇ ସେ ଅବଗତ ଅଛନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ କଥାବାର୍ତ୍ତା ହେବେ ବୋଲି କହିଥିଲେ।

# ବଜ୍ରପାତରେ ୨ ଭଉଣୀ ମୃତ

**ଗୁଡାରି, ୧୬।୬ (ପ୍ରମୋଦ କୁମାର ପତି)**

ଖୁସିର ସ୍ମୃତି ସାଉଁଟିବାକୁ ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ମିଲୁଢ଼େପ ସାହରି କେତେଜଣ ମହିଳା ଓ ଯୁବତୀ ମିଶି ଶେଷ ରଜ ସୋମବାରରେ ବଣକୁ ଭୋଜି କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଝଡ଼ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟି ୨ ଭଉଣୀଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତକ ହେଲେ ପ୍ରସାଦ ଗୌଡ଼ଙ୍କ ୨ ଝିଅ ରୁପାଲି ଗୌଡ଼ (୨୦) ଓ ସୋନାଲି ଗୌଡ଼ (୧୮)। ଏଥିରେ ଜଗନ୍ନାଥ ଗୌଡ଼ଙ୍କ ଝିଅ କାଜଲ ଗୌଡ଼ (୨୦) ଆହତ ହୋଇଛନ୍ତି। ମୃତ ରୁପାଲି ଗତ ମାସରେ ଗୁଡ଼ାରୀର ଫାଲଗୁନି ଗୌଡ଼ଙ୍କୁ ବିବାହ କରିଥିଲେ।

ସୂଚନାନୁଯାୟୀ, ରାୟଗଡ଼ା ଜିଲା ଗୁଡାରି ସହରର ମିଲୁଢ଼େପ ସାହିର କେତେଜଣ ମହିଳା ଓ ଯୁବତୀ ସ୍ଥାନୀୟ ବାଟିଆବିଲ ଆମ୍ବ ତୋଟାରେ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇ ଘରକୁ ଫେରିବା ସମୟରେ ହଠାତ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବଜ୍ରପାତରେ ରୁପାଲି ଓ ସୋନାଲି ଓ କାଜଲ ଆହତ ହୋଇଥିଲେ। ସେମାନଙ୍କୁ ଅନ୍ୟମାନେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ସମସ୍ତଙ୍କୁ ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରୁପାଲି ଓ ସୋନାଲିଙ୍କ ମୃତ୍ୟୁ ହୋଇଛି। କାଜଲଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ମହିଳା ଶ୍ରମିକଙ୍କୁ ଠିକାସଂସ୍ଥା କର୍ମଚାରୀଙ୍କ ମାଡ଼



ଗୁରୁତର ହୋଇଥିବା ମହିଳା ଶ୍ରମିକ।

**ପରଜଙ୍ଗ,୧୬।୬(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ସାଆନ୍ଦା ଫାଣ୍ଡି ବଡ଼କମରଠାରୁ ଖଡ଼ଗପ୍ରସାଦ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେଉଥିବା ସେତୁରେ କାର୍ଯ୍ୟରତ ତେଲେଙ୍ଗାନା ଅଞ୍ଚଳର ମହିଳା ଶ୍ରମିକ ଜୟା ଆମ୍ମା(୪୫)ଙ୍କୁ ଠିକାସଂସ୍ଥାର ୨ କର୍ମଚାରୀ ସୋମବାର ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଜୟା ଘରକୁ ଯିବା ପାଇଁ ବକେୟା ଟଙ୍କା ମାଗିବାରୁ ତାଙ୍କୁ ମାଡ଼ ମରାଯାଇଥିବା କୁହାଯାଉଛି। ସ୍ଥାନୀୟ ଗ୍ରାମବାସୀ ଏବଂ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଜୟାଙ୍କୁ ଉଦ୍ଧାର କରିବା ସହ ଫୋନ୍ ଯୋଗେ ପାଲିସକୁ ଜଣାଇଥିଲେ। ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ମାଡ଼ ମାରିଥିବା ୨ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଯାଇଛି ଓ ମହିଳା ଜଣଙ୍କ ଚିକିତ୍ସାରୁ ଫେରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ ଅପହରଣ ସନ୍ଦେହରେ ଶ୍ରମିକଙ୍କୁ ମାଡ

**ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)**

ଜଣେ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଦୁଇଜଣ ଶ୍ରମିକଙ୍କୁ ନିସ୍ଥୁକ ମାଡ ମାରିଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଯଦୁପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସେମାନେ ସମସ୍ତେ ଶ୍ରମିକ ହୋଇଥିବା ବେଳେ ମଦ୍ୟପାନ କରି ଫେରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ସେମାନଙ୍କୁ ଥାନାରେ ପଚାରାଉଚରା କରି ଛାଡି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରମିକଦ୍ୱୟ ପଶ୍ଚିମବଙ୍ଗର ହୋଇଥିବା ବେଳେ ଯୁବତୀ ଜଣକ ଝାଡ଼ଖଣ୍ଡର। ସେମାନେ ପୋଖରୀପୁଟ ଅଞ୍ଚଳରେ ଜଣେ ଠିକାଦାରଙ୍କ ପାଖରେ କାମ କରନ୍ତି। ରବିବାର ରାତିରେ ସାଥି ହୋଇ ମାର୍କେଟ୍‌କୁ ଯାଇଥିଲେ। ବୁଲାବୁଲି କରିବା ପରେ ସମସ୍ତେ ମଦ୍ୟପାନ କରିଥିଲେ। ଯୁବତୀ ଜଣକ ଅଧିକ ମଦ୍ୟପାନ କରିଥିବାରୁ ଠିକ୍ ଭାବେ ଚାଲିପାରୁ ନ ଥିଲେ। ରାତି ପ୍ରାୟ ୧୨ଟା ୩୦ରେ ସାଥିରେ ଥିବା ଶ୍ରମିକଦ୍ୱୟ ରାସ୍ତାରେ ତାଙ୍କୁ ଧରି ନେଉଥିଲେ। ସମସ୍ତେ ପରସ୍ପର ହୀନ୍ଦିରେ କଥା ହେଉଥିଲେ। ଏହି ସମୟରେ ଉକ୍ତ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକମାନେ କାଣ୍ଡ ଘଟାଇଥିଲେ। ଉକ୍ତ ଯୁବତୀ ଜଣକ ନାବାଳିକ ବୋଲି ଲୋକମାନେ ସନ୍ଦେହ କରିଥିଲେ। ସେମାନେ ଶ୍ରମିକଦ୍ୱୟଙ୍କୁ ଅଟକ ରଖି ମାଡ ମାରି ବହୁ ପ୍ରଶ୍ନ ପଚାରିଥିଲେ। ଏଥିସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ଲୋକଙ୍କ କବଳରୁ ସମସ୍ତଙ୍କୁ ଉଦ୍ଧାର କରିଥିଲା। ତେବେ ଅଧିକ ତଦନ୍ତ କରିବା ପରେ ସନ୍ଦେହ ଦୂର ହେବା ସହ ସତ କଥା ଜଣାପଡିଥିଲା। ଏନେଇ କୌଣସି ମାମଲା ହୋଇ ନ ଥିବା ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE

**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275



Wellness relax body massage & joint pain treatment by trend therapist. 7327020180. D-76917

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, SARADA PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.-Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from SARADA ROWLA to SARADA PANDA. Henceforth, I shall be known as SARADA PANDA for all purposes.
SARADA PANDA
D-952

By virtue of an affidavit sworn before the Executive Magistrate, Anandapur, dated 17.05.2025, I, Banuani Nayak, Address: At-Dhuligarh, P.O.-Danagadi, P.S.-Jajpur road, Dist.-Jajpur, Odisha-755026 declare that I have changed my name from Gedi Naik to Banuani Nayak. Henceforth, I shall be known as Banuani Nayak for all purposes.
D-955

I, Subhasmita Patbandha, D/o- Bhikari Patbandha resident of At/ P.O.-Badamundhabani, P.S.-Morada, Dist.- Mayurbhanj, PIN-757023, Odisha declare by this affidavit No.- 3496, dt. 30.05.2025. My actual name is "Subhasmita Patbandha" as mentioned in the Respective Educational Matric Certificate No.- M 1280072. After marriage with one Rabinarayan Tipiria my surname has been changed from Patbandha to Tipiria which is mentioned in my Aadhaar Card No.- XXXX XXXX 9453. I swear this affidavit to be produced before the concerned authority for correction of my name in Aadhaar Card as Subhasmita Patbandha instead of Subhasmita Tipiria. D-956

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, JAHNAVI PANDA, permanent Resident of Block A-2, Flat No.- 5/9, Hi-Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN- 751002 declared that I have changed my name from JAHNAVI ROWLA to JAHNAVI PANDA. Henceforth, I shall be known as JAHNAVI PANDA for all purposes.
JAHNAVI PANDA
D-954

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, GOPAL KRISHAN PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from GOPAL KRISHAN to GOPAL KRISHAN PANDA. Henceforth, I shall be known as GOPAL KRISHAN PANDA for all purposes.
GOPAL KRISHAN PANDA
D-953

By virtue of an affidavit sworn before Executive Magistrate, Nuagaon, dated 10.06.2025 (CF No.-782), I, Laxmipriya Patra, aged about 51 years, W/o- Jagannath Patra, D/o- Late Arjuna Sahoo, both present and permanent resident of At- Ashok Nagar, 5th Lane, Kamapalli, P.O.- Medical College, Brahmapur Sadar, Berhampur, Dist.- Ganjam, State- Odisha, PIN- 760004 declare that I have changed my name from Bhaskar Dei to Laxmipriya Patra. Henceforth, I shall be known as Laxmipriya Patra for all purposes .
Laxmipriya Patra
D-957

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ତାମରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ ମାମଲା: ଅଗଷ୍ଟ ୬ରେ ଏନ୍‌ଜିଟିରେ ଶୁଣାଣି**

ଛତ୍ରପୁର, (ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟସ୍ଥ ହୁମୁରି ତାମରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରେସର୍ଟ ନିର୍ମାଣ କରାଯାଉଥିଲା। କୋଲକତାସ୍ଥିତ ଏନ୍‌ଜିଟି ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚର ତାଗିଦା ପରେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ତେବେ ସେଠାରେ ହୋଇଥିବା ସବୁ ନିର୍ମାଣ କାର୍ଯ୍ୟ ଏଯାଏଁ ଭଙ୍ଗାଯାଇ ନ ଥିବା ବେଳେ ଏ ସମ୍ପର୍କରେ ମାମଲା ଏବେ ମଧ୍ୟ ଏନ୍‌ଜିଟି ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚରେ ବିଚାରାଧୀନ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ବେଞ୍ଚ ଧାର୍ଯ୍ୟ କରିଛନ୍ତି।




# ମହାପ୍ରଭୁଙ୍କ ଦେହରେ ଲାଗିହେଲା ଫୁଲୁରି ତେଲ

ପୁରୀ, ୧୬।୬ (ଅଜିତ୍ କୁମାର ମହାନ୍ତି)

ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ହୋଇଛନ୍ତି। ଶ୍ରୀବିଗ୍ରହଙ୍କ ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ଗୁପ୍ତ ସେବା ଜାରିରଖିଛନ୍ତି। ଏହି ସମୟରେ ମହାପ୍ରଭୁଙ୍କ ନିକଟରେ ଦଇତାପତି ସେବକମାନେ ପଣା ଓ ଚକଟା ଭୋଗ ଲାଗି କରୁଛନ୍ତି। ଅଣସରର ପଞ୍ଚମ ଦିବସରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଫୁଲୁରି ତେଲ ଯୋଗାଇ ଦିଆଯାଇଥାଏ। ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରି ତେଲ ମଠ ପକ୍ଷରୁ ଦିଆଯାଇଥାଏ।

ଫୁଲୁରି ତେଲ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ପ୍ରତିବର୍ଷ ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ପରେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇଥାଏ। ପରେ ତେଲକୁ ଛଣାଯାଇ ଏକ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମ ଦିନ ତେଲକୁ ଅନୁଷ୍ଠାନ ପ୍ରସ୍ତୁତ କରି ମହାପ୍ରଭୁଙ୍କ ଲାଗି ପାଇଁ ପଠାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ହେବା ପରେ ବଡ଼ଓଡ଼ିଆ ମଠରୁ ଉକ୍ତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ଯାଇଥାଏ। ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗରେ ଫୁଲୁରି ତେଲ ନେଇ ସଂଗ୍ରହ କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ କରାଇଥାନ୍ତି। ବିଶ୍ୱାସ ରହିଛି, ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ କରାଯିବା ପରେ ମହାପ୍ରଭୁ ଜ୍ୱରରୁ ସାମାନ୍ୟ ଉପଶମ ପାଇଥାନ୍ତି।



ମହାପ୍ରଭୁଙ୍କ ଜ୍ୱର ଉପଶମ ପାଇଁ ବଡ଼ଓଡ଼ିଆ ମଠ ପକ୍ଷରୁ ବିଭିନ୍ନ ଜଡ଼ିବୁଟିରେ ପ୍ରସ୍ତୁତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଆଦିନାଥ: ଆଜାନୁବାହୁ ଶ୍ରୀଅଲାରନାଥ

ପୁରୀ, ୧୬।୬ (ଅଜିତ୍ କୁମାର ମହାନ୍ତି)

ବିଶ୍ୱାସ ରହିଛି, ଅଣସର ସମୟରେ ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ମିଳି ନ ଥିବାବେଳେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଅନବସରରେ ଗୋଟିଏ ଦିନ ଅଲାରନାଥଙ୍କ ଦର୍ଶନ ମହାପ୍ରଭୁଙ୍କ ବର୍ଷକ ଯାକର ଦର୍ଶନ କରିବା ସହ ସମପୁଣ୍ୟ ମିଳିଥାଏ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ବୈଷ୍ଣବମାନଙ୍କ ସହିତ ପ୍ରାଚୀନ ଓଡ୍ର ଓ କଳିଙ୍ଗ ରାଷ୍ଟ୍ରର ଘନିଷ୍ଠ ସମ୍ପର୍କ ଥିଲା। ଏହି ଅଲୱାର ବୈଷ୍ଣବମାନେ ବହୁଳଭାବେ ଦକ୍ଷିଣ ଭାରତ ଓ ପ୍ରାଚୀନ କଳିଙ୍ଗ ରାଷ୍ଟ୍ରରେ ରହୁଥିଲେ। ଶ୍ରୀଜଗନ୍ନାଥଙ୍କ ସହିତ ଏମାନଙ୍କର ନିବିଡ଼ ସମ୍ପର୍କ ଥିଲା। ଏହି ସମ୍ପ୍ରଦାୟର ଗୁରୁ ପରମ୍ପରାରେ ଗୁରୁମାନଙ୍କୁ 'ଯୋଗୀ' କୁହାଯାଏ। ଏହି ଯୋଗୀମାନେ 'ଆଦିନାଥ ଭଗବାନ' ଶବ୍ଦ ବ୍ୟବହାର କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ପୂର୍ବରୁ ଯେଉଁ ମାଧବ ପୂଜିତ ହେଉଥିଲେ ଓ ପରେ ଅନ୍ତର୍ଦ୍ଧାନ ହୋଇଥିଲେ, ମନେହୁଏ ତାହାଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବର ଆଦିନାଥ ବୋଲି ସମ୍ବୋଧନ କରିଛନ୍ତି। ତାଙ୍କର ବିଗ୍ରହ ବର୍ଣ୍ଣନା ଯାହା ଲେଖିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଶ୍ରୀଅଲାରନାଥଙ୍କ ବିଗ୍ରହ ସହ ସାମଞ୍ଜସ୍ୟ ରହିଛି।



ଅଲାରନାଥ

'କପିଳ ସଂହିତା' ଗ୍ରନ୍ଥର ୨୬ ଅଧ୍ୟାୟ ବର୍ଣ୍ଣନା ଅନୁସାରେ ଶ୍ରୀଅଲାରନାଥ ହେଉଛନ୍ତି ଆଦିନାଥ, କାରଣ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଆବିର୍ଭାବ ହେବା ପୂର୍ବରୁ ଇନ୍ଦ୍ରନୀଳମଣି ବିଗ୍ରହ ଶ୍ରୀମାଧବ ଥିଲେ। କପିଳ ସଂହିତା ଗ୍ରନ୍ଥରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି, ସେ ହିଁ ଶ୍ରୀଅଲାରନାଥ। ତେଣୁ ସେ ଆଦିନାଥ ହେବା ସ୍ୱାଭାବିକ।

ଶ୍ରୀପରକାଳସୂରୀ ଦଶଟି ଗାଥାରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଶାସନ ଲେଖିଥିବା ବେଳେ ଆଉ ଦଶଟି ଗାଥାରେ ଆଜାନୁବାହୁ ଜଗନ୍ନାଥଙ୍କ ମଙ୍ଗଳ ଶାସନ କଥା ଲେଖିଛନ୍ତି। ଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥ ନିଶ୍ଚିତଭାବେ ଭିନ୍ନ ବିଗ୍ରହ। ଶ୍ରୀମନ୍ଦିରରେ ପୂଜିତ ଶ୍ରୀଜଗନ୍ନାଥ, ଆଜାନୁବାହୁ ଜଗନ୍ନାଥ ହୋଇ ନ ଥିବାବେଳେ ନିଶ୍ଚିତଭାବେ ସେହି ଆଦିନାଥ ବା ଶ୍ରୀଅଲାରନାଥଙ୍କୁ ହିଁ ସେ ଆଜାନୁବାହୁ ଜଗନ୍ନାଥ ବୋଲି ଗ୍ରହଣ କରି ଗାଥା ଲେଖିଛନ୍ତି। ଏହି ଶ୍ରୀପରକାଳସୂରୀ ହେଉଛନ୍ତି ଚୋଳ ଦେଶର ଅବିନାଡ଼ୁ ଅଞ୍ଚଳର ପରିରମ୍ଭପୁରୀର ରାଜା ଅବିନାଡ୍ଡୁ ଦୟାରଙ୍କ ପୁତ୍ର। ପରିରମ୍ଭପୁରୀ ଶ୍ରୀନୃସିଂହ ଉପାସନା କ୍ଷେତ୍ର ଭାବରେ ଭାରତ ବର୍ଷରେ ପ୍ରସିଦ୍ଧ ଥିଲା। ଏଠାରେ ପଞ୍ଚନୃସିଂହ ଉପାସନା ହେଉଥିବାରୁ ଏପରି ନାମକରଣ ହୋଇଥିଲା। ଦଶଜଣ ଦିବ୍ୟସୂରୀଙ୍କ ମଧ୍ୟରେ ଏ ହେଉଛନ୍ତି ଶେଷତମ ସୂରୀ। ସେ ଏଭଳି ଜ୍ଞାନୀ ଓ ତ୍ରିକାଳଦର୍ଶୀ ଥିଲେ ଯେ, ତାଙ୍କୁ ଅବତାର ଭାବେ ଗ୍ରହଣ କରାଯାଏ। ଶ୍ରୀପରକାଳସୂରୀଙ୍କ ପୂର୍ବରୁ ଶ୍ରୀଧାରାର ତିନିଜଣ ଅବତାରୀ ମଧ୍ୟ ନୀଳାଦ୍ରି କ୍ଷେତ୍ରକୁ ଆସି ଦର୍ଶନ କରି ଫେରିଥିଲେ। ତେଣୁ ଗୁରୁ ପରମ୍ପରାକ୍ରମରେ ଶ୍ରୀଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥଙ୍କ ବିଷୟରେ ସେମାନେ ଭଲଭାବେ ଜାଣିଥିଲେ। ଶ୍ରୀଜଗନ୍ନାଥ ଓ ଶ୍ରୀଅଲାରନାଥଙ୍କୁ ସେମାନେ ନାରାୟଣଭାବେ ଗ୍ରହଣ କରି ଉପାସନା କରନ୍ତି। ଯେ ହେତୁ ସେ ଶ୍ରୀଜଗନ୍ନାଥଙ୍କର ଦଶଟି ଗାଥା ତାମିଲ୍‌ରେ ଲେଖିବା ପରେ ଫେରିଯାଇ ପୁଣି ଆଜାନୁବାହୁଙ୍କର ଦଶଟି ଗାଥା ଲେଖିଛନ୍ତି, ତେଣୁ ସମ୍ଭାବନା ହୁଏ ସେମାନେ ତାଙ୍କ ସମ୍ପ୍ରଦାୟର ଉପାସ୍ୟ ଶ୍ରୀଅଲାରନାଥଙ୍କୁ ଭଲଭାବେ ଜାଣିଥିଲେ ଏବଂ ଏହି ପୀଠ ସହିତ ସେମାନଙ୍କର ସମ୍ପର୍କ ରହିଥିଲା।

# ରାଜଧାନୀରେ ୩୦ ଜିଲ୍ଲା ପାଇଁ ଅତିଥି ଭବନ

ଭୁବନେଶ୍ୱର, ୧୬।୬ (ରବିନାରାୟଣ ଜେନା)

**ଅଶୋକନଗରରେ ମିଳିଲା ୩ ଏକର ଜମି**

ରାଜଧାନୀ ଭୁବନେଶ୍ୱରରେ ୩୦ ଜିଲ୍ଲା ପାଇଁ ନିର୍ମାଣ ହେବ ୩୦ ଅତିଥି ଭବନ। ଏସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚଳିତମାସ ୬ରେ ଗଣମାଧ୍ୟମକୁ ବିବୃତି ଦେଇଥିବାବେଳେ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୩ ଏକର ଜମି ଆବଣ୍ଟନ କରାଯାଇଛି।

ସୋମବାର ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସେଥିରେ ଇଷ୍ଟେଟ୍ ନିର୍ଦ୍ଦେଶକ ଦର୍ଶାଇଛନ୍ତି, ୟୁନିଟ୍-୨ସ୍ଥିତ ଅଶୋକନଗରରେ ଅତିଥି ଭବନ ନିର୍ମାଣ ପାଇଁ ୩ ଏକର ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏସଂକ୍ରାନ୍ତରେ ଆସିଥିବା ପ୍ରସ୍ତାବକୁ ବିଚାର କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ୩ ଏକର ଜମି ମଧ୍ୟରେ ୨୫ଟି ଘରବାରି ପ୍ଲଟ ରହିଥିବାବେଳେ ଦୁଇଟି ସଡ଼କ କିସମ ଜମି ରହିଛି।

ସୂଚନାଯୋଗ୍ୟ, ରାଜ୍ୟର ୩୦ ଜିଲ୍ଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ରାଜ୍ୟବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗତ ରବିବାର କହିଥିଲେ। ସେ କହିଥିଲେ, ରାଜ୍ୟର କୋଣ ଅନୁକୋଣରୁ ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ଆସିଥାନ୍ତି। ହେଲେ ଏଠି ରହିବା ପାଇଁ ସେମାନେ ହୋଟେଲ କିମ୍ବା ଅନ୍ୟ ସ୍ଥାନରେ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୩୦ ଜିଲ୍ଲା ପାଇଁ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ଲୋକେ ସୁବିଧାରେ ରହି ନିଜ ଆବଶ୍ୟକ କାମ କରିପାରିବେ। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରି ବିଶିଷ୍ଟ ଅତିଥି ଭବନ ନିର୍ମାଣ ହେବ। ୩୦ ଜିଲ୍ଲା ପାଇଁ ୩୦୦୦ କୋଠରି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ମୁଖ୍ୟ ମହାପ୍ରବନ୍ଧକ ମହେଶ କୁମାର ବେହେରା

ଭୁବନେଶ୍ୱର, ୧୬।୬ (ଅନୁରାଧା ମହାରଣା)

**ଭାରତୀୟ ପୋର୍ଟ ରେଲ ଓ ରୋପ୍‌ୱେ କର୍ପୋରେଶନ**



ଭାରତୀୟ ପୋର୍ଟ ରେଲ୍ ଓ ରୋପ୍‌ୱେ କର୍ପୋରେଶନ ଲିମିଟେଡ (ପୋର୍ଟ, ଶିପିଙ୍ଗ ଓ ଜଳମାର୍ଗ ମନ୍ତ୍ରଣାଳୟର ଏକ ମିଳିତ ଉଦ୍ୟୋଗ)ର ମୁଖ୍ୟ ମହାପ୍ରବନ୍ଧକ ଭାବେ ମହେଶ କୁମାର ବେହେରା ଭୁବନେଶ୍ୱରରେ ଯୋଗଦେଇଛନ୍ତି। ସେ ନିକଟରେ ପୂର୍ବତଟ ରେଳପଥର ଅତିରିକ୍ତ ସାଧାରଣ ପ୍ରବନ୍ଧକ ଭାବରେ ଅବସର ନେଇଥିଲେ। ଭାରତୀୟ ରେଳପଥ ଇଞ୍ଜିନିୟର ସେବା (ଆଇଆର୍‌ଏସ୍‌ଇ) ପୁନଃ ନିଯୁକ୍ତି ଆଧାରରେ ସେ ଏହି ଦାୟିତ୍ୱ ପାଇଛନ୍ତି।

ମହେଶ ସମ୍ବଲପୁର ବୁର୍ଲାସ୍ଥିତି ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ଆଇଆଇଟି ମାଡ୍ରାସରୁ ସାମୁଦ୍ରିକ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଭାରତୀୟ ରେଳପଥର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଛନ୍ତି। ଏଥିସହ ଭୁବନେଶ୍ୱରର ରାଇଟସ୍‌ରେ ଗ୍ରୁପ ଜେନେରାଲ ମ୍ୟାନେଜର ଏବଂ ବିହାର ପାଟନା ଓ ମୁଙ୍ଗେରର ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) କ୍ଷେତ୍ରରେ ତାଙ୍କର ଉଲ୍ଲେଖଖନୀୟ ଭୂମିକା ତୁଲାଇଛନ୍ତି। ସେହିପରି ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଆଦି ପଦବୀ ଗୁଡିକରେ କାର୍ଯ୍ୟରତ ଥିଲେ।

# ରାଜ୍ୟ ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ କରୁନାହାନ୍ତି: ଭକ୍ତ

ଭୁବନେଶ୍ୱର, ୧୬।୬ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟଶୈଳୀକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଉପରେ ବର୍ଷିଛନ୍ତି। ସୋମବାର ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି, ରାଜ୍ୟ ସରକାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି, ହେଲେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିପାରୁ ନାହାନ୍ତି। ଯାଜପୁରରେ ଡାଇରିଆରେ ପ୍ରତିଦିନ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ମୃତ୍ୟୁସଂଖ୍ୟା ୧୬ ଛୁଇଁଲାଣି, ହେଲେ ସରକାର ଏହାକୁ ଗୁରୁତ୍ୱର ଭାବେ ନେଉ ନାହାନ୍ତି। ଯାଜପୁରରେ ନର୍ସ ଓ ଡାକ୍ତର ୪୦୦ ପଦବୀ ଖାଲି ପଡ଼ିଛି। ଅନ୍ୟଜିଲ୍ଲାଗୁଡ଼ିକରେ ୨୦୦ରୁ ୪୦୦ ଡାକ୍ତରୀ ପଦବୀ ଖାଲି ପଡ଼ିଥିବାବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ପ୍ରତି ଯୋଗ୍ୟ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ଦେବା ବଦଳରେ ପ୍ରତି ବର୍ଷ ଦୁଇ କିସ୍ତିରେ ୧୦ ହଜାର ଦେବା ରାଜ୍ୟର ମା'ମାନଙ୍କ ପାଇଁ ଉପହାସ ନୁହେଁ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି, ରାଷ୍ଟ୍ରପତିଙ୍କ ଅଞ୍ଚଳରେ ବିମାନବନ୍ଦର ନିର୍ମାଣ ପାଇଁ ବିନା ପଲ୍ଲିସଭା, ଗ୍ରାମସଭାରେ ଆଦିବାସୀ ପରିବାରଙ୍କୁ ବିସ୍ଥାପିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ଜଣେ ଆଦିବାସୀ ହୋଇ ଆଦିବାସୀ ଜମିକୁ ଅମ୍ବାନି ଓ ଆଦାନୀକୁ ଟେକି ଦେଉଛନ୍ତି। ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଉପସ୍ଥିତ ଥିଲେ।



ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ନେତୃବୃନ୍ଦ।

## ପ୍ରଥମ ପୃଷ୍ଠାରୁ

### ଡାଇରିଆ ସହ...

ନୁହେଁ ବୋଲି ଆଶ୍ୱାସନା ଦିଆଯାଇଛି। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କମିଶନର ଆଶ୍ୱସ୍ତି ଏସ୍. ଏବଂ ସ୍ୱତନ୍ତ୍ର ସଚିବ ବିଜୟ୍ କୁମାର ମହାପାତ୍ର ପୁଣି ଯାଜପୁର ଜିଲ୍ଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି।

ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯାଜପୁର ଜିଲାରେ ୨୫୬ ରୋଗୀ ଚିକିତ୍ସାଧୀନ ଅଛନ୍ତି। ରବିବାର ୧୧ଟାରୁ ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୬୫ ଜଣ ଜିଲାର ୧୩ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଥିରେ ରହିଛନ୍ତି ୨୨୧ ଜଣ ନୂଆ ରୋଗୀ। ୧୮ ଜଣଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିବାବେଳେ ୧୮୫ ଜଣ ଡିସ୍‌ଚାର୍ଜ ହୋଇଛନ୍ତି। ଏଥିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବାଧିକ ୮୭ ଜଣ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୪୩, ବଡଚଣାରେ ସିଏଚ୍‌ସିରେ ୧୫, ବରୀ ସିଏଚ୍‌ସିରେ ୪, ବିଞ୍ଝାରପୁରରେ ୩, ଦାନଗଦି ସିଏଚ୍‌ସିରେ ୩୦, କୋରେଇ ସିଏଚ୍‌ସିରେ ୨୮, ଯାଜପୁର ରୋଡ୍ ସିଏଚ୍‌ସିରେ ୧୮, ରସୁଲପୁର ସିଏଚ୍‌ସିରେ ୨, ଦଶରଥପୁର ସିଏଚ୍‌ସିରେ ଜଣେ, ମଙ୍ଗଳପୁର ସିଏଚ୍‌ସିରେ ୧୨, ସୁକିନ୍ଦା ସିଏଚ୍‌ସିରେ ୧୩ ଡାଇରିଆ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ରୋଗ ସଂକ୍ରମଣକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାସନଗରରେ ସମସ୍ତ ଫାଷ୍ଟଫୁଡ ଦୋକାନ, ଚାଟ୍, ଗୁପଚୁପ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ହୋଟେଲଗୁଡିକୁ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଧର୍ମଶାଳା ତହସିଲ ଅଞ୍ଚଳରେ ସମସ୍ତ ହୋଟେଲ, ଢାବା, ତେଲଭାଜି ଦୋକାନ, ମିଠା ଦୋକାନ, ଫାଷ୍ଟଫୁଡ୍/ଚାଟ୍/ଗୁପଚୁପ୍ ଦୋକାନ, ଆଇସ୍‌କ୍ରିମ କାରଖାନା, ପାଣି ପାଉଚ୍ କାରଖାନା, ମାଛ, ଚିକେନ, ମଟନ ଦୋକାନଗୁଡ଼ିକୁ ଆସନ୍ତା ୨ ସପ୍ତାହ ପାଇଁ ବନ୍ଦ କରିବାକୁ ତହସିଲଦାର ସମୀର ରଞ୍ଜନ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିସବୁ ଡାକାବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ମଧ୍ୟ ଫାଷ୍ଟଫୁଡ୍, ହୋଟେଲ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହିସବୁ କଟକଣାକୁ ଯିଏ ନ ମାନିବ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରବିବାର ବରୀ ବ୍ଲକ ଅଞ୍ଚଳରେ ଅନୁରୂପ କଟକଣା ଜାରି ହୋଇଛି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଡାଇରିଆ ଏବଂ ହଇଜା ବିରୋଧରେ ପ୍ରତିରୋଧୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଫୁଟା ପାଣି ପିଅନ୍ତୁ, ଖାଇବା ପୂର୍ବରୁ, ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ହାତକୁ ଭଲ ଭାବରେ ଧୋଇବାକୁ ପରାମର୍ଶ ଦିଆଯାଇଛି। ଏହାବାଦ ଡାଇରିଆ ଏବଂ ହଇଜା ସଂକ୍ରମଣ ରୋକିବା ପାଇଁ ସର୍ବଦା ଶୌଚାଳୟ ବ୍ୟବହାର କରି ସଠିକ ଭାବରେ ହାତ ଧୋଇ ଏବଂ ରନ୍ଧାଖାଦ୍ୟ ଖାଆନ୍ତୁ ବୋଲି ବିଜ୍ଞପ୍ତି ଜାରି କରାଯାଇଛି।

### ସେଲ୍‌ଫି ନେଲାବେଳେ...

ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ଖୋଜାଖୋଜି କରିବା ପରେ ଆଲୋକଙ୍କ ମୃତଦେହ ବାହାର କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। କୋରାପୁଟ ଜିଲାର ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ପାଇଥିବା ଏହି ଜଳପ୍ରପାତର ପ୍ରଖର ଜଳସ୍ରୋତକୁ ନ ଯିବା ପାଇଁ କୌଣସି ବାରିକେଡ ନିର୍ମାଣ ହୋଇ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଓଡ୍ରାଫ ଟିମ୍ ଓ କୋଟପାଡ଼ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୨ ପର୍ଯ୍ୟାୟରେ ହେବ...

ସମୀକ୍ଷା କରିଥିଲେ। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଭାରତର ଜନଗଣନା କମିଶନର ଓ ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ୍ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହା ଦେଶର ୧୬ତମ ଜନଗଣନା ହୋଇଥିବାବେଳେ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା। ସମ୍ବିଧାନର ଅନୁଚ୍ଛେଦ ୨୪୬ ଅନୁଯାୟୀ, ସପ୍ତମ ପରିଚ୍ଛେଦର କେନ୍ଦ୍ର ତାଲିକାର ୬୯ ସ୍ଥାନରେ ଜନଗଣନା ତାଲିକାଭୁକ୍ତ ହୋଇଛି।

୨୦୨୭ ଜନଗଣନା ଘୋଷଣା ହୋଇଥିବାରୁ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଏବଂ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟକାରୀ ହେବା ଲାଗି ବାଟ ଖୋଲିଯାଇଛି। ୧୯୭୧ରୁ ବିଭିନ୍ନ ସମ୍ବିଧାନିକ ସଂଶୋଧନ ଜରିଆରେ ଏହି କାର୍ଯ୍ୟ ଅଟକି ରହିଥିଲା। ମହିଳା ସ୍ଥାନ ସଂରକ୍ଷଣ ବିଲ୍‌ରେ ମହିଳାମାନଙ୍କ ପାଇଁ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଏକ-ତୃତୀୟାଂଶ ଆସନ ସଂରକ୍ଷିତ ରହିବ। ଜନଗଣନା ପରେ ଏହା କାର୍ଯ୍ୟକାରୀ ହୋଇପାରେ ଏବଂ ଏହା ପରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ହେବ।

### ପ୍ରସାଧନ ସାମ୍ରାଜ୍ୟର...

ଥିଲେ। ମେଡିକାଲ ପ୍ରତିଷ୍ଠାନ, ବ୍ରେଷ୍ଟ କ୍ୟାନ୍‌ସର ଏବଂ ଅଲଜେଇମର ଗବେଷଣା କ୍ଷେତ୍ରକୁ ତାଙ୍କର ବିଶେଷ ଅବଦାନ ଥିଲା।

୧୯୩୩ରେ ନ୍ୟୁୟର୍କର ଏକ ଇହୁଦୀ ପରିବାରରେ ଜନ୍ମିତ ଲିଓନାର୍ଡ ଛୋଟବେଳେ ତାଙ୍କ ମାଆଙ୍କ ସହ ମିଶି ବିଭିନ୍ନ ପ୍ରସାଧନ ସାମଗ୍ରୀ ବିକ୍ରି କରୁଥିଲେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ବିଜ୍‌ନେସ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୩ ବର୍ଷ ପାଇଁ ଆମେରିକା ନୌସେନାରେ ଜଣେ ଲ୍ୟୁଟ୍‌ନାଣ୍ଟ ଭାବେ ସାମିଲ ହୋଇଥିଲେ। ସେ ଆନୁଷ୍ଠାନିକ ଭାବେ ଏଷ୍ଟି ଲାଉଡର କମ୍ପାନୀରେ ୧୯୫୮ରେ ସାମିଲ ହୋଇଥିଲେ। ସେତେବେଳେ ଉକ୍ତ କମ୍ପାନୀରେ ଅଳ୍ପ କେତେଜଣ କର୍ମଚାରୀ ରହିଥିବାବେଳେ ବିକ୍ରି ୧ ନିୟୁତ ଡଲାରରୁ କମ୍ ଥିଲା। ଲିଓନାର୍ଡଙ୍କ ପ୍ରଚେଷ୍ଟା ଓ ଅକ୍ଲାନ୍ତ ପରିଶ୍ରମ ବଳରେ ଏଷ୍ଟି ଲାଉଡର କମ୍ପାନୀ ଏକ ବିଶ୍ୱ ସାମ୍ରାଜ୍ୟରେ ପରିଣତ ହେବା ସହ କ୍ଲିନିକ୍, ଲା ମେର୍, ଦି, ଅର୍ଡିନାରୀ, ଏମ୍‌ଏସି କସ୍ମେଟିକ୍ସ ଏବଂ ବବି ବ୍ରାଉନ୍ କସ୍ମେଟିକ୍ସ ଆଦି କମ୍ପାନୀକୁ ଅଧିଗ୍ରହଣ କରିଥିଲା। ଲିଓନାର୍ଡ ଉକ୍ତ କମ୍ପାନୀରେ ୧୯୭୨ରୁ ୨୩ ବର୍ଷ ଧରି ଅଧ୍ୟକ୍ଷ ରହିଥିବାବେଳେ ୧୯୮୨ରୁ ୧୯୯୯ ପର୍ଯ୍ୟନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଲେ। ସେ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ଏହାର ଚେୟାରମ୍ୟାନ୍ ରହିଥିଲେ। ୧୯୯୫ରେ ସେ କମ୍ପାନୀକୁ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ସାମିଲ ହେବା ସହ ସାର୍ବଜନୀନ ହୋଇଥିଲା। ଏବେ ଏହାର ବଜାର ପୁଞ୍ଜି ୧୨୪.୫ ବିଲିୟନ ଡଲାର। ବ୍ଲୁମ୍‌ବର୍ଗର ବିଲିଅନେୟାର ସୂଚକାଙ୍କରେ ଲିଓନାର୍ଡଙ୍କ ବ୍ୟକ୍ତିଗତ ସମ୍ପତ୍ତି ପରିମାଣ ୧୫.୬ ବିଲିୟନ ଡଲାର।

### ଯୁବ ଶକ୍ତି ରାଜ୍ୟ...

ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ସମସ୍ତେ କାମ କରିବା ଦରକାର। ଗତ କିଛିବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। ଭାଜପା ସରକାର ଆସିବା ପରେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ଆମ ସରକାର ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ବର୍ତ୍ତମାନ ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି। ୨୦୨୬ ଜୁନ୍ ସୁଦ୍ଧା ୬୫ ହଜାର ଧାର୍ଯ୍ୟଲକ୍ଷ୍ୟ ଅତିକ୍ରମ ହୋଇସାରିଥିବ। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଇଛୁ। ବର୍ଷକ ମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍କର୍ଷ ଓଡ଼ିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଉତ୍କର୍ଷ ଓଡ଼ିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରାଯାଇଛି। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ରବି ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ

**ବଲାଙ୍ଗୀର ପଥରଚେପା ପଡିଆରେ ହେବ ବିରାଟ ସମାବେଶ**

ବଲାଙ୍ଗୀର, ୧୬।୬ (ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ବଲାଙ୍ଗୀର ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବଲାଙ୍ଗୀର ସହର ନିକଟ ପଥରଚେପା ପଡିଆରେ ହେବାକୁ ଥିବା ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ସମେତ ପଡ଼ୋଶୀ ଜିଲାର ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ରବି ନାରାୟଣ ନାଏକ, ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ଅନ୍ୟ ନେତ୍ରୀ, ନେତା ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲା ଗସ୍ତରେ ଆସୁଥିବାରୁ ଜିଲାରେ ଉତ୍ସାହ ପରିଲକ୍ଷିତ ହୋଇଛି। ଜିଲା ପାଇଁ କିଛି ବଡ଼ଧରଣର ଘୋଷଣା କରିବେ ବୋଲି ଜିଲାବାସୀ ଆଶା ବାନ୍ଧିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ନିମନ୍ତ୍ରଣ ପାଇନାହିଁ: କଲିକେଶ

ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତରେ ଆସି ପଥରଚେପାଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ସେ ଯୋଗଦେବେ। ଏହି ସରକାରୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଖୋଦ୍ ବିଧାୟକ କଲିକେଶ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହା ପ୍ରୋଟୋକଲ ଉଲ୍ଲଂଘନ ବୋଲି ଉଲ୍ଲେଖ କରିବା ସହ ଏହାର ପ୍ରତିବାଦ ଜଣାଇଛନ୍ତି। ତାଙ୍କୁ କୌଣସି ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ସମାବେଶ ସଂକ୍ରାନ୍ତରେ ସୂଚନା ଦେଇ ନ ଥିବା ଜଣାଇଛନ୍ତି। ଉକ୍ତ ଚିଠିରେ ସେ ଆହୁରି ଲେଖିଛନ୍ତି ଯେ, ବଲାଙ୍ଗୀରର ନିର୍ବାଚିତ ପ୍ରତିନିଧି ଭାବେ ସେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥାନ୍ତେ। ବଲାଙ୍ଗୀରବାସୀଙ୍କ ସମସ୍ୟା ଜଣାଇଥାନ୍ତେ। କିନ୍ତୁ ତାଙ୍କୁ ଏ ବିଷୟରେ ସୂଚନା ନ ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅସମ୍ମାନ କରାଯାଇଛି।

ଫ୍ୟାଶନ

# ମନ୍‌ସୁନ୍‌ରେ କପଡ଼ା ଚୟନ



ଯେତେଯେତେ ବର୍ଷା ଆରମ୍ଭ ହୋଇଯାଏ, ତ୍ୱଚା ଏବଂ କେଶର ଯତ୍ନନେବା ସହ କପଡ଼ାର ଉପରେ ମଧ୍ୟ ଧ୍ୟାନଦେବା ଆବଶ୍ୟକ। ବର୍ଷାଦିନରେ ଡ୍ରେସ୍ ଓଦା ହୋଇଗଲେ ତାହା ସହଜରେ ଶୁଖି ନ ଥାଏ। ଏହିଦିନରେ ଠିକ୍ କପଡ଼ା ଚୟନ ବହୁତ ଜରୁରୀ। ଏହି ସମୟରେ ଜଲ୍‌ଦି ଶୁଖିଯାଉଥିବା କପଡ଼ା ପିନ୍ଧିବା ଆବଶ୍ୟକ। ଆସନ୍ତୁ, ଜାଣିବା ଜଲ୍‌ଦି ଶୁଖିଯାଉଥିବା କପଡ଼ା ସମ୍ପର୍କରେ....

**ମଲମଲ କପଡ଼ା:** ମଲମଲ ଏପରି ଏକ କପଡ଼ା ଯାହା ବହୁ ଆରାମଦାୟକ ଅନୁଭବ ହୋଇଥାଏ। ଏହା ଗରମ କମ୍ କରିଥାଏ, ଅନ୍ୟ ପ୍ରାକୃତିକ କପଡ଼ା ତୁଳନାରେ ଜଲ୍‌ଦି ଶୁଖିଯାଇଥାଏ। ବର୍ଷାଦିନରେ ଏହାକୁ ପିନ୍ଧିଲେ ଭଲ।

**ଜର୍ଜେଟ ଏବଂ କ୍ରେପ୍:** ଜର୍ଜେଟ ଏବଂ କ୍ରେପ୍ କପଡ଼ା ହାଲୁକା, ପାରଦର୍ଶୀ, ଦେଖିବାକୁ ବହୁ ସୁନ୍ଦର ହୋଇଥାଏ। ଏହା ମନ୍‌ସୁନ୍ ପାଇଁ ଏକଦମ୍ ପରଫେକ୍ଟ। କାହିଁକି ନା ଏହା ପାଣିକୁ ଏତେ ଶୋକ୍ କରି ନ ଥାଏ।

**ରେୟନ୍ :** ରୟାନ କପଡ଼ା ମନ୍‌ସୁନ୍ ପାଇଁ ଭଲ ବିକଳ୍ପ। କାରଣ ଏହା ହାଲୁକା, ଜଲ୍‌ଦି ଶୁଖିଯାଇଥାଏ। ଏହା ଓଦାଳିଆ ଦୂରକରିବାରେ ସାହାଯ୍ୟ କରିଥାଏ। ଏହି କପଡ଼ାରେ ପ୍ରସ୍ତୁତ ଡ୍ରେସ୍, ଶର୍ଟ, ଏଥନିକ୍ ୱେର ବହୁତ ଭଲ ମାନିଥାଏ।

**ପଲିଷ୍ଟର:** କେତେଜଣଙ୍କର ଧାରଣା ରହିଥାଏ ଯେ ପଲିଷ୍ଟର କପଡ଼ା ଜଲ୍‌ଦି ଖରାପ ହୋଇଥାଏ। କିନ୍ତୁ ନୂଆ ବୁଣା ହୋଇଥିବା ପଲିଷ୍ଟର କପଡ଼ା ଓଦାଳିଆ ପଣକୁ କମ୍ କରିଥାଏ। ଖରାଦିନ ଲାଗି ଏହା ଜମା ବି ଠିକ୍ ନୁହେଁ, କିନ୍ତୁ ବର୍ଷାଦିନ ପାଇଁ ବହୁତ ଭଲ।

# ଥର୍ମସ କିପରି ସଫା କରିବେ





ଖରା ହେଉ କି ଶୀତ ଦିନ ସବୁବେଳେ ଏହି ଥର୍ମସର ଆବଶ୍ୟକତା ହୋଇଥାଏ। ଏହା ଚା' କଫି ରଖିବା କିମ୍ବା ଉଷୁମ ପାଣି ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଗରମ ପାଣି ନିଅନ୍ତୁ। ଏହାକୁ ଥର୍ମସରେ ଭରି ତାକୁ ଭଲଭାବେ ହଲାଇ କିଛି ସମୟ ଛାଡ଼ିଦିଅନ୍ତୁ।

-ଯଦି ଥର୍ମସ ଅଧିକ ଅପରିଷ୍କାର ହୋଇଛି ତେବେ ଏହାକୁ ବ୍ରଶ୍ ସାହାଯ୍ୟରେ ସଫା କରିପାରିବେ।

-ଗରମପାଣିରେ ଅଳ୍ପ ଲେମ୍ବୁରସ ମଧ୍ୟ ଥର୍ମସରେ ପକାଇ କିଛି ସମୟ ଲାଗି ଏହାକୁ ଛାଡ଼ି ଦିଅନ୍ତୁ। ପରେ ଥର୍ମସକୁ ଭଲଭାବେ ବନ୍ଦକରି ତାକୁ ହଲାଇ ରଖିଦିଅନ୍ତୁ। ପରେ ଏହାକୁ ପାଣିରେ ଭଲଭାବେ ଧୋଇଦିଅନ୍ତୁ।

-ଏହାକୁ ଧୋଇସାରିବା ପରେ କିଛି ସମୟ ଖୋଲା ଛାଡ଼ି ଦିଅନ୍ତୁ। ଫଳରେ ଥର୍ମସ ଭିତର ପାଖ ଭଲଭାବେ ଶୁଖିଯିବ।

# ସମ୍ପର୍କ ହେବ ମଧୁର

ବୈବାହିକ ଜୀବନକୁ ସୁଖମୟ ରଖିବାକୁ ହେଲେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟର ଉତ୍ତମ ବୁଝାମଣା ଏବଂ ସହଯୋଗର ଆବଶ୍ୟକତା ରହିଛି। ଜଣେ ଆଉ ଜଣଙ୍କ କଥା ବୁଝିବା ବ୍ୟତୀତ ଆଉ ବି କିଛି କଥା ମଧ୍ୟ ରହିଛି ଯାହା ବୈବାହିକ ଜୀବନକୁ ଆହୁରି ଆନନ୍ଦରେ ଭରି ଦେଇଥାଏ। ତେବେ ସେହି କଥାଗୁଡ଼ିକ କ'ଣ ସେ ସମ୍ପର୍କରେ ସୂଚନା...

-ପୁରୁଷମାନେ ସାଧାରଣତଃ ତାଙ୍କୁ ଭଲପାଆନ୍ତି ଯିଏ ତାଙ୍କର ସବୁ କଥା ବୁଝିଥାଏ, ତାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ। ଧ୍ୟାନରଖନ୍ତୁ, ଯେତେ ସମଝ୍‌ଦାରି ଦେଖାଇବେ ସେତିକି ଭଲପାଇବା ପାଇବେ।

-କେବେ କେବେ ଦୁଇଜଣ ପାର୍ଟନରର ଜଣେ ଅନ୍ୟ ଜଣକ ଆବଶ୍ୟକତାକୁ ଲକ୍ଷ୍ୟକରି ଜଣେ ଅନ୍ୟ ଜଣଙ୍କର ଅଭ୍ୟାସ ବଦଳାଇଥାନ୍ତି। ଏହାଦ୍ୱାରା ପାର୍ଟନର ମଧ୍ୟରେ ଅସନ୍ତୁଷ୍ଟି ଦେଖିବାକୁ ମିଳିଥାଏ। ଏହି ପରିସ୍ଥିତିରେ ରକ୍ଷା ପାଇବାକୁ ହେଲେ ଜଣେ ଅନ୍ୟ ଜଣଙ୍କ ଲାଗି ବଦଳିବା ବଦଳରେ ଯିଏ ଯେପରି ସେହି ଅନୁଯାୟୀ ତାଙ୍କୁ ଆପଣାନ୍ତୁ।

-ସବୁବେଳେ ଗୋଟେ କଥା ଧ୍ୟାନରେ ରଖନ୍ତୁ, ସବୁକିଛି ଆମ ହିସାବରେ ଚାଲି ନ ଥାଏ। ଏଥିପାଇଁ ଉଦାସ ନ ହୋଇ କିଛି କଥା ପାର୍ଟନରଙ୍କୁ ନିଜ ହିସାବରେ କରିବାକୁ ଦିଅନ୍ତୁ।

-ସବୁବେଳେ ମୁହଁରେ ହସ, ଫ୍ରେଶ୍ ରୁହନ୍ତୁ। ଖାସ୍‌କରି ସ୍ୱାମୀଙ୍କ ସାମ୍ନାରେ ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟ ଭଲପାଇବା ବଢ଼ିବ।

-ପ୍ରତିଟି କଥାକୁ ୨ ଜଣ ପରସ୍ପର ମଧ୍ୟରେ ଆଲୋଚନା କଲେ ଭଲ। ଦୁହେଁ ଦୁହିଁଙ୍କୁ କଦାପି ସନ୍ଦେହ ନଜରରେ ଦେଖନ୍ତୁ ନାହିଁ। ଏହାଦ୍ୱାରା ପରସ୍ପର ଭିତରେ ତିକ୍ତତା ବୃଦ୍ଧି ପାଇଥାଏ।

-ଦାମ୍ପତ୍ୟ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସହଯୋଗ। କପଲ୍‌କୁ ନିଜ ମଧ୍ୟରେ ଅଫିସ୍‌ଠାରୁ ଆରମ୍ଭକରି ଘର କଥା ପର୍ଯ୍ୟନ୍ତ ସବୁ କିଛି ଶେୟାର କରିବା ଆବଶ୍ୟକ।

-ଜଣେ ପାର୍ଟନର ଅନ୍ୟଜଣେ ପାର୍ଟନରଙ୍କ ହବିରେ ରୁଚି ରଖନ୍ତୁ। କେବେ କେବେ ତାଙ୍କୁ ଖୁସିକରିବା ପାଇଁ, ତାଙ୍କ ଯୋଗ କ୍ଲାସ୍, ଫଟୋଗ୍ରାଫ୍ କ୍ଲାସ୍ କିମ୍ବା ତାଙ୍କ ସହ ଜିମ୍ ଜଏନ୍ କରନ୍ତୁ। ଯଦି ସେ ୱାକ୍‌ରେ ଯାଉଥାନ୍ତି ତେବେ ଆପଣ ମଧ୍ୟ ତାଙ୍କ ସହ ଯାଆନ୍ତୁ। ସାଙ୍ଗହୋଇ ସବୁ ଆକ୍ଟିଭିଟି କରିବା ଦ୍ୱାରା ପରସ୍ପର ପ୍ରତି ଭଲପାଇବା ବଢ଼ିଥାଏ କଥାବାର୍ତ୍ତା ଦ୍ୱାରା ସମସ୍ୟାର ବାଟ ମଧ୍ୟ ମିଳିଯାଏ।

-ବେଳେବେଳେ ପାର୍ଟନର ଜଣେ ଆଉ ଜଣଙ୍କ ଓଜନ ବୃଦ୍ଧି ବା ଓବେସିଟିକୁ ନେଇ ଉପହାସ କରିଥାନ୍ତି। ଏପରି କରିବା ଠିକ୍ ନୁହେଁ। ଯଦିଓ ପାର୍ଟନରଙ୍କ ଓଜନ ବଢ଼ିଯାଇଛି ଏପରି କହିବା ଠିକ୍ ନୁହେଁ। ଆପଣ ବଢ଼ୁଥିବା ଓଜନରେ ବି କେତେ ସ୍ମାର୍ଟ ଦେଖାଯାଉଛନ୍ତି ତାଙ୍କୁ ସେ ବିଷୟରେ କୁହନ୍ତୁ। ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବଢ଼ିବ। ସେ ନିଜର ଓଜନ କିପରି ନିୟନ୍ତ୍ରଣରେ ରଖିବେ ସେ ନେଇ ସହଯୋଗର ହାତ ବଢ଼ାନ୍ତୁ।





"ଘରସଂସାର କରିବା ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ରହିବା ଦରକାର। ଉଭୟେ ପରସ୍ପରକୁ ସହଯୋଗ କରିବା ସହ ପ୍ରତିଟି କଥାକୁ ଦୁହେଁ ମିଶି ସୁଚାରୁ ରୂପେ ତୁଲାଇପାରିଲେ ବୈବାହିକ ଜୀବନ ଆନନ୍ଦମୟ ହୋଇଉଠିଥାଏ। ତେବେ ଏହାକୁ ସବୁବେଳେ ମଧୁର କରିବାକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ।"

-ଜରୁରୀ ନୁହେଁ କି କେବଳ ବାର୍ଥ ଡେ କିମ୍ବା ଆନିଭର୍ସାରି ତାଙ୍କୁ ଗିଫ୍ଟ ଦେବେ। ଯେତେବେଳେ ବି ପାର୍ଟନରଙ୍କୁ କୌଣସି ଜିନିଷ ପାଇଁ ଥାଙ୍କ୍ କହିବାକୁ ଚାହୁଁଛନ୍ତି ସେତେବେଳେ ତାଙ୍କୁ ନିହାତି ଏକ ଗିଫ୍ଟ ଦେବା ସହ କମ୍ପ୍ଲିମେଣ୍ଟ ନିହାତି ଦିଅନ୍ତୁ।

-ପତିପତ୍ନୀ ନିଜ ଶାଶୁମା'ଙ୍କ ଜନ୍ମଦିନ କିମ୍ବା ଆନିଭର୍ସାରି ଡେଟ୍‌ର ମନେପକାନ୍ତୁ। ଉପହାର କିଣିବା ସମୟରେ ତାଙ୍କୁ ସାହାଯ୍ୟ କରନ୍ତୁ। ଏହାଦ୍ୱାରା ତାଙ୍କୁ ଲାଗିବ ଯେ କେବଳ ତାଙ୍କୁ ଧ୍ୟାନଦେବା ସହ ତାଙ୍କ ପରିବାରକୁ ମଧ୍ୟ ଭଲପାଉଛନ୍ତି।

-ବେଳେବେଳେ ମହତ୍ତ୍ୱପୂର୍ଣ୍ଣ କଥାକୁ ନେଇ ଛୋଟ ଛୋଟ କଥା କରିବାକୁ ଭୁଲିଯାନ୍ତି। କଥା ସେ ବଡ଼ ହେଉ କି ଛୋଟ ନିଜ ଭୁଲ୍ ସ୍ୱୀକାର କରିବାରେ କୁଣ୍ଠାବୋଧ କରନ୍ତୁ ନାହିଁ। ଯଦି କେବେ କିଛି ଭୁଲ୍ କରିଛନ୍ତି ସରି କହି ଦିଅନ୍ତୁ। ଏହାଦ୍ୱାରା ରାଗ ଥିଲେ ମନ ନିହାତି ରୂପେ ତରଳିବ।

-ଦେଖାଯାଏ ଜଣେ ଆଉ ଜଣଙ୍କ ସମ୍ପର୍କରେ ଗପର ପେଡ଼ି ଖୋଲିଦିଅନ୍ତି। କାହାର ଭଲ ଦେଖି ହୁଏନି। କାହାର ଭଲ ଦେଖିଲେ ଦେହ ସହି ହୁଏନି।

-ପରସ୍ପର ଦୁଇଜଣଙ୍କୁ କାମରେ ସାହାଯ୍ୟ କରନ୍ତୁ। ପତି କେବେ କେବେ ପତ୍ନୀ ପାଇଁ ଭଲ ରୋଷେଇ କରନ୍ତୁ କିମ୍ବା ଚା' ପ୍ରସ୍ତୁତ କରି ପିଇବାକୁ ଦିଅନ୍ତୁ। ଏପରି ସ୍ତ୍ରୀ ମଧ୍ୟ ବ୍ୟାଙ୍କ କାମ ହେଉକି ଅନ୍ୟ କାମ ଯାହା ସ୍ୱାମୀଙ୍କ କାମ ତାକୁ ଆପଣ କରି ଦିଅନ୍ତୁ। ଏହାଦ୍ୱାରା ୨ଜଣଙ୍କ ମଧ୍ୟରେ ବୁଝାମଣା ଆହୁରି ଦୃଢ଼ ହେବ।





-କେବେ କେବେ ମହିଳାମାନେ ନିଜ ବଜେଟ ନ ଦେଖି ନିଜ ଇଚ୍ଛା ଅନୁଯାୟୀ ଶପିଂ କରିଥାନ୍ତି। ସ୍ୱାମୀ ଯଦିଓ କିଛି କହି ନ ଥାନ୍ତି, କିନ୍ତୁ ତାଙ୍କୁ ନିହାତି ରୂପେ ଖରାପ ଲାଗିଥାଏ।

-ଯଦି ଆପଣଙ୍କ ପାର୍ଟନର ବହୁଦିନରୁ ଗୋଟିଏ ଜିନିଷ କିଣିବେ ବୋଲି ତାଙ୍କର ଇଚ୍ଛା ଥିଲା କିନ୍ତୁ କୌଣସି କାରଣବଶତଃ ସେ କିଣିପାରୁ ନ ଥିଲେ ତେବେ ସେ ଚାହୁଁଥିବା ଜିନିଷ ତାକୁ କିଣି ସରପ୍ରାଇଜ୍ ଦିଅନ୍ତୁ।

-ସବୁବେଳେ ଘରର ଜିନିଷକୁ ସଫାସୁତୁରା ରଖିବା ସହ ବ୍ୟବସ୍ଥିତ ରଖନ୍ତୁ। ଏହାଦ୍ୱାରା ସ୍ୱାମୀ ଘର ଦେଖି ଖୁସି ହେବେ। ଯଦି ଘର ଅପରିଷ୍କାର ହୋଇ ପଡ଼ି ରୁହେ ତେବେ ମନରେ ଚିଡ଼ିଚିଡ଼ାପଣ ଦେଖାଯାଏ।

-କେବେକେବେ ରାଗିକି ବହୁ କିଛି କଥା କହିଦେଇଥାନ୍ତି। ଯାହା ପରସ୍ପର ମଧ୍ୟରେ ସମ୍ପର୍କରେ ତିକ୍ତତା ଆଣିଥାଏ।

-ଦେଖାଯାଏ ମହିଳାମାନେ ସ୍ୱାମୀଙ୍କ ସାମ୍ନାରେ ନିଜର ଶାଶୁଘର ଲୋକଙ୍କ ବିଷୟରେ କେତେ କଥା କହିଥାନ୍ତି। ଏମିତି ଜମା ବି କରନ୍ତୁ ନାହିଁ। ସ୍ୱାମୀ ବି ସ୍ତ୍ରୀଙ୍କ ପରିବାର ଲୋକଙ୍କ ବିଷୟରେ ଇଆଡୁ ସିଆଡୁ କିଛି କଥା ହୁଅନ୍ତୁ ନାହିଁ। ଏହାଦ୍ୱାରା ସମ୍ପର୍କରେ ଫାଟ ଦେଖାଯିବାର ସମ୍ଭାବନା ରହିଛି।

-ବେଳେବେଳେ ଦେଖାଯାଏ ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ମଝିରେ ତୃତୀୟ ଲୋକ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆପଣ ନିଜ ସମସ୍ୟାକୁ ତୃତୀୟ ଲୋକ ସାମ୍ନାରେ ସମାଧାନ ନ କରି ଏହାର ସମାଧାନ ନିଜ ଭିତରେ କରନ୍ତୁ।

-ସରି ପରି ଥ୍ୟାଙ୍କ୍ୟୁ କହିବାକୁ କେବେ ପଛାନ୍ତୁ ନାହିଁ। ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭଲପାଇବା ବଢ଼ିବ।





ସୌନ୍ଦର୍ଯ୍ୟ

# କଫିରେ ସ୍କିନ୍ କେୟାର

କଫିକୁ ପାନୀୟ ରୂପେ ବ୍ୟବହାର କରିବା ବ୍ୟତୀତ ଏହାର ଅନ୍ୟ କେତେକ ଗୁଣ ରହିଛି ଯାହା ତ୍ୱଚା ଲାଗି ଉପକାରୀ ମଧ୍ୟ ହୋଇଥାଏ। କଫିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ପଲି ଫେନୋଲ୍ସ ରହିଛି, ଯାହା ତ୍ୱଚାକୁ ଫ୍ରି ରେଡିକ୍ଲସ୍‌ରୁ ରକ୍ଷା କରିଥାଏ। ଏହା ତ୍ୱଚାରୁ ମୃତ କୋଶିକା ବାହାର କରିବା ସହ ରକ୍ତ ପ୍ରବାହରେ ମଧ୍ୟ ସାହାଯ୍ୟ କରିଥାଏ। ଫଳରେ ତ୍ୱଚା ଅଧିକ ଚମକଦାର ହୋଇଥାଏ। ଏଥିରେ ଥିବା କଫିନ୍ ତ୍ୱଚାରେ ହେଉଥିବା ଯନ୍ତ୍ରଣାକୁ କିଛି ପରିମାଣରେ କମାଇଥାଏ...

**କଫି ସ୍କ୍ରବ୍:** କଫି ସ୍କ୍ରବ୍ ଏକ ଭଲ ଉପାୟ। ଏହାଦ୍ୱାରା ଆପଣ ନିଜ ମୁହଁର ତ୍ୱଚାକୁ ଏକ୍ସଫୋଲିଏଟ୍ କରିପାରିବେ ଏବଂ ତ୍ୱଚା ଅଧିକ ଚମକଦାର ହୋଇପାରିବ। କଫି ସ୍କ୍ରବ୍ ପ୍ରସ୍ତୁତ କରିବାକୁ ହେଲେ ଆପଣ କଫି ପାଉଡରକୁ ଚିନି କିମ୍ବା ଲୁଣ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିପାରିବେ। ଏହି ପେଷ୍ଟକୁ ମୁହଁରେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ। ଏହା ଫଳରେ ତ୍ୱଚାରେ ଥିବା ମୃତ କୋଶିକା ଦୂର ହୋଇଯିବ ଏବଂ ତ୍ୱଚା ଅଧିକ ଚମକଦାର ଦେଖାଯିବ। କଫି ସ୍କ୍ରବ୍ ସପ୍ତାହରେ ଏକରୁ ଦୁଇଥର କରିବା ଯଥେଷ୍ଟ।



**କଫି ଫେସ୍ ମାସ୍କ**

କଫି ଫେସ୍ ମାସ୍କ ଏକ ଭଲ ଉପାୟ। ଏହାଫଳରେ ଆପଣ ନିଜ ମୁହଁରେ ତ୍ୱଚାକୁ ପୋଷଣ ଏବଂ ଚମକ ପ୍ରଦାନ କରିପାରିବେ। କଫି ପାଉଡର ଫେସ୍ ମାସ୍କ ପ୍ରସ୍ତୁତ କରିବାକୁ ହେଲେ କଫି ପାଉଡରକୁ ଦହି କିମ୍ବା ମହୁ ସହ ମିଶାଇ ପେଷ୍ଟ ବନାଇପାରିବେ। ଏହି ପେଷ୍ଟକୁ ମୁହଁରେ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖି ତାକୁ ଧୋଇଦିଅନ୍ତୁ। କଫି ତ୍ୱଚାରେ ଆଣ୍ଟି ଅକ୍ସିଡାଣ୍ଟ, ପୋଷଣ ପ୍ରଦାନ କରିବା ସହ ତ୍ୱଚାକୁ ଅଧିକ ଚମକଦାର କରିଥାଏ।

**କଫି ନଡ଼ିଆତେଲର ମିଶ୍ରଣ**

କଫି ଏବଂ ନଡ଼ିଆତେଲର ମିଶ୍ରଣ ଏକ ଭଲ ଉପାୟ, ଯାହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ପୋଷଣ ପ୍ରଦାନ କରିଥାଏ। ଏହି ଉପାୟ ମୁହଁରେ ନିୟମିତ କରିପାରିବେ।



**କଫି ଏବଂ ଅଣ୍ଡା**

କଫି ପାଉଡର ଏବଂ ଅଣ୍ଡାର ଧଳା ଅଂଶକୁ ମିଶାଇ ମୁହଁରେ ଲଗାଇପାରିବେ। ଏହି ମାସ୍କକୁ ଉପଯୋଗକରି ମୁହଁରେ ସପ୍ତାହରେ ଏକରୁ ଦୁଇଥର କରିପାରିବେ। ଏହା ତ୍ୱଚାକୁ ଚମକପ୍ରଦାନ କରିବା ସଙ୍ଗେସଙ୍ଗେ ପୋଷଣ ମଧ୍ୟ ଦେଇଥାଏ।

**ସାବଧାନତା**

ତ୍ୱଚାରେ କଫିର ବ୍ୟବହାର କରିବା ପୂର୍ବରୁ ନିଜ ତ୍ୱଚାରେ କିଛି ଭାଗରେ ଲଗାଇ ପ୍ରଥମେ ଦେଖନ୍ତୁ। ଲଗାଇବା ପରେ ଯଦି କିଛି ରିଆକ୍ସନ୍ କୌଣସି ଆଲର୍ଜି ସମସ୍ୟା ତ୍ୱଚାରେ ଯେପରି ଦେଖା ନ ଯାଏ ଏହାର ଧ୍ୟାନ ଦିଅନ୍ତୁ। କଫିର ବ୍ୟବହାର କରିବା ପରେ ନିଜ ତ୍ୱଚାକୁ ଭଲ ଭାବେ ଧୋଇବା ଆବଶ୍ୟକ ଏବଂ ମଶ୍ଚରାଇଜ୍ କରିବା ମଧ୍ୟ ଆବଶ୍ୟକ।

ଖାଦ୍ୟରୁଚି

## ପଟାଟୋ ସ୍ନାକ୍ସ

**ଆବଶ୍ୟକ ସାମଗ୍ରୀ**

ଆଳୁ ୩ଟି ମଧ୍ୟମ ଆକାରରେ, ବେସନ ୨ ବଡ଼ ଚାମଚ, ଚାଉଳ ଚୂନା ୧ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, କଶ୍ମୀରୀ ଚିଲି ପାଉଡର ଅଧା ଚାମଚ, ଜୁଆଣି ଏକ ଚତୁର୍ଥାଂଶ, କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର ୧ ବଡ଼ ଚାମଚ, ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ଭଲଭାବେ ସିଝାଇ ତା'ର ଚୋପା ଛଡ଼ାଇ ତାକୁ ଭଲଭାବେ ଚକଟି ଦିଅନ୍ତୁ। ଯେପରି କୌଣସି ଟେଳା ନ ରହୁ। ଏହାପରେ ମସଲା ଏବଂ ଅଟା, ଚକଟା ହୋଇଥିବା ଆଳୁରେ ବେସନ, ଚାଉଳ ଚୂନା, ଲୁଣ, ହଳଦୀ, ଲଙ୍କା ପାଉଡର, ଜୁଆଣି, କଞ୍ଚାଲଙ୍କା, ଧନିଆପତ୍ର ପକାନ୍ତୁ। ଏହାକୁ ଭଲଭାବେ ମିଶାନ୍ତୁ। ମିଶ୍ରଣ ଯେପରି ବେଶି ପତଳା ନ ହୁଏ ତାହା ମଧ୍ୟ ଦେଖନ୍ତୁ। ଏହାକୁ ଟିକି ସେପ୍ ଦିଅନ୍ତୁ। ଏହି ଟିକିରେ ଫିଙ୍ଗର, ବଲ୍ସ, ସେପ୍ ଦିଅନ୍ତୁ। ଯେମିତି ଆପଣଙ୍କୁ ପସନ୍ଦ। ଏବେ କଡ଼େଇରେ ତେଲ ପକାନ୍ତୁ। ତେଲ ଭଲଭାବେ ତାତିଲା ପରେ ଆଞ୍ଚକୁ ମଧ୍ୟମରେ ରଖି ବିଭିନ୍ନ ସେପ୍ ଦିଆଯାଇଥିବା ଆଳୁକୁ ଏବେ ଛାଣନ୍ତୁ। ଏହା ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହି କ୍ରିସ୍ପି ସ୍ନାକ୍ସକୁ ଟମାଟୋ ସସ୍, ହରି ଚଟଣି, ଦହି, ପୁଦିନା ସହ ପରଷିପାରିବେ। ଯଦି ଚାହିଁବେ ଅଳ୍ପ ଚାଟ୍ ମସଲା ପକାଇ ଉପରେ ପିଆଜ, ଧନିଆପତ୍ର ପକାନ୍ତୁ । ସ୍ନାକ୍ସ ଚାଟ୍ ବି କରିପାରିବେ।



# ଦଶ ବର୍ଷରେ ଜିଡିପି ପରିମାଣ ତିନି ଗୁଣ ବୃଦ୍ଧି

ଭୁବନେଶ୍ୱର,୧୬।୬

ଗତ ଦଶନ୍ଧି ମଧ୍ୟରେ ଭାରତର ଜିଡିପି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି। ବର୍ତ୍ତମାନର ମୂଲ୍ୟ ଅନୁସାରେ ଜିଡିପି ଆକଳନ ପ୍ରାୟ ତିନି ଗୁଣ ବୃଦ୍ଧି ପାଇଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଦେଶର ଜିଡିପି ୧୦୬.୫୭ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ଆନୁମାନିକ ୩୩୧.୦୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ମାତ୍ର ୧୦ ବର୍ଷ ମଧ୍ୟରେ ପ୍ରାୟ ୩ ଗୁଣ ବୃଦ୍ଧି ହୋଇଛି, କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି ପୂର୍ବ ବର୍ଷ ତୁଳନାରେ ୯.୯% ବୃଦ୍ଧି ପାଇଥିଲା। ଅପରପକ୍ଷରେ ପ୍ରକୃତ ଜିଡିପି (ସ୍ଥିର ମୂଲ୍ୟରେ) ୬.୫% ବୃଦ୍ଧି ପାଇଥିଲା, ଯାହା ନିରନ୍ତର ଅର୍ଥନୈତିକ ଗତିକୁ ପ୍ରତିଫଳିତ କରୁଛି। ଏହି ଦ୍ରୁତ ଅଭିବୃଦ୍ଧି ଦେଶର ବିସ୍ତାରିତ ଅର୍ଥନୈତିକ ଆଧାର ଏବଂ ବୃଦ୍ଧି ପାଉଥିବା ଆୟ ସ୍ତରକୁ ପ୍ରତିଫଳିତ କରିଥାଏ। ସେହିଭଳି ସମାନ ସମୟ ମଧ୍ୟରେ ପ୍ରକୃତ ଜିଭିଏ ୬.୪% ଏବଂ ନାମମାତ୍ର




ଜିଭିଏ ୯.୫% ବୃଦ୍ଧି ପାଇଛି। ବିଶେଷ କରି ଗ୍ରାମୀଣ ଚାହିଦାରେ ପୁନରୁଦ୍ଧାର ଯୋଗୁ ଘରୋଇ ଚୂଡ଼ାନ୍ତ ବ୍ୟବହାର ଖର୍ଚ୍ଚ (ପିଏଫସିଇ) ୭.୩% ବୃଦ୍ଧି ପାଇଛି, ଯାହା ୨୦୦୨-୦୩ ପରଠାରୁ ଜିଡିପିର ସର୍ବାଧିକ ଅଂଶ (୬୧.୮%) ରେ ପହଞ୍ଚିଛି। ସେହିପରି ସେବା କ୍ଷେତ୍ର ଜିଭିଏରେ ସବୁଠାରୁ ସ୍ଥିର ଅବଦାନକାରୀ ରହିଛି। ୨୦୧୪ ଆର୍ଥିକ ବର୍ଷରେ ଏହାର ଅଂଶ ୫୦.୬% ରୁ ୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୫୫% କୁ ବୃଦ୍ଧି ପାଇଛି। ଏହା ପ୍ରାୟ ୩୦% ଶ୍ରମଶକ୍ତିକୁ ନିଯୁକ୍ତି ମଧ୍ୟ ପ୍ରଦାନ କରିଥାଏ। ଏହାର ପ୍ରତ୍ୟକ୍ଷ ଅବଦାନ ସହିତ ସେବା ଉତ୍ପାଦନର 'ସେବାକରଣ'ରେ କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଉତ୍ପାଦନ ଏବଂ ଉତ୍ପାଦନ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବହୃତ ସେବା ମାଧ୍ୟମରେ ମୂଲ୍ୟ ବୃଦ୍ଧି କରିଥାଏ। ଗତ ଦଶନ୍ଧିରେ ଭାରତର ମୋଟ ରପ୍ତାନି ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ୨୦୧୩-୧୪ ବର୍ଷରେ ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ବର୍ଷରେ ୮୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ପ୍ରାୟ ୭୬% ବୃଦ୍ଧି ବୋଲି କୁହାଯାଉଛି। ଏହି ଅଭିବୃଦ୍ଧିକୁ ବାଣିଜ୍ୟ ରପ୍ତାନିରେ ଏକ ସାମାନ୍ୟ ବୃଦ୍ଧି ଦ୍ୱାରା ସମର୍ଥନ କରାଯାଇଥିଲା, ଯାହା ପୂର୍ବ ବର୍ଷରେ ୪୩୭.୦୭ ବିଲିୟନ ଆମେରିକୀୟ ଡଲାର ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ସାମଗ୍ରୀ-ଆଧାରିତ ବାଣିଜ୍ୟରେ ସ୍ଥିରତାକୁ ପ୍ରତିଫଳିତ କରିଛି। ଦଶନ୍ଧି ମଧ୍ୟରେ ବାଣିଜ୍ୟ ରପ୍ତାନି ୨୦୧୩-୧୪ରେ ୩୧୦ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତ କ୍ରମାଗତ ଭାବେ ଓ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି। ଏପରିକି ୨୦୩୦ ସୁଦ୍ଧା ଭାରତ ୭.୩ ଟ୍ରିଲିୟନ ଡଲାର ଜିଡିପି ସହିତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବା ମାର୍ଗରେ ରହିଛି। ସେହିଭଳି ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ଥିଲାବେଳେ ଆଗାମୀ ଦିନରେ ଆର୍ଥିକ ମହାଶକ୍ତି ହେବା ପାଇଁ ପ୍ରୟାସ ଜାରି ରହିଛି। ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା (୨୦୨୫-୨୬ ଆର୍ଥିକ ବର୍ଷରେ ୬.୩% ରୁ ୬.୮%) ହେବାର ଆକଳନ କରାଯାଇଛି। ଏହି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଦଶନ୍ଧିର ନିର୍ଣ୍ଣାୟକ ଶାସନ, ଦୂରଦୃଷ୍ଟି ସମ୍ପନ୍ନ ସଂସ୍କାର ଏବଂ ବିଶ୍ୱସ୍ତରୀୟ ସମ୍ପର୍କ କାରଣରୁ ସମ୍ଭବ ହୋଇପାରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୬।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୬୭୭ (୬୭୭.୫୫) ପଏଣ୍ଟ ବୃଦ୍ଧି ଘଟି ୮୧,୭୯୬ (୮୧,୭୯୬.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୨୮(୨୨୭.୯୦) ପଏଣ୍ଟ ବଢ଼ି ୨୪,୯୪୬ (୨୪,୯୪୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ପୁରୀ ପୌରପାଳିକା ସହ ଏଚ୍‌ସିସିବିର ବୁଝାମଣା

ଭୁବନେଶ୍ୱର,୧୬।୬



ପୁରୀ ପୌରପାଳିକା ଏବଂ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ୍ (ଏଚ୍‌ସିସିବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଏଚ୍‌ସିସିବି ପୁରୀ ପୌରପାଳିକା ସହଯୋଗରେ ପୁରୀ ପୌରାଞ୍ଚଳ ପରିସରରେ ବ୍ୟବହୃତ ପିଇଟି ବୋତଲ-ମୁକ୍ତ ରଥଯାତ୍ରା-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହି ପ୍ରୟାସକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଶୁଭାରମ୍ଭ କରିଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଜାରି ରହିବ। ଏ ସମ୍ପର୍କରେ ଏଚ୍‌ସିସିବିର ମୁଖ୍ୟ ପବ୍ଲିକ୍ ଆଫେୟାର୍ସ ଏବଂ ସଷ୍ଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି, ପ୍ରକୃତ ପରିବର୍ତ୍ତନ ସେତେବେଳେ ଘଟେ, ଯେତେବେଳେ ବ୍ୟବସାୟ, ଗୋଷ୍ଠୀ ଏବଂ ସରକାର ଏକ ଲକ୍ଷ୍ୟ ପାଇଁ ଏକାଠି ହୁଅନ୍ତି। ରଥଯାତ୍ରା ସାରା ଦେଶରୁ ଲୋକଙ୍କୁ ଏକାଠି କରେ ଏବଂ ଏହା ସହିତ ସେମାନେ ଆସୁଥିବା ସହରର ଯତ୍ନ ନେବାର ଏକ ମିଳିତ ଦାୟିତ୍ୱ ମଧ୍ୟ ରହିଥାଏ। ସେହିପରି କୋକା-କୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ପବ୍ଲିକ୍ ଆଫେୟାର୍ସ, କମ୍ୟୁନିକେଶନ୍, ସଷ୍ଟେନେବିଲିଟିର ଉପାଧ୍ୟକ୍ଷ ଦେବଯାନୀ ଆର ଏଲ୍ ରାଣା କହିଛନ୍ତି, ପୁରୀରେ ରଥଯାତ୍ରାରେ ଅଧିକ ସଂଖ୍ୟାରେ ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା କରିବା ଏକ ସହଭାଗୀ ଦାୟିତ୍ୱ ଏବଂ ସାମୂହିକ ପଦକ୍ଷେପ ଆବଶ୍ୟକ ରହିଛି। ୨୦୨୫ ଜୁନ୍ ୨୭ରୁ ୫ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଚଳିତ ବର୍ଷର ରଥଯାତ୍ରାରେ ୧୮୦ ରୁ ଅଧିକ ସ୍ୱେଚ୍ଛାସେବକଙ୍କର ଏକ ଦଳଙ୍କୁ ପଲ୍ଲିଶ୍ରୀମେଳା ଗ୍ରାଉଣ୍ଡ, ଭୋଳାନାଥ ବିଦ୍ୟାପୀଠ, ପୁରୀ ମୁଖ୍ୟ ବସ୍ ଷ୍ଟାଣ୍ଡ, ତାଳବଣିଆ ଅସ୍ଥାୟୀ ବସ୍ ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେଶନ, ବଡ଼ଶଙ୍ଖ, ଦିଗବାରେଣୀ ସ୍କୋୟାର, ସ୍ୱର୍ଗଦ୍ୱାର ଏବଂ ହୋଟେଲ ଶ୍ରୀହରି ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯିବ।

## ଜିନ୍ଦଲ ଷ୍ଟେନ୍‌ଲେସକୁ ଏନ୍‌ଏମ୍‌ସି ଆୱାର୍ଡ



ଭୁବନେଶ୍ୱର,୧୬।୬: (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସକୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ଏନ୍‌ଏମ୍‌ସି ଆୱାର୍ଡ' ମିଳିଛି। ଏପରିକି ଏହି ସମ୍ମାନି ଜିନ୍ଦଲ ଷ୍ଟେନଲେସର ଉତ୍ପାଦନ ଉତ୍କର୍ଷ ପ୍ରତି ନିରନ୍ତର ପ୍ରତିବଦ୍ଧତା ଏବଂ ରାଷ୍ଟ୍ର ନିର୍ମାଣରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ସେହିଭଳି ଜିନ୍ଦଲ ଷ୍ଟେନଲେସ କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟ ଉତ୍ପାଦନ ପ୍ରତିଯୋଗିତା (ଏନ୍‌ଏମ୍‌ସି) ରେ ପୁରସ୍କୃତ ହୋଇଛି। ଏପରିକି କ୍ରମାଗତ ତୃତୀୟ ବର୍ଷ ପାଇଁ କମ୍ପାନୀ ଗୋଲ୍ଡ ଆୱାର୍ଡ ପାଇବା ପରେ ଚଳିତ ସଂସ୍କରଣରେ ମଧ୍ୟ କମ୍ପାନୀକୁ ସମ୍ମାନଜନକ ଡାଇମଣ୍ଡ ଟ୍ରଫି ପ୍ରଦାନ କରାଯାଇଥିଲା। କମ୍ପାନୀର ହିସାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ବର୍ଗରେ କ୍ରମାଗତ ୩ୟ ପୁରସ୍କାର ହାସଲ କରିବା ପରେ ଆତ୍ମନିର୍ଭର ନେସନ ବିଲ୍ଡର ଆୱାର୍ଡ 'ଏକ୍ସେଲସିୟର୍ସ' ବର୍ଗରେ ମଧ୍ୟ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଟିସି ମରାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ହେଡ ହିସାର ବିଜୟ ବିଦ୍ଦଲିଶ, ସୁଶୀଲ ଜୈନ (ଏଭିପି ଏବଂ ହେଡ-ଏସ୍‌ଏମ୍‌ଏସ୍ ଏବଂ ଏଚ୍‌ଆର୍‌ଏମ୍) ଏବଂ ଲକ୍ଷିତ ସେଠ (ଜିଏମ୍-ଓଇସି ଏବଂ ପରିଚାଳନା ପ୍ରତିନିଧି) ପ୍ରମୁଖ ଯୋଗ ଦେଇ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଷ୍ଟେନଲେସ୍ ଷ୍ଟିଲର ଅନ୍ତର୍ନିହିତ ଦୃଢ଼ତା, ସ୍ଥାୟିତ୍ୱ ଏହାକୁ ଭବିଷ୍ୟତର ଧାତୁରେ ପରିଣତ କରିଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଏହି ଭବିଷ୍ୟତକୁ ଆଗେଇ ନେବା ପାଇଁ ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ, ଯାହା ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ସମନ୍ୱିତ ରହିଛି। ଆତ୍ମନିର୍ଭର ଭାରତ ଗଠନ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଇସ୍ପାତ ଯୋଗାଇବା, ଏହାର ସବୁଜ ଲକ୍ଷ୍ୟକୁ ସାକାର କରିବା ଏବଂ ବୈଶ୍ୱିକ ଚାହିଦା ସହିତ ଖାପ ଖୁଆଇବାର କ୍ଷମତା ସହ ଆମର ଉତ୍ପାଦନ କାରଖାନା ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏହି ପୁରସ୍କାର ପାଇବା ସମ୍ମାନର ବିଷୟ। ଏହି ଉପଲବ୍ଧି ଜିନ୍ଦଲ ଷ୍ଟେନଲେସ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସମର୍ପିତ, ଯେଉଁମାନେ ପ୍ରତିଦିନ ଉତ୍କର୍ଷର ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି। ହିସାରର ଜିନ୍ଦଲ ଷ୍ଟେନଲେସର ୟୁନିଟ୍ ହେଡ ତଥା ବରିଷ୍ଠ ଉପାଧ୍ୟକ୍ଷ ବିଜୟ ବିଦ୍ଦଲିଶ କହିଛନ୍ତି, ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆମ ହିସାର କାରଖାନା ସହର ଓ ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରିଛି।

## ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନେତୃତ୍ୱ ସୁଯୋଗ

ଭୁବନେଶ୍ୱର,୧୬।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ମୁଖ୍ୟାଳୟ ପକ୍ଷରୁ ଏକ ୫ ଦିନିଆ ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର ନିକଟରେ ଆୟୋଜିତ ହୋଇଯାଇଛି। ଏହି ଶିବିର ପାଇଁ ଓଡ଼ିଶା ପକ୍ଷରୁ ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍‌ଏସ୍‌ୟୁ)କୁ ନେତୃତ୍ୱ ସୁଯୋଗ ମିଳିଥିଲା। ଉଲ୍ଲେଖଯୋଗ୍ୟ, ଦାର୍ଜିଲିଂର କର୍ସିୟାଙ୍ଗସ୍ଥିତ ସ୍ନୋ ହ୍ୱାଇଟ୍ କ୍ୟାମ୍ପସାଇଟ୍ ଅନ୍ତର୍ଗତ ନ୍ୟାଶନାଲ ଆଡଭେଞ୍ଚର ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ଜାତୀୟ ସାହସିକ ସଂସ୍ଥାନ ଓ ପ୍ରଶିକ୍ଷଣ କେନ୍ଦ୍ର) ଠାରେ ଏହି ଶିବିର ୨୦୨୫ ଜୁନ୍ ୧୧ ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକସ୍ଥିତ ଏସ୍‌ଏସ୍‌ୟୁ କୃଷି ବିଭାଗର ସହକାରୀ ପ୍ରାଧ୍ୟାପକ ଡ.ସନ୍ଦିପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ଏକ ୧୫ ଜଣିଆ ଟିମ୍ ଯାଇଥିଲେ। ଏହି ଦଳ ସଫଳତାର ସହ ଶିବିରରେ ଅଂଶଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉକ୍ତ ଶିବିର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଟିମ୍‌ରେ ୬ଜଣ ଲେଖାଏଁ ରୋଭର୍ସ ଓ ରେଞ୍ଜର୍ସ ଥିବାବେଳେ ୩ ଜଣ ୟୁନିଟ୍ ଲିଡର ମଧ୍ୟ ସାମିଲ ଥିଲେ।

ସେହିଭଳି ଏସ୍‌ଏସ୍‌ୟୁରୁ ରୋଭର୍ ରାକେଶ କୁମାର ମଲ୍ଲିକ, ଦୀପକ କୁମାର ପଣ୍ଡା ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦିପ ରାଉତ ଉକ୍ତ ଟିମ୍‌ରେ ସାମିଲ ଥିଲେ।

ଏହି ଯୁବ ନେତୃତ୍ୱ ବିକାଶ ଶିବିରରେ ଭାରତର ୧୪ରାଜ୍ୟରୁ ସମୁଦାୟ ୧୭୬ ଜଣ ରୋଭର୍ସ ଓ ରେଞ୍ଜର୍ସ ସହ ଟିମ୍ ଲିଡର ଅଂଶଗ୍ରହଣ କରିଥିଲେ।



ଶିବିରରେ ଅଂଶଗ୍ରହଣ କରିଥିବା ଏସ୍‌ଏସ୍‌ୟୁ ରୋଭର୍ସ ଓ ରେଞ୍ଜର୍ସଙ୍କ ସହ ୟୁନିଟ୍ ଲିଡରମାନେ ଉପସ୍ଥିତ ଅଛନ୍ତି।

ଫଳରେ ଏହା ଯଥାର୍ଥରେ ଏକ ରାଷ୍ଟ୍ରୀୟ ମଞ୍ଚରେ ପରିଣତ ହୋଇଥିଲା, ଯେଉଁଠାରେ ନେତୃତ୍ୱ ଦକ୍ଷତା ସାଙ୍ଗକୁ ଶିକ୍ଷା ଏବଂ ସଂସ୍କୃତିର ଆଦାନପ୍ରଦାନ ହୋଇଥିଲା।

ଏଥିସହ ଏହି ୫ ଦିନିଆ ଶିବିରର ବିଭିନ୍ନ ଅଧିବେଶନରେ ବ୍ୟକ୍ତିତ୍ୱ ବିକାଶ, ବ୍ୟକ୍ତିର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ଆଶଙ୍କା ଉପରେ ବିଶ୍ଳେଷଣ କରାଯିବା ସହ ଯୋଜନା ଓ କ୍ରିୟାନ୍ୱୟନ, ସାମଗ୍ରିକ ବିକାଶ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା।

ଏଥିରେ ସ୍କାଉଟ୍‌ସ ଆନ୍ଦୋଳନର ବୈଶ୍ୱିକ ସଂଗଠନ, ବାଳିକା ସ୍କାଉଟ୍‌ସ ବା ଗାଇଡ୍ସଙ୍କ ବୈଶ୍ୱିକ ସଂଗଠନ ସମେତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଦ୍ୱରିତ୍ୱ ନିର୍ଣ୍ଣୟ କ୍ଷମତା ଉପରେ ଆଲୋଚନା ହୋଇଥିଲା।

ଅପରପକ୍ଷରେ ବାଳ କାର୍ଯ୍ୟକ୍ରମର ସହକାରୀ ନିର୍ଦ୍ଦେଶକ ଆନାଲେନ୍ଦ୍ର ଶର୍ମାଙ୍କ ସଫଳ ନେତୃତ୍ୱରେ ଏହି ଜାତୀୟ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ରେଲୱେର ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅନୁଜ ରଞ୍ଜନ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ରାଜ୍ୟ ଅର୍ଗାନାଇଜିଂ ଆୟୁକ୍ତ ଜି. ଭୁବନ ବାବୁ ଏବଂ ମେଘାଳୟ ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅଡିୟୋର ପ୍ରମୁଖ ସକ୍ରିୟ ଭାବେ ଜଡ଼ିତ ଥିଲେ।

ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ପଶ୍ଚିମବଙ୍ଗର ରାଜ୍ୟ ଆୟୁକ୍ତ (କବ୍) ଯୋଗେନ୍ଦ୍ର ପ୍ରସାଦ ଏବଂ ଉଦଯାପନୀ ଉତ୍ସବରେ କର୍ସିୟାଙ୍ଗର ଉପଜିଲାପାଳ ବି. ତେଜା ଦୀପକ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି ୫ଦିନିଆ ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏସ୍‌ଏସ୍‌ୟୁର ୩ ବିଦ୍ୟାର୍ଥୀ ଓ ପ୍ରାଧ୍ୟାପକଙ୍କୁ କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଜେଏସ୍‌ପିକୁ ଡୁଆଲ ଗ୍ରୀନଟେକ୍ ଆୱାର୍ଡସ

ଭୁବନେଶ୍ୱର,୧୬।୬


ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ନିକଟରେ ୨ଟି ଗ୍ରୀନଟେକ୍ ପୁରସ୍କାର (ଡୁଆଲ ଗ୍ରୀନଟେକ୍ ଆୱାର୍ଡ୍‌ସ) ପ୍ରଦାନ କରାଯାଇଛି। ବିଶେଷକରି କୃଷି ପ୍ରୋତ୍ସାହନ ଏବଂ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସପିକୁ ଏହି ସମ୍ମାନ ମିଳିଛି। ଏପରିକି ୨ଟି ବର୍ଗରେ ସମ୍ମାନଜନକ ଗ୍ରୀନଟେକ୍ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଜେଏସପିକୁ ଏହି ପୁରସ୍କାର ଦ୍ୱୟ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ । ଏହି ସ୍ୱୀକୃତି/ସମ୍ମାନ ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜଭୁତ କରୁଛି। ବିଶେଷ କରି ନିରନ୍ତର କୃଷି ପାଇଁ କୃଷକମାନଙ୍କୁ କୁଶଳୀ କରିବା ହେଉ ଅଥବା ବରିଷ୍ଠମାନଙ୍କ ପାଇଁ ସମ୍ମାନଜନକ ପରିବେଶ ତିଆରି କରିବା ହେଉ; ଆମର କାର୍ଯ୍ୟ ସବୁବେଳେ ଗଭୀର ଦାୟିତ୍ୱବୋଧ ଦ୍ୱାରା ପରିଚାଳିତ ହେଉଛି। ଆମ ଟିମ୍ ଏବଂ ଯେଉଁମାନଙ୍କ ପାଇଁ ଆମେ କାର୍ଯ୍ୟ କରୁଛୁ, ସେମାନଙ୍କୁ ଏହି ପୁରସ୍କାର ସମର୍ପିତ କରୁଛି। ଏହି ଦୁଇଟି ସମ୍ମାନ ପାଇଁ ଶାଲୁ ବିଚାରକମଣ୍ଡଳୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

ସେହିଭଳି ଗ୍ରାମାଞ୍ଚଳ ଓ ଆଦିବାସୀବହୁଳ ଅଞ୍ଚଳରେ ନିରନ୍ତର କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପିର ଅଭିନବ ଓ ପ୍ରଭାବଶାଳୀ ପଦକ୍ଷେପକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରୁଛି। କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ୨୫ ହଜାରରୁ ଅଧିକ କୃଷକଙ୍କୁ ଜୈବିକ କୃଷି, ଜଳସଞ୍ଚୟ ଉପଯୋଗୀ ସେଚ କୌଶଳ, ଅତ୍ୟାଧୁନିକ କୃଷି ଉପକରଣର ବ୍ୟବହାର ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ସେହିପରି ଏହି ପଦକ୍ଷେପ ଫସଲ ଉତ୍ପାଦନ, କୃଷି ଆୟ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା କରୁଛି। ପ୍ରାକୃତିକ କୃଷି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସାଂସଦ ତଥା ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଲକ୍ଷ୍ୟକୁ ଆଧାର କରି ନିକଟରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅନୁଗୋଳର ଚାଷୀମାନଙ୍କ ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଜିନ୍ଦଲ ଫାଉଣ୍ଡେଶନର ଜଳ ଛାୟା ବିକାଶ ପ୍ରକଳ୍ପ ଏବଂ ୱାଡି ବିକାଶ କାର୍ଯ୍ୟକ୍ରମ ଜାତୀୟସ୍ତରରେ ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛି। ବରିଷ୍ଠ ନାଗରିକମାନଙ୍କ ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଜିନ୍ଦଲ ଫାଉଣ୍ଡେଶନ ମାଧ୍ୟମରେ ଜେଏସ୍‌ପିର ପଦକ୍ଷେପ ବରିଷ୍ଠ ନାଗରିକଙ୍କ କଲ୍ୟାଣ ବର୍ଗରେ ପୁରସ୍କୃତ ହୋଇଛି। ଭ୍ରାମ୍ୟମାଣ କ୍ଲିନିକ, ଦିବା ଯତ୍ନ କେନ୍ଦ୍ର, ଗୃହ ପରିଦର୍ଶନ, ମାନସିକ ସ୍ୱାସ୍ଥ୍ୟ ସହାୟତା ଭଳି ଅନେକ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ ହଜାର ହଜାର ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିଛି।

## ସବୁଠୁ ଛୋଟ ରେଷ୍ଟୁରାଣ୍ଟ

### କେବଳ ୨ ଜଣ ଏକସଙ୍ଗେ ଡିନର କରିପାରନ୍ତି



ରୋମ

ଇଟାଲୀର ରାଜଧାନୀ ରୋମ ନିକଟସ୍ଥ ଏକ ଛୋଟ ଗାଁ ଭାକୋନ୍‌ରେ ଅବସ୍ଥିତ 'ସୋଲୋ ପର୍ ଡୁ' ରେଷ୍ଟୁରାଣ୍ଟ ହେଉଛି ବିଶ୍ୱର ସବୁଠାରୁ ଛୋଟ ରେଷ୍ଟୁରାଣ୍ଟ। ଏଠାରେ ଏକସଙ୍ଗେ କେବଳ ୨ ଜଣ ଲୋକ ରାତ୍ରିଭୋଜନ କରିପାରନ୍ତି। ଏହି ରେଷ୍ଟୁରାଣ୍ଟରେ କେବଳ ଗୋଟିଏ ଟେବୁଲ୍ ଏବଂ ୨ଟି ଚେୟାର ରହିଛି। 'ସୋଲୋ ପର୍ ଡୁ'ରେ ଡିନର କରିବା ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ସାଧାରଣତଃ ରୋମାଣ୍ଟିକ୍ ରାତ୍ରିଭୋଜନ ପାଇଁ ପ୍ରେମୀଯୁଗଳ ଏବଂ ଦମ୍ପତିମାନେ ଏହି ରେଷ୍ଟୁରାଣ୍ଟକୁ ବୁକ୍ କରିଥାନ୍ତି। ଏଠାରେ କ୍ୟାଣ୍ଡେଲ ଲାଇଟ୍ ଡିନର କରୁଥିବା ଯୋଡ଼ିଙ୍କ ପାଇଁ ବିଭିନ୍ନ ସୁବିଧା ରହିଥାଏ। ଡିନର ସମୟରେ ଫାୟାର ଶୋ' ପ୍ରଦର୍ଶନକୁ ମଧ୍ୟ ସେମାନେ ଉପଭୋଗ କରିପାରନ୍ତି। ୱେଟରଙ୍କୁ ଡାକିବା ପାଇଁ ଏହି ରେଷ୍ଟୁରାଣ୍ଟରେ ଏକ ସ୍ୱତନ୍ତ୍ର ରୁପାର ଘଣ୍ଟି ରହିଛି। ''ସିଏନ୍‌ଏନ୍ ଟ୍ରାଭେଲ୍'ର ରିପୋର୍ଟ ଅନୁଯାୟୀ, ଏହି ରେଷ୍ଟୁରାଣ୍ଟରେ ରାତ୍ରିଭୋଜନର ମୂଲ୍ୟ ୫୩୭ ଡଲାର (ପ୍ରାୟ ୪୬ ହଜାର ଟଙ୍କା) ରହିଛି। ସେହିପରି ଡିନର ପାଇଁ ଏଠାରେ କୌଣସି ସ୍ଥିର ମେନ୍ୟୁ ନ ଥାଏ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଏହି ରେଷ୍ଟୁରାଣ୍ଟରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ।

'ସୋଲୋ ପର୍ ଡୁ' ରେଷ୍ଟୁରାଣ୍ଟ ଆକାରରେ ମଧ୍ୟ ଖୁବ୍ ଛୋଟ। ଏହା ୫୦୦ ବର୍ଗଫୁଟ୍‌ରୁ କମ୍ ସ୍ଥାନରେ ପରିବ୍ୟାପ୍ତ। ଏହି ରେଷ୍ଟୁରାଣ୍ଟରେ ବିନା ବୁକିଂରେ କେହି ପ୍ରବେଶ କରିପାରନ୍ତି ନାହିଁ। ଏଠାରେ ଡିନର ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ପୂର୍ବରୁ ଆଗୁଆ ବୁକିଂ କରିବାକୁ ପଡ଼ିଥାଏ। ସେହିପରି ପ୍ରାୟ ୧୦ ଦିନ ପୂର୍ବରୁ ଗ୍ରାହକମାନଙ୍କୁ ନିଜ ପସନ୍ଦ ମୁତାବକ ମେନ୍ୟୁ, ୱାଇନ୍, ସାଜସଜ୍ଜା ଆଦି ଉପରେ ଅର୍ଡର ଦେବାକୁ ପଡ଼ିଥାଏ। ରେଷ୍ଟୁରାଣ୍ଟର ନିୟମ ଅନୁଯାୟୀ, ଶେଷ ମୁହୂର୍ତ୍ତରେ କୌଣସି ଗ୍ରାହକ ନିଜ ବୁକିଂକୁ ବାତିଲ କରିପାରିବେ ନାହିଁ। ଗତ ୩୩ ବର୍ଷ ଧରି ଏହି ରେଷ୍ଟୁରାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏହି ରେଷ୍ଟୁରାଣ୍ଟକୁ ରେମୋ ଡି କ୍ଲାଉଡିଓ ତିଆରି କରିଥିଲେ। ଯେତେବେଳେ ସ୍ତ୍ରୀଙ୍କ ସହ ସେ କେଉଁଠାକୁ ଖାଇବାକୁ ଯାଉଥିଲେ ସେମାନେ ସର୍ବଦା ସବୁଠାରୁ ଖରାପ ଟେବୁଲ ପାଉଥିଲେ। ଅନେକବାର ବାଥରୁମ୍ ନିକଟରେ ଥିବା ଟେବୁଲ ତାଙ୍କୁ ମିଳୁଥିଲା। ଏସବୁକୁ ନେଇ ସେ ସର୍ବଦା ଅସନ୍ତୁଷ୍ଟ ରହୁଥିଲେ। ତେଣୁ ଏକ ଛୋଟ ରେଷ୍ଟୁରାଣ୍ଟର ନିର୍ମାଣ ପାଇଁ ତାଙ୍କ ମନରେ ଧାରଣା ଆସିଥିଲା, ଯେଉଁଠାରେ ଦମ୍ପତି ଏବଂ ପ୍ରେମୀ ଯୁଗଳମାନେ ରାଜକୀୟ ଅନୁଭବର ସହ ରୋମାଣ୍ଟିକ ଡିନର କରିବାକୁ ସୁଯୋଗ ପାଇବେ।

ଫୁର୍‌ସତ

## 'ଦି ରାଜା ସାବ୍': ଖଳନାୟକ ଭୂମିକାରେ ସଞ୍ଜୟ



ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦି ରାଜା ସାବ୍'ର ଟିଜର ରିଲିଜ୍ ହୋଇଛି। ୨ ମିନିଟ୍ ୨୮ ସେକେଣ୍ଡର ଏହି ଟିଜରର ଲଞ୍ଚ ପାଇଁ ହାଇଦ୍ରାବାଦରେ ରବିବାର ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ ହୋଇଥିଲା। ଏଥିରେ ଫିଲ୍ମର ନିର୍ମାତା, ନିର୍ଦ୍ଦେଶକଙ୍କ ସହ ପୂରା ଷ୍ଟାର୍‌କାଷ୍ଟ ଯୋଗ ଦେଇଥିଲେ। 'ଦି ରାଜା ସାବ୍' ଏକ ହରର କମେଡି ଫିଲ୍ମ ହୋଇଥିବା ନେଇ ଟିଜରରୁ ଜଣାପଡ଼ିଛି। ଏହି ଟିଜରରେ ପ୍ରଭାସଙ୍କ କମେଡି ଏବଂ ଏଣ୍ଟରଟେନିଂ ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପ୍ରଭାବିତ କରିଛି। ସେହିପରି ଏଥିରେ ପ୍ରଭାସଙ୍କର କିଛି ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ତେବେ ଏହି ଟିଜରରେ ଅଭିନେତା ସଞ୍ଜୟ ଦତ୍ତଙ୍କର ଖଳନାୟକ ଅବତାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କୁ ଜଣେ ତାନ୍ତ୍ରିକ ଏବଂ ଅଭିଶପ୍ତ ରାଜା ଭୂମିକାରେ ଦେଖିବାକୁ ମିଳିଛି। ସଞ୍ଜୟ 'ଦି ରାଜା ସାବ୍' ଷ୍ଟାର୍‌କାଷ୍ଟର ଅଂଶବିଶେଷ ବୋଲି ପୂର୍ବରୁ ବିଶେଷ ରିପୋର୍ଟ ସାମ୍ନାକୁ ଆସି ନ ଥିଲା। ଏପରି ସ୍ଥଳେ ଏହି ଫିଲ୍ମରେ ଖଳନାୟକ ଭାବେ ସଞ୍ଜୟଙ୍କ ଭୟଙ୍କର ଅନ୍ଦାଜ 'ଦି ରାଜା ସାବ୍'କୁ ନେଇ ଦର୍ଶକଙ୍କର ଉତ୍ସାହ ଆହୁରି ବଢ଼ାଇଛି। ଏହି ଟିଜରରେ ଏକ ପୁରୁଣା ଏବଂ ଅଭିଶପ୍ତ ମହଲର କାହାଣୀକୁ ଦେଖିବାକୁ ମିଳିଛି। ଏଥିରେ ଅଭିନେତ୍ରୀ ନିଧି ଅଗ୍ରୱାଲ୍, ମାଳବିକା ମୋହନନ୍, ରିଦ୍ଧି ଅଗ୍ରୱାଲ ଏବଂ ଅଭିନେତା ବୋମନ୍ ଇରାନୀ ମଧ୍ୟ ନଜରକୁ ଆସିଛନ୍ତି। ମାରୁତିଙ୍କ ନିର୍ଦ୍ଦେଶିତ 'ଦି ରାଜା ସାବ୍' ଫିଲ୍ମ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବ। ଏହି ଫିଲ୍ମ ତେଲୁଗୁ ଭାଷା ସମେତ ତାମିଲ, ମାଲୟାଲମ, କନ୍ନଡ଼ ଏବଂ ହିନ୍ଦୀ ଭାଷାରେ ମଧ୍ୟ ରିଲିଜ୍ ହେବ।

# କଲମ୍ବୋରେ ଭାରତ-ପାକିସ୍ତାନ ମ୍ୟାଚ୍

## ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ, ୧୬।୬ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ତରଫରୁ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। 'ହାଇବ୍ରିଡ୍ ମଡେଲ' ଅନୁସାରେ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୫ରେ ନିରପେକ୍ଷ ଭେନ୍ୟୁ କଲମ୍ବୋସ୍ଥିତ ଆର. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ବେଳେ ପାକିସ୍ତାନ ଯିବା ଲାଗି ଭାରତ ରାଜି ନ ହେବାରୁ ଦୁଇ ପଡ଼ୋଶୀ ଦେଶରେ କୌଣସି ଆଇସିସି ଇଭେଣ୍ଟ ଆୟୋଜନ ହେଲେ 'ହାଇବ୍ରିଡ୍ ମଡେଲ'କୁ କାର୍ଯ୍ୟକାରୀ କରିବା ଲାଗି ଦୁଇ ଦେଶ ରାଜି ହୋଇଥିଲେ। ତଦନୁସାରେ ସେମାନଙ୍କ ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ସ୍ଥିର କରିଥିଲେ। କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ଦେଖା



ଦେଇଥିଲା। ଫଳତଃ ଆଇସିସି ଏହାର କାର୍ଯ୍ୟସୂଚୀରେ ଇଣ୍ଡୋ-ପାକ୍ ରାଉଣ୍ଡ ରବିନ ମ୍ୟାଚ ରଖିବ କି ନା ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆଇସିସି ପକ୍ଷରୁ ସୋମବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଚାମ୍ପିୟନଶିପ୍‌ରେ ଭାରତ ସେପ୍ଟେମ୍ବର ୩୦ରେ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରେ ଅକ୍ଟୋବର ୨୬ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବାଂଲାଦେଶକୁ ଭେଟିବ। ନିକଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନ ବେଳେ ଦଳାଚକଟା ଘଟଣାକୁ ନେଇ ଏହି ଭେନ୍ୟୁ ମ୍ୟାଚ ଆୟୋଜନ ଅଧିକାର ହରାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପ୍ରଥମ ଥର ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ଭାରତ ଅକ୍ଟୋବର ୯ରେ ଦକ୍ଷିଣ ଆଫ୍ରିକା ଏବଂ ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ। ଉଭୟ ମ୍ୟାଚ ବିଶାଖାପାଟଣାରେ ଖେଳାଯିବ। ଏହି ମ୍ୟାଚ ପରେ ଭାରତୀୟ ଦଳ ଇନ୍ଦୋର ଯାଇ ସେଠାରେ ଅକ୍ଟୋବର ୧୯ରେ ଇଂଲଣ୍ଡକୁ ଭେଟିବ। ପରେ ଗୁଆହାଟି ଗସ୍ତ କରି ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ୮ଟି ମହିଳା କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ରେକର୍ଡ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଗୁଆହାଟି କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଅଗ୍ରଗତି ଉପରେ ନିର୍ଭର କରେ। ଦ୍ୱିତୀୟ ସେମିଫାଇନାଲ ବେଙ୍ଗାଲୁରୁରେ ଅକ୍ଟୋବର ୩୦ରେ ଖେଳାଯିବାକୁଥିବା ବେଳେ ଫାଇନାଲ ନଭେମ୍ବର ୨ରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଷ୍ଟାଣ୍ଡିଂ ଉପରେ ନିର୍ଭର କରେ। ଭାରତ ୨୦୧୩ ପରେ ପ୍ରଥମ ଥର ଏହି ଗ୍ଲୋବାଲ ଇଭେଣ୍ଟର ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ୮ଟି ଦଳ ଏକ ରାଉଣ୍ଡ ରବିନ ଫର୍ମାଟରେ ପରସ୍ପର ସହିତ ମୁକାବିଲା କରିବେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆୟୋଜକ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଥିବା ବେଳେ ପାକିସ୍ତାନ ଓ ବାଂଲାଦେଶ ଚଳିତବର୍ଷ ପ୍ରାରମ୍ଭରେ ଲାହୋରଠାରେ ଅନୁଷ୍ଠିତ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିଛନ୍ତି।

# କଳିଙ୍ଗ ବ୍ଲାକ ଟାଇଗର୍ସର ଦ୍ୱିତୀୟ ପରାଜୟ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୬।୬ (ପି.ଟି.)

ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ସୋମବାର କଳିଙ୍ଗ ବ୍ଲାକ ଟାଇଗର୍ସ ଏକତରଫା ଭାବେ ୧୦-୩୫ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଠାରୁ ପରାସ୍ତ ହୋଇଛି। ଓଡ଼ିଶା ପାଇଁ ଏଥାନ ଟର୍ନର ଓ ଲୁକାସ ଲାକାମ୍ପ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଫିଲିପ ଓ୍ୱକୋରଚ ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଆକୁଲିଆ ରୋକୋଲିସୋଆ, ଲୋଓ୍ୱାନେ ତେବା ଓ ମୋହିତ ଖତ୍ରି ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଏହା ବ୍ଲାକ ଟାଇଗର୍ସ ଦଳ ପାଇଁ ଲଗାତର ଦ୍ୱିତୀୟ ପରାଜୟ। ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ ହିରୋଜଠାରୁ ପରାସ୍ତ ହୋଇଥିଲା। ଆଜି ଦିନର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୩୧-୧୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାଫୌସେ ମାଲିକୋ ଓ ଜୋସେଭା ଟାଲାକୋଲୋ ଦୁଇଟି ଲେଖାଏ ଏବଂ ଫିଲିପ ସୌଟୁରାଗା ଗୋଟିଏ ସ୍କୋର କରିଥିଲେ। ମୁମ୍ବାଇ ପାଇଁ ଓ୍ୱେସାୟା ନକୁକୁ, ଜେମ୍ସ ଟର୍ନର ଓ ବ୍ରିଆର ବାରୋନ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଲଗାତର ଦ୍ୱିତୀୟ ବିଜୟ ସହ ଚେନ୍ନାଇ ବୁଲ୍ସ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଖାତା ଖୋଲିପାରିନଥିବା କଳିଙ୍ଗ ବ୍ଲାକ ଟାଇଗର୍ସ ପଏଣ୍ଟ ଟେବୁଲର ସର୍ବନିମ୍ନରେ ରହିଛି।



ରଗ୍‌ବୀ ପ୍ରିମିୟର ଲିଗ୍‌ରେ ସୋମବାର କଳିଙ୍ଗ ବ୍ଲାକ ଟାଇଗର୍ସ ବିପକ୍ଷରେ ସ୍କୋର କରୁଛନ୍ତି ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସର ଆକୁଲା ରୋକୋଲିସୋଆ।

# ଭାରତୀୟ ଦଳରେ ୪ ଓଡ଼ିଆ



ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିମାନେ।

## ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୬ (ଅନାଦି କର)

ଥାଇଲାଣ୍ଡର ନାଖୋନ ରାତ୍‌ଚାସିମାଠାରେ ମଙ୍ଗଳବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ୪ ଓଡ଼ିଆଙ୍କୁ ଚୟନ କରାଯାଇଛି। ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ଦୀପ ରଞ୍ଜନ ବିଶୋୟୀ, ଜି. ଦିଲେଶ୍ୱର ରାଓ, ଶୁଭ୍ରଜିତ ଓ ନୁରୁଲ ହୁସେନ ଖାନ ମନୋନୀତ ହୋଇଛନ୍ତି। ଅସାଧାରଣ ପ୍ରତିଭା, କଠିନ ପରିଶ୍ରମ ଓ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର ପ୍ରଦର୍ଶନ ବଳରେ ଏମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ପ୍ରଭାବକୁ ଦର୍ଶାଉଛି। ଏହି ଆଥ୍‌ଲେଟ୍‌ମାନେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟର ବିଭିନ୍ନ କାଟେଗୋରୀରେ ଭାଗନେବେ। ପାରା ସ୍ପୋର୍ଟ୍ସଆସୋସିଏଶନ ଅଫ୍ ଓଡ଼ିଶା (ପିଏସ୍ଏଓ) ପକ୍ଷରୁ ଆଥ୍‌ଲେଟଙ୍କୁ ଅଭିନନ୍ଦନ ଦିଆଯାଇଛି।

## ଟାମ୍ପରିଂ ଅଭିଯୋଗରୁ ଅଶ୍ୱିନ ମୁକ୍ତ

ଚେନ୍ନାଇ, ୧୬।୬ (ପି.ଟି.): ଭାରତର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଓ ତାଙ୍କ ନେତୃତ୍ୱାଧୀନ ଦଳ ଡିନଡିଗୁଲ ଡ୍ରାଗନ୍ସକୁ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ବଲ ଟାମ୍ପରିଂ ଅଭିଯୋଗରୁ ମୁକ୍ତ କରାଯାଇଛି। ପ୍ରତିପକ୍ଷ ସେଇଚମ ମଦୁରାଇ ପାନ୍ଥର୍ସ ପକ୍ଷରୁ କେମିକାଲ ମିଶା ଟାଓ୍ୱେଲ ମାଧ୍ୟମରେ ବଲ ଟାମ୍ପରିଂ କରାଯାଇଥିବା ଅଭିଯୋଗ ଅଣାଯାଇଥିଲା। ହେଲେ ଉକ୍ତ ମ୍ୟାଚ୍‌ରେ ବଲ ଟାମ୍ପରିଂ କରାଯାଇଥିବାର କୌଣସି ପ୍ରମାଣ ମିଳିନଥିବା ତାମିଲନାଡୁ କ୍ରିକେଟ୍ ଆସୋସିଏଶନ (ଟିଏନ୍‌ସିଏ) ପକ୍ଷରୁ କୁହାଯାଇଛି। ପ୍ରଶ୍ନ ଉଠାଯାଉଥିବା ଟାଓ୍ୱେଲକୁ ଟିଏନ୍‌ସିଏ ଦ୍ୱାରା ଉଭୟ ଦଳକୁ ଦିଆଯାଇଛି। ମ୍ୟାଚ୍ ରେଫରି ଓ ଅମ୍ପାୟରଙ୍କ ସମେତ ଖେଳକୁ ନିୟନ୍ତ୍ରଣ କରୁଥିବା ଦଳର ତତ୍ତ୍ୱାବଧାନରେ ପୂରା ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚ୍ ବେଳେ କୌଣସି ଚିନ୍ତା ପ୍ରକଟ କରାଯାଇନଥିଲା ଏବଂ କୌଣସି ପ୍ରମାଣ ମଧ୍ୟ ପ୍ରଦାନ କରାଯାଇନଥିଲା।

# ଖେଳାଳିଙ୍କ ବୟସ ଜାଣିବା ପାଇଁ ଅତିରିକ୍ତ ବୋନ୍ ଟେଷ୍ଟ କରାଯିବ

ନୂଆଦିଲ୍ଲୀ, ୧୬।୬ (ପି.ଟି.)

ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଯୋଗ୍ୟ ଖେଳାଳିଙ୍କୁ ଅତିରିକ୍ତ ସିଜନ ଖେଳିବାକୁ ସୁଯୋଗ ଦେବା ପାଇଁ ବିସିସିଆଇ ଅତିରିକ୍ତ 'ବୋନ୍ ଟେଷ୍ଟ' କରାଇବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଜଣେ ଖେଳାଳିଙ୍କୁ ତାଙ୍କ ବୟସ ନିର୍ଣ୍ଣୟ କରିବା ପାଇଁ ଟିଡବ୍ଲ୍ୟୁ ୩ ମେଥଡ (ହାଡର ବୟସ ଜାଣିବା ପାଇଁ କରାଯାଉଥିବା ଟେଷ୍ଟ) ଓ ଏ+୧ ଫ୍ୟାକ୍ଟର ଦ୍ୱାରା ଉକ୍ତ ଖେଳାଳି ସେହି ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବା ପାଇଁ ଯୋଗ୍ୟ ରହିବେ କି ନାହିଁ, ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ନିୟମରେ ପରିବର୍ତ୍ତନ କରାଯାଇଛି।

ଉଦାହରଣ ସ୍ୱରୂପ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଖେଳୁଥିବା ପ୍ରତ୍ୟେକ କ୍ରିକେଟରଙ୍କୁ ସମାନ ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବେ କି ନାହିଁ, ତାହା ନିର୍ଣ୍ଣୟ କରିବା ପାଇଁ ଦ୍ୱିତୀୟ ବୋନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରକୃତ ବୟସ ନିର୍ଣ୍ଣୟ କରିବା ଏହାର କାର୍ଯ୍ୟ। କୌଣସି କ୍ରିକେଟର ଗାଣିତିକ ଗଣିତ ଯୋଗୁ ସମାନ ବୟସ ବର୍ଗରେ ଆଉ ଏକ ସିଜନ ଖେଳିବାର ସୁଯୋଗ ହାତଛଡ଼ା କରନ୍ତୁ, ଆମେ ଚାହୁଁନାହିଁ। ଏଣୁ ସାଇଣ୍ଟିଫିକ୍ ଗଣନା ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ବିସିସିଆଇ ସୂତ୍ରରୁ କୁହାଯାଇଛି। ୧୬ ବର୍ଷରୁ କମ୍ ବୟସ ବର୍ଗ ଲାଗି ଖେଳାଳିଙ୍କ କଟ୍‌ଅଫ ବୟସ ୧୬.୫ ଏବଂ ୧୫ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତା ପାଇଁ ଖେଳାଳିଙ୍କ ବୟସ ସୀମା ୧୫ ବର୍ଷ ରଖାଯାଇଛି। ଏହାର ଅର୍ଥ ଖେଳାଳିଙ୍କ ହାଡ଼ର ବୟସ ପରବର୍ତ୍ତୀ ସିଜନ ଲାଗି ୧୬.୪ କିମ୍ବା ଏହାଠାରୁ କମ୍ ରହିବା ଦରକାର।

# ଇକ୍ୱେଷ୍ଟ୍ରିଆନ ଇଭେଣ୍ଟ ବାତିଲ

ନୂଆଦିଲ୍ଲୀ, ୧୬।୬ (ପି.ଟି.)

ଭାରତରେ ହେବାକୁ ଥିବା ୨୪ ଅଶ୍ୱ ଚାଳନା(ଇକ୍ୱେଷ୍ଟ୍ରିଆନ) ଘରୋଇ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଅନ୍ତର୍ଜାତୀୟ ଇକ୍ୱେଷ୍ଟ୍ରିଆନ ଖେଳ ପରିଚାଳନା ସଂସ୍ଥା (ଏଫ୍‌ଇଆଇ) ବାତିଲ କରି ଦେଇଛି। ଇକ୍ୱେଷ୍ଟ୍ରିଆନ ଫେଡେରେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ଟଙ୍କା ନ ଦିଆଯିବାରୁ ଏଫ୍‌ଇଆଇ ଏଭଳି ନିଷ୍ପତ୍ତି ନେଇଛି। ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ହୋଇଥିବା ବିଭିନ୍ନ ଇଭେଣ୍ଟ ଲାଗି ଏଫ୍‌ଇଆଇ ଅଧିକାରୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଇଏଫ୍‌ଆଇକୁ ୨୭ ଲକ୍ଷ ଟଙ୍କାର ଦେବାର ଥିଲା। କିନ୍ତୁ ଆନ୍ତଃ ବିବାଦ କାରଣରୁ ଫେଡେରେଶନର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି, ଯାହା ଫଳରେ ଇଏଫ୍‌ଆଇ ସମୟରେ ଟଙ୍କା ଦେଇପାରି ନ ଥିଲା।

# ଭାରତୀୟ ଦଳରେ ପ୍ୟାରୀ, ମନୀଷା

## ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ

ନୂଆଦିଲ୍ଲୀ, ୧୬।୬ (ପି.ଟି.)

ଥାଇଲାଣ୍ଡରେ ଖେଳାଯିବାକୁଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଅଷ୍ଟ୍ରେଲିଆ ୨୦୨୬ କ୍ୱାଲିଫାୟର୍ସ ପାଇଁ ଭାରତୀୟ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଚେତ୍ରୀ ସୋମବାର ୨୪ ଜଣିଆ ଫୁଟ୍‌ବଲ ଦଳ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ଦୁଇ ପ୍ରତିଭାସମ୍ପନ୍ନ ଫରଓ୍ୱାର୍ଡ ଖେଳାଳି ପ୍ୟାରୀ ଖାଖା ଓ ମନୀଷା ନାୟକ ସ୍ଥାନ ପାଇଛନ୍ତି। କ୍ୱାଲିଫାୟର୍ସରେ ଭାରତୀୟ



ପ୍ୟାରୀ ଖାଖା



ମନୀଷା ନାୟକ

ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଗ୍ରୁପ୍ 'ବି'ରେ ଏହି ଦଳ ମଙ୍ଗୋଲିଆ (ଜୁନ୍ ୨୩), ତିକୋର ଲିଷ୍ଟ (ଜୁନ୍ ୨୯), ଇରାକ (ଜୁଲାଇ ୨) ଓ ଆୟୋଜକ ଥାଇଲାଣ୍ଡ (ଜୁଲାଇ ୫) ସହିତ ମୁକାବିଲା କରିବ। ଗ୍ରୁପ୍‌ର ବିଜେତା ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ମହିଳା ଏସିଆନ କପ୍ ଆହୁରି ମଧ୍ୟ ମହିଳା ଫିଫା ବିଶ୍ୱକପ୍ ବ୍ରାଜିଲ ୨୦୨୭ ପାଇଁ ଏକ ଯୋଗ୍ୟତା ଇଭେଣ୍ଟ। ଚେତ୍ରୀ ଓ ତାଙ୍କ ଦଳ ଥାଇଲାଣ୍ଡରେ ପହଞ୍ଚି ଉତ୍ତରାଞ୍ଚଳ ସହର ଚିଆଙ୍ଗ ମାଇଠାରେ ଏକ ସପ୍ତାହ ଟ୍ରେନିଂ ନେବେ। ମ୍ୟାଚ୍‌ଗୁଡ଼ିକ ଚିଆଙ୍ଗ ମାଇ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳ ବେଙ୍ଗାଲୁରୁସ୍ଥିତି ପାଦୁକୋନ୍-ଦ୍ରାବିଡ ସେଣ୍ଟର ଫର ସ୍ପୋର୍ଟ୍ସ ଏକ୍ସଲେନ୍ସଠାରେ ୬ ସପ୍ତାହ ଧରି ଟ୍ରେନିଂ ନେଇଛି। କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଉଜ୍‌ବେକିସ୍ତାନ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମେ ୩୦ ଓ ଜୁନ୍ ୩ରେ ଖେଳିଛି। ଉଭୟ ମ୍ୟାଚରେ ଦଳ ୦-୧ ଗୋଲ୍ ବ୍ୟବଧାନରେ ପରାଜିତ ହୋଇଛି।

# ସିଜନରେ ପ୍ରଥମ ରେସ୍ ଜିତିଲେ ରସେଲ

## କାନାଡିଆନ ଗ୍ରାଁ.ପ୍ରି



ଟ୍ରଫି ସହ ଜର୍ଜ ରସେଲ।

ମଣ୍ଟ୍ରିଲ, ୧୬।୬ (ଏପି)

ମର୍ସିଡିଜର ଜର୍ଜ ରସେଲ ଗତଥରର ବିଜେତା ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ କଡ଼ା ଟକ୍କର ଦେଇ କାନାଡିଆନ ଫର୍ମୁଲା ଓ୍ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଏବଂ କ୍ୟାରିୟରର ୪ର୍ଥ ବିଜୟ। ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଆଶ୍ଚର୍ଯ୍ୟଜନକ ଭାବେ ତୃତୀୟ ସ୍ଥାନ ସହ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ବିଳମ୍ବରେ ମ୍ୟାକଲରେନର ଦୁଇ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଚକାକୁ ଚକା ଲଢେଇ ହୋଇଥିଲା। ଶେଷରେ ନୋରିସଙ୍କ କାର୍ କାନ୍ଥକୁ ଧକ୍କା ଦେଇଥିଲା। ରବିବାର ଅନୁଷ୍ଠିତ ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି, ଚାର୍ଲ୍ସ ଲେକ୍‌ରେକ (ଫେରାରି), ଲୁଇସ୍ ହାମିଲଟନ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ନିକୋ ହକେନବର୍ଗ (ସୌବେର), ଏଷ୍ଟିବାନ ଓକନ (ହାସ୍) ଓ କାର୍ଲୋସ ସେଞ୍ଜ ଜୁନିୟର (ଓ୍ୱିଲିୟମ୍ସ)।

# ସିରିଜ୍ ପୂର୍ବରୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚନ

ଲଣ୍ଡନ, ୧୬।୬ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଟେଷ୍ଟ ସିରିଜ୍ ଲାଗି ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମକୁ ଅହମଦାବାଦରେ ବିମାନ ଦୁର୍ଘଟଣା ଯୋଗୁ ସ୍ଥଗିତ କରାଯାଇଥିଲା। ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଏହି ଟ୍ରଫି ଭାରତର ପୂର୍ବତନ ଅଧିନାୟକ ମନସୁର ଅଲୀ ଖାନ ପଟୌଦିଙ୍କ ସମ୍ମାନରେ ପଟୌଦି ଟ୍ରଫି ଭାବେ ଜଣାଯାଉଥିଲା। ଏହି ଟ୍ରଫିର ନାମକୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି (ଏଟିଟି) ଭାବେ ପରିବର୍ତ୍ତନ କରିବାକୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିଷ୍ପତ୍ତି ନେଇଥିଲା।

ଏଟିଟି ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରକୃତରେ ଜୁନ ୧୪ ତାରିଖରେ ହେବାର ଥିଲା। କିନ୍ତୁ ଅହମଦାବାଦ୍‌ରେ ଘଟିଥିବା ଦୁଃଖଦ ଘଟଣା ଯୋଗୁ ଏହାକୁ ସ୍ଥଗିତ



ରଖାଯାଇଛି। ଏହାକୁ ବାତିଲ କରାଯାଇ ନାହିଁ। ଆମେ ଆଶା କରୁଛୁ ଯେ, ଆଗାମୀ କିଛି ଦିନ ମଧ୍ୟରେ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଟ୍ରଫି ଉନ୍ମୋଚନ କରାଯିବ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦୁଇ ଦେଶର କିମ୍ବଦନ୍ତୀ ଖେଳାଳି ଜେମ୍ସ ଆଣ୍ଡରସନ ଓ ସଚିନ ତେନ୍ଦୁଲକରଙ୍କ ନାମରେ ଏହି ଟ୍ରଫିକୁ ନାମିତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ତେନ୍ଦୁଲକର ଓ ଆଇସିସି ଚେୟାରମ୍ୟାନ ଜୟ ଶାହା ଇସିବି ନିକଟରେ ସିରିଜ୍ ସହ ପଟୌଦିଙ୍କ ନାମ ରଖିବାକୁ ଅନୁରୋଧ କରାଯାଇଛି।

# ଟାଇଟଲ ଜିତିଲେ ୩୭ବର୍ଷୀୟା ମାରିଆ

ଲଣ୍ଡନ, ୧୬।୬ (ଏପି)

ଜର୍ମାନ କ୍ୱାଲିଫାୟର ତାତ୍‌ଜାନା ମାରିଆ କୁଇନ୍ସ କ୍ଲବ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ। କାଇନ୍ସ କ୍ଲବ ଟେନିସକୁ ଓ୍ୱିମ୍ବଲଡନ ପାଇଁ ଏକ ଓ୍ୱାର୍ମଅପ୍ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଇଥାଏ। ଦୁଇଟି ସନ୍ତାନର ଜନନୀ ଏହି ୩୭ ବର୍ଷୀୟାଙ୍କର ଏହା ହେଉଛି ମଧ୍ୟ ପ୍ରଥମ ଡବ୍ଲ୍ୟୁଟିଏ ୫୦୦ ଟାଇଟଲ। ଲଣ୍ଡନ ଗ୍ରାସ୍‌କୋର୍ଟ ଫାଇନାଲରେ ସେ ୮ମ ସିଡ୍ ଆମାଣ୍ଡା ଆନିମିସୋଭାଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ୮୬ତମ ର୍‍ୟାଙ୍କିଂପ୍ରାପ୍ତ ମାରିଆ ତାଙ୍କ ଦୁଇଝିଅ ଚାର୍ଲୋଟ ଓ ସେସିଲିଆ ଏବଂ ତାଙ୍କ ସ୍ୱାମୀ ଓ କୋଚ୍ ଚାର୍ଲ୍ସ ଏଡୋଓ୍ୱାର୍ଡ ମାରିଆଙ୍କ ଉପସ୍ଥିତିରେ ମ୍ୟାଚ ଜିତିଥିଲେ। ସେ ତାଙ୍କ ୪ର୍ଥ ଡବ୍ଲ୍ୟୁଟିଏ ଟାଇଟଲ ପଥରେ ଯେଉଁ ୪ ଜଣ ଟପ୍ ୨୦ ଖେଳାଳିଙ୍କୁ ପରାସ୍ତ କରିଥିଲେ, ସେମାନଙ୍କ ମଧ୍ୟରେ କାରୋଲିନା ମୁଚୋଭା, ଏଲିନା ରିବାକିନା ଓ ମାଡିସନ କିଜ୍ ଅନ୍ୟତମ ଥିଲେ। ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସିଙ୍ଗଲ୍ସ ଚାମ୍ପିୟନ ହେବାରେ ସେ ସବୁଠାରୁ ବୟସ୍କ ଖେଳାଳି ବିବେଚିତ ହେଉଛନ୍ତି। ସେତେବେଳେ ସେରେନା ୩୮ ବର୍ଷ ବୟସରେ ଅକ୍‌ଲାଣ୍ଡ କ୍ଲାସିକ ଜିତିଥିଲେ। ମାରିଆ ଏହାପୂର୍ବରୁ ୨୦୧୮ରେ ମାଲୋର୍କାଠାରେ ଗ୍ରାସ୍ କୋର୍ଟରେ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ସେ ଦୁଇଥର ୨୦୨୨ ଓ ୨୦୨୩ରେ ବୋଗୋଟାଠାରେ କ୍ଲେକୋର୍ଟରେ ଏହି ସଫଳତା ହାସଲ କରିଥିଲେ।



ଟ୍ରଫି ସହ ତାତ୍‌ଜାନା ମାରିଆ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ